# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 31/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 126 | ମୂଲ୍ୟ₹୭/-




**ବକ୍ସ ଅଫିସ୍‌ରେ ଦମ୍ ଦେଖାଇଲା 'କ୍ରୁ'**

ବଲିଉଡ୍ ଫିଲ୍ମ 'କ୍ରୁ' ମାର୍ଚ୍ଚ ୨୯ରେ ମୁକ୍ତିଲାଭ କରିଛି। ଏହା ପ୍ରଥମ ଦିନରେ ୯.୨୫ କୋଟି ଟଙ୍କା ଆୟ କରି ବକ୍ସ ଅଫିସ୍‌ରେ ଧମାଲ ମଚାଇଛି।

୦୨

୧୬

**ସୁପର ଜାଏଣ୍ଟ୍ସ ଦଳରେ ହେନରୀ**

ଇଂଲଣ୍ଡ ସିମର୍ ଡେଭିଡ୍ ୱିଲିଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀଙ୍କୁ ଦଳରେ ସାମିଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ।



# କଳାଧନ କୁଆଡ଼େ ଗଲା

**୨୦୧୬ ନଭେମ୍ବର ୮ରେ କେନ୍ଦ୍ରର ମୋଦି ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହି ଘୋଷଣା ସହ ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍ ଅଚଳ ହୋଇଯାଇଥିଲା। ଏହାଦ୍ୱାରା ରାଜକୋଷକୁ କଳାଧନ ଫେରିଆସିବ ବୋଲି ସେତେବେଳେ ସରକାର ଯୁକ୍ତି ବାଢ଼ିଥିଲେ। ଏହା ପରେ ବିମୁଦ୍ରୀକରଣ ପ୍ରକ୍ରିୟା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ୯୮% ପୁରୁଣା ନୋଟ୍ ଫେରିଥିବା କୁହାଯାଇଥିଲା। ଯଦି ଏତେ ପରିମାଣର ନୋଟ୍ ଅର୍ଥ ବ୍ୟବସ୍ଥାକୁ ଫେରିଛି, ତେବେ କଳାଧନ କୁଆଡ଼େ ଗଲା ବୋଲି ଶନିବାର ସୁପ୍ରିମକୋର୍ଟ ବିଚାରପତି ବି.ବି. ନାଗରତ୍ନା ପ୍ରଶ୍ନ କରିଛନ୍ତି। ସେତେବେଳେ କଳାଧନକୁ ଧଳା କରିବା ପାଇଁ ନୋଟ୍‌ବନ୍ଦୀ ଏକ ମାଧ୍ୟମ ଥିଲା ବୋଲି ସେ ମନେକରୁଥିବା ମଧ୍ୟ ଜଷ୍ଟିସ୍ ନାଗରତ୍ନା ପ୍ରକାଶ କରିଛନ୍ତି।**

**ନୂଆଦିଲ୍ଲୀ,୩୦।୩**

ଦେଶରୁ କଳାଧନ ଲୋପ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। କେନ୍ଦ୍ରର ଏହି ନିଷ୍ପତ୍ତି ଯୋଗୁ ଦେଶରେ ପ୍ରଚଳିତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ ହୋଇଗଲା ଏବଂ ଦେଶବାସୀ ବହୁ ଦିନ ପର୍ଯ୍ୟନ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେ। ବିମୁଦ୍ରୀକରଣ ଯୋଗୁ ପ୍ରଚଳିତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ମଧ୍ୟରୁ ୯୮ ପ୍ରତିଶତ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଫେରିଥିଲା। ତେବେ ଏହାଦ୍ୱାରା କଳାଧନ କିପରି ଲୋପ ପାଇଲା ବୋଲି ସୁପ୍ରିମକୋର୍ଟର ବିଚାରପତି ବି.ଭି. ନାଗରତ୍ନା ପ୍ରଶ୍ନ କରିଛନ୍ତି।

ଗତବର୍ଷ ଜାନୁଆରୀ ୨ରେ ସୁପ୍ରିମକୋର୍ଟଙ୍କ ବିମୁଦ୍ରୀକରଣ ରାୟକୁ ସେତେବେଳେ ଜଷ୍ଟିସ୍ ନାଗରତ୍ନା ବିରୋଧ କରିଥିଲେ। ହାଇଦ୍ରାବାଦରେ ଶନିବାର ନାଲ୍‌ସାର ଆଇନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ 'ଅଦାଲତ ଓ ସମ୍ବିଧାନ ସମ୍ମିଳନୀ,୨୦୨୪'ରେ ଉଦ୍‌ବୋଧନ ଦେଇ ଜଷ୍ଟିସ ନାଗରତ୍ନା ସୁପ୍ରିମକୋର୍ଟଙ୍କ ୨୦୨୩ର ବିମୁଦ୍ରୀକରଣ ରାୟ ସମ୍ପର୍କରେ ମତ ରଖିଥିଲେ। କେନ୍ଦ୍ର ସରକାରଙ୍କ ନୋଟ୍‌ବନ୍ଦୀ ପଦକ୍ଷେପ ସହ ସେ ସହମତ ନ ଥିଲେ। ଫଳରେ ୫ ଜଣିଆ ସାମ୍ବିଧାନିକ ପୀଠରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ୪:୧ ସଂଖ୍ୟାଗରିଷ୍ଠତାରେ କାଏମ ରହିଥିଲା। ତେବେ ଉକ୍ତ ବିମୁଦ୍ରୀକରଣ ମାମଲା ଶୁଣାଣିରେ ସେ ସାମ୍ବିଧାନିକ ପୀଠରେ ସାମିଲ ଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

ଜଷ୍ଟିସ୍ ନାଗରତ୍ନା ଆହୁରି କରିଛନ୍ତି,

## ବିମୁଦ୍ରୀକରଣକୁ ନେଇ ପ୍ରଶ୍ନ ଉଠାଇଲେ ଜଷ୍ଟିସ୍ ନାଗରତ୍ନା



ଜଷ୍ଟିସ୍ ବି.ବି. ନାଗରତ୍ନା

୨୦୧୬ରେ ଯେତେବେଳେ ବିମୁଦ୍ରୀକରଣ ହେଲା, ସେତେବେଳେ ମୋଟ ପ୍ରଚଳିତ ମୁଦ୍ରାର ୮୬ ପ୍ରତିଶତ ଥିଲା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍। ମୁଁ ଭାବୁଛି ସରକାର ଏନେଇ ଅବଗତ ନ ଥିଲେ ବୋଲି ନାଗରତ୍ନା କହିଛନ୍ତି। ନୋଟ୍‌ବନ୍ଦୀ ଯୋଗୁ ଯଦି ୯୮ ପ୍ରତିଶତ ଅଚଳ ନୋଟ୍ ରିଜର୍ଭ ବ୍ୟାଙ୍କକୁ ଫେରିଲା, ତେବେ କଳାଧନ କୁଆଡ଼େ ଗଲା ? ବିମୁଦ୍ରୀକରଣ ଲକ୍ଷ୍ୟ ହାସଲରେ ଆମେ କେଉଁଠି ବୋଲି ବିଚାରପତି ପ୍ରଶ୍ନ ଉଠାଇଛନ୍ତି।

ଯେତେବେଳେ ଦେଶରେ ନୋଟ୍‌ବନ୍ଦୀ ହେଲା କଳାଧନକୁ ଧଳା କରିବା ପାଇଁ ଏହା ଏକ ଭଲ ପଦକ୍ଷେପ ବୋଲି ସେତେବେଳେ ନାଗରତ୍ନା ଭାବୁଥିଲେ। ଏହାଦ୍ୱାରା ହିସାବ ବହିର୍ଭୂତ ଟଙ୍କା ବ୍ୟବସ୍ଥା ମଧ୍ୟକୁ ଆସିପାରିବ। ଏହା ପରେ ଆୟକର ବିଭାଗ କ'ଣ କାର୍ଯ୍ୟାନୁଷ୍ଠାନ ନେଲା, ତାହା ଆମେ ଜାଣୁନାହିଁ। ସାଧାରଣ ଲୋକଙ୍କ ଏହି ପୂର୍ବାନୁମାନ ବାସ୍ତବରେ ମୋତେ ବିଚଳିତ କରିଥିଲା ଓ ମୁଁ ନିଷ୍ପତ୍ତିରେ ସହମତ ହୋଇ ନ ଥିଲି। ଯେଉଁଭଳି ଭାବରେ ବିମୁଦ୍ରୀକରଣ ହେଲା, ତାହା ଠିକ୍ ନ ଥିଲା ବୋଲି ଜଷ୍ଟିସ୍ ନାଗରତ୍ନା କହିଛନ୍ତି। ବିମୁଦ୍ରୀକରଣରେ ଆଇନ ଅନୁଯାୟୀ କୌଣସି ନିଷ୍ପତ୍ତି ନେବା ପ୍ରକ୍ରିୟା ହୋଇ ନ ଥିଲା। ଏପରିକି ତତ୍କାଳୀନ ଅର୍ଥମନ୍ତ୍ରୀ ମଧ୍ୟ ବିମୁଦ୍ରୀକରଣ ବିଷୟରେ ଅବଗତ ନ ଥିଲେ ବୋଲି ସେତେବେଳେ କେତେଜଣ କହିଥିଲେ।

## ୨ରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର, ୩୦।୩(ଅସମାପିକା ସାହୁ)**

ରାଜ୍ୟରେ ବଢ଼ୁଥିବା ଖରା ଓ ହିଟ୍ ୱେଭ୍‌କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ପାଇଁ ଘୋଷଣା କରିଛନ୍ତି। ଆସନ୍ତା ୨ ତାରିଖରୁ ସକାଳୁଆ ସ୍କୁଲ ଆରମ୍ଭ ହେବ। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏ ସ୍କୁଲ ଚାଲିବ। ଏ ନେଇ ଶନିବାର ବିଦ୍ୟାଳୟ ☞ପୃଷ୍ଠା-୪


GHANASHYAM HEMALATA VIDYAMANDIR, PURI
(A CBSE AFFILIATED SCHOOL)
R. J. VIHAR, BHUAN, CHHAITANA, PURI
MOB:- 7008243964, 7008905242, 8018399102, 7735629062
ADMISSION OPEN
CLASSES I TO IX & XI
FOR SESSION 2024-25
(Admission on Merit Basis)
100% Result in CBSE Exam
BEST RESIDENTIAL SCHOOL IN ODISHA
SINCE LAST 25 YEARS
Integrated Coaching for JEE Main & NEET in association with Resonance® Educating for better tomorrow
Residential -cum- Day Boarding
Green Environment
Student Care and Counseling
Classes Start from 2nd Week of April 2024 for Class XI students
Registration Form will be available at school's office between 08:30 am to 04.30 pm. Student will appear an Admission Test on the same day for the Corresponding Class.
Website : - www.ghvmpuri.in, E- mail- puri.ghvm@gmail.com


# ବିଜେଡି ଛାଡ଼ିଲେ ଅନୁଭବ, ଆକାଶ, ପ୍ରିୟଦର୍ଶୀ

**ଭୁବନେଶ୍ୱର,୩୦।୩(ଅନିଲ ଦାସ)**



ଅନୁଭବ ମହାନ୍ତି



ଆକାଶ ଦାସ ନାୟକ



ପ୍ରିୟଦର୍ଶୀ ମିଶ୍ର

ଦଳରୁ ଟିକେଟ ପାଇବା ଆଶା କ୍ଷୀଣ ହେବା ପରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସରୁ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକ ଅନ୍ୟ ଦଳରେ ଯୋଗ ଦେଉଛନ୍ତି। କିଛିଦିନ ହେବ ଏଭଳି ଧାରା ଜାରି ରହିଛି। ଶନିବାର କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ଓ ପ୍ରିୟଦର୍ଶୀ ମିଶ୍ର ବିଜେଡି ଛାଡ଼ିଛନ୍ତି। ଅନୁଭବ ଓ ଆକାଶ କୌଣସି ଦଳରେ ଯୋଗଦେଇ ନ ଥିବା ବେଳେ ପ୍ରିୟଦର୍ଶୀ ଭାଜପାରେ ସାମିଲ ହୋଇଛନ୍ତି। ଅନୁଭବ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ସେ କହିଛନ୍ତି ଯେ ୪ ବର୍ଷ ହେଲା ମୁଁ ଅଣନିଃଶ୍ୱାସୀ ହୋଇପଡ଼ିଥିଲି। ମୋ' ବାପା ଓ ବଡ଼ ବାପାଙ୍କ ବିୟୋଗ ପରେ ମୁଁ ମୋର ନୀତି, ଆଦର୍ଶ, ଉଚ୍ଚାଭିଳାଷକୁ ନେଇ ଗଭୀର ଆତ୍ମସମୀକ୍ଷା କରିଥିଲି। ଏହା ପରେ ନିଷ୍ପତ୍ତି ନେଇଥିଲି ଯେ ରାଜନୀତି କେବେ ଛାଡ଼ିବି ନାହିଁ। ଅନୁଭବ ଭାଜପାରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ସେହିପରି କୋରେଇର ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଏଥିରେ ସେ କହିଛନ୍ତି, ମୋର ଆତ୍ମସମ୍ମାନ ଓ କୋରେଇବାସୀଙ୍କ ସ୍ୱାଭିମାନ ପାଇଁ ମୁଁ ବିଜୁ ଜନତା ଦଳର ପ୍ରାଥମିକ ☞ପୃଷ୍ଠା-୪


SIKSHA 'O' ANUSANDHAN
SAAT-2024
Empowering students for a brighter future
B.TECH PROGRAMMES IN ELECTRONICS
- Electrical & Electronics Engineering
- Electronics & Communication Engineering
APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024
NIRF INDIA RANKINGS 2023
- 15th Best in University Category
- 27th Best in Engineering Category
To apply for admission through SAAT, Please visit: www.soa.ac.in


## ଭର୍ତ୍ତୃହରି କଟକ ଲୋକ ସଭା ଭାଜପା ପ୍ରାର୍ଥୀ

**ଯାଜପୁରରୁ ରବୀନ୍ଦ୍ର ବେହେରା, କନ୍ଧମାଳରୁ ସୁକାନ୍ତ ପାଣିଗ୍ରାହୀ**



ଭର୍ତ୍ତୃହରି ମହତାବ

**ଭୁବନେଶ୍ୱର,୩୦।୩(ଅନିଲ ଦାସ)**

ରାଜ୍ୟରେ ବାକିଥିବା ଆଉ ୩ଟି ଲୋକ ସଭା ଆସନ ପାଇଁ ଶନିବାର ଭାଜପା ପ୍ରାର୍ଥୀ ଘୋଷଣା କରିଛି। ବରିଷ୍ଠ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଦଳ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ଆସନ ପାଇଁ ସୁକାନ୍ତ କୁମାର ପାଣିଗ୍ରାହୀ ଓ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଚାପରେ ଗଣତନ୍ତ୍ର


ODM GLOBAL SCHOOL
Unlock your potential
THE NO. 1 SCHOOL IN ODISHA IN THE EMERGING SCHOOL CATEGORY

Congratulating our JEE Main Phase-1 Achievers
State Topper Odisha
SATYENDU KAR 99.98 PERCENTILE
DEBASISH 99.95 PERCENTILE
YASH VARDHAN 99.91 PERCENTILE
ASHUTOSH 99.85 PERCENTILE
PULAK 99.83 PERCENTILE
SWABHIMAN 99.71 PERCENTILE
PRATYUSH 99.69 PERCENTILE
ANUPRASH 99.51 PERCENTILE
SWAYAM 99.51 PERCENTILE
MITTAL 99.44 PERCENTILE
ATULIT 99.26 PERCENTILE
ROHAN 99.25 PERCENTILE
JANMEJAY 99.14 PERCENTILE
SWAYAMSHREE 99.04 PERCENTILE
* Results of ODM Educational Group
HIGHLIGHTS
An Exemplary Holistic School
Safe & Secure Campus | Experienced Faculty | Personalized Learning Environment | Access to TEDX Events | Indoor Swimming Pool | 360° Learning Approach | World-Class Infrastructure | Robotics Lab | 12 Global Educators
ADMISSIONS OPEN 2024-25
Class I - IX & XI
Day Boarding & Residential Facilities Available
1800 120 2316
www.odmglobalschool.org | Edu Valley, KISS Jagannath Temple Road, Bhubaneswar-751024

## ସଂକ୍ଷେପରେ

### ଅରୁଣାଚଳରେ ୧୦ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

**ଇଟାନଗର, ୩୦।୩:** ଅରୁଣାଚଳ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାକୁ ବଡ଼ ସଫଳତା ମିଳିଛି। ୬୦ ବିଧାନସଭା ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶର ୧୦ ଆସନରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଓ ଉପ ମୁଖ୍ୟମନ୍ତ୍ରୀ ଚୌନା ମୀନ୍ ମଧ୍ୟ ନିଜ ନିଜ ଆସନରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ୧୦ ଆସନରେ ଅନ୍ୟ କୌଣସି ଦଳର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ନ କରିବାରୁ ଭାଜପା ବାଜିମାତ କରିଛି। ଏହାସହ ଅରୁଣାଚଳ ପ୍ରଦେଶରେ ଭାଜପା ବିଜୟ ଆଡ଼କୁ ଅଗ୍ରସର ହେଉଥିବା ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ଅରୁଣାଚଳ ପ୍ରଦେଶରେ ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ଆସନ୍ତା ଏପ୍ରିଲ ୧୯ରେ ଅନୁଷ୍ଠିତ ହେବ। ଜୁନ୍ ୨ରେ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନର ମତ ଗଣନା ହେବ।

### ଡାନିଏଲ ବାଲାଜୀଙ୍କ ପରଲୋକ

**ଚେନ୍ନାଇ, ୩୦।୩:** ଦକ୍ଷିଣ ଭାରତୀୟ ଅଭିନେତା ଡାନିଏଲ ବାଲାଜୀ(୪୮)ଙ୍କ ହୃଦ୍‌ଘାତରେ ଶନିବାର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା କାରଣରୁ ତାଙ୍କୁ ଶୁକ୍ରବାର ଚେନ୍ନାଇର ଏକ ମେଡିକାଲରେ ଭର୍ତ୍ତି କରାଯାଇଥିଲା।



ଡାନିଏଲଙ୍କ ମୃତ୍ୟୁର ଖବର ଜଣାପଡ଼ିବା ପରେ ତାମିଲ୍ ଫିଲ୍ମ ଇଣ୍ଡଷ୍ଟ୍ରି ସହ ତାଙ୍କର ପ୍ରଶଂସକମାନେ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। କମଲ ହାସନ୍‌ଙ୍କ ଫିଲ୍ମ 'ମରୁଧୁନାୟଗମ'ରୁ ଜଣେ ୟୁନିଟ୍ ପ୍ରଡକ୍ସନ ମ୍ୟାନେଜର ଭାବେ ଡାନିଏଲ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଟେଲିଭିଜନ୍ ଜଗତକୁ ଯାଇ ତାମିଲ ଧାରାବାହିକ 'ଚିତ୍ତି'ରେ ଡାନିଏଲ ଚରିତ୍ରରେ ଅଭିନୟ କରି ବହୁ ପ୍ରଶଂସା ସାଉଁଟିଥିଲେ। ଏହାପରଠାରୁ ସେ ଡାନିଏଲ ବାଲାଜୀ ନାମରେ ପରିଚିତ ହୋଇଥିଲେ। ଡାନିଏଲ ତାମିଲ ଫିଲ୍ମ ସହ କେତେକ ମାଲୟାଲମ, ତେଲୁଗୁ ଓ କନ୍ନଡ଼ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି।

# କେନ୍ଦ୍ରର ଟିକସ ଆତଙ୍କବାଦରେ ଡରିଯିବୁ ନାହିଁ

## ଆୟକର ନୋଟିସ ବିରୋଧରେ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୩୦।୩

କଂଗ୍ରେସକୁ ଆୟକର ବିଭାଗର ୧,୮୨୩ କୋଟି ଟଙ୍କାର ନୋଟିସ୍‌କୁ ବିରୋଧ କରି ଶନିବାର ଦଳ ପକ୍ଷରୁ ବିଭିନ୍ନ ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଟିକସ ଆତଙ୍କବାଦ ଦ୍ୱାରା କଂଗ୍ରେସ ଭୟଭୀତ ହେବ ନାହିଁ ବୋଲି କହିଛି। ଅନ୍ୟପକ୍ଷରେ ଟିକସ ଫାଙ୍କିଥିବା ବିରୋଧୀ ଦଳ ଦେଶକୁ ବିଭ୍ରାନ୍ତ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଶୁକ୍ରବାର ରାତିରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ମଧ୍ୟ ଆୟକର ବିଭାଗ ନୋଟିସ ଜାରି କରିଛି। ତାଙ୍କ ବିରୋଧରେ ମାମଲାର ସମାଧାନ ହୋଇସାରିଥିବାବେଳେ ଆୟକର ବିଭାଗ ନୋଟିସ ପଠାଇବାକୁ ନେଇ ଶିବକୁମାର ବିସ୍ମୟ ପ୍ରକାଶ କରିଛନ୍ତି। ଭାଜପା ନେତାମାନଙ୍କ ଟିକସ ଫାଙ୍କିକୁ ବିଭାଗ ଆଖିବୁଜି ଦେଇଥିବା କଂଗ୍ରେସ ନେତା କହିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ହାରିଯିବା ଭୟରେ ଭାଜପା ଆୟକର ବିଭାଗ ସମେତ ସିବିଆଇ ଏବଂ ଇଡିକୁ କଂଗ୍ରେସ ବିରୋଧରେ ଦୁରୁପଯୋଗ କରୁଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। ଦିଲ୍ଲୀରେ ଯୁବକଂଗ୍ରେସ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ରାଜେନ୍ଦ୍ରପ୍ରସାଦ ରୋଡ୍ ଅଭିମୁଖେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଟିକସ ନିୟମାବଳୀ ନାଁରେ କଂଗ୍ରେସକୁ ହଇରାଣ କରାଯାଉଥିବା ଶ୍ରୀନିବାସ ଅଭିଯୋଗ କରିଛନ୍ତି। ଥିରୁଭାନନ୍ତପୁରମରେ କେରଳ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟକର ବିଭାଗ କାର୍ଯ୍ୟାଳୟ ଆଗରେ ବିକ୍ଷୋପ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସର ଅର୍ଥ ବ୍ୟବସ୍ଥାକୁ ପଙ୍ଗୁ କରିଦେବା ସହ ଏହାର ନିର୍ବାଚନ ପ୍ରଚାରରେ ବାଧା ସୃଷ୍ଟି କରିବା ଭାଜପାର ଲକ୍ଷ୍ୟ ବୋଲି କେରଳ ପିସିସି ସଭାପତି ଏମ୍.ଏମ୍. ହାସନ କହିଛନ୍ତି।




କଂଗ୍ରେସକୁ ଆୟକର ନୋଟିସ ପ୍ରତିବାଦରେ ଲକ୍ଷ୍ନୌରେ ଦଳୀୟ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସନି ଦେଓଲଙ୍କୁ ପ୍ରାର୍ଥୀ କଲାନି ଭାଜପା

## ଅମୃତସରରୁ ଲଢ଼ିବେ ତରନଜିତ୍ ସାନ୍ଧୁ

ନୂଆଦିଲ୍ଲୀ,୩୦।୩

ଲୋକ ସଭା ନିର୍ବାଚନ ପାଇଁ ଭାଜପା ଶନିବାର ଅଷ୍ଟମ ପର୍ଯ୍ୟାୟରେ ୧୧ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଥିବାବେଳେ ଅଭିନେତା ତଥା ବର୍ତ୍ତମାନର ଏମ୍‌ପି ସନି ଦେଓଲ ଗୁର୍‌ଦାସପୁର ଆସନରୁ ବାଦ୍ ପଡ଼ିଛନ୍ତି। ପୂର୍ବତନ କୂଟନୀତିଜ୍ଞ ତରନଜିତ ସାନ୍ଧୁଙ୍କୁ ଦଳ ଅମୃତସରରୁ ପ୍ରାର୍ଥୀ କରିଛି। ପଞ୍ଜାବର ୧୩ ଆସନ ମଧ୍ୟରୁ ଶନିବାର ଭାଜପା ୬ଟିରେ ପ୍ରାର୍ଥୀ ଦେଇଛି। ବର୍ତ୍ତମାନ ଦିଲ୍ଲୀ ନର୍ଥୱେଷ୍ଟ ଆସନରୁ ଭାଜପା ଏମ୍‌ପି ଥିବା ହଂସରାଜ ହଂସଙ୍କୁ ଫରିଦାବାଦ ଆସନରୁ ପ୍ରାର୍ଥୀ କରାଯାଇଛି। ରଭନୀତ ସିଂ ବିଟ୍ଟୁଙ୍କୁ ଲୁଧିଆନା ଆସନରୁ ଏବଂ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂଙ୍କ ସ୍ତ୍ରୀ ପ୍ରେନିତ କୌରଙ୍କୁ ପଟିଆଲା ଆସନରୁ ପ୍ରାର୍ଥୀ କରାଯାଇଛି। ଭାଜପାରେ ଯୋଗଦେଇଥିବା ଆମ୍ ଆଦ୍‌ମୀ ପାର୍ଟି ନେତା ସୁଶୀଲ କୁମାର ରିଙ୍କୁ ଜଲନ୍ଧରରୁ ଲଢ଼ିବାକୁ ଯାଉଛନ୍ତି। ଅଷ୍ଟମ ପର୍ଯ୍ୟାୟରେ ଓଡ଼ିଶାରୁ ୩ ଜଣଙ୍କୁ ପ୍ରାର୍ଥୀ କରାଯାଇଛି। ଭର୍ତ୍ତୃହରି ମହତାବ କଟକରୁ ପ୍ରାର୍ଥୀ ହୋଇଥିବାବେଳେ ରବୀନ୍ଦ୍ର ନାରାୟଣ ବେହେରା ଯାଜପୁରରୁ ଏବଂ ସୁକାନ୍ତ କୁମାର ପାଣିଗ୍ରାହୀ କନ୍ଧମାଳରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପଶ୍ଚିମବଙ୍ଗର ୨ ଆସନ ପାଇଁ ଭାଜପା ଶନିବାର ପ୍ରାର୍ଥୀ ଘୋଷଣା କରିଛି।



# ଭାଜପାରେ ଶିବରାଜ ପାଟିଲଙ୍କ ବୋହୂ

ମୁମ୍ବାଇ,୩୦।୩

ପୂର୍ବତନ ଲୋକ ସଭା ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଶିବରାଜ ପାଟିଲଙ୍କ ବୋହୂ ଅର୍ଚ୍ଚନା ପାଟିଲ ଚନ୍ଦୁରକର ଶନିବାର ଭାଜପାରେ ଯୋଗଦେଇଛନ୍ତି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏବଂ ଭାଜପା ରାଜ୍ୟ ସଭାପତି ଚନ୍ଦ୍ରଶେଖର ବୱାନକୁଲେଙ୍କ ଉପସ୍ଥିତିରେ ଅର୍ଚ୍ଚନା ପଦ୍ମ ଧରିଛନ୍ତି। ସେ ଉଦ୍‌ଗିରସ୍ଥିତ ଲାଇଫ୍‌କେୟାର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷା ଥିବାବେଳେ ତାଙ୍କ ସ୍ୱାମୀ ଶୈଳେଶ ପାଟିଲ ଚନ୍ଦୁରକର କଂଗ୍ରେସର ରାଜ୍ୟ ସମ୍ପାଦକ ଅଛନ୍ତି। ଶିବରାଜ ୨୦୦୪-୨୦୦୮ ଉପା ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ। ସ୍ୱାଧୀନ ଏମ୍‌ପି ନବନୀତ ରାଣା ମଧ୍ୟ ନାଗପୁରରେ ଭାଜପାରେ ସାମିଲ ହୋଇଛନ୍ତି।



ଅର୍ଚ୍ଚନା ପାଟିଲ

# ଦିଲ୍ଲୀ ମନ୍ତ୍ରୀ ଗେହଲଟଙ୍କୁ ଇଡି ଜେରା

## ଅବକାରୀ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୩୦।୩

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିବାର ସପ୍ତାହେ ପରେ ଦିଲ୍ଲୀ ମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା କୈଳାସ ଗେହଲଟଙ୍କୁ ଶନିବାର ୫ ଘଣ୍ଟାରୁ ଊର୍ଦ୍ଧ୍ୱ ଜେରା କରିଛି। ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲା ନେଇ ଇଡି ଅଧିକାରୀମାନେ ଗେହଲଟ୍‌ଙ୍କୁ ପ୍ରଶ୍ନ କରିଥିଲେ। ଦିଲ୍ଲୀ ସରକାରରେ ଗେହଲଟ ଗୃହ, ପରିବହନ ଓ ଆଇନ ମନ୍ତ୍ରୀ ଅଛନ୍ତି। ଇଡି ସମନ କଲେ ସେ ପୁନର୍ବାର ଜେରା ପାଇଁ ହାଜର ହେବେ ବୋଲି କହିଛନ୍ତି। ବର୍ତ୍ତମାନ ରଦ୍ଦ ହୋଇଥିବା ଦିଲ୍ଲୀ ସରକାରଙ୍କ ୨୦୨୧-୨୨ ଅବକାରୀ ନୀତି ଖୁଚୁରା ବ୍ୟବସାୟୀମାନଙ୍କୁ ପାଖାପାଖି ୧୮୫ ପ୍ରତିଶତ ଲାଭ ଦେଉଥିବାବେଳେ ପାଇକାରୀ ବ୍ୟବସାୟୀଙ୍କୁ ୧୨ ପ୍ରତିଶତ ଲାଭ ଦେଉଥିଲା ବୋଲି ଇଡି କହିଛି। ପାଇକାରୀ ବ୍ୟବସାୟୀଙ୍କୁ ମିଳୁଥିବା ଲାଭରୁ ୬ ପ୍ରତିଶତ ବା ୬୦୦ କୋଟିରୁ ଊର୍ଦ୍ଧ୍ୱ ଲାଞ୍ଚ କାରବାର ହୋଇଥିଲା, ଯାହା ଗୋଆ ଓ ପଞ୍ଜାବ ନିର୍ବାଚନ ପ୍ରଚାରରେ ବ୍ୟବହାର କରାଯାଇଥିଲା ବୋଲି ଇଡି ଅଭିଯୋଗ କରିଛି। ଉକ୍ତ ଅର୍ଥରୁ ଆପ୍ ଓ ଏହାର ନେତାମାନଙ୍କ ପାଖକୁ ୧୦୦ କୋଟି ଟଙ୍କା ଯାଇଥିଲା। ଗେହଲଟ ଗୋଟିଏ ସିମ୍ ନମ୍ବର ବ୍ୟବହାର କରୁଥିବାବେଳେ ସେ ତାଙ୍କର ଅନ୍ତର୍ଜାତୀୟ ମୋବାଇଲ ଇକ୍ୟୁପମେଣ୍ଟ ଆଇଡେଣ୍ଟିଟି (ଆଇଏମ୍‌ଇଆଇ)କୁ ୩ ଥର ବଦଳାଇଥିବା ଇଡି ଅଭିଯୋଗ କରିଛି। ଅବକାରୀ ଦୁର୍ନୀତି ମାମଲାରେ ପୂର୍ବରୁ କେଜ୍‌ରିୱାଲଙ୍କ ସମେତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଆପ୍ ଏମ୍‌ପି ସଞ୍ଜୟ ସିଂ ଜେଲରେ ଅଛନ୍ତି।



## ଇସ୍ରାଏଲ୍ ଆକ୍ରମଣରେ ଗଲାଣି ୩୨,୭୦୫ ଜୀବନ

ଗାଜାଷ୍ଟ୍ରିପ୍,୩୦।୩

ଗାଜାରେ ଗତବର୍ଷ ଅକ୍ଟୋବରରୁ ଲାଗିରହିଥିବା ଇସ୍ରାଏଲ୍-ହମାସ ଯୁଦ୍ଧରେ ୩୨,୭୦୫ ଜଣଙ୍କ ଜୀବନ ଗଲାଣି। ଗତ ୨୪ ଘଣ୍ଟାରେ ୮୨ ଜଣଙ୍କ ମୃତ୍ୟୁ ଘଟିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଜୋର୍‌ଦାର ଲଢ଼େଇ ସାଙ୍ଗକୁ ବୋମାମାଡ଼ ଗାଜାକୁ ଦୋହଲାଇଦେଇଛି। ଗାଜା ଉତ୍ତର ଭାଗରେ ସହାୟତା ପହଞ୍ଚିପାରି ନ ଥିବାବେଳେ ସେଠାରେ ଦୁର୍ଭିକ୍ଷ ସ୍ଥିତି ଦେଖାଦେଇଥିବା ରେଡ୍ କ୍ରେସେଣ୍ଟ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଗାଜାରେ ଇସ୍ରାଏଲ୍ ଏବଂ ହମାସ ଆତଙ୍କବାଦୀଙ୍କ ମଧ୍ୟରେ ଯୁଦ୍ଧବିରତି ପାଇଁ ସାନି ଆଲୋଚନାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଞ୍ଜୁରୀ ଦେଇଛନ୍ତି।

# କଂଗ୍ରେସରେ ଯୋଗଦେଲେ ତେଜସ୍ୱିନୀ ଗୌଡ଼ା

ନୂଆଦିଲ୍ଲୀ,୩୦।୩

କର୍ଣ୍ଣାଟକ ବିଧାନ ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଭାଜପା ନେତ୍ରୀ ତେଜସ୍ୱିନୀ ଗୌଡ଼ା ଶନିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଭାଜପା ସାମ୍ବିଧାନିକ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ତେଜସ୍ୱିନୀ ୨୦୦୪ରୁ ୨୦୦୯ କଂଗ୍ରେସ ଏମ୍‌ପି ଥିବାବେଳେ ୨୦୧୪ରେ ଭାଜପାରେ ଯୋଗଦେଇଥିଲେ। କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ ତାଙ୍କର ଘରବାହୁଡ଼ା ବୋଲି ତେଜସ୍ୱିନୀ କହିଛନ୍ତି।



# ନ୍ୟୁଜ୍‌କ୍ଲିକ୍ ମାମଲାରେ ୮,୦୦୦ ପୃଷ୍ଠାର ଚାର୍ଜଶିଟ୍

## ପୁରକାୟସ୍ଥ ଅଭିଯୁକ୍ତ

ନୂଆଦିଲ୍ଲୀ,୩୦।୩(ପି.ଟି.)

ନ୍ୟୁଜ୍‌କ୍ଲିକ୍ ଓ ଏହାର ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ମାମଲାରେ ଦିଲ୍ଲୀ ପୋଲିସ ଶନିବାର ୮,୦୦୦ରୁ ଊର୍ଦ୍ଧ୍ୱ ପୃଷ୍ଠାର ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ପୋର୍ଟାଲ ଓ ଏହାର ମାଲିକ ଚାଇନାର ପ୍ରଚାର ଚଳାଇଥିବା ଅଭିଯୋଗ ହୋଇଥିଲା। ଚାର୍ଜଶିଟ୍‌ରେ ପିପିକେ ନ୍ୟୁଜ୍‌କ୍ଲିକ୍ ଷ୍ଟୁଡିଓ ପ୍ରା. ଲିଃ ଏବଂ ପୁରକାୟସ୍ଥଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଅତିରିକ୍ତ ଦୌରାଜଜ୍ ହରଦୀପ୍ କୌରଙ୍କ ନିକଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଥିଲା। ଏହା ଉପରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୬ରେ ହେବ। ଗତବର୍ଷ ସ୍ପେଶାଲ ସେଲ୍ ୟୁଏପିଏର ଧାରା ୧୩, ୧୬, ୧୭, ୧୮ ଏବଂ ୨୨ ସମେତ ଆଇପିସିର ୧୫୩ଏ ଏବଂ ୧୨୦ବି ଅନୁଯାୟୀ ମାମଲା ରୁଜୁ କରିଥିଲା। ଗତ ଅକ୍ଟୋବର ୩ରେ ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପୁରକାୟସ୍ଥ ଏବଂ ଏଚ୍‌ଆର୍ ମୁଖ୍ୟ ଅମିତ୍ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯାଇଥିଲା। ଚକ୍ରବର୍ତ୍ତୀ ରାଜସାକ୍ଷୀ ହେବା ପାଇଁ କରିଥିବା ଆବେଦନକୁ ଗତ ଜାନୁଆରୀରେ କୋର୍ଟ ଅନୁମତି ଦେଇଥିଲେ।

# ନରସିଂହ ରାଓ, ଚରଣ ସିଂ, ଅନ୍ୟ ୨ ଜଣଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନକଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୩୦।୩(ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ରାଷ୍ଟ୍ରପତି ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଚୌଧରୀ ଚରଣ ସିଂ, କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ ଏବଂ ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି। ସେମାନଙ୍କ ସମ୍ପର୍କୀୟମାନେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ଭାରତୀୟ ରାଜନୀତିରେ ଚାଣକ୍ୟ ଭାବେ ଜଣାଶୁଣା ନରସିଂହ ରାଓ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ସେ ଦେଶର ଅର୍ଥନୀତିରେ ବ୍ୟାପକ ସଂସ୍କାର ଆଣିଥିଲେ। ଦକ୍ଷିଣ ଭାରତରୁ ତଥା ନେହେରୁ-ଗାନ୍ଧୀ ପରିବାର ବାହାରୁ ପ୍ରଧାନମନ୍ତ୍ରୀ ହେବାରେ ସେ ପ୍ରଥମ କଂଗ୍ରେସ ନେତା। ରାଓଙ୍କ ତରଫରୁ ତାଙ୍କ ପୁଅ ପି.ଭି. ପ୍ରଭାକର ରାଓ ଭାରତରତ୍ନ ଗ୍ରହଣ କରିଛନ୍ତି।

ଜମିଦାରି ଉଚ୍ଛେଦ, ଭୂସଂସ୍କାରକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧରୀ ଚରଣ ସିଂଙ୍କ ଅବଦାନ ଅତୁଳନୀୟ। ସେ ଗ୍ରାମୀଣ ତଥା କୃଷି ଅର୍ଥନୀତିକୁ ଗମ୍ଭୀର ଭାବେ ହୃଦୟଙ୍ଗମ କରିଥିଲେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ତାଙ୍କ ତରଫରୁ ନାତି ଜୟନ୍ତ ଚୌଧରୀ ଭାରତରତ୍ନ ଗ୍ରହଣ କରିଛନ୍ତି। ସେହିପରି ଭାରତକୁ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିଥିବା କୃଷି ବୈଜ୍ଞାନିକ ସ୍ୱାମୀନାଥନ ଭାରତର ସବୁଜ ବିପ୍ଳବର ଜନକ ଭାବେ ପରିଚିତ। ତାଙ୍କ ତରଫରୁ ଝିଅ ନିତ୍ୟା ରାଓ ଭାରତରତ୍ନ ଗ୍ରହଣ କରିଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ସମାନତା ତଥା ସମାବେଶୀ ବିକାଶର ସମର୍ଥକ। ସେ ସମାଜର ଦୁର୍ବଳ ଓ ଅବହେଳିତ ଲୋକମାନଙ୍କ ବିକାଶ ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରି ଜନନାୟକର ପରିଚୟ ହାସଲ କରିଥିଲେ। ତାଙ୍କ ତରଫରୁ ପୁଅ ରାମନାଥ ଠାକୁର ରାଷ୍ଟ୍ରପତିଙ୍କଠାରୁ ଭାରତରତ୍ନ ଗ୍ରହଣ କରିଛନ୍ତି। ଚଳିତବର୍ଷ କେନ୍ଦ୍ର ସରକାର ୫ ଭାରତରତ୍ନ ପୁରସ୍କାର ଘୋଷଣା କରିଥିଲେ। ଭାଜପାର ବର୍ଷୀୟାନ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲେ ମଧ୍ୟ ସେ ଅସୁସ୍ଥତା କାରଣରୁ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ପାରିନାହାନ୍ତି। ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାସଭବନକୁ ଯାଇ ପୁରସ୍କାର ପ୍ରଦାନ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।



ପିଭି ନରସିଂହ ରାଓଙ୍କ ତରଫରୁ ତାଙ୍କ ପୁଅ ପି.ଭି. ପ୍ରଭାକର ରାଓ ରାଷ୍ଟ୍ରପତିଙ୍କଠାରୁ ଭାରତରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି।

## ଫୁରସତ୍

# ରୋଲ୍‌ସ ରୋୟସ୍ କାର୍‌ରେ ଡଲି ଚା' ବାଲା

**ନାଗପୁରଃ** ଇଣ୍ଟରନେଟ୍ ସେନ୍ସେସନ୍ ପାଲଟିଥିବା ଡଲି ଚା' ବାଲାଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ମାଇକ୍ରୋସଫ୍ଟ ସିଇଓ ବିଲ୍ ଗେଟ୍ସ ତାଙ୍କ ଦୋକାନରେ ଚା' ପିଇବା ପରେ ସେ ରାତାରାତି ପ୍ରସିଦ୍ଧି ପାଇଥିଲେ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଡଲିଙ୍କର ବହୁ ପ୍ରଶଂସକ ମଧ୍ୟ ରହିଛନ୍ତି। ସେ ପ୍ରାୟତଃ ନିଜ ଆକାଉଣ୍ଟରୁ ଫଟୋ ଏବଂ ଭିଡିଓ ଶେୟାର କରନ୍ତି, ଯାହାକୁ ଲୋକମାନେ ଦେଖିବାକୁ ପସନ୍ଦ କରିଥାନ୍ତି।

ନିକଟରେ ଡଲି ନିଜର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ବିଳାସପୂର୍ଣ୍ଣ ରୋଲ୍‌ସ ରୋୟସ୍ କାର ସହ ନଜର ଆସିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ଚା' ବିକ୍ରେତା ହୋଇ ବି ରୋଲ୍‌ସ ରୋୟସ୍ କାର କିଣିପାରିଥିବା ସେ ଏହି ଭିଡିଓରେ ଦର୍ଶାଇଛନ୍ତି। କଠିନ ପରିଶ୍ରମ ବଳରେ ସମୟକୁ ଖୁବ୍‌ଶୀଘ୍ର ବଦଳା ଯାଇପାରିବ ବୋଲି ସେ କହିଛନ୍ତି। ଡଲିଙ୍କ ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବେଳେ ଅନେକ ସଂଖ୍ୟାରେ ୟୁଜର୍ସ ମଧ୍ୟ ଏଥିରେ କମେଣ୍ଟ କରିଛନ୍ତି। କିଛି ଲୋକ ଡଲିଙ୍କୁ ଏହି ଭିଡିଓ ନେଇ ଟ୍ରୋଲ ମଧ୍ୟ କରିଛନ୍ତି। ତେବେ ଡଲି ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା କିଛି ୟୁଜର୍ସ କମେଣ୍ଟରେ କହିଛନ୍ତି। ଏବେ ଛୁଟିରେ ମାଳଦ୍ୱୀପ ଗସ୍ତରେ ଥିବା ଡଲିଙ୍କର ଇନ୍‌ଷ୍ଟାଗ୍ରାମରେ ୨.୧ ମିଲିୟନ୍ ଫାଲୋଅର୍ସ ରହିଛନ୍ତି। ତାଙ୍କର ନାଗପୁରରେ ଏବେ ମଧ୍ୟ ଚା' ଦୋକାନ ରହିଛି।



# ବକ୍ସ ଅଫିସ୍‌ରେ ଦମ୍ ଦେଖାଇଲା 'କ୍ରୁ'

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତବୁ, କ୍ରିତି ସାନନ୍ ଓ କରୀନା କପୁର ଖାନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର 'କ୍ରୁ' ମାର୍ଚ୍ଚ ୨୯ରେ ଦେଶର ଅନେକ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରକୁ କ୍ରିଟିକ୍ସଙ୍କଠାରୁ ଆରମ୍ଭ କରି ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଭଲ ପ୍ରତିକ୍ରିୟା ମିଳିଛି। ଦର୍ଶକ ଏହି ଫିଲ୍ମକୁ ଏତେମାତ୍ରାରେ ପସନ୍ଦ କରୁଛନ୍ତି ଯେ, ରିଲିଜ୍ ହେବାର ପ୍ରଥମ ଦିନରେ ଏହା ବକ୍ସ ଅଫିସରେ ଧମାଲ ମଚାଇଛି। ଚଳଚ୍ଚିତ୍ର 'କ୍ରୁ' ପ୍ରଥମ ଦିନରେ ୯.୨୫ କୋଟି ଟଙ୍କା ଆୟ କରିଥିବା ବେଳେ ବିଶ୍ୱବ୍ୟାପୀ ଏହା ୧୯ କୋଟି ଟଙ୍କା ଆଦାୟ କରିପାରିଛି। ସେହିପରି ଚଳିତ ୱିକ୍‌ଏଣ୍ଡ ଅର୍ଥାତ୍ ଶନିବାର ଏବଂ ରବିବାରରେ 'କ୍ରୁ'ର ଆୟ ଆହୁରି ବୃଦ୍ଧି ପାଇବ ବୋଲି ଫିଲ୍ମ ସମୀକ୍ଷକମାନେ ଆକଳନ କରିଛନ୍ତି। ଏହି ସିନେମାର ବଜେଟ୍ ପ୍ରାୟ ୫୦ କୋଟି ଟଙ୍କା ରହିଛି। ଏକତା କପୁରଙ୍କ ନିର୍ମିତ ଓ ରାଜେଶ କ୍ରିଷ୍ଣନ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଭିନେତ୍ରୀ କରୀନା, କ୍ରିତି ଏବଂ ତବୁଙ୍କୁ ୩ ଏୟାର ହୋଷ୍ଟେସ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିଛି, ଯେଉଁମାନେ ଦେବାଳିଆ ହୋଇପଡ଼ିଥିବା ଏକ ଏୟାରଲାଇନ୍ସରେ କାର୍ଯ୍ୟ କରୁଛନ୍ତି। ଏହି ୩ ଏୟାର ହୋଷ୍ଟେସ୍‌ଙ୍କୁ ଦରମା ଠିକ୍ ଭାବେ ମିଳୁ ନ ଥିବାରୁ, ସେମାନେ ତାଙ୍କ ଜୀବନରେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ସମସ୍ୟାଗୁଡିକ ମଧ୍ୟରେ କାହାଣୀଟି ଅଗ୍ରଗତି କରୁଥିବା ବେଳେ ଏହି ୩ ଏୟାର ହୋଷ୍ଟେସ୍ ଡକାୟତି କରି ଅନେକ ପରିମାଣରେ ସୁନା ପାଇବାକୁ ସକ୍ଷମ ହୋଇପାରିଛନ୍ତି, ଫଳରେ ଫିଲ୍ମଟି ପୁଣି ଏକ ଆକର୍ଷଣୀୟ ମୋଡ଼ ନେଇଛି। ଏହି ଚଳଚ୍ଚିତ୍ରରେ ଅଭିନେତା ଦିଲଜିତ୍ ଦୋସାଞ୍ଜ କ୍ରିତି ସାନନ୍‌ଙ୍କ ପ୍ରେମିକ ଚରିତ୍ରରେ ଅଭିନୟ କରିଛନ୍ତି। ସେହିପରି ଫିଲ୍ମର ଅନ୍ୟ ଚରିତ୍ରରେ ହାସ୍ୟ ଅଭିନେତା କପିଲ ଶର୍ମା, ଶାଶ୍ୱତ ଚାଟାର୍ଜୀ, ରାଜେଶ ଶର୍ମା ଏବଂ କୁଲ୍‌ଭୂଷଣ ଖର୍‌ବନ୍ଦା ଅଭିନୟ କରିଛନ୍ତି।



# ‘୪୦ ଟପିଲା, ସତର୍କ ରୁହ’

## ଅଂଶୁଘାତଜନିତ ସ୍ଥିତିର ମୁକାବିଲା ପାଇଁ ଜିଲାପାଳଙ୍କୁ ଚିଠି କଲେ ଏସ୍‌ଆର୍‌ସି

**ଭୁବନେଶ୍ୱର, ୩୦।୩ (ଅସମାପିକା ସାହୁ)**

ରାଜ୍ୟରେ ଅସମ୍ଭାଳ ହେଲାଣି ଖରାତାତି। ୪୦ ଡିଗ୍ରୀ ଡେଇଁଛି ତାପମାତ୍ରା। ପାରଦ ଉପରମୁହାଁ ହୋଇଥିବାବେଳେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ତାତି ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆର୍ଦ୍ରତା ୬୦ ପ୍ରତିଶତ ଉପରେ ରହୁଛି। ରାତିରେ ବି ସ୍ୱାଭାବିକଠାରୁ ୫ ଡିଗ୍ରୀ ଉପରେ ତାପମାତ୍ରା ରହୁଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ। ରାତ୍ରି ତାପମାତ୍ରା ୨ରୁ ୩ଡିଗ୍ରୀ ବୃଦ୍ଧି ପାଇବା ସହିତ ପ୍ରବଳ ଗୁଳୁଗୁଳି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପିକ୍ ଆୱାରରେ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ଶନିବାର ଚଳିତବର୍ଷ ପ୍ରଥମଥର ପାଇଁ ୪୦ ଡିଗ୍ରୀ ଅତିକ୍ରମ କରିଛି ତାପମାତ୍ରା। ଶନିବାର ମାଲକାନଗିରି ସର୍ବାଧିକ ୪୧ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ଏହା ତଳକୁ ବୌଦ୍ଧ ଓ ଟିଟିଲାଗଡ଼ରେ ୪୦.୫ ଡିଗ୍ରୀ, ବଲାଙ୍ଗୀରରେ ୪୦.୨ ଏବଂ ନୟାଗଡ଼ରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ନୂଆପଡ଼ା ୩୯.୪, ପାରଳାଖେମୁଣ୍ଡି ୩୯.୨, ସୋନପୁର ୩୯.୪, ଭବାନୀପାଟଣା ୩୯.୮, ଝାରସୁଗୁଡ଼ା ୩୯.୩, ଭୁବନେଶ୍ୱର ୩୭ ଓ କଟକରେ ୩୭.୬ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପଟେ ଶନିବାର ରାଜ୍ୟରେ ପ୍ରଥମ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ବଲାଙ୍ଗୀର ଜିଲାର ୩୦ବର୍ଷୀୟ ଯୁବକ ବୋଲି ଜଣାପଡ଼ିଛି। ଆଗକୁ ତାପମାତ୍ରା ବଢ଼ିବା ସମ୍ଭାବନା ଥିବାରୁ ଏଥିରୁ ସୁରକ୍ଷିତ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ସତର୍କ କରିଛନ୍ତି। ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଢୁଥିବା ତାତି ଓ ଏଥିଜନିତ ସ୍ଥିତିର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏସ୍‌ଆର୍‌ସି ଚିଠି ଲେଖିଛନ୍ତି। ଆଗାମୀ ୪ରୁ ୫ଦିନ କିଛି ଜିଲାରେ ତାତି ବଢ଼ିବ। ଖରା ଓ ଆର୍ଦ୍ରତା ବଢ଼ିବାକୁ ଥିବାରୁ ପ୍ରତିଷେଧମୂଳକ ପଦକ୍ଷେପ ନେବା ପାଇଁ ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି। ଖରାକୁ ଦେଖି ସ୍କୁଲ ସମୟ ପୁନଃନିର୍ଦ୍ଧାରଣ କରିବାକୁ କହିଛନ୍ତି। ବସ୍ ସମୟ ପରିବର୍ତ୍ତନ ସହ ବସ୍‌ରେ ପିଇବା ପାଣି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ ରହିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲା। ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଥିଲା।

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବଲାଙ୍ଗୀର, ୩୦।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ଶୁକ୍ରବାର ତାପମାତ୍ରା ୪୦ ଡିଗ୍ରୀକୁ ପହଞ୍ଚିବା ପରେ ଶନିବାର ଚଳିତବର୍ଷର ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ଟାଣ ଖରା ଯୋଗୁ ବଲାଙ୍ଗୀର ସଦର ବ୍ଲକ ଖୁଜେନପାଲି ଗାଁର ତ୍ରିନାଥ ବକୁଲ (୩୦) ଦିନ ପ୍ରାୟ ୨ଟାବେଳେ ଅସୁସ୍ଥ ହୋଇପଡିଥିଲେ। ବଲାଙ୍ଗୀର ସହରରେ ଚାଲିଥିବା ଏକ ଶ୍ରାଦ୍ଧ ଭୋଜି ଖାଇ ତ୍ରିନାଥ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ତାଙ୍କ ଦେହହାତ ଝିମ୍‌ଝିମ୍ କରୁଥିବା ଏବଂ ସେ କ୍ଲାନ୍ତ ଅନୁଭବ କରୁଥିବା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ କାରଣରୁ ତ୍ରିନାଥଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ତ୍ରିନାଥଙ୍କ ସ୍ତ୍ରୀ, ୮ ମାସର ଏକ ଶିଶୁପୁତ୍ର, ମାତାପିତା ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ମୃତକଙ୍କ ପରିବାର ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଛି। ଚଳିତବର୍ଷ ମାର୍ଚ୍ଚ ମାସ ଖରାରେ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଲାଣି। ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରୁ ବୋଲି ଲୋକେ ନିବେଦନ କରିଛନ୍ତି।



ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ସମେତ ନବନିଯୁକ୍ତ ସିଭିଲ୍ ଜଜ୍।

# ଶପଥ ନେଲେ ୫୫ ସିଭିଲ ଜଜ୍

## ବିଚାରପତି ହେବା ଶିକ୍ଷା ଗ୍ରହଣର ନିରବଚ୍ଛିନ୍ନ ପ୍ରକ୍ରିୟା: ଜଷ୍ଟିସ୍ ଚକ୍ରଧାରୀ

**କଟକ,୩୦।୩ (କାର୍ତ୍ତିକ ସାହୁ)**

୨୦୨୨ ବ୍ୟାଚ୍‌ରେ ନିଯୁକ୍ତି ପାଇଥିବା ୫୫ ଜଣ ନୂତନ ସିଭିଲ୍ ଜଜ(ଜୁନିୟର ଡିଭିଜନ)ଙ୍କ ଶପଥ ଗ୍ରହଣ ଉତ୍ସବ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରସ୍ଥ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୁଡିସିଆଲ ଏକାଡେମୀର ପାଟ୍ରୋନ୍-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ ନୂତନ ଜଜ୍‌ମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିସହ ସେ କହିଛନ୍ତି, ବିଚାରପତି ହେବା ସାଧାରଣ କାମ ନୁହେଁ, ଶିକ୍ଷା ଗ୍ରହଣର ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। କୋର୍ଟର ବିଚାର କାର୍ଯ୍ୟରେ ଥିବାବେଳେ ବ୍ୟକ୍ତିଗତ ଜୀବନ ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ। ଜଣେ ବିଚାରପତି ହେବା ପାଇଁ ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତା ରହିବା ଦରକାର। ବିଚାର ବ୍ୟବସ୍ଥାରେ ନୈତିକତା ବଜାୟ ରଖିବାକୁ ମୁଖ୍ୟ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ଜୁଡିସିଆଲ ଏକାଡେମୀ ସଦସ୍ୟ ତଥା ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର ଜୁଡିସିଆଲ ଏକାଡେମୀରେ ତାଲିମ ଗ୍ରହଣ ଉପରେ ଗୁରୁତ୍ୱାରୋପ କରି ଏହାକୁ ଗୁରୁକୁଳ ଭାବେ ଅଭିହିତ କରିଥିଲେ। ନୂତନ ବିଚାରପତିମାନଙ୍କ କ୍ୟାରିୟର ଗଠନ ଦିଗରେ ଜୁଡିସିଆଲ ଏକାଡେମୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ସେ କହିଥିଲେ। ଜୁଡିସିଆଲ ଏକାଡେମୀର ସଦସ୍ୟ ତଥା ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ ନୂତନ ବିଚାରପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନୂତନ ବିଚାରପତିମାନେ ନିଜକୁ ଏଭଳି ଭାବେ ଗଠନ କରନ୍ତୁ ଯେପରି ନିଶ୍ଚିତ ଭାବେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବେ। ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ହାଇକୋର୍ଟର ବିଚାରପତିଗଣ, ହାଇକୋର୍ଟ ରେଜିଷ୍ଟ୍ରିର ଅଧିକାରୀମାନଙ୍କ ସମେତ ଅତିଥି ଓ ନୂତନ ସିଭିଲ୍ ଜଜ୍‌ଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ, ଉପନିର୍ଦ୍ଦେଶକ ସ୍ୱପ୍ନା ସାଗରିକା ମିଶ୍ର, ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏପ୍ରିଲ ୮ରୁ ସକାଳୁଆ କୋର୍ଟ

**କଟକ,୩୦।୩ (କାର୍ତ୍ତିକ ସାହୁ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନ୍ୟାୟପାଳିକା ପକ୍ଷରୁ ସକାଳୁଆ ଅଦାଲତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ଜିଲା ଓ ନିମ୍ନ ଅଦାଲତଗୁଡ଼ିକ ଆସନ୍ତା ଏପ୍ରିଲ ୮ ତାରିଖରୁ ସକାଳୁଆ କାର୍ଯ୍ୟ କରିବ। ସେହିଦିନଠାରୁ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଦାଲତଗୁଡ଼ିକ ଖୋଲା ରହିବ। ଏଥିସହ ପୂର୍ବାହ୍ନ ୧୦ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ବିରତି ମିଳିବ। ଗ୍ରୀଷ୍ମ ଛୁଟି ହେବା ପର୍ଯ୍ୟନ୍ତ ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟରେ ସକାଳ ସାଢେ ୭ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ପରିଚାଳନା କରାଯିବା ନେଇ ହାଇକୋର୍ଟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିରରେ ବିଦେଶୀ ପର୍ଯ୍ୟଟକଙ୍କ ଉତ୍ପାତ

## ନିଶାସକ୍ତ ଅବସ୍ଥାରେ ସେବାୟତ, ପୋଲିସଙ୍କୁ ଆକ୍ରମଣ

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ପୁରୀ ସହରରେ ଶନିବାର ଜଣେ ନିଶାସକ୍ତ ବିଦେଶୀ ନାଗରିକଙ୍କ କାର୍ଯ୍ୟକଳାପ ସମସ୍ତଙ୍କୁ ଚକିତ କରିଛି। କଡ଼ା ସୁରକ୍ଷା ବଳୟ ଭେଦକରି ଶ୍ରୀମନ୍ଦିର ଭିତରକୁ ଯାଇ ସୁରକ୍ଷାକର୍ମୀ ଓ ସେବାୟତଙ୍କ ସହ ହାତାହାତି ହୋଇଛନ୍ତି। ଗତ କିଛିଦିନ ତଳେ ବାଂଲାଦେଶର କେତେଜଣ ଅଣହିନ୍ଦୁ ମନ୍ଦିର ମଧ୍ୟରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିଥିଲେ। ଏପରି କି ଏହାର କିଛିଦିନ ପରେ ଜଣେ ବିଦେଶୀ ମହିଳା ଇସ୍କନ ଭକ୍ତ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ହେଲେ ବାଇଶ ପାହାଚ ନିକଟରେ ସେବାୟତମାନେ ଉକ୍ତ ମହିଳା ଓ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖି ଶ୍ରୀମନ୍ଦିରରୁ ବାହାର କରିବା ସହ ପୋଲିସ ଜିମାରେ ଦେଇଥିଲେ। ଗୋଟିଏ ମାସରେ ଏହିଭଳି ଦୁଇଟି ଘଟଣା ଘଟିଥିବାବେଳେ ଶନିବାର ପୂର୍ବାହ୍ନରେ ପୁଣି ଜଣେ ବିଦେଶୀ ନାଗରିକ ନିଶାସକ୍ତ ଅବସ୍ଥାରେ ଶ୍ରୀମନ୍ଦିରରେ ପଶି ବେହେରଣ ଦ୍ୱାର ନିକଟ ପର୍ଯ୍ୟନ୍ତ ଯିବା ଓ ତାଙ୍କୁ ବାରଣ କରିବାରୁ ସେବାୟତ ଓ ନିୟୋଜିତ ପୋଲିସଙ୍କୁ ଆକ୍ରମଣ କରିଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିବାରୁ ପୋଲିସର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ମିଳିଥିବା ସୂଚନା ଅନୁଯାୟୀ ବିଦେଶୀ ପର୍ଯ୍ୟଟକ ଥୋମାସ କ୍ରୁଜ ସେଲ୍‌ଡନ। ସେ ବ୍ରିଟିଶ ନାଗରିକ ଅଟନ୍ତି। ସେ ପୁରୀର ଏକ ଆଶ୍ରମରେ ରହୁଛନ୍ତି। ଥୋମାସ ଶନିବାର ପୂର୍ବାହ୍ନରେ ପ୍ରଥମେ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିରେ ନିଶାସକ୍ତ ଅବସ୍ଥାରେ ଉତ୍ପାତ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସମୁଦ୍ରକୂଳ ଥାନା ପୋଲିସ ଥୋମାସଙ୍କୁ ଥାନାକୁ ଆଣିଥିଲା। ପରେ ତାଙ୍କ ସମ୍ପର୍କୀୟ ଥାନାକୁ ଆସି ଅଣ୍ଡରଟେକିଂ ଲେଖିବା ପରେ ପୋଲିସ ଛାଡ଼ିଥିଲା। ଏହାର କିଛି ସମୟ ପରେ ଥୋମାସ୍ ଶ୍ରୀମନ୍ଦିରରେ ପ୍ରବେଶ କରି ସେବାୟତ ଓ ପୋଲିସ କର୍ମୀଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ ତାଙ୍କୁ ତତକ୍ଷଣାତ୍ କାବୁ କରି ଟାଉନଥାନା ଆଣି ଅଧିକ ପଚରାଉଚରା ଜାରି ରଖିଥିଲା ଏହି ସମୟରେ ସମ୍ପୃକ୍ତ ପର୍ଯ୍ୟଟକ ଥାନା ମଧ୍ୟରେ ଉତ୍ପାତ କରିଥିଲେ। ଏପରି କି କାଚକୁ ବାଡ଼େଇ ଭାଙ୍ଗିବା ସମୟରେ ସେ ନିଜେ ମଧ୍ୟ ଆହତ ହୋଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସମ୍ପୃକ୍ତ ବିଦେଶୀ ପର୍ଯ୍ୟଟକ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଗଲେ କିମ୍ବା ଗତ ୨ଦିନ ହେବ ଭକ୍ତମାନେ ଯେପରି ପଶ୍ଚିମ ଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି, ସେହିଭଳି ଗଲେ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଳମାଳ ସୁରକ୍ଷାକର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ କିଭଳି ସମ୍ପୃକ୍ତ ବିଦେଶୀ ପର୍ଯ୍ୟଟକ ଶ୍ରୀମନ୍ଦିର ଭିତରକୁ ଗଲେ ସେନେଇ ପୋଲିସ ପ୍ରଶାସନର ପାରିବାପଣିଆ ଓ ସୁରକ୍ଷାକର୍ମୀଙ୍କ ଅବହେଳାକୁ ନେଇ ପ୍ରଶ୍ନ ଉଠିଛି।



# କାର୍‌ରୁ ୯ କେଜି ସୁନା ବିସ୍କୁଟ ଜବତ

## କୋଲକାତାରୁ ଓଡ଼ିଶା ଚାଲାଣ ବେଳେ ଧରିଲା ଡିଆର୍‌ଆଇ

**ଭୁବନେଶ୍ୱର,୩୦।୩ (ସୂର୍ଯ୍ୟକାନ୍ତ ବେହେରା)**



କିଛି ମାସର ବ୍ୟବଧାନ ପରେ ସୁନାଚାଲାଣ ଧରାପଡ଼ିଛି। କୋଲ୍‌କାତାରୁ କାର୍ ଯୋଗେ ଓଡ଼ିଶା ଚାଲାଣ ହେଉଥିବା ୬୫ଟି ସୁନା ବିସ୍କୁଟକୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ବା ଡାଇରେକ୍ଟୋରେଟ ଅଫ୍ ରେଭନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ଧରିଛି। ଏଥିସହିତ ଏହି ଚାଲାଣରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଜବତ ସୁନାର ଓଜନ ୯କେଜି ୧୮୦ଗ୍ରାମ ହୋଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ୬କୋଟି ୪୪ଲକ୍ଷ ୪୬ହଜାର ଟଙ୍କା ହେବ। ଜବତ ସୁନାକୁ ବିଦେଶରୁ ବେଆଇନ ଭାବେ ଅଣାଯାଇ ଓଡ଼ିଶାକୁ ଚାଲାଣ ହେଉଥିବା ଡିଆର୍‌ଆଇ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପ୍ରକାଶ ଯେ, କାର୍‌ରେ ସୁନା ଚାଲାଣ ହେଉଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ସନ୍ଧ୍ୟାରେ କଟକ ମଙ୍଑ୁଳି ବନ୍ଦାଲୋ ଟୋଲ ଗେଟ୍ ନିକଟରେ ଡିଆର୍‌ଆଇର ଏକ ଟିମ୍ ଚଢ଼ାଉ କରିଥିଲା। କାର୍ ଯାଞ୍ଚ ସମୟରେ ୬୫ଟି ସୁନା ବିସ୍କୁଟ ଠାବ କରାଯାଇଥିବାବେଳେ ଏହାର ପରିବହନ ପାଇଁ କୌଣସି ବୈଧ କାଗଜାଦି ଚାଲାଣକାରୀ ଦେଖାଇପାରି ନ ଥିଲେ। ଫଳରେ ଉକ୍ତ ସୁନା ବିସ୍କୁଟକୁ ଡିଆର୍‌ଆଇ ଟିମ୍ ଜବତ କରିବା ସହ କାର୍‌ରେ ଥିବା ୨ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ କଷ୍ଟମ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଅଭିଯୁକ୍ତଦ୍ୱୟ ଉକ୍ତ ସୁନା ବିସ୍କୁଟକୁ କେଉଁ ଦେଶରୁ ଓ କାହା ସାହାଯ୍ୟରେ ଆଣିଲେ ଏବଂ ଏଠାରେ ସୁନା କାହାକୁ ଦେଇଥାନ୍ତେ, ଏଭଳି ବିଭିନ୍ନ ଦିଗକୁ ନେଇ ଅଧିକ ଖୋଳତାଡ଼ କରାଯାଉଛି। ତଦନ୍ତ ଚାଲୁ ରହିଥିବାରୁ ଅଭିଯୁକ୍ତଦ୍ୱୟଙ୍କ ପାଖରୁ ଅଧିକ ସୁନା ବିସ୍କୁଟ ଜବତ ହେବା ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି।

# ଯୁବକଙ୍କୁ ଗଳାକାଟି ହତ୍ୟା

**ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସଦର ଥାନା କୁଲ୍‌ତା ନୂଆପାଲିରେ ଶନିବାର ଅଇଁଠାପାଲି ଥାନା ବୈଦାରନୂଆପାଲି ବାସିନ୍ଦା ଗଙ୍ଗାଧର ସାହୁଙ୍କ ଦ୍ୱିତୀୟ ପୁତ୍ର ସବ୍ୟସାଚୀ ସାହୁ ଓରଫ ଦାରାସିଂ(୪୭)ଙ୍କ ଗଳାକାଟି ହତ୍ୟା କରାଯାଇଛି। ଜମିବାଡ଼ି ନେଣଦେଣକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଆଇପିସି ଦଫା ୩୦୨, ୨୦୧ରେ ଏକ ମାମଲା (ନଂ. ୮୩/୨୦୨୪) ରୁଜୁ କରିଛି। ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ୩ ଏସ୍‌ଆଇଟି ତଦନ୍ତ ଚଳାଇଛି। ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ଘରେ ପଶି ୧୧୨ ଗ୍ରାମ୍ ଅଳଙ୍କାର, ୯୦ ହଜାର ଟଙ୍କା ଲୁଟ୍

## ମା, ଶିଶୁପୁତ୍ର ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କଲେ ଦୁର୍ବୃତ୍ତ

**ଖୁଣ୍ଟୁଣୀ, ୩୦।୩(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ଥାନା ରାଜା ଆଠଗଡ଼ ଷ୍ଟେଶନ ର୍‌ୟାକ୍ ସାଇଡ୍‌ଠାରେ ସେକ୍ ମୁସ୍ତାଫିଜ୍‌ଙ୍କ ଘରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ୧୧୨ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ମୁସ୍ତାଫିଜ୍ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୮୦/୨୪) ରୁଜୁ କରିଛି। ମୁସ୍ତାଫିଜ୍ ରାତି ପ୍ରାୟ ସାଢ଼େ ୯ଟାରେ ନମାଜ ପାଠ କରିବାକୁ ଖୁଣ୍ଟୁଣୀସ୍ଥିତ ମସ୍‌ଜିଦ୍‌କୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ୩/୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ତାଙ୍କ ଘର ପଛପଟ ପାଚେରି ଡେଇଁ ଭିତରକୁ ଆସିଥିଲେ। ଘରର ମୁଖ୍ୟ ଦ୍ୱାରରେ ବସିଥିବା ମୁସ୍ତାଫିଜ୍‌ଙ୍କ ମା’ ଅସୀମା ବିବିଙ୍କ ମୁହଁକୁ ବାନ୍ଧି ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ନେଇଥିଲେ। ଘର ଭିତରକୁ ଯାଇ ମୁସ୍ତାଫିଜ୍‌ଙ୍କ ସ୍ତ୍ରୀ ତାରାନୁନ୍ ନିଶାଙ୍କଠାରୁ ମୋବାଇଲ ଫୋନ୍ ଛଡ଼ାଇ ନେବା ସହ ତାଙ୍କର ଓ ତାଙ୍କ ଶିଶୁପୁତ୍ରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗଡ୍‌ରେଜ୍ ଚାବି ମାଗିଥିଲେ। ତାରାନୁନ୍ ଚାବି ନ ଥିବା କହିବାରୁ ଦୁର୍ବୃତ୍ତମାନେ ଶାବଳରେ ଗଡ୍‌ରେଜ୍‌କୁ ଭାଙ୍ଗି ଲକ୍‌ର ଭିତରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍‌ଆଇ ବିକାଶ ସେଠୀ, ଏଏସ୍‌ଆଇ ଅମ୍ବିକା ଦାସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଫେରି ଯାଇଥିଲେ। ଶନିବାର ମଧ୍ୟାହ୍ନରେ ପୁନର୍ବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ବିଭିନ୍ନ ସ୍ଥାନ ବୁଲି ତଦନ୍ତ କରିଛି।

# କୋଟିଆରେ ବୋର୍‌ୱେଲ୍ ଖନନକୁ ଗ୍ରାମବାସୀଙ୍କ ବିରୋଧ

- ପଞ୍ଚାୟତବାସୀଙ୍କୁ ବିଦ୍ୟୁତ୍‌ସେବା ଯୋଗାଇବାକୁ ଓଡ଼ିଶାର ପଦକ୍ଷେପ
- ସବ୍‌ଷ୍ଟେଶନ ଗୃହ ନିର୍ମାଣ ପୂର୍ବରୁ ପହଞ୍ଚିଥିଲା ବୋର୍‌ୱେଲ୍ ଖନନ ଗାଡ଼ି
- ସମସ୍ତଙ୍କୁ ସୁବିଧାରେ ବିଦ୍ୟୁତ୍ ସେବା ଯୋଗାଇବା ଲକ୍ଷ୍ୟ: ତହସିଲଦାର

**ପଟ୍ଟାଙ୍ଗି,୩୦।୩(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମବାସୀ କିପରି ସୁବିଧାରେ ବିଦ୍ୟୁତ୍ ସେବା ପାଇବେ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁସାରେ ଜିଲା ଓ ବ୍ଲକ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି। ଉକ୍ତ ପଞ୍ଚାୟତ ସଦର ମହକୁମାରୁ ଉପରସେମ୍ବି ଓ ନେରିଡ଼ିବାଲସାକୁ ଯାଇଥିବା ରାସ୍ତାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସବ୍‌ଷ୍ଟେଶନ ଗୃହ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ନିର୍ମାଣ କାର୍ଯ୍ୟ ବେଳେ ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ବୋର୍‌ୱେଲ୍ ଖନନ ପାଇଁ ଗାଡ଼ି ପହଞ୍ଚି ଶନିବାର କାର୍ଯ୍ୟ ଆରମ୍ଭ କରିଥିଲା। ଏହି ସମୟରେ ସେଠାରେ ଗ୍ରାମବାସୀ ପହଞ୍ଚି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ଏଠାରେ ଓଡ଼ିଶା ପକ୍ଷରୁ କୌଣସି ମାଇନ୍ସ କାମ କରିବାକୁ ଦେବେ ନାହିଁ କହି ଘଟଣାସ୍ଥଳରେ ଧାରଣା ଦେଇଥିଲେ।

ଅନ୍ୟପକ୍ଷରେ ଆନ୍ଧ୍ର ରାଜ୍ୟ ପକ୍ଷରୁ କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର ଗ୍ରାମରେ ବିଦ୍ୟୁତ୍ ମିଟର ଲଗାଇବା କାର୍ଯ୍ୟକୁ ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ବନ୍ଦ କରିବାର ଗୋଟିଏ ଦିନ ପରେ ଆନ୍ଧ୍ର ଷଡ଼ଯନ୍ତ୍ର କରି ଓଡ଼ିଶାର ଉକ୍ତ କାମକୁ ଗ୍ରାମବାସୀଙ୍କ ଜରିଆରେ ବିରୋଧ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ବାସ୍ତବରେ ପଞ୍ଚାୟତରେ କିଛି ମାଇନ୍ସ କାମ ହେଉଛି ବୋଲି ଗ୍ରାମବାସୀଙ୍କ ମନରେ ଧାରଣା ଉପୁଜି ସେମାନେ ଏହାକୁ ବିରୋଧ କରୁଛନ୍ତି। ମାତ୍ର ଏଭଳି କିଛି ମାଇନ୍ସ କାମ ସେଠାରେ କରାଯାଉନାହିଁ। ପଞ୍ଚାୟତବାସୀ କିପରି ସୁବିଧାରେ ବିଦ୍ୟୁତ୍‌ସେବା ପାଇବେ ସେନେଇ ବିଦ୍ୟୁତ୍ ବିଭାଗ ସବ୍‌ଷ୍ଟେଶନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବୋଲି ସେ କହିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର ପଟ୍ଟାଙ୍ଗି କନିଷ୍ଠ ଯନ୍ତ୍ରୀ ଅମିୟ ଭଞ୍ଜଙ୍କୁ ପଚାରିବାରୁ ସେ କହିଲେ, ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପାଣିର ସୁବିଧା ପାଇଁ ଏଠାରେ ବୋର୍‌ୱେଲ୍ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି।



ବୋର୍‌ୱେଲ୍ ଖନନକୁ ଗ୍ରାମବାସୀ ବିରୋଧ କରୁଛନ୍ତି।



**ଆଜିର ମନ୍ତବ୍ୟ**

“ସୁପ୍ରିମକୋର୍ଟ ଇଲେକ୍ଟୋରାଲ୍ ବଣ୍ଡ୍ ସ୍କିମ୍‌କୁ ରଦ୍ଦ କରିଦେବା ପରେ ନ୍ୟାୟପାଳିକା ଉପରେ କେନ୍ଦ୍ର ଚାପ ସୃଷ୍ଟି କରୁଛି। ନରେନ୍ଦ୍ର ମୋଦି ସରକାର ଏକ ନିରପେକ୍ଷ ତଥା ଦୃଢ଼ ନ୍ୟାୟପାଳିକା ଚାହୁଁନାହାନ୍ତି କି? – **ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନବନିର୍ମାଣ କୃଷକ ସଂଘ ପକ୍ଷରୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା, ସ୍ଥାନ: ସତ୍ୟ ନଗର, ସମୟ: ଅପରାହ୍ନ ୪ଟା।
- ଭାଷା ସଙ୍ଗୀତ ଶ୍ରୋତାର୍ପଣ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୯୬ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ଗ୍ରାମ, ସମୟ: ସକାଳ ୮ଟା।
- ସ୍ୱପ୍ନା ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଟକ ଚାଉଳିଆଗଞ୍ଜସ୍ଥିତ ଶ୍ରଦ୍ଧା ଗାର୍ଡେନ, ସମୟ: ସକାଳ ୯ଟା।
- ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ୪୨ ମୌଜା ଥାନା ଅନ୍ତର୍ଗତ ବସନ୍ତ କୁଣ୍ଡଳ ଗ୍ରାମ, ସମୟ: ଅପରାହ୍ନ ୫ଟା।

## ପୁରୀ

- ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ, ସ୍ଥାନ: ହୋଟେଲ ଚାରିଅଟ ସମ୍ମୁଖ, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦।
- ପୁରୀ ବାର୍ ଆସୋସିଏସନ୍ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ ପରିସର, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଅବସରରେ ଆଲୋଚନା ଚକ୍ର, ସ୍ଥାନ: ସଙ୍ଗୀତ ପରିଷଦ ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ଖଣ୍ଡୁରା ମହିଳା ସମାଜ ପ୍ରତିଷ୍ଠା ସମାରୋହ, ସ୍ଥାନ: ମାଳତୀ ଗାର୍ଡେନ ନୀଳଚକ୍ର ନଗର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦ୍ୱିତୀୟ ବୀର କଳିଙ୍ଗ ପୁତ୍ର ପ୍ରତିଯୋଗିତା ଅବସରରେ ବୈଠକ, ସ୍ଥାନ: ବ୍ୟାୟାମ ଭବନ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ଆମ ପୁସ୍ତକ ମେଳା, ସ୍ଥାନ: ମାଲୁଦ ପଞ୍ଚୁଦୋଳ ପଡ଼ିଆ, କୃଷ୍ଣପ୍ରସାଦ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ୨୦ତମ ବାର୍ଷିକୋତ୍ସବ, ସ୍ଥାନ: ଗୋପାଳପୁର, ନହନ୍ତରା, ନିମାପଡ଼ା, ସମୟ: ଅପରାହ୍ନ ୫ଟା।
- ଏକକ ନାଟକ/ନୃତ୍ୟ ଓ ନୃତ୍ୟନାଟିକା 'ଏଇ ଆମରି ଗାଁ' ପରିବେଷଣ, ସ୍ଥାନ: ବଡ଼ହାଟ ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକୋତ୍ସବ, ସ୍ଥାନ: ଗୋପ ମାଟିଆଖାତ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟାଦଶତମ ପ୍ରବଚନ ଓ ନାମଯଜ୍ଞ, ସ୍ଥାନ: ବଣିଆସାହି, ଗୋପ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ୨୭ତମ ବାର୍ଷିକ ଷୋଡ଼ଶ ପ୍ରହର ଭାଗବତ ନାମଯଜ୍ଞ ଓ ସାଧୁମେଳା, ସ୍ଥାନ: ପାନନଗର, ରାଜସୁନାଖଳା ଶୂନ୍ୟଆଶ୍ରମ ଭାଗବତ ସେବାସଦନ ପରିସର(ବୋଲଗଡ଼), ସମୟ: ପ୍ରାତଃ ୫ଟା।
- ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଜୟୀ ରାଜଗୁରୁ ପ୍ରାଥମିକ ବିଦ୍ୟାଳୟ, ଜେମାଦେଈ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ନୟନ ପ୍ଲାଜା, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ବସନ୍ତ ଉତ୍ସବ, ସ୍ଥାନ: କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, କାଦରାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜଳଙ୍ଗ ଚଣ୍ଡି ମନ୍ଦିର ପ୍ରାଙ୍ଗଣ, ଖଇରା, ସମୟ: ସକାଳ ୮ଟା।
- ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ଥାନ: ବାଲେଶ୍ୱର ଝାଡେଶ୍ୱର ଇଣ୍ଟରନ୍ୟାଶନାଲ ସ୍କୁଲ ପରିସର, ଷ୍ଟେଶନ ରୋଡ, ସମୟ: ସକାଳ ୯ଟା।
- ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ମିର୍ଜାପୁର ୟୁପି ସ୍କୁଲ, ଖଇରା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାଇପାସ୍ ଜଗନ୍ନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୭ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ବେତଡ଼ା ନାମଯଜ୍ଞ ମନ୍ଦିର, ବାସୁଦେବପୁର, ସମୟ: ସକାଳ ୮ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ନରେନ୍ଦ୍ର ରୟାଲ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାସୁଦେବପୁର ବିଜେଡି ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ନନ୍ଦପୁର ବଜାର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ସ୍ଟୁଆର୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ଅପରାହ୍ନ ୪ଟା ୩୦।
- ଲିଟିଲ ସ୍କଲରାଲ ପବ୍ଲିକ୍ ସ୍କୁଲର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ(ଡିଗିଆଡ଼ି), ବନ୍ତ, ସମୟ: ଅପରାହ୍ନ ୪ଟା ୩୦।
- ମା' ଥାନପତି କ୍ରିକେଟ ଗ୍ରାଣ୍ଡ ଫାଇନାଲ, ସ୍ଥାନ: ଧୋବାତଳିଆ, ଦେବତାଗଡ଼ିଆ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଗୃହ ସମ୍ପର୍କ ଅଭିଯାନ ଏବଂ କର୍ମୀ ବୈଠକ, ସ୍ଥାନ :ହବଳେଶ୍ୱର ଓ ମରୈଗାଁ ପଞ୍ଚାୟତ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଜଳସୁଆଁ ନୟାଗଡ଼, ଆନନ୍ଦପୁର, ସମୟ: ସନ୍ଧ୍ୟା ୫ଟା ୩୦।
- ସିଟି କିଡ଼୍‌ସର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝରେ କାଳି ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ସାଳଦେଇ ବ୍ରାହ୍ମନ୍ଦା, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ପୁରୁଣା ବାନ୍ଧଗୋଡ଼ା ତିଗିରିଆ, ଘସିପୁରା, ସମୟ: ରାତି ୮ଟା।
- ତିନିଦିନ ଧରି ବାଦିପାଲା, ସ୍ଥାନ: ପୁରୁଣା ବାନ୍ଧଗୋଡ଼ା ନଣ୍ଡାବର, ଘସିପୁରା, ସମୟ: ରାତି ୮ଟା।
- ବାଦୀପାଲା କାର୍ଯ୍ୟକ୍ରମ, ସ୍ଥାନ: ଶାସଙ୍ଗ ଗ୍ରାମ ସତ୍ୟ ନାରାୟଣ ପାଲା ପେଣ୍ଡାଲ, ହାଟଡ଼ିହୀ, ସମୟ : ରାତି ୯ ଟା।

## ମୟୂରଭଞ୍ଜ

- ଶିରିଡ଼ି ସାଇ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ପୁରୁଣା ପାଣି-ଭୀମତାଳି, ଉଦଳା, ସମୟ: ସକାଳ ୬ଟା।
- ସଂକୀର୍ତ୍ତନ ଓ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଉଦଳା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ବିନା ଔଷଧରେ ପରମାନେଣ୍ଟ ଚିକିତ୍ସା, ସ୍ଥାନ: ଆୟୁର୍ବେଦ ଓଡ଼ିଶା ଭବନ, ମଧୁବନ ବାରିପଦା,ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ୮୯ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।
- ନଗର କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ନିତାଇଗୌର ସେବାଶ୍ରମ ପରିସର, ସମୟ: ସକାଳ ୯ଟା।
- ମା'ମାହେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା, ଘଟସ୍ଥାପନ, ସ୍ଥାନ: ମହିରା ଗ୍ରାମ, ଜଗତ୍‌ସିଂହପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକ ବୈଠକ, ସ୍ଥାନ: ଧଳତଙ୍ଗଗଡ ଜଙ୍ଗଲ, ଗୋପାଳପୁର, ରଘୁନାଥପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପରିବେଶ ସୁସ୍ଥ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ମହାପୀଠ, କୋଚିଲା, ମହାକାଳପଡା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଯାଜପୁର ରୋଡ ଧବଳଗିରି ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଯାଜପୁର ବ୍ଲକ ଛତିଶଦେଉଳ ପଞ୍ଚାୟତର ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲାସିକାଲ ନାଇଟ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।
- ଦୁର୍ଗା ମେଳଣ କମିଟି ପକ୍ଷରୁ ଶ୍ରୀଶ୍ରୀ ରାଧାକୃଷ୍ଣଜୀଉଙ୍କ ମେଳଣ ଉତ୍ସବ, ସ୍ଥାନ: ଯାଜପୁର ରୋଡ କୋପଣ୍ଡ ଛକ, ସମୟ: ରାତି୨ଟା।

## ନୟାଗଡ଼

- ରଣପୁର ପଞ୍ଚୁ ଦୋଳଯାତ୍ରା ସନ୍ଧ୍ୟାରେ ଠାକୁରଙ୍କ ରଙ୍ଗ ଖେଳ, ସ୍ଥାନ: ପଞ୍ଚୁଦୋଳ ପଡିଆ, ସମୟ: ସକାଳ ୬ଟା।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ମେଳଣ ପଡିଆ, ସମୟ: ସକାଳ ୮ଟା।
- ପଞ୍ଚୁଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୯ଟା।
- ଭାଜପା ବିଜେଡି ଇଲୋକ୍ଟୋରାଲ ବଣ୍ଡ ସ୍କାମ ସମ୍ପର୍କରେ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଖଣ୍ଡପଡା ବ୍ଲକର ପାଣସାହୁପାଟଣା ଏମଇ ସ୍କୁଲ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା,ସ୍ଥାନ:ବ୍ରହ୍ମପୁର ଷ୍ଟାଡିୟମ,ସମୟ:ସକାଳ ୯ଟା ୩୦।
- ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ୩ୟ ବାର୍ଷିକ ସାଧାରଣ ସଭା, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ:ତୁଳସୀ ନଗର ଭୈରବୀ କଲ୍ୟାଣ ମଣ୍ଡପ, ସମୟ:ଅପରାହ୍ନ ୪ଟା୩୦।

## ଗଞ୍ଜାମ

- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ରୁଢ଼ାପଦର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡି ଇସ୍କନ ମନ୍ଦିର, ସମୟ: ସନ୍ଧ୍ୟା ୫ଟା।

## କନ୍ଧମାଳ

- କଂଗ୍ରେସ ପକ୍ଷରୁ ଇଲେକ୍ଟୋରାଲ ବଣ୍ଡ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା୩୦।
- ଫୁଲବାଣୀ ବାଣିଜ୍ୟ ମେଳା, ସ୍ଥାନ: ବିଟିଏମ ପଡ଼ିଆ, ସମୟ:ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀ ମନ୍ଦିର ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ।ଧ୍
- ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସ୍ଥାନ: ମୁଣ୍ଡିଦେଉଳି କାମାକ୍ଷାନଗର, ସମୟ: ସନ୍ଧ୍ୟା ୬ ଟା।

## ଅନୁଗୋଳ

- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ ଅନୁଗୋଳ, ସମୟ: ମଧ୍ୟାହ୍ନ ୧୨ଟା।
- ଅନୁଗୋଳ ସ୍ୱାଭିମାନ ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ଜୈନ କଟେଜ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ଅନୁଗୋଳ, ସମୟ:ଅପରାହ୍ନ ୩ ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ସ୍ଥାନ: କଂଗ୍ରେସ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଦୋଳ ଉତ୍ସବ ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ଜରଡା ଗ୍ରାମ ଯାତ୍ରା ପଡିଆ, ସମୟ: ରାତି ୯ ଟା।

## ନବରଙ୍ଗପୁର

- ଲାୟନ୍ସ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନବରଙ୍ଗପୁର ସୌରସାହି କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ମା' କାଳୀ ସୁନ୍ଦରୀ ମନ୍ଦିର ରତ୍ନମୁଦ, ଦେବତା ନଗର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବିଶ୍ୱଶାନ୍ତି ପାଇଁ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସର କୋରାପୁଟ, ସମୟ: ସକାଳ: ୮ଟା।
- ଭାଜପା ଲୋକସଭା ପ୍ରାର୍ଥୀ କାଳୀରାମ ମାଝିଙ୍କ କର୍ମୀ ସମ୍ମିଳନୀ, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦.୩୦।

## ମାଲକାନଗିରି

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର ପରିସର, ବାଲିମେଳା, ସମୟ: ସନ୍ଧ୍ୟା ୬ଟା୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ୫୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ, ସମୟ: ସକାଳ ୮ଟା।
- ବିଶାଳ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ଶାସନ ନିକଟ ପଣ୍ଡନ ସରୋବର, ସମୟ: ସକାଳ ୮ଟା।
- ଦୁଇଦିନିଆ ଭାରତୀ ଉତ୍ସବ ଆରମ୍ଭ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଡଙ୍ଗରାପଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବଲାଙ୍ଗୀର ଆର୍ଯ୍ୟ ସମାଜର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦୦ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଆର୍ଯ୍ୟ ସମାଜ, ବଲାଙ୍ଗୀର ସମୟ: ସକାଳ ୭ଟା୩୦।
- ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ତମ ଜୟନ୍ତୀ ସମାରୋହ,ସ୍ଥାନ: ରାଜେନ୍ଦ୍ର ପାର୍କ, ବଲାଙ୍ଗୀର ସମୟ: ୯ଟା ୩୦।
- କୁଲତା ସମାଜ ତରଫରୁ ରଣେଶ୍ୱର ରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର, ସମୟ: ପୂର୍ବାହ୍ନ ୧୦ ଟା।
- ମା' ବନ୍ଧେନ ଫୁଟବଲ ଟୁର୍ନାମେଣ୍ଟର ଶୁଭ ଉଦ୍‌ଘାଟନ, ସ୍ଥାନ: ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ, ଅପରାହ୍ନ ୪ଟା।
- କଣ୍ଟାବାଞ୍ଜି କୁର୍ଲିସ୍ଥିତ ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୫ଟା।
- ମୁରିବାହାଲ ଡ଼ିଭାଇନ କିଟ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିଅର ଲିଗ୍ କ୍ରିକେଟର ତୃତୀୟ ଦିବସ, ସ୍ଥାନ: ବହଳପଦର ଖେଳପଡିଆ,ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଟିଙ୍ଗିରାନାଲି ଗ୍ରାମ,ବୀରମହାରାଜପୁର, ସମୟ: ସକାଳ ୮ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ଆମ୍ବସରଭଟା, ବୀରମହାରାଜପୁର,ସମୟ: ସକାଳ ୯ଟା।
- ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଓକିଲ ସଂଘ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଅଭିରାମ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୫, ସମୟ: ସକାଳ ୭ଟା।
- ଜାତୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭଞ୍ଜଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସକାଳ ୯ଟା ୩୦।
- ଚନ୍ଦ୍ରଶେଖର ସ୍ପୋର୍ଟସର ସମ୍ବର୍ଦ୍ଧନା ସଭା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଜୁଏଲ ଓରାମଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବ ଭାରତୀୟ କ୍ୱିଜ ପ୍ରତିଯୋଗୀତା, ସ୍ଥାନ:-ଛେଣ୍ଡ,ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟର ପର୍ବ ପାଳନ, ସ୍ଥାନ: ଝିରପାଣି, ସମୟ: ସକାଳ ୮ଟା।
- ଜାତୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।
- କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ଲକ୍ଷେ ଘର ସମାଜର ବୈଠକ: ସ୍ଥାନ: ଆରଆରଆଇଟି କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ଓ ଶିକ୍ଷା ବିଭାଗର ୨ କର୍ମଚାରୀଙ୍କୁ ବ୍ଲକସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ କଚାରୁ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଶିବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କେନ୍ଦପାଲି, ସମୟ: ସକାଳ ୮ଟା।
- ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କୁରୁଆଁ ଉପରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା
- ମାଁ କୈଳାସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୃନ୍ଦଧର, ଅତାବିରା, ସମୟ: ସକାଳ ୮ଟା
- ପେହଚାନ୍ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଗାଇସିଲେଟ, ସମୟ: ସକାଳ ୮ଟା।
- ବାବେବାହାଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାବେବାହାଲ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ, ସ୍ଥାନ: ପଦ୍ମପୁର, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଇଷ୍ଟର ସଣ୍ଡେ ଉପଲକ୍ଷେ ସାମୂହିକ ପ୍ରାର୍ଥନା, ସ୍ଥାନ: ଭବାନୀପାଟଣା ଅରବିନ୍ଦ ସ୍କୁଲ ନିକଟ ଚର୍ଚ୍ଚ, ସମୟ: ସକାଳ ୮ଟା।
- ନିର୍ବାଚନ ବଣ୍ଡକୁ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା କଂଗ୍ରେସ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ବାଲିଯାତ୍ରା ମହୋତ୍ସବ, ଭୀମା ବିବାହ କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ଝରିଆଗୁଡାଠାରେ, ସମୟ: ଅପରାହ୍ନ ୨ଟା।

## ନୂଆପଡ଼ା

- କମ୍ପ୍ୟୁଟର ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଡ଼ିଆଳ ପାଟଣାକ୍ଷତ୍ରିୟ ସମାଜ କଲ୍ୟାଣ ଭବନ ମୁକ୍ତାପୁର ୱାର୍ଡ଼ ନଂ. ୧, ସମୟ: ସକାଳ ୯ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡ଼ିଆଳ ବ୍ଲକ ବରଗାଁ, ସମୟ: ଅପରାହ୍ନ ୪ଟା।
- ଓମ୍‌ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଖଡ଼ିଆଳ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପଲସାଗୋରାଠାରେ କୋଶଳୀ କଳାପଟା ଫଲଶାଫୁଲର ତିସରା ବଛରକିଆ ତିହାର, ସ୍ଥାନ: ପଲସାଗୋରା, କଣ୍ଟାମାଳ, ସମୟ: ସକାଳ ୮ଟା।
- ମନୁପାଲିଠାରେ ଷୋଡଶ ବରକନିଆଁ ମହୋତ୍ସବ ଅବସରରେ ହରେକୃଷ୍ଣ ମହାମନ୍ତ୍ର, ବ୍ରତପନୋୟନ,ସ୍ଥାନ: ହନୁମାନ ମନ୍ଦିର , ବରକନିଆଁ ମନୁପାଲି, ବୌଦ୍ଧ, ସମୟ: ସକାଳ ୯ଟା।
- ଆମ୍ବଗାଁ ପଞ୍ଚାୟତର ଦେଢେଣମାଲରେ ମା' କନ୍ଧେନବୁଢୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ଆଦିବାସୀ ଖେଳପଡିଆ ଦେଢେଣମାଲ,କଣ୍ଟାମାଳ, ସମୟ: ମଧ୍ୟାହ୍ନ ୧୨ ଟା।
- ଘଣ୍ଟାପଡା ପଞ୍ଚାୟତର ରେକଡୋଲରେ ତ୍ରିନାଥ ପୂଜା ମହୋତ୍ସବ, ସ୍ଥାନ: ରେକଡୋଲ ତ୍ରିନାଥ ମଣ୍ଡପ,କଣ୍ଟାମାଳ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବସାଲଇ ଓ କାଲକାଠ ୟୁପି ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ୩୭ତମ କେନ୍ଦ୍ର ସଭା ପଞ୍ଚଶତ ଭୂୟାଁ ସମାଜ, ସରୁପା କେନ୍ଦ୍ର, ସ୍ଥାନ ତିଲେଇବନି ବ୍ଲକ ସାଲେହି, (ବଡ଼ ବାରହ), ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା, ପ୍ରବଚନ, ସ୍ଥାନ: ଲାଲୁ ସାହି, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଦୋଳ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭୂୟାଁ ସାହି, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ଚନ୍ଦ୍ର କେନ୍ଦ୍ରରେ ଶନିଥିବାରୁ ମନକୁ ବିକ୍ଷିପ୍ତ ଭାବନାରେ ଚିନ୍ତିତ କରାଇବେ। ରାଜନୀତି, ପ୍ରଶାସନ, ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବୃଷ** ଆଜି ରାଶ୍ୟାଧିପତି କର୍ମ ଭାବରେ ଥିବାରୁ ଅର୍ଥ ଓ ସମ୍ମାନ ପାଇବେ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜିବେ। ପରିଜନଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇପାରେ। ନିର୍ମାଣ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ସାଙ୍ଗକୁ ମାଲିମକଦ୍ଦମା ପ୍ରଭୃତିରେ ସଫଳତା ହାସଲ କରିବେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ଉପରିସ୍ଥଙ୍କ ଆଦେଶାନୁସାରେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ। ନିଜ ପରିସରରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଜମିଜମା କାରବାର, କଳ, କାରଖାନା ଓ ଧାତୁ ଅଳଙ୍କାର କାମରୁ ଲାଭବାନ୍ ହେବେ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଅନୁକମ୍ପାରୁ କାର୍ଯ୍ୟ ହାସଲ କରିବେ। ସମସ୍ୟା ସମାଧାନରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରୁ ମାନସିକ ସାନ୍ତ୍ୱନା ମିଳିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତିରେ ଆଜିର ଆଲୋଚନା ଫଳପ୍ରଦ ନ ହୋଇପାରେ।

**ସିଂହ** ସହକର୍ମୀମାନଙ୍କ ପିଠି ଥାପୁଡ଼େଇ କାମ ହାସଲ କରିବେ। ମାତ୍ର ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଆଖିରେ ନଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ପ୍ରତିବନ୍ଧକ କାରଣରୁ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା** ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ହଇରାଣରେ ପଡ଼ିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ପ୍ରତ୍ୟେକ କଥାରେ ବିରକ୍ତିବୋଧ ଅନୁଭବ କରିପାରନ୍ତି।

**ତୁଳା** ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବିଭିନ୍ନ କ୍ଷେତ୍ରରୁ ନିଜ ଲୋକମାନଙ୍କ ବିରୁଦ୍ଧରେ ଅଭିଯୋଗ ଆସିପାରେ। ଭାବୁଥିବା ବିଷୟଟାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ପରିବାର ଭିତରେ ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା** ପ୍ରତ୍ୟେକ ପରିସ୍ଥିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ। ବନ୍ଧୁଙ୍କ ନିକଟରୁ ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ପଡ଼ୋଶୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟରେ ସକ୍ଷମ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ବିଶେଷତଃ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କଠିନ ଶ୍ରମ ଓ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ସୂଚନା ରହିଛି। ଅସମର୍ଥିତ ସୂତ୍ରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବହୁତ ଦିନରୁ ଅଟକି ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। କର୍ମକ୍ଷେତ୍ରରେ ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ସମର୍ଥ ହୋଇପାରିବେ। ଅର୍ଥ ସଙ୍କଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ସ୍ୱାର୍ଥ ହାସଲ ନ କରି ପାରିବା କାରଣରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବା କାରଣରୁ ସାମାନ୍ୟ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପ୍ରତିଯୋଗିତା, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ମାଲିମକଦ୍ଦମାରେ ମଧ୍ୟ ସଫଳତା ହାସଲ କରିବେ। ପରିବାରର କୌଣସି ବ୍ୟତିକ୍ରମକୁ ସୁଧାରିବାର ଉପକ୍ରମ କରିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ମାର୍ଚ୍ଚ ୩୧ ତାରିଖ, ଆର୍ଥିକ ବର୍ଷ ଶେଷ, ଇଷ୍ଟର ରବିବାର, ଚୈତ୍ର କୃଷ୍ଣ ଷଷ୍ଠି ରବିବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠିର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ଗତେ ଘ.୦୯।୪୮ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୭ ମଧ୍ୟେ ରାହୁକାଳ ।

**ପ୍ରଥମ ପୃଷ୍ଠାରୁ...**

## ବିଜେଡି ଛାଡ଼ିଲେ ଅନୁଭବ...

ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛି। ମୋର ଜୀବନ ସମାଜ ସେବା ଓ କୋରେଇବାସୀଙ୍କ ସେବା ପାଇଁ ସମର୍ପିତ। ଜନ୍ମମାଟି କୋରେଇ ମା'ର ସେବା କରିବା ପାଇଁ ରାଜନୀତିରେ ଯୋଗ ଦେଇଥିଲି। ୨୦୧୯ରେ ମୋର ଟିକେଟ ବିନା କାରଣରେ କାଟି ଦିଆଯାଇଥିଲା। ହେଲେ ବିନା ପ୍ରତିବାଦରେ ମୁଁ ଦଳ ସହ ଥିଲି ଓ ଶୃଙ୍ଖଳାର ସହ କାମ କରୁଥିଲି। ୫ ବର୍ଷ ବିଧାୟକ ନ ଥାଇ ମଧ୍ୟ ମୁଁ ଦଳ ପାଇଁ କଠିନ ପରିଶ୍ରମ କରିଛି। ଖରା ହେଉ ବା ବର୍ଷା ମୁଁ ଦଳ ପାଇଁ ପ୍ରଚାର କରିଛି। ୩୦ଟି ଜିଲା ବୁଲି ଦଳ ପାଇଁ ପରିଶ୍ରମ କରିଛି। ଏତେସବୁ ପରେ ମଧ୍ୟ ଦଳ ମୋ ଗୁରୁତ୍ୱ ବୁଝିପାରିଲାନାହିଁ। ସେଥିପାଇଁ ଦଳ ଛାଡ଼ିଦେଲି । ଆଗାମୀ ଦିନରେ କୋରେଇବାସୀଙ୍କ ଭଲ ପାଇବାକୁ ପାଥେୟ କରି ସମର୍ଥକ ଓ ସାଥୀଙ୍କ ପରାମର୍ଶରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଆକାଶ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କୋରେଇ ବିଧାୟକ ଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନ ଥିଲା। ତାଙ୍କ ସ୍ଥାନରେ ଦଳ ଅଶୋକ କୁମାର ବଳଙ୍କୁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ବିଜୟୀ ହୋଇଥିଲେ। ୨୦୨୪ରେ ଆକାଶ ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। ବିଜେଡି ଛାଡ଼ିବା ପରେ ଆକାଶ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି।

## ୨ରୁ ସକାଳୁଆ...

ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ହୋଇଛି। ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲ ଗାଇଡ୍‌ଲାଇନ୍ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ କର୍ତ୍ତୃପକ୍ଷ ସ୍କୁଲରେ ପିଇବା ପାଣି, ଓଆର୍‌ଏସ୍ ପ୍ୟାକେଟ ଏବଂ ଅନ୍ୟାନ୍ୟ ଜରୁରୀ ବ୍ୟବସ୍ଥା ରଖିବାକୁ କୁହାଯାଇଛି। ସେହିପରି ଜିଲାପାଳ ସ୍ଥିତି ଉପରେ ନଜର ରଖିବେ ଏବଂ ସ୍ଥିତି ଦେଖି ଉପରୋକ୍ତ ନିର୍ଦ୍ଦେଶକୁ ପରିବର୍ତ୍ତନ କରିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଭର୍ତ୍ତୃହରି କଟକ...

ଯାଜପୁର ସଂରକ୍ଷିତ ଆସନରୁ ଡାକ୍ତର ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଭାଜପା ଟିକେଟ ଦେଇଛି। ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକରେ ଅନୁମୋଦନ ପରେ ଏହି ଘୋଷଣା କରାଯାଇଛି। ପୂର୍ବରୁ ଭାଜପା ରାଜ୍ୟର ମୋଟ ୨୧ଟି ଲୋକ ସଭା ଆସନରୁ ୧୮ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଦଳ ପକ୍ଷରୁ ଜାରି ଅଷ୍ଟମ ପର୍ଯ୍ୟାୟ ତାଲିକାରେ ଓଡ଼ିଶାର ବାକି ଥିବା ୩ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ସମେତ ୧୧ ଜଣଙ୍କ ନାଁ ଘୋଷଣା ହୋଇଛି। କଟକ ଆସନରୁ ବିଜେଡି ଟିକେଟରେ ୬ ଥର ବିଜୟୀ ହୋଇଥିବା


ସୁକାନ୍ତ କୁମାର ପାଣିଗ୍ରାହୀ


ରବୀନ୍ଦ୍ର ନାରାୟଣ ବେହେରା

ଭର୍ତ୍ତୃହରି ମାର୍ଚ୍ଚ ୨୮ରେ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ପ୍ରକାଶ ଯେ, କଟକରେ ବିଜେଡି ସଂନ୍ତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳରେ ଅଚ୍ୟୁତ ସାମନ୍ତ ଓ ଯାଜପୁରରେ ଶର୍ମିଷ୍ଠା ସେଠୀ ଶାସକ ଦଳର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି।

ସାକ୍ଷାତ୍କାର
ଶର୍ମିଷ୍ଠା ପାଣିଗ୍ରାହୀ

# 'ଏଠି ସଙ୍ଗୀତ, ସଂସ୍କୃତି, କଳାର ସ୍ୱତନ୍ତ୍ର ଚାହିଦା ରହିଛି'

**କଣ୍ଠଶିଳ୍ପୀ ନୀତିମୋହନ ଶର୍ମା**



ନିଜ ସୁରିଲା କଣ୍ଠରେ ବିଭିନ୍ନ ଭାଷାରେ ଗୀତ ଗାଇ ଶ୍ରୋତାଙ୍କୁ ନିଜର କରିପାରୁଥିବା କଣ୍ଠଶିଳ୍ପୀ ହେଉଛନ୍ତି ନୀତିମୋହନ ଶର୍ମା, ଯାହାଙ୍କୁ ସମସ୍ତେ ନୀତିମୋହନ ନାମରେ ଜାଣନ୍ତି। ୧୯୭୯ ନଭେମ୍ବର ୧୮ରେ ଦିଲ୍ଲୀଠାରେ ତାଙ୍କର ଜନ୍ମ। ବଲିଉଡ୍‌କୁ ଅନେକ ହିଟ୍ ଗୀତ ଦେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି ସେ। ହିନ୍ଦୀ, ତାମିଲ, ମରାଠୀ, କନ୍ନଡ଼, ବେଙ୍ଗଲି, ପଞ୍ଜାବୀ, ଇଂଲିଶ ଭଳି ଅନେକ ଭାଷାରେ ସେ ଗୀତ ଗାଇଛନ୍ତି। ୨୦୧୨ରେ ବଲିଉଡ୍ ଚଳଚ୍ଚିତ୍ର 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍'ରେ ଇସ୍କ ୱାଲା ଲଭ୍ ଗୀତ ଗାଇ ସେ ଅନେକ ପ୍ରଶଂସା ସାଉଣ୍ଟିଥିଲେ। ଏହାପରେ ସେ କେବେ ପଛକୁ ଫେରିନାହାନ୍ତି। ଦେଶର ବିଭିନ୍ନ ସ୍ଥାନରେ ରହିଛି ନୀତିଙ୍କର ଲୋକପ୍ରିୟତା। ଫିଲ୍ମ ଫେୟାର ଆୱାର୍ଡ, ଆର୍.ଡି. ବର୍ମନ ଆୱାର୍ଡ, ବେଷ୍ଟ ଫିମେଲ୍ ପ୍ଲେବ୍ୟାକ୍ ସିଙ୍ଗର ଭଳି ଅନେକ ପୁରସ୍କାର ସେ ପାଇଛନ୍ତି। ଜିୟା ରେ, ନଜର ଲାୟେ, ଦରବାର, ତୁ ହି ତୁ, ମହବତ୍ ବୁରି ବିମାରି, ସପ୍ନା ଜାହାନ୍, ହଲେ ଇ ଦିଲ୍, ମେରି ଜିନ୍ଦେଗୀ ହେ ତୁ, ମେରି ଜାନ୍... ଭଳି ଅନେକ ଗୀତ ସେ ଗାଇଛନ୍ତି। ଶନିବାର ଭୁବନେଶ୍ୱରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ 'ଧରିତ୍ରୀ' ସହ ତାଙ୍କର ସ୍ୱତନ୍ତ୍ର ସାକ୍ଷାତ୍କାର।

**ପୂର୍ବରୁ ଅନେକଥର ଓଡ଼ିଶା ଆସିଛନ୍ତି। ମାତ୍ର ଏଥରର ଗସ୍ତ, ପ୍ରଦର୍ଶନ ସମ୍ପର୍କରେ କ'ଣ କହିବେ?**

ଯେତେଥର ପ୍ରଦର୍ଶନ କଲେ ବି ଶ୍ରୋତାଙ୍କ ପାଇଁ ସବୁବେଳେ ନୂଆ ଆଉ ବେଷ୍ଟ ପ୍ରଦର୍ଶନ ପାଇଁ ପ୍ଲାନ ଥାଏ। ମୋ ଟିମ୍ ସହ ମିଶି ସଙ୍ଗ ଲିଷ୍ଟ ପ୍ରସ୍ତୁତ କରିଛି। ଓଡ଼ିଶା ମାଟିରେ ପହଞ୍ଚିଲେ ହିଁ ଜୟ ଜଗନ୍ନାଥ ପାଟିରୁ ବାହାରିଯାଏ। ଏହି ମାଟି ହିଁ ସେମିତି, ଯେଉଁଠିକି ଆସିଲେ ବ୍ଲେସଡ୍ ଫିଲ୍ ହୁଏ। ଏଠି ସଙ୍ଗୀତ, ସଂସ୍କୃତି, କଳାର ଏକ ସ୍ୱତନ୍ତ୍ର ଚାହିଦା ସବୁବେଳେ ରହିଆସିଛି।

**କ୍ୟାରିୟର ପାଇଁ ସଙ୍ଗୀତକୁ କାହିଁକି ବାଛିଲେ?**

ମୁଁ ଉଭୟ ନୃତ୍ୟ ଓ ଗୀତ ପାଇଁ ଇଚ୍ଛୁକ ଥିଲି। କେଉଁଟାକୁ ବାଛିବି ଜାଣିପାରୁ ନ ଥିଲି। ବାପା କହିଲେ, ବେଳେବେଳେ ଜୀବନ ହିଁ ଜୀବିକା ଆଡ଼କୁ ଟାଣିନେଇଯାଏ। ତେଣୁ ହୃଦୟକୁ ଅନୁସରଣ କରିବା ଉଚିତ। ତା' ପରେ ମୁଁ ସେଇଆ ହିଁ କଲି। ଏହାପରେ ମୁଁ ଗୋଟେ ରିଆଲିଟି ଶୋ' ଜିତିଲି। ସେଇଠୁ ମୁଁ ମୋ ପ୍ରଶ୍ନର ଉତ୍ତର ପାଇଗଲି।

**ଆଉ କେଉଁ କ୍ଷେତ୍ରରେ ଯିବାକୁ ଇଚ୍ଛା ଥିଲା?**

ଏନ୍‌ସିସିରେ ଥିଲି। ଆର୍ମି ପାଇଁ ଆପ୍ଲାଏ ବି କରିଥିଲି। ଆର୍ମିରେ ଯୋଗଦେଇ ୟୁନିଫର୍ମ ପିନ୍ଧି ଦେଶସେବା କରିବାକୁ ବହୁତ ଇଚ୍ଛା ଥିଲା। ଭଗବାନଙ୍କର ବୋଧେ କିଛି ଅଲଗା ପ୍ଲାନ୍ ଥିଲା।

**ସଙ୍ଗୀତ ଶାନ୍ତି ଦିଏ ବୋଲି ସମସ୍ତେ କୁହନ୍ତି। ଜଣେ କଣ୍ଠଶିଳ୍ପୀ ଏହାକୁ କିପରି ଅନୁଭବ କରନ୍ତି?**

ମୁଁ ଯେବେ ଏକା ଥାଏ, କିଛି ଭଲ ନ ଲାଗେ, ସେବେ ଗୀତ ଶୁଣିଦେଲେ ହିଁ ମନଟା ହାଲୁକା ହୋଇଯାଏ, ଭଲ ବି ଲାଗେ। ଡିଭୋଶନାଲ୍ ହେଉ କି କିଛି ଲଭ୍ ସଙ୍ଗ୍ ଶୁଣିଦେଲେ ମୁଁ ଠିକ୍ ହୋଇଯାଏ। ସଙ୍ଗୀତ ଭଲ ପାଇବା ଓ ଶାନ୍ତି ଆଣିଦିଏ।

**କୋରିଆରେ ପ୍ରଦର୍ଶନ କରିବାର ଅନୁଭୂତି କିଭଳି ଥିଲା?**

ବହୁତ ହିଁ ନିଆରା ଓ ସୁନ୍ଦର। ଅନେକ ପ୍ରଶଂସା ମିଳିଥିଲା। ଫୋନ୍‌ରେ ବସି ଲିରିକ୍ସ ଶିଖିଲି। ଜଣେ ଭାରତୀୟ କଣ୍ଠଶିଳ୍ପୀ ଭାବେ କୋରିଆରେ ପ୍ରଦର୍ଶନ କରିବାର ସୁଯୋଗ ମିଳିବା ଯେତିକି ସୌଭାଗ୍ୟପୂର୍ଣ୍ଣ ଥିଲା, ପ୍ରଦର୍ଶନ ପରେ ମିଳିଥିବା ଭଲପାଇବା ମୋତେ ସେତିକି ଆନନ୍ଦିତ କରିଥିଲା।

**ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର କେବେ ଯାଇଛନ୍ତି?**

ନା ଯାଇନି। କିନ୍ତୁ ଏଥର ଯିବାର ଯୋଜନା ରହିଛି। ମୋର ବହୁତ ଇଚ୍ଛା ଥିଲା ଆଗକୁ ଫ୍ୟାମିଲି ଧରି ଆସିବି, ପୁରୀ ବୁଲି ଯିବି। ମୋ କୁନିପୁଅକୁ ସାଙ୍ଗରେ ନେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବି।

# 'ସ୍ୱପ୍ନ ପୂରଣ ପାଇଁ କଠିନ ପରିଶ୍ରମ ହିଁ ଗୋଟିଏ ଶବ୍ଦ'

**ରାପର, ମ୍ୟୁଜିକ୍ କମ୍ପୋଜର ଇକ୍କା ସିଂ**

ଭାରତୀୟ ରାପ୍ ଜଗତରେ ଇକ୍କା ସିଂ ହେଉଛନ୍ତି ଜଣେ ପରିଚିତ ଚେହେରା। ୨୦୧୪ରୁ ଇନ୍ ଦ କ୍ଲବ୍ ନାମକ ଗୀତରେ ରାପ୍ କରି ସେ ବଲିଉଡ୍‌ରେ ନିଜର ସ୍ଥାନ ପକ୍କା କରିଥିଲେ। ଇକ୍କାଙ୍କ ପୂରା ନାମ ଅଙ୍କିତ ସିଂ ପଟ୍ୟାଲ୍। ନୂଆଦିଲ୍ଲୀର ଏକ ମଧ୍ୟବିତ୍ତ ପରିବାରରେ ୧୯୮୮ ସେପ୍ଟେମ୍ବର ୨ରେ ଜନ୍ମ ଗ୍ରହଣ କରିଥିବା ଇକ୍କା ପଞ୍ଜାବୀ ମ୍ୟୁଜିକ୍, ହିପ୍ ହପ୍, ଦେଶୀ ହିପ୍ ହପ୍, ବଲିଉଡ୍ ମ୍ୟୁଜିକ, ରାପ୍ ଆଦିରେ ନିଜର ସ୍ୱତନ୍ତ୍ର ଦକ୍ଷତା ଦେଖାଇଛନ୍ତି। ଏହା ବ୍ୟତୀତ ସେ ଗୀତ କମ୍ପୋଜ କରିବା ସହ ଲିରିକ୍ସ ମଧ ଲେଖନ୍ତି। ଉର୍ବସୀ, ଦିଲ୍‌ବର, ହାପ୍ ଉଇଣ୍ଡୋ ଡାଉନ୍, ସୁଖା, ରାପ୍ ମ୍ୟାନ୍, ଲେଭଲ୍ ଅପ୍, ପାନି ୱାଲା ଡ୍ୟାନ୍ସ, ଡାର୍ଟି ଗର୍ଲ, ମମି କସମ୍, ଡେମନ୍, ଖତ୍‌ମା, ଆଜ୍‌କାଲ୍, ଲିରିକାଲ୍ ରାପର୍ ଡେଡ୍ ଭଳି ଅନେକ ଗୀତରେ ସେ ରାପ୍ କରିବା ସହ ଲିରିକ୍ସ ମଧ ଲେଖିଛନ୍ତି। ନିକଟରେ ଭୋଳାନାଥଙ୍କୁ ଡେଡିକେଟ୍ କରି ଲାଡ୍‌ଲା ନାମରେ ଏକ ଗୀତ ସେ ଗାଇଛନ୍ତି। ଶନିବାର ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ ଇକ୍କାଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ସାକ୍ଷାତ୍କାର।

**ଅଙ୍କିତ ସିଂ ପଟ୍ୟାଲ୍‌ରୁ ଇକ୍କା ପରିଚୟ କେମିତି ପାଇଲେ?**

ମୋ କ୍ଲାସ୍‌ରେ ୬ଜଣ ଅଙ୍କିତ୍ ଥିଲେ। ଘରେ ଆସି ଦିନେ କହିଲି, ବାପା ଆପଣ ମୋର ଏତେ କମନ୍ ନାଁଟେ କାହିଁକି ରଖିଲେ। ବାପା କହିଲେ, ହଉ ଏବେ ତ ଆଉ ବଦଳାଇ ହେବନି, ତୁ ତାକୁ ଶର୍ଟ କରି ଗୋଟେ ନାଁ ରଖିଦେ। ସେଇଠୁ ସେ ଅଙ୍କି ନାମ ସଜେଷ୍ଟ କଲେ। ମୁଁ ଅଙ୍କିକୁ ଓଲଟାଇ ପଢ଼ିଲି ଇକ୍କା ଆସିଲା। ବାସ୍ ସେଇଠୁ ଇକ୍କା ନାମରେ ସମସ୍ତେ ଜାଣିଲେ।

**ଇନ୍ ଦ କ୍ଲବ୍‌ରୁ ବର୍ତ୍ତମାନ ଯାଏ ମ୍ୟୁଜିକାଲ୍ ଯାତ୍ରା କିଭଳି ରହିଛି?**

ବହୁତ ବଢ଼ିଆ। ନୂଆନୂଆ କଳାକାରଙ୍କ ସହ ଚିହ୍ନାଜଣା ହେଲା। ପିଲାଦିନରୁ ମୁଁ ବଲିଉଡ୍ ମ୍ୟୁଜିକ୍‌ର ବଡ଼ ଫ୍ୟାନ୍। କାଲି କାଲି ଆଙ୍ଖେଁ ଗୋରେ ଗୋରେ ଗାଲ୍...ଶୁଣି ଶୁଣି ଇଚ୍ଛା ଥିଲା ବଲିଉଡ୍‌ରେ କାମ କରିବାକୁ। ଯାହା ହେଉ ମୋତେ କାମ କରିବାର ସୁଯୋଗ ମିଳିଲା। ଭଗବାନଙ୍କୁ ଧନ୍ୟବାଦ। ପରିଶ୍ରମ ବଳରେ ଏଇ ସବୁ ସମ୍ଭବ ହୋଇପାରିଲା।

**ଆପଣଙ୍କ ହାତରେ 'ହାର୍ଡ ୱର୍କ' ନାମରେ ଏକ ଟାଟୁ ରହିଛି। ଏହା ପଛର ରହସ୍ୟ କ'ଣ?**

ଆମେ ମଧ୍ୟବିତ୍ତ ତ ନୁହଁ, ତା ଠୁ ବି କମ୍‌ରେ ଥିଲୁ। ଯଦି ନିଜର ସ୍ୱପ୍ନ ପୂରଣ କରିବାର ଅଛି, ତା ପାଇଁ କେବଳ ଗୋଟିଏ ଶବ୍ଦ 'ହାର୍ଡୱର୍କ'। ଯଦି କଠିନ ପରିଶ୍ରମ କରିବ ତା'ହେଲେ ସବୁକିଛି ମିଳିବ।

**ମ୍ୟୁଜିକ୍‌ରେ ସବୁଠୁ ଚ୍ୟାଲେଞ୍ଜିଂ କ'ଣ ଲାଗେ?**

ସବୁଥର କିଛି ନୂଆ ଭାବିବା ହିଁ ବହୁତ ମୁସ୍କିଲ୍। ମୋତେ ଲାଗେ ସବୁଥିରେ ଗୀତ ହୋଇଯାଇଛି। ନୂଆ କ'ଣ ହେବ।

**ମ୍ୟୁଜିକ୍ ବ୍ୟତୀତ ଆଉ କେଉଁଥିରେ ରୁଚି ରହିଛି?**

ଭିଡିଓ ଗେମ୍ସ ଖେଳିବାକୁ ବହୁତ ଭଲ ଲାଗେ। ଫାଙ୍କା ପାଇଲେ ୫ରୁ ୬ଘଣ୍ଟା ଖେଳିଦିଏ।

**୨୦୨୪ର ଯୋଜନା ସମ୍ପର୍କରେ କ'ଣ କହିବେ?**

ମୋର ଆଲବମ୍ ଆସିବାର ଅଛି। ଆହୁରି ବହୁତ ପ୍ରୋଜେକ୍ଟ ମଧ ରହିଛି।



ଭୁବନେଶ୍ୱର ଉପକଣ୍ଠ ମଦନପୁରରେ ଶନିବାର ଶ୍ରୀଚନ୍ଦ୍ରଶେଖର ଦେବ ପଞ୍ଚୁଦୋଳ ମେଳଣ ହରିହର ଭେଟରେ ସାମିଲ ହୋଇଥିବା ଘୋଡ଼ାନାଚ।

# ୯ ବନ୍ଧୁକଧାରୀ ଶିକାରୀ ଗିରଫ, ଶମ୍ବର ମାଂସ ଜବତ

**ବାରିପଦା,୩୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜରୁ ୯ ଶିକାରୀଙ୍କୁ ବନବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି। ସେମାନଙ୍କଠାରୁ ୯ ଦେଶୀ ବନ୍ଧୁକ ଓ ୩୦କେଜି ସମ୍ବର ମାଂସ ଜବତ ହୋଇଛି। ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଶୁକ୍ରବାର ରାତିରେ ଉଦଳା ଥାନା କୁଣ୍ଡାବାଇ ପଞ୍ଚାୟତର ଉପର ତାଳଡିହା, ଜାମଡିହା, ପାଟଶାଣୀପୁର ପଞ୍ଚାୟତ ଖାଲିଡିହୀ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ୪୦ରୁ ଊର୍ଦ୍ଧ୍ୱ ଶିକାରୀ ଅନେକ ବନ୍ଧୁକ ଓ ମାରଣାସ୍ତ୍ର ଧରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଜେନାବିଲ ରେଞ୍ଜରେ ପ୍ରବେଶ କରିଥିଲେ। ଅଭୟାରଣ୍ୟରେ ପଶି ଏକ ସମ୍ବର ଶିକାର କରି ଫେରୁଥିବା ବେଳେ ସେମାନଙ୍କୁ ଶିମିଳିପାଳ ଏସ୍‌ଟିପିଏଫ(ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ), ପୋଡାଡିହା ଏବଂ ଢୁକୁରା ରେଞ୍ଜର କର୍ମଚାରୀମାନେ ଅଟକାଇଥିଲେ। ସେମାନଙ୍କଠାରୁ ୯ଟି ଦେଶୀ ବନ୍ଧୁକ ସହିତ ୩୦କେଜି ସମ୍ବର ମାଂସ ଜବତ ହୋଇଛି। ଏହାସହିତ ୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଖସିଯାଇଥିବା ଅପରାଧୀମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଗିରଫ ଅଭିଯୁକ୍ତମାନଙ୍କର ନାମ ଗୋପନ ରଖାଯାଇଛି। ତେବେ ଶୁକ୍ରବାର ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ସୁଶାନ୍ତ ନନ୍ଦ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରହିଥିବା ସମୟରେ ଏତେସଂଖ୍ୟକ ଶିକାରୀ ପ୍ରବେଶ କରି ଶିକାର କରିବା ଘଟଣାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପୋଲିସ ଓ ବନବିଭାଗର ମିଳିତ ଟାସ୍କଫୋର୍ସ (ଜେଟିଏଫ୍) ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିବା ବେଳେ ଶିକାରୀଙ୍କ ଅନୁପ୍ରବେଶ ସମ୍ପର୍କରେ ସୁରାକ ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେହିପରି ପୂର୍ବରୁ ବନବିଭାଗକୁ ସୂଚନା ଦେଉଥିବା ଲୋକଙ୍କ ସହ ସମ୍ପର୍କ ଦୂରେଇ ଯାଇଥିବାରୁ ଶିକାରୀଙ୍କ ଗତିବିଧି ବାବଦରେ କୌଣସି ତଥ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଜେଟିଏଫ୍ ଓ ଏସଟିପିଏଫ୍‌ମାନଙ୍କ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଶିକାରୀମାନଙ୍କୁ ସୂଚନା ମିଳିଯାଉଥିବାରୁ ସେମାନେ ସହଜରେ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ କରି ନିର୍ଭୟରେ ଶିକାର କରିବାରେ ସଫଳ ହୋଇପାରୁଛନ୍ତି। ଶିମିଳିପାଳକୁ ଶିକାରୀ ଶୂନ୍ୟ ଅଭୟାରଣ୍ୟ କରା ନ ଗଲେ ବାଘବଂଶ ବୃଦ୍ଧିରେ ବାଧା ସୃଷ୍ଟି ହେବ ବୋଲି ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଅଭୟାରଣ୍ୟରେ ନିଶା ମାଫିଆଙ୍କ ଅଫିମ ଚାଷ ଓ ଶିକାରୀଙ୍କ ଅବାଧ ପ୍ରବେଶକୁ ରୋକା ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି।

# ଟିଟିଲାଗଡ଼ ଜେଲରୁ ଫେରାର, ଦିଲ୍ଲୀରୁ ଗିରଫ

**ଟିଟିଲାଗଡ଼, ୩୦।୩(ଶରତ ମିଶ୍ର)**



ଅଭିଯୁକ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପକାରାଗାରରୁ ଗତ ୯ତାରିଖରେ ଫେରାର ହୋଇଯାଇଥିବା ୨କଏଦୀଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଦିଲ୍ଲୀ ନିକଟରୁ ଗିରଫ କରିଛି। ଶନିବାର ଗିରଫ ସୁମିତ ବିହାରୀଙ୍କୁ ଟିଟିଲାଗଡ ପୋଲିସ ଏଠାକୁ ଆଣିବା ପରେ ଜେଲ ପରିସରକୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ସୁମିତ କିପରି ଜେଲ ପାଚେରି ଡେଇଁ ଫେରାର ହୋଇ ଯାଇଥିଲେ ତାହା କହିଥିଲେ। ଏହି ସମୟରେ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ। ଏହାପରେ ସୁମିତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ଘଟଣାକୁ ନେଇ ଟିଟିଲାଗଡ଼ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରୀ ସୂଚନା ଦେଇ କହିଛନ୍ତି ଯେ, ଜେଲ୍ଭୁ ଫେରାର ଦୁଇ କଏଦୀକୁ ଧରିବା ପାଇଁ ୨ଟି ଟିମ୍ ଗଠନ କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ସୁମିତଙ୍କୁ ଦିଲ୍ଲୀ ନିକଟରୁ ଉଦ୍ଧାର କରାଯାଇଥିଲା। ଫେରାର ଅନ୍ୟତମ କଏଦୀ ଶୋଭାବନ ରଣାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ।

ସୂଚନା ଅନୁସାରେ ଗତ ୯ ତାରିଖ ରାତିରେ ଟିଟିଲାଗଡ଼ ଉପକାରାଗାରରୁ ୨ କଏଦୀ ସୁମିତ ବିହାରୀ ଏବଂ ଶୋଭାବନ ରଣା ଫେରାର ହୋଇଯାଇଥିଲେ। ଏନେଇ ଜେଲ କର୍ତ୍ତୃପକ୍ଷ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜେଲ ଡିଆଇଜି କୁଳମଣି ବେହେରା ତଦନ୍ତ ପୂର୍ବକ ଜେଲର ଦୁଇ ଜଣ ୱାର୍ଡରଙ୍କୁ ନିଲମ୍ବିତ କରିଥିଲେ। ସୁମିତ ଜଣେ ଶିଶୁକୁ ହତ୍ୟା ଏବଂ ଏବଂ ଶୋଭାବନ ଦୁଇ ଜଣ ଶିଶୁଙ୍କୁ ବଳି ଦେଇଥିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିଲେ।

# ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ଛୁରି ଭୁସି ହତ୍ୟା

**ପୁରୁଷୋତ୍ତମପୁର,୩୦।୩(ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମରେ ପୁଣି ଅଶାନ୍ତି। ପଞ୍ଚାୟତ ନିର୍ବାଚନ ପରଠାରୁ ଦୁଇବର୍ଷ ହେଲା ଗୋଷ୍ଠୀ ବିବାଦ ଲାଗି ଛୋଟମୋଟ ଗଣ୍ଡଗୋଳ ଉପୁଜୁଛି। ଗତବର୍ଷ ମାର୍ଚ୍ଚ ୨୬ରେ ଗୁଳିକାଣ୍ଡ ସହ ଖଣ୍ଡାରେ ହାଣି ଜଣଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଠିକ୍ ବର୍ଷେ ପରେ ଶୁକ୍ରବାର ପୁଣି ପୂର୍ବତନ ସରପଞ୍ଚ ନନ୍ଦିନୀ ବେହେରାଙ୍କ ଦେଢ଼ଶୁର କାହ୍ନୁଚରଣ ବେହେରା (୫୫)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତ କାହ୍ନୁଙ୍କ ଭାଇ ଛଇଲଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ ୨୩୪/୨୪ରେ ମାମଲା ରୁଜୁ କରିଛି।

ଗୁରୁବାର ରାତିରେ ଗ୍ରାମରେ ଦଣ୍ଡଯାତ୍ରା ହୋଇଥିଲା। ଛଇଲ ଯାତ୍ରା ଦେଖି ଶୁକ୍ରବାର ଭୋରରୁ ପୋଖରୀରେ ଶୌଚ ହୋଇ ଫେରୁଥିଲେ। ସେହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର ସନାତନ ପ୍ରଧାନ ତାଙ୍କ ସହଯୋଗୀଙ୍କୁ ନେଇ ମୁହଁରେ ମୁଖାବାନ୍ଧି ଆସି ତାଙ୍କୁ ଗାଳିଗୁଲଜ କରି ଧମକ ଦେବା ସହ ମୁଣ୍ଡରେ ପିସ୍ତଲ ଲଗାଇ ମାଡ ମାରିଥିଲେ। ସେହି ସମୟରେ ରାସ୍ତାରେ ଯାଉଥିବା ତାଙ୍କ ଭାଇ କାହ୍ନୁଙ୍କୁ ମଧ ଛୁରାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର କାହ୍ନୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକେ ଉଦ୍ଧାର କରି ପ୍ରଥମେ କୋଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଷୋତ୍ତମପୁର ପୋଲିସ ଶନିବାର ବ୍ରହ୍ମପୁର ଏମକେସିଜିକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସହ ପୋଲିସ ତଦନ୍ତ ଆରମ୍ଭ କରିଛି। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବ ଶତ୍ରୁତା ସହ କମେଣ୍ଟ ମରା, ଚୋରା ମଦ କାରବାର, ଜୁଆ ଖେଳକୁ ନେଇ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି।

# ହୀରା ଖୋଜିବାବେଳେ ପଥରରେ ଚାପିହୋଇ ଯୁବକ ମୃତ

**ବୌଦ୍ଧ,୩୦।୩**
**(ଅଜିତ କୁମାର ବାରିକ)**




ମହାନଦୀରେ ମେଶିନ ସହାୟତାରେ ଶ୍ରମିକଙ୍କ ମୃତଦେହ ବାହାର କରାଯାଉଛି।

ବୌଦ୍ଧ ସହର ଦେଇ ପ୍ରବାହିତ ମହାନଦୀରେ ହୀରା ପଥର ଖୋଜିବା ସମୟରେ ପଥର ତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ଝାଙ୍କର (୩୦)। ଶନିବାର ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଯାଇଛି।

ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ମହାନଦୀର କୁଲାରୀକୁଦଠାରେ ଅନୁଗୋଳ ଜିଲା କିଆକଟା ଥାନା ଅଧୀନ ବରଡ଼ାକଟା ଗ୍ରାମର ୧୦ରୁ ୧୫ ଜଣ ଶ୍ରମିକ ମହାନଦୀ ଭିତରେ ପଶି ହୀରା ପଥର ଖୋଜୁଥିଲେ। ଏଥିପାଇଁ ନଦୀରେ ବାଲି ଖୋଳିବା ସମୟରେ ଏକ ବଡ଼ ପଥର ବରଡ଼ାକଟା ଗ୍ରାମର ସୁଶାନ୍ତଙ୍କ ଉପରେ ଖସିପଡ଼ିଥିଲା। ଫଳରେ ସେ ପଥର ତଳେ ଚାପିହୋଇ ଯାଇଥିଲେ। ଅନ୍ୟ ଶ୍ରମିକମାନେ ବହୁ ଚେଷ୍ଟା କରିବା ପରେ ମଧ ତାଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇ ନ ଥିଲେ। ଖବର ପାଇ ରାତିରେ ଦମକଳ ବାହିନୀ କର୍ମଚାରୀ ଯାଇଥିଲେ। କିନ୍ତୁ ପଥରଟି ବଡ଼ ଥିବାରୁ ତାକୁ ସେମାନେ ହଟାଇପାରି ନ ଥିଲେ। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବୌଦ୍ଧ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଦୀର୍ଘ ୨୪ ଘଣ୍ଟା ପରେ ହିଟାଚି ମେଶିନ ସହାୟତାରେ ମହାନଦୀର ପଥର ତଳୁ ମୃତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ପରିବାର ଲୋକେ ପହଞ୍ଚିଥିବା ଜଣାଯାଇଛି। ପ୍ରକାଶଥାଉ କି, ବୌଦ୍ଧ ସହର ଦେଇ ମହାନଦୀ ପ୍ରବାହିତ ହୋଇଥିବା ବେଳେ ପ୍ରତିଦିନ ବହୁସଂଖ୍ୟାରେ ଶ୍ରମିକ ଭଲ ରୋଜଗାର ଆଶାରେ ହୀରା ପଥର ଖୋଜିଆ'ନ୍ତି।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ଚାପରେ ଗଣତନ୍ତ୍ର



ଆକାର ପଟେଲ

ଏହା ଏକ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ନୁହେଁ। ନିର୍ବାଚନରେ ରିଗିଂ ଓ ଫିକ୍ସିଂର ପ୍ରତିକ୍ରିୟା ଏବଂ ଜଟିଳ ପରିଣାମ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ମଧ୍ୟରେ ବି ଅନୁଭବ କରିହେବ। ଏହି ନିର୍ବାଚନ ଆମ ଗଣତନ୍ତ୍ରକୁ ନଷ୍ଟ କରିଦେଇଛି ଓ ଆଗକୁ ଅଧିକ କ୍ଷତି କରିବ। ନିର୍ବାଚନରେ ରିଗିଂ ହୋଇଛି ତାହା ବୁଝିବାକୁ ଜଣକୁ ପରିଶ୍ରମ କରିବାକୁ ପଡ଼ିବ ନାହିଁ। ଦୁଇ ମୁଖ୍ୟମନ୍ତ୍ରୀ ଜେଲରେ ଅଛନ୍ତି। କାହିଁକି? ସେମାନେ ଦୋଷୀ ସାବ୍ୟସ୍ତ ହେତୁ ନୁହେଁ ବରଂ ମୋଦିଙ୍କ ଦ୍ୱାରା ନିୟନ୍ତ୍ରିତ ଏଜେନ୍ସି ଦ୍ୱାରା ସେମାନଙ୍କୁ ଜେଲରେ ରଖାଯାଇଛି। କଂଗ୍ରେସ ଦଳ ଏହାର ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରିବାର କୌଣସି ସୁବିଧା ନାହିଁ। କାହିଁକି? ଏହା ଦୋଷୀ ସାବ୍ୟସ୍ତ ହେତୁ ନୁହେଁ ବରଂ ଏହା ମୋଦିଙ୍କ ଦ୍ୱାରା ନିୟନ୍ତ୍ରିତ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି। ଯେଉଁମାନେ ପୂର୍ବରୁ ଏହିସବୁ ଏଜେନ୍ସି ଦ୍ୱାରା ଗିରଫ ହୋଇଥିଲେ, ସେମାନେ ବର୍ତ୍ତମାନ ଏନ୍‌ଡିଏ ମେଣ୍ଟକୁ ଯିବା ପରେ ସେମାନଙ୍କୁ କ୍ଲିନ୍ ଚିଟ୍ ଦିଆଯାଇଛି। କୌଣସି ବାସ୍ତବ ଗଣତନ୍ତ୍ରରେ ଏହା ହୁଏ ନାହିଁ। ଆଶ୍ଚର୍ଯ୍ୟର କଥା, ଅଧିକାଂଶ ଲୋକ ଅନୁମାନ କରିଛନ୍ତି, ମୋଦି ୨୦୨୪ ରେ କ୍ଷମତାକୁ ଫେରିବେ। ତେବେ ଏହା କାହିଁକି ହେବ? ଏହା ପାଇଁ ଯେଉଁସବୁ ଘଟଣାକ୍ରମ ବାଟ ଦେଖାଇଛି ତାହାକୁ ଯେଉଁମାନେ ଲକ୍ଷ୍ୟ କରୁଛନ୍ତି ସେମାନେ ଭଲଭାବେ ବୁଝିପାରିଛନ୍ତି। ଏଥିରେ ଦେଶ ବାହାରେ ବିଶେଷକରି ଗଣତନ୍ତ୍ର ଉପରେ ଅଧ୍ୟୟନ କରୁଥିବା ଅନୁଷ୍ଠାନ ଅନ୍ତର୍ଭୁକ୍ତ। ସେମାନେ ଆମକୁ ବର୍ଷ ବର୍ଷ ଧରି କହୁଛନ୍ତି ଯେ ଭାରତ ସମ୍ପୂର୍ଣ୍ଣ ସ୍ୱାଧୀନ ନୁହେଁ, ଏହାର ଗଣତନ୍ତ୍ର କ୍ଷୁଣ୍ଣ ହୋଇଛି ଏବଂ ଏହା ଏକଚ୍ଛତ୍ରବାଦୀ ହୋଇଯାଇଛି। ୨୦୧୮ରେ ଗୋଥେନ୍‌ବର୍ଗ ୟୁନିଭର୍ସିଟିର ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ୍ ଭାରତକୁ ଏକ 'ନିର୍ବାଚନୀ ଏକଚ୍ଛତ୍ରବାଦ' ଭାବେ ଶ୍ରେଣୀଭୁକ୍ତ କରିଛି। ମାର୍ଚ୍ଚରେ ପ୍ରକାଶିତ ଏହାର ୨୦୨୪ ରିପୋର୍ଟରେ ସ୍ପଷ୍ଟ କରିଛି ଯେ, ଭାରତ ହେଉଛି ସବୁଠାରୁ ଖରାପ ଏକଚ୍ଛତ୍ରବାଦ। ୨୦୨୦ରେ ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବରେ ବର୍ଗୀକୃତ କରି କହିଛି ଯେ, ୨୦୧୫ ପରଠାରୁ ଗଣତାନ୍ତ୍ରିକ ଆଦର୍ଶ ଚାପରେ ରହିଛି। ୨୦୨୧ରେ ୱାଶିଂଟନସ୍ଥିତ ଥିଙ୍କ୍ ଟ୍ୟାଙ୍କ୍ ଫ୍ରିଡମ୍ ହାଉସ୍ ପ୍ରକାଶ କରିଛି ଯେ ଭାରତ ଏବେ ପୂର୍ଣ୍ଣ ସ୍ୱାଧୀନ ନୁହେଁ, କେବଳ 'ଆଂଶିକ ସ୍ୱାଧୀନ'। ଫ୍ରିଡମ୍ ହାଉସ୍‌ର ସିଦ୍ଧାନ୍ତକୁ ନେଇ ସରକାରଙ୍କ ପ୍ରତିକ୍ରିୟାରେ କୁହାଯାଇଥିଲା: 'ଜାତୀୟ ସ୍ତରରେ ଗୋଟିଏ ଦଳ ବଦଳରେ ଭାରତର ଅନେକ ରାଜ୍ୟ ଏହାର ସଂଘୀୟ ଢାଞ୍ଚାରେ ବିଭିନ୍ନ ଦଳ ଦ୍ୱାରା ଶାସିତ ହୁଅନ୍ତି, ଯେଉଁମାନେ ଏକ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି, ଯାହା ଏକ ସ୍ୱାଧୀନ ନିର୍ବାଚନ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ। ଏହା ଏକ ସକ୍ରିୟ ଗଣତାନ୍ତ୍ରିକ କାର୍ଯ୍ୟକୁ ପ୍ରତିଫଳିତ କରିଥାଏ ଓ ଏହା ଭିନ୍ନ ଭିନ୍ନ ମତ ରଖିଥିବା ଲୋକଙ୍କୁ ସ୍ଥାନ ଦେଇଥାଏ'। ଏହା ଭୁଲ୍। ଫ୍ରିଡମ୍ ହାଉସ୍ ରିପୋର୍ଟର ଦୁଇଟି ଭାଗରୁ ପ୍ରଥମ ଭାଗ ରାଜନୈତିକ ଅଧିକାର ଉପରେ ୪୦% ମୂଲ୍ୟକୁ ଗୁରୁତ୍ୱ ଦେଇଥିଲା। ଏ କ୍ଷେତ୍ରରେ ଭାରତ ୪୦ରୁ ୩୪ ଅଙ୍କ ପାଇଥିଲା (୨୦୨୩ରେ ୩୩/୪୦କୁ ଖସି ଆସିଥିଲା)। ଏହି ଭାଗରେ, ହିଂସା ଦ୍ୱାରା ଭୋଟ ବାଧାପ୍ରାପ୍ତ ହୋଇଥିଲା କି ନାହିଁ କିମ୍ବା ସାମ୍ପ୍ରଦାୟିକ ଉତ୍ତେଜନା ଦ୍ୱାରା ପ୍ରଭାବିତ ହୋଇଥିଲା କି ନାହିଁ, ସେ ନେଇ ଭାରତ ପୂରା ମାର୍କ ପାଇ ନ ଥିଲା। ବାସ୍ତବରେ ସରକାର ନିର୍ବାଚନ ସ୍ୱଚ୍ଛତାରେ ୪ରୁ ୩ ମାର୍କ ପାଇଥିଲେ, ଯାହା ବୋଧହୁଏ ଆଶାଠାରୁ ଅତ୍ୟଧିକ ଥିଲା। ପ୍ରକୃତରେ ସ୍ୱାଧୀନତାର ଏକ ଅଂଶ ଭାବେ ଜଣାଶୁଣା ନାଗରିକ ସ୍ୱାଧୀନତା ପାଇଁ ଅବଶିଷ୍ଟ ୬୦%ରେ ଭାରତର ମୂଲ୍ୟାୟନ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଏହାର ପ୍ରଦର୍ଶନ ଖରାପ ଥିଲା (୩୩/୬୦)। ଅଭିବ୍ୟକ୍ତିର ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଏକାଡେମିକ ସ୍ୱାଧୀନତା, ସମାବେଶ ସ୍ୱାଧୀନତା, କାର୍ଯ୍ୟ କରିବାରେ ଏନ୍‌ଜିଓଗୁଡ଼ିକର ସ୍ୱାଧୀନତା, ଆଇନର ଶାସନ, ନ୍ୟାୟପାଳିକାର ସ୍ୱାଧୀନତା ଏବଂ ପୋଲିସ ଦ୍ୱାରା ଉଚିତ ପ୍ରକ୍ରିୟା ପ୍ରସଙ୍ଗରେ ଭାରତର ମୂଲ୍ୟାୟନ ଖରାପ ଥିଲା। ଏହି ମୂଲ୍ୟାୟନଗୁଡ଼ିକ କେବଳ ବାସ୍ତବତାକୁ ପ୍ରତିଫଳିତ କରିଥିଲା।

ବାସ୍ତବରେ ରାଜନୈତିକ ଅଧିକାର କ୍ଷେତ୍ରରେ ସ୍କୋର ବା ପ୍ରାପ୍ତାଙ୍କ ବର୍ତ୍ତମାନ ଆହୁରି ଖରାପ ହେବ। ଏହା ମଧ୍ୟ ପାଠକେ ଲକ୍ଷ୍ୟ କରିପାରୁଥିବେ। ତୁମ ବିରୋଧୀଙ୍କୁ ଜେଲରେ ରଖିବା ଏବଂ ନିଜକୁ ରାଜନୈତିକ ଅଧିକାରଯୁକ୍ତ ଗଣତନ୍ତ୍ର ବୋଲି ଭାବିବା କେବେ ସମ୍ଭବ ନୁହେଁ। ଯେତେବେଳେ ପ୍ରଥମରୁ ପ୍ରାପ୍ତାଙ୍କ ହ୍ରାସ ପାଇବାରେ ଲାଗିଲା ସେତେବେଳେ ସରକାର ଫଳାଫଳକୁ ନେଇ ବିବ୍ରତ ହୋଇଥିଲେ, କାରଣ ମୋଦି ଭାବୁଥିଲେ ସେ ଭଲ କାମ କରୁଛନ୍ତି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ଦ୍ୱାରା ଭାରତର ମହତ୍ତ୍ୱକୁ କମ୍ କରି ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ଶ୍ରେଣୀଭୁକ୍ତ କରିବାର କାରଣ ରିପୋର୍ଟରେ ସ୍ପଷ୍ଟଭାବେ ଦର୍ଶାଇଥିଲା। ତଥାପି ଏଥିରେ ବ୍ୟବହୃତ ପାରାମିଟର ସମ୍ପର୍କରେ ସବିଶେଷ ତଥ୍ୟ ସରକାର ମନ୍ତ୍ରଣାଳୟକୁ ମାଗିଥିଲେ। ରିପୋର୍ଟରେ କୁହାଯାଇଥିଲା ଯେ, ଏହାର ମୂଳ କାରଣ ହେଉଛି ନାଗରିକ ସ୍ୱାଧୀନତା କ୍ଷୁଣ୍ଣ ଏବଂ ନାଗରିକତ୍ୱରେ ଧର୍ମର ପରିଚୟ। ଏସବୁ ପୂର୍ବରୁ ଦେଖାଯାଇଥିଲା। ବର୍ତ୍ତମାନ ନୂଆ ଭାରତରେ ଯାହା ନୂଆ ତାହା ଗଣତନ୍ତ୍ର ଏବଂ ଏହାର ବ୍ୟବସ୍ଥା ଉପରେ ପ୍ରତ୍ୟକ୍ଷ ଆକ୍ରମଣ।

ଏବେ ନିର୍ବାଚନରେ ଏବଂ ଏହା ପରେ ଆମେ କ'ଣ ଆଶା କରିବା ଉଚିତ? ଯଦି ମୋଦି ଦାବି କରୁଥିବା ବୃହତ୍ ସଂଖ୍ୟାଗରିଷ୍ଠତା ଏବଂ ୪୦୦ ସିଟ୍ ପାଇବାକୁ ସକ୍ଷମ ହୁଅନ୍ତି, ତେବେ ଏହାକୁ ରୁଷିଆ ଏବଂ ଉତ୍ତର କୋରିଆର ନିର୍ବାଚନ ଭଳି ବିବେଚନା କରାଯିବ। କୌଣସି ବିଶ୍ୱସନୀୟତା ରହିବ ନାହିଁ। ଅନ୍ୟପକ୍ଷରେ ଯଦି ସେ ୨୦୧୯ ତୁଳନାରେ କମ୍ ସିଟ୍ ପାଇ ସାଧାରଣ ସଂଖ୍ୟାଗରିଷ୍ଠତା ପାଆନ୍ତି, ତେବେ ବିରୋଧୀଙ୍କୁ ସହଜରେ ଡରାଇ ପାରିବେ ନାହିଁ। ସେମାନେ ଜାଣନ୍ତି ଯେ, ଜେଲରେ ରଖିବା ପାଇଁ ସେ କର୍ତ୍ତୃପକ୍ଷଙ୍କୁ ଅପବ୍ୟବହାର ଏବଂ କାର୍ଯ୍ୟାଳୟର ଦୁରୁପଯୋଗ କରିବେ। ଭାରତ ବାଂଲାଦେଶ ଭଳି ହୋଇଛି, ଏକ ଗଣତନ୍ତ୍ର ଯେଉଁଠାରେ ବିରୋଧୀଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇ ନାହିଁ। ୧୯୭୭ରେ ପାକିସ୍ତାନରେ ମଧ୍ୟ ଏହି ଅବସ୍ଥା ଘଟିଥିଲା। ମୋଦି 'ଗଣତନ୍ତ୍ରର ଜନନୀ' ପରି ଶବ୍ଦ ସୃଷ୍ଟି କରିପାରନ୍ତି, କିନ୍ତୁ ଏହା କେବଳ ଅସତ୍ୟ ନୁହେଁ ବରଂ ଏକ ଥଟ୍ଟା ବୋଲି ସମୟ ସମୟରେ ସ୍ପଷ୍ଟ ହୋଇଛି।

Email:aakar.patel@gmail.com

# ରାଜନୀତି ବଡ଼ ବିଚିତ୍ର



ଶ୍ରୀବତ୍ସ ନାୟକ

ସୁରେନ୍ଦ୍ର ମହାନ୍ତି ତାଙ୍କ ନୀଳଶୈଳ ଉପନ୍ୟାସରେ ଲେଖିଥିଲେ ଯେ, 'ରାଜନୀତି ବଡ଼ ବିଚିତ୍ର! ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ; ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରି ଚଲା ମେଘ ପରି ଅସ୍ଥିର। ଏହି ମୁହୂର୍ତ୍ତର ଶତ୍ରୁ ପର ମୁହୂର୍ତ୍ତର ପରମ ସୁହୃଦ ବାନ୍ଧବ'। ଯେଉଁ ସମୟରେ ଶତ୍ରୁକୁ ନିପାତ କରିବା ପାଇଁ ଖଡ୍‌ଗ ପ୍ରସ୍ତୁତ ହେଉଥାଏ ତାହା ନିମିଷକ ମଧ୍ୟରେ ଲେଉଟି ଆସି ମିତ୍ରର ଶିର ଛେଦନ କରିପାରେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏଠି କେବେ ପରମ ମିତ୍ର ପାଲଟିଯାଏ ତ ପୁଣି କେବେ ବନ୍ଧୁଟିଏ ବନ୍ଧୁକ ପାଲଟିଯାଏ। ସାମ୍ପ୍ରତିକ ରାଜନୀତି ସୁବିଧାବାଦୀର ଏକ ମହାରଣ୍ୟ ପାଲଟିଗଲାଣି। ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ରାଜନୀତିରେ ଏକ ଧର୍ମ ବୋଲି ଅନୁଭବ ହେଲାଣି। କ୍ଷମତାର ମୋହରେ ବଶବର୍ତ୍ତୀ ହୋଇ ରାଜନେତାମାନେ ରାଜନୀତିର ମୂଳତତ୍ତ୍ୱକୁ ଭୁଲିଗଲେଣି। ଏହା ଏକ ଖେଳ ହୋଇଗଲାଣି। ରାଜନେତାଙ୍କ ଭଳି ଚତୁର ଲୋକମାନେ ଏହାକୁ ଖେଳୁଥିବା ବେଳେ ଆମ ଭଳି ଅଶିକ୍ଷିତ, ନିରୀହ, ଗାଉଁଲି, ନିଷ୍କପଟ ଲୋକ, ଯେଉଁମାନେ ରାଜନୀତିର ସଂଜ୍ଞା କ'ଣ ଜାଣନ୍ତି ନାହିଁ ସେମାନେ ଦିନ ସାରା ବସି ଏହାର ଚର୍ଚ୍ଚା, ଆଲୋଚନାକରି ନିଜ ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପ୍ରିୟ ପରିଜନଙ୍କ ସହ ସମ୍ପର୍କ ଖରାପ କରିଚାଲନ୍ତି।

ଆସିଲାଣି ଗଣତନ୍ତ୍ରର ମହାପର୍ବ। ଆଉ ଦିନ କେଇଟା ପରେ ସର୍ବଧର୍ମ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଅଷ୍ଟାଦଶ ଲୋକ ସଭା ନିର୍ବାଚନ ସାଙ୍ଗକୁ ଓଡ଼ିଶା ସମେତ ଚାରୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଭୋଟରମାନେ ମତଦାନ ସାବ୍ୟସ୍ତ କରି ଗଠନ କରିବେ ସରକାର। ଏହାକୁ ନେଇ ପଲ୍ଲୀରୁ ଦିଲ୍ଲୀ, କାର୍ଯ୍ୟକ୍ଷେତ୍ରରୁ କୃଷିକ୍ଷେତ୍ର, କ୍ରୀଡ଼ା କ୍ଷେତ୍ରରୁ ରଣକ୍ଷେତ୍ର ଯାଏଁ ସବୁଠି ଚର୍ଚ୍ଚା। କିଏ ଗଢ଼ିବ ସରକାର? କେଉଁଠି କାହାର ପଲ୍ଲା ଭାରି ରହିଛି? କାହାର କଟିବ ଟିକେଟ? କିଏ ପାଇବ ଟିକେଟ? ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଗଲାଣି। ନିର୍ବାଚନ ଯେତିକି ପଖେଇ ଆସୁଛି ତାହାର ଉଷ୍ମତା ସେତିକି ବଢ଼ିବଢ଼ି ଯାଉଛି। ନେତାମାନେ ନିର୍ବାଚିତ ହୋଇ ଶାସନ ଭାର ସମ୍ଭାଳିବାକୁ ଯେତିକି ବ୍ୟଗ୍ର ହେଲେଣି ଜନତାମାନେ ମଧ୍ୟ ନିର୍ବାଚନ ମାଧ୍ୟମରେ ନିଜର ମନ ପସନ୍ଦ ପ୍ରାର୍ଥୀ ବାଛିବା ପାଇଁ ଠିକ୍ ସେତିକି ତତ୍ପର ହୋଇଉଠିଲେଣି।

ବିଶ୍ୱର ସପ୍ତ ଆଶ୍ଚର୍ଯ୍ୟ ଭଳି ଭାରତର ରାଜନୀତି ମଧ୍ୟ ଏକ ଆଶ୍ଚର୍ଯ୍ୟ! ଏଠି ସମ୍ଭବ ହେଉଥିବା ଅନେକ କାର୍ଯ୍ୟ ଅସମ୍ଭବ ହୋଇପଡ଼େ ତ କେବେ ସମ୍ପୂର୍ଣ୍ଣ ଅସମ୍ଭବ ମନେହେଉଥିବା କାର୍ଯ୍ୟ ସମ୍ଭବପର ହୋଇପାରେ। ବେଙ୍ଗ କୁହେ ବେଙ୍ଗୁଲୀ ଲୋ ପୃଥୀ କ୍ଷଣ କ୍ଷଣକେ ଆନ। ଉକ୍ତିଟିର ଯଥାର୍ଥତା ବେଶ୍ ପ୍ରତିଫଳିତ ହେଉଛି ଆମ ରାଜନୀତିରେ। ରାଜନୀତିରେ ପ୍ରତିକ୍ଷଣ ହେଉଛି ପରିବର୍ତ୍ତନର। କେହି ଏଠି କାହାର ନୁହନ୍ତି। କିଏ ଆପଣାର ନୁହନ୍ତି, କି କେହି ପର ନୁହନ୍ତି। କେତେବେଳେ ଏଠି ଦୂର ଅପରିଚିତ ବ୍ୟକ୍ତିଟିଏ ଅତି ନିଜର ହୋଇଯାଏ ତ କେବେ ନିଜର ଥିବା ବ୍ୟକ୍ତି ସାତପର ହୋଇଯାଏ। ଏକଦା ଏକ ସମୟ ଥିଲା ରାଜନୀତିରେ କର୍ମୀମାନେ ନେତା ବାଛୁଥିଲେ, କିନ୍ତୁ ଅଧୁନା ନେତାମାନେ କର୍ମୀ ବାଛିବା ଆରମ୍ଭ କରିଦେଲେଣି। ଆଜି ଯିଏ ଗୋଟିଏ ରାଜନୈତିକ ଦଳରେ ଏକ ନିର୍ଦ୍ଦିଷ୍ଟ ନେତା ପାଇଁ ପ୍ରଚାର କରୁଛି କାଲି ଟଙ୍କା ନେଇ ଆଉ କାହା ପାଇଁ ପ୍ରଚାର କଲାଣି। ଏହା ହେଉଛି ରାଜନୀତି ଯେଉଁଠି ନେତାଟିଏ କୌଣସି ଏକ ଦଳରୁ ଟିକେଟ ପାଇଁ ଚେଷ୍ଟା କରୁଛି, ଫଳରେ ଦଳ ପାଇଁ ଜିନ୍ଦାବାଦ ଜିନ୍ଦାବାଦ କରୁଛି। କିନ୍ତୁ ଟିକେଟ ନ ମିଳିଲେ ଦଳକୁ ମୁର୍ଦ୍ଦାବାଦ କହିବାକୁ ପଛାଉନାହିଁ। ଏଠି ବାପା ଯେଉଁ ଦଳରୁ ବିତାଡ଼ିତ ହେଉଛି ପୁଅ ଠିକ୍ ସେହି ଦଳରୁ ନିର୍ବାଚନ ଲଢ଼ୁଛି। ବୋହୂ ଗୋଟିଏ ଦଳକୁ ସମର୍ଥନ କରୁଥିବା ବେଳେ ଶଶୁର ଅନ୍ୟ ଏକ ଦଳର ପ୍ରତିନିଧି ଅଛନ୍ତି। ଦଳର ଶୃଙ୍ଖଳା ଭଙ୍ଗକରି ଦଳରୁ ନିର୍ବାସିତ ହୋଇଥିବା ନେତା ଦଳକୁ ଫେରୁଛି। ନେତାମାନେ ଦଳ ଡିଆଁ କରୁଛନ୍ତି। ନୀତି ନୈତିକତା ପଛରେ ପଡ଼ିଛି, କିନ୍ତୁ କ୍ଷମତା ପାଇଁ ଲମ୍ଫ ଘୋଡ଼ା ଦୌଡ଼ ଆରମ୍ଭ ହେଉଛି।



ରାଜନୀତି ଏଭଳି ଏକ କ୍ଷେତ୍ର ପାଲଟିଯାଇଛି ଯେଉଁଠି ମାଟି ଆଗ ନୁହେଁ ବରଂ ପାର୍ଟି ଆଗ। ରାଜନେତାଙ୍କ ମୃତ୍ୟୁ ପରେ ସହାନୁଭୂତିକୁ ଆୟୁଧକରି ତାଙ୍କର ଅଧୁରା ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବା ପାଇଁ ସେମାନଙ୍କର ଉତ୍ତରାଧିକାରୀ ଭାବେ ରାଜନୀତିକୁ ଓହ୍ଲାଉଛନ୍ତି କେତେଜଣ ବ୍ୟକ୍ତି। ଏଠି ପ୍ରତିଶ୍ରୁତି ମିଳେ। ଏଠି ପ୍ରତାରଣା ମଧ୍ୟ ମିଳେ। କ୍ଷମତା ହାସଲ କରିବା ପାଇଁ ଏ କ୍ଷେତ୍ରରେ ନେତାମାନେ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ନିର୍ବାଚନ ସରିଲେ ପ୍ରତିଶ୍ରୁତିକୁ ଭୁଲିଯାଆନ୍ତି, ଫଳରେ ଜନତାଙ୍କୁ ମିଳେ ଖାଲି ପ୍ରତାରଣା। ଏଠି କେହି କାହାର ଶତ୍ରୁ ନୁହନ୍ତି କି କେହି କାହାର ମିତ୍ର ନୁହନ୍ତି। ନିଜର ସ୍ୱାର୍ଥ ହାସଲ କରିବା ପାଇଁ ନେତାମାନେ ପରକୁ ଆପଣା ଓ ଆପଣାରକୁ ପର କରିପାରନ୍ତି। ଏଠି ଶତ୍ରୁକୁ ନିଧନ କରିବା ପାଇଁ ଅସ୍ତ୍ର ପ୍ରସ୍ତୁତ ହୁଏ, କିନ୍ତୁ ନିମିଷକ ମଧ୍ୟରେ ଏହା ଓଲଟି ପଡ଼ି ମିତ୍ରର ମସ୍ତକ ଛେଦନକରେ। ପାଦ ଧରୁଥିବା ଲୋକ ଏଠି ସମୟ ଆସିଲେ ମସ୍ତକ ଛେଦନ କରିବାକୁ ପଛାଏ ନାହିଁ। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥ ବଳି ପଡ଼େ। କିଏ ଏଠି ଘରକୁ ବାହୁଡୁଛି ତ କିଏ ଘରୁ ବାହାରିଯାଉଛି। ଏହା ଏମିତି ଏକ କ୍ଷେତ୍ର ପାଲଟିଗଲାଣି ଯେଉଁଠି କିଛି ବି ସମ୍ଭବପର ମନେହୁଏ। କାଲି ଯିଏ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଥିଲା ଆଜି ସେ ନିଜ ଦଳରେ ସାମିଲ ହେଉଛି। ସମାଲୋଚିତ ହେଉଥିବା ବ୍ୟକ୍ତି ବି ପ୍ରଶଂସାର ପାତ୍ର ହୋଇପାରିଛି। ଦେଶ ସେବା ପାଇଁ ନେତାମାନେ କ୍ଷମତାର ଦାସ ପାଲଟିଯାଇଛନ୍ତି। କ'ଣ ସେବା ପାଇଁ କ୍ଷମତା ନିହାତି ଜରୁରୀ? ସତରେ ବଡ଼ ବିଚିତ୍ର ଏ ରାଜନୀତି। ଏଠି କେତେକେ କ୍ଷମତାକୁ ଆସିବା ପାଇଁ କଳ, ବଳ ଓ କୌଶଳ ଲଗାଇ ଥାଆନ୍ତି। ରାଜନୀତିରେ କି ରସ ଅଛି, ପାନକଲା ଲୋକ ହିଁ ଜାଣିଛି। ହଁ, ଅଛି ନିଶ୍ଚିତ ଅଛି। କାରଣ ଥରେ କ୍ଷମତାକୁ ଆସିଲେ ତିନି ପୁରୁଷ ଉଦ୍ଧାର ହୋଇଯିବ। କାହିଁକି ବା ହେବନି? ରାଜନୀତିରେ ଉଚ୍ଚ ଦରମା ସାଙ୍ଗକୁ ପେନ୍‌ସନ ଏବଂ ପ୍ରତି କାର୍ଯ୍ୟରେ ପିସି କାରବାରର ସୁବିଧା ଅଛି। ସଦ୍ୟସଦ୍ୟ ଓଡ଼ିଶା ରାଜ୍ୟ ସରକାର ରାଜନେତାମାନଙ୍କର ମାସିକ ବେତନକୁ ବେଶ୍ ବୃଦ୍ଧି କରାଇଛନ୍ତି। ଏଠି ପ୍ରଶ୍ନ ଉଠେ ଯଦି ନେତାମାନେ ଦେଶ ସେବା କରୁଛନ୍ତି ତା'ହେଲେ ଦରମା କାହିଁକି? ଯଦି ଦରମା ତା'ହେଲେ ଶିକ୍ଷାଗତ ଯୋଗ୍ୟତା କାହିଁକି ନୁହେଁ? ଏହା ହିଁ ତ ରାଜନୀତିର ସବୁଠୁ ବଡ଼ ବୈଚିତ୍ର୍ୟ ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥାଏ।

ପିଲାଦିନେ ପଢ଼ିଥିଲୁ- ଆମେ ଚଳାଉଛୁ ଦେଶ ଆମରି, ଆମରି ନାଆ ରେ ଆମେ ନାଉରି। ହଁ, ଆଜ୍ଞା ଆମ ଦେଶ ଆଜକୁ ପ୍ରାୟ ୭୭ ବର୍ଷ ପୂର୍ବେ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିଲା। ପରାଧୀନର ଶୃଙ୍ଖଳ ଭାଙ୍ଗି ସ୍ୱାଧୀନତାର ସ୍ୱାଦ ଚାଖିଥିବା ଭାରତର ଶାସନ ଭାର ତା'ର ନାଗରିକମାନଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସାମ୍ବିଧାନିକ ବିଧି ବ୍ୟବସ୍ଥା ହିସାବରେ ପ୍ରତି ୫ ବର୍ଷରେ ନାଗରିକମାନେ ନିଜର ମନ ପସନ୍ଦ ପ୍ରାର୍ଥୀ ଚୟନକରି ସେମାନଙ୍କୁ ୫ବର୍ଷ ନିମନ୍ତେ ଦେଶର ଶାସନ ଭାର ଦେଇଥାନ୍ତି। ୧୯୫୨ରୁ ଏହା ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ହୋଇଆସୁଥିଲେ ମଧ୍ୟ ଆଜି ଆମକୁ ପୁଣି ଥରେ ପଚାରିବାକୁ ପଡୁଛି, ଆମେ ସତରେ ଆମ ଶାସନ ବ୍ୟବସ୍ଥାର ପରିଚାଳକ କି। ଖାଲି ଭୋଟ ଦେଇଦେଲେ ଆମର ଦାୟିତ୍ୱ ସରିଗଲା କି। ୫ବର୍ଷରେ ଥରେ ଭୋଟ ଦେବାର ଅଧିକାର ହିଁ କେବଳ ଆମର ଶାସକ ହେବାର ସଙ୍କେତ କି। ଆମେ ଭୋଟ ଦେଉଛୁ, ତେଣୁ ଆମେ ଆମ ଦେଶକୁ ଚଳାଉଛୁ ବୋଲି ଭାବିନେବା ସାମ୍ବିଧାନିକ ସତ୍ୟ କି। କେବେ ନୁହେଁ। ସମୟ ଆସିଛି, ପ୍ରତ୍ୟେକ ଭୋଟରଙ୍କୁ ଏହାର ଗୁରୁତ୍ୱ ଅନୁଭବ କରିବାକୁ ପଡ଼ିବ। ନିଜର ଭୋଟ ଖଣ୍ଡିକୁ ସ୍ୱଳ୍ପ ଅର୍ଥ ବିନିମୟରେ ବିକ୍ରି ନ କରି ନିଜର ଅମୂଲ୍ୟ ଭୋଟ ଖଣ୍ଡିକ ଉପଯୁକ୍ତ ପ୍ରାର୍ଥୀ ସପକ୍ଷରେ ରହିବା ଉଚିତ। ଏହାଦ୍ୱାରା ଦେଶର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରିବ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, ଫୁଲନଖରା
ମୋ: ୯୪୩୮୦୭୦୮୪୯

# ପୁଟିନ୍‌ଙ୍କ ପଞ୍ଚମ ପାଳି



ଲଳିତେନ୍ଦୁ ପଲାଉରୀ

ପୁଣି ରୁଷିଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଭ୍ଲାଦିମିର ପୁଟିନ୍। ୨୦୨୨ରୁ ରୁଷ୍-ୟୁକ୍ରେନ୍ ଯୁଦ୍ଧର ଭୟାବହତା, ନାଟୋ ସହ ତିକ୍ତତା, ପଶ୍ଚିମ ଓ ୟୁରୋପୀୟ ଦେଶଗୁଡ଼ିକ ଦ୍ୱାରା ଏକଘରିଆ ଓ ଆର୍ଥିକ ବାସନ୍ଦ ହୋଇଥିବା ରୁଷିଆ ରାଷ୍ଟ୍ରପତି ପୁଟିନ୍ କିନ୍ତୁ ପୁଣି ରୁଷ୍‌ବାସୀଙ୍କ ୮୮ ପ୍ରତିଶତ ଭୋଟ ପାଇ ବିପୁଳ ବିଜୟୀ ହୋଇଛନ୍ତି। ତେଣୁ ୨୦୦୦ରୁ ୨୦୨୪ ମଧ୍ୟରେ ୪ଥର ରାଷ୍ଟ୍ରପତି ଓ ଥରେ ପ୍ରଧାନମନ୍ତ୍ରୀ ହୋଇସାରିଥିବା ଭ୍ଲାଦିମିର ପଞ୍ଚମଥର ମଧ୍ୟ ରୁଷିଆର ସର୍ବମୟ କର୍ତ୍ତା ହୋଇଛନ୍ତି। ପୁଟିନ୍‌ଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ନିକୋଲାଇ ଖାରିତୋନୋଭଙ୍କୁ ମାତ୍ର ୪ ପ୍ରତିଶତ ଭୋଟ ମିଳିଛି। ଭ୍ଲାଦିସ୍ଲାଭ ଦାଭାନକୋଭ ଏବଂ ଲିୟୋନିଡ ସ୍ଲୁଟସ୍କି ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି। ପୁଟିନ୍ ବିରୋଧୀ ପ୍ରାର୍ଥୀମାନେ କେହି ବି ୫ ପ୍ରତିଶତରୁ ଅଧିକ ଭୋଟ ହାତେଇ ପାରିନାହାନ୍ତି। ସୋଭିଏତ୍ ସଂଘର ବିଲୟ ଓ ରୁଷିଆ ରାଷ୍ଟ୍ରପତି ନିର୍ବାଚନରେ ପୁଟିନ୍‌ଙ୍କର ଏହା ହେଉଛି ସବୁଠୁ ବଡ଼ ବିଜୟ। ରୁଷିଆ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଓ ପୁଟିନ୍‌ଙ୍କ ବିପୁଳ ବିଜୟକୁ ନେଇ ଆମେରିକା, ଜର୍ମାନୀ, ବ୍ରିଟେନ୍ ଏବଂ ଅନ୍ୟ ଦେଶର ନେତାମାନେ ନିର୍ବାଚନର ନିରପେକ୍ଷତା ଉପରେ ପ୍ରଶ୍ନ କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ରୁଷିଆ ରାଷ୍ଟ୍ରପତି ନିର୍ବାଚନକୁ ଅବୈଧ କହିଛନ୍ତି। ନିକଟରେ ଜେଲରେ ପ୍ରାଣ ହରାଇଥିବା ପୁଟିନ୍‌ଙ୍କ ବଡ଼ ସମାଲୋଚକ ତଥା ବିରୋଧୀ ଦଳ ନେତା ଆଲେକ୍‌ସି ନାଭାଲ୍‌ନିଙ୍କ ପତ୍ନୀ ୟୁଲିଆ ନଭାଲ୍‌ନୀ ମଧ୍ୟ ରୁଷିଆରେ ରାଷ୍ଟ୍ରପତି ନିର୍ବାଚନକୁ ଅବୈଧ, ଏକପାଖିଆ କହି ସମାଲୋଚନା କରିଛନ୍ତି।

ତେବେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପରେ ପୁଟିନ୍‌ଙ୍କ ମନ୍ତବ୍ୟ ବିଶ୍ୱ ପାଇଁ ଆଉ ଏକ ଭୟର ବାତାବରଣ ସୃଷ୍ଟି କରିଛି। ରୁଷିଆ ଆଗକୁ ସାମରିକ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ ହେବ, ୟୁକ୍ରେନ୍ ବିରୋଧରେ ରୁଷିଆର ସ୍ପେଶାଲ ମିଲିଟାରି ଅପରେଶନ ଅଧିକ ଭୟଙ୍କର ହେବ, ରୁଷିଆ ସେନାକୁ ଆହୁରି ମଜଭୁତ କରାଯିବ ବୋଲି ପୁଟିନ୍ ବୟାନ ଦେଇଛନ୍ତି। ୟା'ଭିତରେ ସବୁଠାରୁ ବଡ଼ ବୟାନ ହେଉଛି, ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଏକପ୍ରକାର ଆହ୍ୱାନ ଦେଇଛନ୍ତି ପୁଟିନ୍। ନାଟୋ ସେନା ଓ ଆମେରିକାକୁ ଚେତାବନୀ ଦେବା ଛଳରେ ପୁଟିନ୍ କହିଛନ୍ତି, ରୁଷିଆ ଉପରେ ଆକ୍ରମଣ କଲେ ତୃତୀୟ ବିଶ୍ୱଯୁଦ୍ଧ ନିଶ୍ଚିତ, ଏହାକୁ କେହି ବି ଟାଳିପାରିବେ ନାହିଁ। ପୁଟିନ୍ ପୁଣି ରାଷ୍ଟ୍ରପତି ଭାବେ ବିଜୟୀ ହେବା ପରେ ଚାଇନା ରାଷ୍ଟ୍ରପତି ଶି ଜିନ୍ ପିଙ୍ଗ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ବର୍ତ୍ତମାନ ପୁଟିନ୍‌ଙ୍କ ପଞ୍ଚମ ପାଳି ଓ ପୁଣି ୨୦୩୦ ନିର୍ବାଚନରେ ବିଜୟୀ ହେଲେ ଅତୀତର ସୋଭିଏତ୍ ରୁଷ୍ ଓ ବର୍ତ୍ତମାନ ରୁଷିଆର ୨୦୦ ବର୍ଷ ଇତିହାସରେ ପୁଟିନ୍‌ଙ୍କ ନାଁରେ ନୂଆ ରେକର୍ଡ ସୃଷ୍ଟି ହେବ। ସୋଭିଏତ୍ ରୁଷ୍‌ର ଶାସକ ଜୋସେଫ୍ ଷ୍ଟାଲିନଙ୍କ ନାଁରେ ୩୦ବର୍ଷ ଶାସନ କରିଥିବାର ରେକର୍ଡ ଥିବାବେଳେ ଗତ ୨୦୦୦ରୁ ୨୦୨୪ ଦୀର୍ଘ ୨୪ ବର୍ଷ ରୁଷିଆ କ୍ଷମତାକେନ୍ଦ୍ରର ମୁଖ୍ୟ ପାଲଟିଥିବା ପୁଟିନ୍ ଏହି ରେକର୍ଡ ଭାଙ୍ଗିବେ, ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଶ୍ନ ଉଠୁଛି, ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ୍ ଯୁଦ୍ଧ ଚାଲିଥିବା ବେଳେ ଏହାକୁ ନେଇ ରୁଷ୍‌ବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଦେଶର ଅର୍ଥନୀତି ମଧ୍ୟ ବରବାଦ ସ୍ଥିତିରେ। ଏ ସବୁ ଭିତରେ ସାଧାରଣ ନାଗରିକଙ୍କ ମଧ୍ୟରେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ରେକର୍ଡ ପ୍ରତିଶତ ମତଦାନରେ ସମର୍ଥନ ମିଳିଲା କେମିତି। ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ବିରୋଧୀ ପ୍ରାର୍ଥୀମାନେ ପୁଟିନ୍‌ଙ୍କ ପାଖ ମାଡ଼ିବା ତ ଦୂରର କଥା ତାଙ୍କ ଛାଇ ବି ଛୁଇଁପାରି ନାହାନ୍ତି। ତେଣୁ ପୁଟିନ୍‌ଙ୍କ ଏଭଳି ବିଜୟ ଆଗାମୀ ୨୦୩୬ ଯାଏ ସେ ରୁଷ୍‌ର ରାଷ୍ଟ୍ରପତି ରହିପାରନ୍ତି, ଏହା ନିଃସନ୍ଦେହ।



୨୦୦୦ ମସିହାରେ ପ୍ରଥମେ ରୁଷିଆ ରାଷ୍ଟ୍ରପତି ଆସନରେ ବସିଥିବା ପୁଟିନ୍ ପୁଣି ୨୦୦୪ରେ ଦ୍ୱିତୀୟଥର ରାଷ୍ଟ୍ରପତି ହୋଇଥିଲେ। ୨୦୦୮ରେ ନିଜର ବିଶ୍ୱସ୍ତ ଡିମିତ୍ରି ମେଡଭେଦଭଙ୍କୁ ରାଷ୍ଟ୍ରପତି କରାଇ ନିଜେ ପ୍ରଧାନମନ୍ତ୍ରୀ ଭାବେ ଗୋଟିଚାଳନା କରୁଥିଲେ। ଦେଶର ସମ୍ବିଧାନ ସଂଶୋଧନ ଓ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳକୁ ୪ରୁ ୬ ବର୍ଷକୁ ବୃଦ୍ଧି କରିଥିଲେ। ୨୦୧୪ରେ କ୍ରିମିଆ ଉପରେ ଆକ୍ରମଣ କରି ରୁଷ୍‌ରେ ହିରୋ ସମ୍ମାନ ଗ୍ରହଣ କରିଥିବା ପୁଟିନ୍ କିନ୍ତୁ ୨୦୨୨ରେ ୟୁକ୍ରେନ୍ ବିପକ୍ଷ ଯୁଦ୍ଧରେ ଦେଶବାସୀଙ୍କ ସମର୍ଥନ ଯୋଗାଡ଼ରେ ବିଫଳ ହୋଇଛନ୍ତି କହିଲେ ଭୁଲ୍ ହେବନି। ୨୦୧୩ରୁ ୨୦୧୬ ମଧ୍ୟରେ ୪ଥର ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ମର୍ଯ୍ୟାଦା ମଧ୍ୟ ପୁଟିନ୍‌ଙ୍କୁ ମିଳିସାରିଛି। ଏହାସହ ରୁଷିଆର ସବୁଠାରୁ ଧନୀ ବ୍ୟକ୍ତି ଓ ଦେଶର ଧନୀକ ଏବଂ ପ୍ରଭାବଶାଳୀ ବର୍ଗଙ୍କ ଲଗାମ ମଧ୍ୟ ନିଜ ହାତରେ ନିୟନ୍ତ୍ରଣ କରିଚାଲିଛନ୍ତି। ରୁଷ୍‌ର ରାଜନୈତିକ ବ୍ୟବସ୍ଥା କହୁଛି ରୁଷିଆର ସଂସଦ, ଯାହାକୁ ଫେଡେରାଲ ଆସେମ୍ବ୍ଲି ବୋଲି କୁହାଯାଏ ଏଠାରେ ମଧ୍ୟ ଆମ ଦେଶର ସଂସଦ ଭଳି ଦୁଇଟି ସଦନ ରହିଛି। ରୁଷିଆ ସଂସଦର ଅପର ହାଉସ୍‌କୁ କାଉନ୍‌ସିଲ ଅଫ୍ ଫେଡେରେଶନ କୁହାଯାଉଥିବା ବେଳେ ଲୋୟର ହାଉସ୍‌କୁ ଷ୍ଟେଟ୍ ଡୁମା ବୋଲି କୁହାଯାଏ। ଆଉ ଗଣତାନ୍ତ୍ରିକ ରାଷ୍ଟ୍ର ରୁଷିଆରେ କିନ୍ତୁ ରାଷ୍ଟ୍ରପତି ପୁଟିନ୍‌ଙ୍କ କାର୍ଯ୍ୟକାଳ ସମୟରେ ଗଣତନ୍ତ୍ର କମ୍ ବରଂ ଏକଚ୍ଛତ୍ରବାଦ ଅଧିକ ବୋଲି ସାରାବିଶ୍ୱ ଅନୁଭବ କରିପାରୁଛି। ରାଷ୍ଟ୍ରପତି ପୁଟିନ୍ ଦେଶର ସବୁଠାରୁ ଶକ୍ତିଶାଳୀ ବିବେଚିତ ହୋଇଛନ୍ତି। ଅତୀତରେ ପୁଟିନ୍‌ଙ୍କ ଅନେକ ନିନ୍ଦୁକଙ୍କୁ କେଉଁଠି ନା କେଉଁଠି ବିଷ ଦିଆଯାଇ ହତ୍ୟା କରାଯାଇଛି। ଶେଷରେ ଏତିକି କୁହାଯାଇପାରେ, ଗଣତନ୍ତ୍ର ନାଁରେ ସ୍ୱେଚ୍ଛାଚାରିତା ଶାସନ କିଛିଦିନ ପାଇଁ ଦେଶର ସାଧାରଣ ନାଗରିକଙ୍କୁ ଚୁପ୍ ରଖିପାରେ କିନ୍ତୁ ସବୁ ଦିନ, ସବୁ ସମୟ କୌଣସି ସ୍ୱେଚ୍ଛାଚାରୀ ଶାସକ ବା ଏକଚ୍ଛତ୍ରବାଦୀ ଶାସକଙ୍କୁ ଦେଶର ଅଗଣିତ ନାଗରିକ କ୍ଷମାଦେବେ ନାହିଁ।

ବାଲିପନ୍ତାଳ, ନଗର ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୭୦୩୬

## ଏଇ ଭାରତରେ

ସାଫ୍ରୋନ ବା କେଶର ଚାଷ କଥା ଉଠିଲେ କଶ୍ମୀର ମନେପଡ଼େ। ଏହି ଚାଷ ଏବେ ଭାରତର ଅନ୍ୟ ଅଞ୍ଚଳରେ ସମ୍ଭବ ହୋଇପାରୁଛି। ସବୁଠୁ ବଡ଼ କଥା ହେଉଛି, ଏହାକୁ ଘରେ ବି ଚାଷ କରାଯାଇପାରୁଛି, ଯାହା ପ୍ରମାଣ କରିଛନ୍ତି ନୋଏଡାର ରମେଶ ଗେର୍। ସେ ୧୦୦ ବର୍ଗଫୁଟ ରୁମ୍‌ରେ ଏକ ଗ୍ରୀନ୍ ହାଉସ ନିର୍ମାଣ କରି କେଶର ଚାଷ ଉପଯୋଗୀ ପରିବେଶ ସୃଷ୍ଟି କରିଛନ୍ତି। ମୋଟରେ ଏଥିରେ ସେ ୪ରୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ଏହି ଚାଷରୁ ମାସକୁ ୩.୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ ରମେଶ ଅନ୍‌ଲାଇନରେ କେଶର ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଦୁଇଦିନିଆ ଅନ୍‌ଲାଇନ ପ୍ରଶିକ୍ଷଣ ପାଇଁ ସେ ୧୨,୦୦୦ ଟଙ୍କା ନେଉଛନ୍ତି। ରମେଶ ଏନ୍‌ଆଇଟି କୁରୁକ୍ଷେତ୍ରରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ଅନେକ ବହୁଦେଶୀୟ କମ୍ପାନୀରେ କାମ କରିଛନ୍ତି। ୨୦୦୨ରେ ଦକ୍ଷିଣ କୋରିଆ ଗସ୍ତ ସମୟରେ ସେ ସାଫ୍ରୋନ ଚାଷ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ। ୧ କେ.ଜି. ସାଫ୍ରୋନର ହୋଲ୍‌ସେଲ ମୂଲ୍ୟ ୨.୫ ଲକ୍ଷ ଟଙ୍କା ଓ ଖୁଚୁରା ବଜାରରେ ଏହାକୁ ସେ ୩ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୭୫

- ଜାତୀୟ ମୁକ୍ତି ସାମ୍ମୁଖ୍ୟ ସୈନ୍ୟମାନଙ୍କ ଦ୍ୱାରା ଦକ୍ଷିଣ ଭିଏତ୍‌ନାମର ଦ୍ୱିତୀୟ ବୃହତ୍ତମ ନଗରୀ ଦାମଙ୍ଗ ଦଖଲ।
- ଦକ୍ଷିଣ ଭାରତ ଜାହାଜ ଚଳାଚଳ କର୍ପୋରେସନ ପକ୍ଷରୁ ତାମିଲନାଡୁ ମରୁଡ଼ି ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ।

## ଚିରନ୍ତନୀ

ସେ ପଛେ ହେଉ ମୋର ଛଳନାଛାୟା
କେବଳ ନୟନର ମୋହନ ମାୟା
କେବଳ ଧମନୀର ଚପଳ ଗତି
ଯୁକତିହୀନ ଏକ ଭାଷାର ଯତି
ହେଲେ ହେଁ ମାୟାମୋହ ସପନ-
ଅତିହିଁ ଆପଣାର ଆପଣ
ସେ ଯଉବନ-ସୁରା ଝରୁ ଏ ଦେହ ମନେ
ଉଠୁ ତା' ରଙ୍ଗିମା ଉକୁଟି ଆଖିକୋଣେ,
ଜୀବନ-ସୁରା ଢାଳୁ ପୀରତି-ରୂପା ସାକୀ
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି।
(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 1 | | | 3 | | | 4 |
| | 2 | | | 8 | | | | 6 |
| 3 | | | | | | | | |
| | | | | | | 8 | | |
| | 4 | | | | 7 | 9 | | 3 |
| | | 9 | | | | | | |
| | | | | 6 | | | 1 | 7 |
| | | 4 | | | | 2 | | |
| | 8 | | 9 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 1 | 5 | 6 | 9 | 3 | 7 | 4 |
| 4 | 5 | 9 | 1 | 3 | 7 | 2 | 8 | 6 |
| 6 | 7 | 3 | 2 | 8 | 4 | 5 | 1 | 9 |
| 3 | 2 | 4 | 6 | 9 | 1 | 8 | 5 | 7 |
| 1 | 6 | 7 | 8 | 2 | 5 | 4 | 9 | 3 |
| 5 | 9 | 8 | 4 | 7 | 3 | 1 | 6 | 2 |
| 8 | 3 | 6 | 7 | 1 | 2 | 9 | 4 | 5 |
| 9 | 1 | 5 | 3 | 4 | 6 | 7 | 2 | 8 |
| 7 | 4 | 2 | 9 | 5 | 8 | 6 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ଶାସ୍ତି ଆବଶ୍ୟକ

ମହାଶୟ,

ବିଶ୍ୱବିଦିତ ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ଭକ୍ତମାନଙ୍କ ପାଇଁ ଦିବ୍ୟ ଅନୁଭୂତି ପ୍ରଦାନ କରେ, ଯେଉଁଥିପାଇଁ ଭାରତ ବାହାରୁ ମଧ୍ୟ ମହାପ୍ରଭୁଙ୍କ କରୁଣା ଲାଭ ପାଇଁ ଭକ୍ତମାନେ ଧାଇଁ ଆସନ୍ତି। ଓଡ଼ିଶାର ସଂସ୍କୃତି, ପରମ୍ପରା ତଥା ଶାନ୍ତିପୂର୍ଣ୍ଣ ବାତାବରଣ ଭକ୍ତମାନଙ୍କୁ ବାନ୍ଧି ରଖେ। ନିକଟରେ ସୁଦୂର ନେଦରଲାଣ୍ଡରୁ ପୁରୀ ବୁଲି ଆସିଥିବା ପର୍ଯ୍ୟଟକଙ୍କ ଠାରୁ ସବୁକିଛି ଲୁଟି ନେଇଥିବା ଲୁଟେରା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କାରଣ ଓଡ଼ିଶାର ନାଁକୁ ନିନ୍ଦିତ କରୁଥିବା ବ୍ୟକ୍ତି କେବେ ବି କ୍ଷମାର ପାତ୍ର ନୁହେଁ। ଓଡ଼ିଶା ପ୍ରତି ଯେଉଁ ମନୋଭାବ ରଖି ଆସୁଥିବା ପର୍ଯ୍ୟଟକ ଯଦି ଏହିଭଳି ସମସ୍ୟାରେ ପଡ଼ନ୍ତି, ତା'ହେଲେ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ଧାମ ପୁରୀକୁ ବିଦେଶୀ ଭକ୍ତଙ୍କ ଆସିବା ପ୍ରାୟ ବନ୍ଦ ହୋଇଯିବ। ଏଣୁ ଏଭଳି ଲୁଟ୍‌ପାଟ କରି ଓଡ଼ିଶାକୁ ନିନ୍ଦିତ କରୁଥିବା ବ୍ୟକ୍ତିକୁ କଠୋର ଶାସ୍ତି ମିଳିବା ଆବଶ୍ୟକ।

- ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମନ୍ମଥଙ୍କୁ ନେଇ ଅଙ୍କ ଗଡ଼ବଡ଼

**ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)**


ମନ୍ମଥ ରାଉତରାୟ


ସିଦ୍ଧାର୍ଥ ରାଉତରାୟ

ଓଡ଼ିଶା ରାଜନୀତିରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପୁଣି ଥରେ ଏହି ଆସନରୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନପୁଅ ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ମନ୍ମଥ ଓ ଅପରାଜିତାଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି । ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ୨୩ହଜାର ୮୩୯ ଭୋଟ ବ୍ୟବଧାନରେ ହରାଇ ଅପରାଜିତା ବିଜୟୀ ହୋଇଥିଲେ। ଜୟଦେବକୁ ବାଦ୍ ଦେଲେ ଅନ୍ୟ ୬ଟି ନିର୍ବାଚନମଣ୍ଡଳୀରେ ଭାଜପାକୁ ଅଧିକ ଭୋଟ ମିଳିଥିଲା। କଂଗ୍ରେସ ଭୋଟରେ ଅପରାଜିତା ବିଜୟ ଲାଭ କରିଥିବା ବେଳେ ଚଳିତ ନିର୍ବାଚନରେ ବିଜେଡି ମନ୍ମଥଙ୍କୁ ଟିକେଟ ଦେଇ କଂଗ୍ରେସ ଭୋଟ ହାତେଇବା ପାଇଁ ମାଷ୍ଟରଷ୍ଟ୍ରୋକ ମାରିଛି। ଜଟଣୀ ସମେତ ଭୁବନେଶ୍ୱର ୩ ନିର୍ବାଚନମଣ୍ଡଳୀରେ ସୁରଙ୍କ ଲୋକପ୍ରିୟତା ରହିଛି। ତେଣୁ ବିଜେଡି ସୁରଙ୍କ ପୁଅ ମନ୍ମଥଙ୍କୁ ଟିକଟ ଦେଇ ଅପରାଜିତାଙ୍କୁ ଚେକ୍ ଦେବା ପାଇଁ ମାଷ୍ଟରପ୍ଲାନ କରିଛି। ଯଦି ବି ୨୦୨୪ରେ କଂଗ୍ରେସ ଏଠାରୁ ଲୋକ ସଭା ପ୍ରାର୍ଥୀ ଦିଏ, ତେବେ କଂଗ୍ରେସ ଭୋଟ ଭାଜପାକୁ ଯିବା ସମ୍ଭବ ନୁହଁ। ୨୦୧୯ ଭୁଲ୍‌କୁ ସୁଧାରି ଅପରାଜିତାଙ୍କୁ ଏଥର ବ୍ରେକ ଦେବା ଲାଗି ବିଜେଡି ବ୍ଲୁପ୍ରିଣ୍ଟ କରିଥିବା ଆଲୋଚନା ହେଉଛି। ମନ୍ମଥଙ୍କୁ ଦଳରେ ମିଶିବାର କେଇଘଣ୍ଟାରେ ପ୍ରାର୍ଥୀ ଘୋଷଣା କରିବା ବିଜେଡି ପାଇଁ କଣ୍ଟା ହେବାକୁ ବସିଛି ବୋଲି ମଧ୍ୟ କୁହାଗଲାଣି। ଶ୍ରୀମୟୀ ମିଶ୍ରଙ୍କୁ ନେଇ ୬ମାସ ପୂର୍ବରୁ ଦଳୀୟ ନେତା, ବିଧାୟକ ଓ କେତେ ଜଣ ମନ୍ତ୍ରୀ ସମସ୍ତ ନିର୍ବାଚନମଣ୍ଡଳୀ ବୁଲି ପ୍ରଚାର କରିବା ପରେ ମନ୍ମଥଙ୍କୁ ନେଇ କିପରି ଦଳ ପ୍ରଚାର ମଇଦାନକୁ ଓହ୍ଲାଇବ ତାହାକୁ ନେଇ ହରଡ଼ଘଣାରେ ପଡିଛି। ବିଜେଡି ମନ୍ମଥ କଣ୍ଟାକୁ ଏବେ ଢୋକିପାରୁନି କି ଓକାଳି ପାରୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଅନ୍ୟପଟେ ମନ୍ମଥଙ୍କୁ ଟିକେଟ ଦେଇ ବିଜେଡି ଯେଉଁ ମାଷ୍ଟରଷ୍ଟ୍ରୋକ ମାରିବ ବୋଲି ଆଶା ରଖିଥିଲା, ତାହା ଦଳକୁ ବୁମେରାଂ ହୋଇପାରେ। ମନ୍ମଥଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେଡି ସୁନିଶ୍ଚିତ ବିଜୟ ଆଶା ବାନ୍ଧିଥିବା ବେଳେ ସୁରଙ୍କ ବଡ଼ପୁଅ ସିଦ୍ଧାର୍ଥ ଜଟଣୀ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରିଛନ୍ତି। ତେଣୁ ଏହା ବିଜେଡିର ସବୁ ଅଙ୍କ ଗୋଳମାଳ କରିଦେଇଛି। ଏପରିକି ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ମଧ୍ୟ ଚିନ୍ତାରେ।

ସିଦ୍ଧାର୍ଥ ନିମାପଡା ନୁହଁ, ବରଂ ସେ ଜଟଣୀରୁ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି। ସେ କଂଗ୍ରେସରୁ ନିମାପଡ଼ାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ବେଶ୍ ଚର୍ଚ୍ଚା ହେଉଥିଲା। ସେ କହିଛନ୍ତି, କଂଗ୍ରେସ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି। ଆଗ ଅପେକ୍ଷା କଂଗ୍ରେସ ଏବେ ଆହୁରି ଶକ୍ତ ହୋଇଛି। ତେବେ ସେ କଂଗ୍ରେସ ଟିକେଟରୁ ଲଢ଼ିଲେ, ଲୋକଙ୍କ ପାଖକୁ ଭିନ୍ନ ବାର୍ତ୍ତା ଯିବ, ତେଣୁ ସେ ସ୍ୱାଧୀନ ଭାବେ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଜଟଣୀ ହେଉଛି ତାଙ୍କ ଘର। ଘରକୁ ବଞ୍ଚାଇବାକୁ ହେବ। ଏବେ ନିମାପଡ଼ାରୁ ଲଢ଼ିଲେ କିଛି ଲାଭ ନାହିଁ। ଯେଉଁ ବିଜେଡିକୁ ହରାଇବା ପାଇଁ ପ୍ରୟାସ କରି ସଫଳ ହେଲୁ, ସେହି ଜଟଣୀବାସୀଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ହାର୍ ଜିତ୍ ଯାହା ହେଉ ନା କାହିଁକି ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। କଂଗ୍ରେସ ଟିକେଟ ଦେଲେ ବି ନେବେନି। ଜଟଣୀବାସୀଙ୍କ ସହ କୌଣସି ଅନ୍ୟାୟ ହେଉ ବୋଲି ଚାହୁଁନି। ସାନଭାଇ ମନ୍ମଥଙ୍କ ବିଜେଡି ପ୍ରାର୍ଥିତ୍ୱକୁ ନେଇ ସିଦ୍ଧାର୍ଥ ସନ୍ତୁଷ୍ଟ ନାହାନ୍ତି। ବିଜେଡି ପାଖରେ ଯଥେଷ୍ଟ ଟଙ୍କା ଅଛି, ବହୁ ନେତା ଅଛନ୍ତି। ସେ ସମସ୍ତଙ୍କୁ ନେଇ ଜିତୁ। ସିଦ୍ଧାର୍ଥଙ୍କ ଏହି ବୟାନ ଜଟଣୀ ବିଧାନସଭା ରାଜନୀତି ଏପଟସେପଟ ହେବା ସମ୍ଭାବନା ରହିଛି। ଗତ ନିର୍ବାଚନରେ ସୁରଙ୍କଠାରୁ ମାତ୍ର ୭,୫୩୯ ଭୋଟ ବ୍ୟବଧାନରେ ବିଭୂତି ପରାଜିତ ହୋଇଥିଲେ। ପୂର୍ବରୁ ମନ୍ମଥଙ୍କୁ ଦଳ ଜଟଣୀ ବିଧାୟକ ଟିକେଟ ଦେବ ବୋଲି ଚର୍ଚ୍ଚା ହେବା ପରେ ବିଭୂତିଙ୍କ ପ୍ରାର୍ଥିତ୍ୱ ଦ୍ୱନ୍ଦ୍ୱରେ ରହିଥିଲା। ମନ୍ମଥଙ୍କୁ ଦଳ ଲୋକ ସଭା ପ୍ରାର୍ଥୀ ଘୋଷଣା କରିବା ପରେ ବିଭୂତି ଆଶ୍ୱସ୍ତି ଅନୁଭବ କରିଥିବା ବେଳେ ଏବେ ସିଦ୍ଧାର୍ଥଙ୍କ ବଡ଼ ଘୋଷଣାକୁ ନେଇ ବିଭୂତିଙ୍କ ସ୍ଥିତି ପୁଣି ଟଳମଳ ହେବା ଆଶଙ୍କା ରହିଛି। ସିଦ୍ଧାର୍ଥ ସ୍ୱାଧୀନ ପ୍ରାର୍ଥୀ ହେଲେ ସୁରଙ୍କ ଭୋଟବ୍ୟାଙ୍କ ସିଦ୍ଧାର୍ଥଙ୍କ ସପକ୍ଷରେ ଯିବ। ବିଭୂତିଙ୍କ ବିଜୟ ମାର୍ଗରେ ସିଦ୍ଧାର୍ଥ କଣ୍ଟା ସାଜିପାରନ୍ତି ବୋଲି ଆଲୋଚନା ହେଉଛି।

### ଜଟଣୀରୁ ସ୍ୱାଧୀନ ଭାବେ ଲଢ଼ିବେ ସିଦ୍ଧାର୍ଥ

# ଭାଜପାରେ ପ୍ରିୟଦର୍ଶୀ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ।

**ଭୁବନେଶ୍ୱର,୩୦।୩(ଅନିଲ ଦାସ)**

ବିଜେଡିରୁ ଶନିବାର ପୂର୍ବାହ୍ନରେ ଇସ୍ତଫା ଦେଇଥିବା ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ୍ୟାହ୍ନରେ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପ୍ରିୟଦର୍ଶୀ ଭାଜପାରେ ଯୋଗ ଦେଇଛନ୍ତି। ଏଥିସହିତ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି କୁନାଲ ରାଉତ, ୱାର୍ଡ ସଭାପତି ସ୍ୱାକ୍ଷର ରଞ୍ଜନ ମହାନ୍ତି, ଭୁବନେଶ୍ୱରର ଉପସଭାପତି ଆଲୋକ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଅଜୟ କୁମାର ବେହେରା, ସଞ୍ଜୁ ଭୋଇ, ନିର୍ମଳ ବେହେରା, ସମାଜସେବୀ ବିଦ୍ୟୁଲତା ବେହେରା, ୱାର୍ଡମେମ୍ବର ଦିଲୀପ ରାଉତ, ପୂର୍ବତନ ୱାର୍ଡ ମେମ୍ବର ଗୁରୁଚରଣ ରାଉତ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନାପତି, ଜିଲା ସାଧାରଣ ସମ୍ପାଦକ ଲୋକେଶ କୁମାର, ଖୋର୍ଦ୍ଧା ଜିଲା ସଭାପତି ଦୟାନିଧି ସ୍ୱାଇଁ, ପୂର୍ବତନ କର୍ପୋରେଟର ରଶ୍ମିରେଖା ଜେନା, ଦାଶରଥି ନାୟକ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି ।

ପ୍ରିୟଦର୍ଶୀ ୨୦୧୪ରେ ଉତ୍ତର ଭୁବନେଶ୍ୱର ଆସନରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ରେ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ବିଜେଡିରୁ ଇସ୍ତଫା ଦେବା ପରେ ପ୍ରିୟଦର୍ଶୀ କହିଛନ୍ତି, ସେ ଦୀର୍ଘବର୍ଷ ଧରି ନିଷ୍ଠାର ସହ ଦଳ ପାଇଁ କାମ କରିଛନ୍ତି। କିନ୍ତୁ ଦଳ କ୍ରମାଗତ ଭାବେ ଅବହେଳା କରିଛି। ୨୦୧୯ରେ ଟିକେଟ ଦିଆଯାଇ ନ ଥିଲା। ଦଳ ପାଇଁ କାମ କରିବାକୁ କୁହାଯାଇଥିଲା। ୨୦୨୪ରେ ଟିକେଟ କଥା ଦେଖାଯିବ ବୋଲି କୁହାଯାଇଥିଲା। ପରେ ହାଉସିଂ ବୋର୍ଡ କର୍ପୋରେଶନ ଦାୟିତ୍ୱ ଦିଆଯାଇଥିଲା। ଅଧାରୁ ମୋତେ ସେ ଦାୟିତ୍ୱ ଛାଡ଼ିଦେବାକୁ କୁହାଯାଇଥିଲା। ପାର୍ଟି ପାଇଁ କାମ କରିବାକୁ କୁହାଯାଇଥିଲା। ଏଥିସହିତ ୨୦୨୪ରେ ନିର୍ବାଚନ ଲଢ଼ିବି ବୋଲି କୁହାଯାଇଥିଲା। ସେହି ନିର୍ଦ୍ଦେଶ ମାନିଥିଲି। କିନ୍ତୁ ପରେ ଯେମିତି ଦାୟିତ୍ୱ ଦିଆଯିବା କଥା ତାହା ଦିଆଯାଇ ନ ଥିଲା। ଦଳ ପାଇଁ ଅଲୋଡ଼ା ହୋଇଯାଉଥିବା ଜାଣି ବାଧ୍ୟ ହୋଇ ଇସ୍ତଫା ଦେବାକୁ ପଡ଼ିଲା ବୋଲି ପ୍ରିୟଦର୍ଶୀ କହିଛନ୍ତି।

# କୋରେଇର ସ୍ୱାଭିମାନ ପାଇଁ ଲଢ଼େଇ ହେବ: ଆକାଶ

**ଯାଜପୁର,୩୦।୩(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ୨୦୨୪ ସାଧାରଣ ନିର୍ବାଚନ କ୍ରମଶଃ ରୋଚକ ମୋଡ଼ ନେଉଛି। ଅଭିନେତାରୁ ନେତା ସାଜିଥିବା ତଥା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ ଶନିବାର ବିଜେଡିରୁ ଇସ୍ତଫା ଦେବା ପରେ ଜିଲା ରାଜନୀତି ଏକପ୍ରକାର ସରଗରମ ହୋଇପଡ଼ିଛି। ମା' ମାଟି କୋରେଇର ସ୍ୱାଭିମାନ ପାଇଁ ଲଢ଼ିବେ ବୋଲି କହି ଆକାଶ ଶାସକ ଦଳର ନେତା ଓ କର୍ମୀଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ତେବେ ରବିବାର ଭାଜପାରେ ଯୋଗଦେଇ ଆକାଶ କୋରେଇରେ ଏକ ନୂତନ ରାଜନୈତିକ ସମୀକରଣ ସୃଷ୍ଟି କରିବେ ବୋଲି ସୂଚନା ମିଳିଛି। ଦୀର୍ଘ ୨୦ ବର୍ଷ ପରେ ଶାସକ ବିଜେଡି ପୁଣି ଏକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷେ ବିଜେଡି ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି କହିଛନ୍ତି, ଆକାଶଙ୍କ ଏଭଳି ପଦକ୍ଷେପ ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କୋରେଇବାସୀ ସଂଗଠିତ ହୋଇ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ପ୍ରତି ଭଲ ପାଇବାରେ କୌଣସି ଫରକ ପଡ଼ିବ ନାହିଁ।

କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଜଣେ ନେତା ଦ୍ୱିତୀୟ ଥର ବିଧାୟକ ହୋଇ ପାରିନାହାନ୍ତି। ବିଭିନ୍ନ ରାଜନୈତିକ ଦଳ ଏହି ନିର୍ବାଚନମଣ୍ଡଳୀକୁ ପରୀକ୍ଷାନିରୀକ୍ଷାର ପ୍ରୟୋଗଶାଳା ଭାବେ ଧରି ନେଇଛନ୍ତି। ଏଥିରେ ବ୍ୟାସନଗର ପୌର ପରିଷଦ ସହ କୋରେଇ ବ୍ଲକ ଓ ରସୁଲପୁର ବ୍ଲକର ୯ ପଞ୍ଚାୟତବାସୀଙ୍କ ସମେତ ନେତା ଓ କର୍ମୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଜଣେ ନୂଆ ମୁହଁ ବିଧାୟକ ହେଉଥିବାରୁ ବିଭିନ୍ନ କ୍ଷେତ୍ରରେ ବିକାଶ ଅଧାପନ୍ତରିଆ ହୋଇ ପଡ଼ି ରହୁଛି। ଅଞ୍ଚଳବାସୀଙ୍କ ବିଭିନ୍ନ ଦାବି ପ୍ରତିଶ୍ରୁତିରେ ଅଟକିଛି। ଫଳରେ କୋରେଇବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ସମ୍ପୃକ୍ତ ରାଜନୈତିକ ଦଳର କେତେଜଣ ବଡମୁଣ୍ଡିଆଙ୍କୁ ଏଥିପାଇଁ ଦାୟୀ କରାଯାଉଛି। ଆକାଶ ବିଜେଡିରୁ ଇସ୍ତଫା ଦେବା ପରେ ଭାଜପାରେ ମିଶିବା ଏକପ୍ରକାର ଥୟ ବୋଲି ସବୁଠି ଆଲୋଚନା ହେଉଛି। ଏହାପରେ କୋରେଇରେ ଯେଉଁ ହାଲୁକା ରାଜନୀତି କରାଯାଉଥିଲା ସେଥିରୁ ରାଜନୈତିକ ଦଳଗୁଡିକ ବିରତି ନେବେ ବୋଲି କୁହାଯାଉଛି। ଆକାଶଙ୍କ ସମେତ ବିଜେଡି ବିଧାୟକ ଅଶୋକ ବଳ, କଂଗ୍ରେସରୁ ବନ୍ଦିତା ପରିଡା, ହରେକୃଷ୍ଣ ସାହୁ ଓ ବିଦ୍ୟାଧର ମହାନ୍ତି, ଭାଜପାର ଯୁବନେତା ଆଲେକଜାଣ୍ଡାର ଦାସ ଓ ବିଶ୍ୱଜିତ ନାୟକ, ବିଜେଡି ମହିଳା ଜିଲା ସଭାନେତ୍ରୀ ସବିତା ରାଉତ, ପୂର୍ବତନ ପୌରପାଳ ରସାନନ୍ଦ ମହାନ୍ତି, ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ବିଜେଡିର ପ୍ରୀତିରଞ୍ଜନ ସାହୁ ପ୍ରମୁଖ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଶୁଣାଯାଉଛି। ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା ଦୀର୍ଘଦିନ ଧରି କୋରେଇ ଅବହେଳିତ ହୋଇ ପଡ଼ିରହିଛି। ଫଳରେ ଏହି ଆସନ ଏବେ ଚର୍ଚ୍ଚା ପରିସରକୁ ଆସିଛି। ବିଜେଡି ଛାଡିଥିବା ଆକାଶଙ୍କୁ ଗତ ନିର୍ବାଚନରେ ଟିକେଟ ନ ମିଳିବାରୁ ସେ ପୁଣି କୋରେଇବାସୀଙ୍କ ଅତି ନିକଟତର ହେବାକୁ ପ୍ରୟାସ ଜାରି ରଖିଥିଲେ। କିନ୍ତୁ ଦଳ ତାଙ୍କୁ ହତାଦର କରିବା ବିଜେଡି ପାଇ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି।


ଆକାଶ ଦାସନାୟକ

କୋରେଇ ନିର୍ବାଚନମଣ୍ଡଳୀରେ ପ୍ରସ୍ତାବିତ ନୂତନ ଆଧୁନିକ ବସ୍‌ଷ୍ଟାଣ୍ଡ, ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା, ପାଟରଙ୍ଗା ଓ ତଳଗଡ଼ ପଞ୍ଚାୟତରେ କଲ୍ୟାଣମଣ୍ଡପ, ଶ୍ରମିକ ଆଶ୍ରୟସ୍ଥଳୀ, ଯାଜପୁର ରୋଡ୍ ରେଳଷ୍ଟେଶନ ନିକଟରେ ରେଲୱେ ଫ୍ଲାଏଓଭର ବ୍ରିଜ୍ ଓ ଗଳିପୋଲ, କୋରେଇ ଭବନ, ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ, ଛୋଟରାୟପୁର ମିନି ଷ୍ଟାଡିୟମ ଇତ୍ୟାଦି ପ୍ରତିଶ୍ରୁତିରେ ଅଟକିଛି। କେବଳ ଠିକାଦାରି ରାଜନୀତି ବଢ଼ିଥିବାରୁ ଲୋକେ ଏଠାରେ ପରିବର୍ତ୍ତନ ଚାହୁଁଥିବା କୁହାଯାଉଛି।

# ଲକ୍ଷ୍ମୀ ବସ୍‌ରୁ ଦଳୀୟ ଚିହ୍ନ ହଟାଯାଉ : ଭାଜପା

**ଭୁବନେଶ୍ୱର,୩୦।୩(ଅନିଲ ଦାସ)**

### ସିଇଓଙ୍କୁ ଫେରାଦ ହେଲା ଭାଜପା

ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ରାଜ୍ୟରେ ଚାଲୁଥିବା ଲକ୍ଷ୍ମୀ ବସ୍‌ରେ ବିଜୁ ଜନତା ଦଳ ଦଳୀୟ ଚିହ୍ନ ବ୍ୟବହାର କରୁଛି । ଭାଜପା ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଲକ୍ଷ୍ମୀ ବସ୍‌ରୁ ଦଳୀୟ ଚିହ୍ନ ହଟାଇବା ପାଇଁ ଦାବି ଜଣାଇଛି। ଏ ନେଇ ଶନିବାର ଭାଜପାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି।

ରାଜ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇସାରିଥିବା ବେଳେ ଅବାଧ, ନିରପେକ୍ଷ ନିର୍ବାଚନକୁ ବେଖାତିର କରି ଶାସକ ବିଜେଡି ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଛି। ଜନସାଧାରଣଙ୍କ ସୁରକ୍ଷା ଏବଂ ନିର୍ବାଚନୀ ହିଂସା ସମୟରେ ପୋଲିସ କର୍ମଚାରୀ ଅଭାବ ଦର୍ଶାଉଥିବା ଗୃହ ବିଭାଗ ସାଧାରଣ ଲୋକଙ୍କ ଅର୍ଥରେ ରାଜ୍ୟ ରାଜକୋଷରୁ ଏତେ ଅର୍ଥ ବରବାଦ କରୁଛନ୍ତି କିପରି। ଏ ସମସ୍ତ ବିଷୟ ସମ୍ପର୍କରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନୀରବତା ପାଇଁ ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ସୋନାଲୀ ସାହୁ ଓ ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ବିଜେଡିରେ ମିଶିବେ ନୀଳଗିରି ବିଧାୟକ

**ନୀଳଗିରି, ୩୦।୩ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ରବିବାର ବିଜେଡିରେ ଯୋଗ ଦେବେ। ସେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନବୀନ ନିବାସରେ ଦଳୀୟ ନେତାଙ୍କ ଉପସ୍ଥିତିରେ ସେ ବିଜେଡିରେ ମିଶିବେ ବୋଲି ଜଣାପଡ଼ିବା ପରେ ନୀଳଗିରି ଅଞ୍ଚଳରେ ରାଜନୈତିକ ଉଷ୍ମତା ଜୋର ଧରିଛି। ଏହାସହ ନୀଳଗିରି ନିର୍ବାଚନମଣ୍ଡଳୀରୁ ସୁକାନ୍ତଙ୍କ ସହ ୨ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଭୁବନେଶ୍ୱର ଯାଉଥିବା ଜଣାପଡ଼ିଛି।

ଶୁକ୍ରବାର ବିଧାୟକ ନାୟକ ତାଙ୍କ ନୀଳଗିରି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଭାଜପାରୁ ଇସ୍ତଫା ସହ ସେ ତାଙ୍କ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ କେଉଁ ଦଳରେ ଯୋଗଦେବେ ସେ ନେଇ ମୁହଁ ଖୋଲି ନ ଥିଲେ।


**TPCODL**
**TP CENTRAL ODISHA**
DISTRIBUTION LIMITED
**(A Joint Venture of Tata Power and Government of Odisha)**
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/38**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000608 | PO for Lifting & Shifting of DC equipment in TPCODL. |
| 2 | TPCODL/CCG/2023-24/1000000595 | RC for supply ofACDB in TPNODL & TPSODL. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd.23.03.2024**. Future communication / corrigendum to tender documents, if any, shall be available on TPCODL website.



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ **(ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ)** ଗଠନାତ୍ମକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୬.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ମାଲକାନଗିରି-୨ ଶାଖା / **ଋଣଗ୍ରହୀତା: ଶ୍ରୀମତୀ ରାକ୍ଷୀ ହାଲଦାର,** ସ୍ୱାମୀ: ମୃଣାଳ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ମୃଣାଳ ହାଲଦାର,** ପିତା: ପ୍ରଫୁଲ୍ଲ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ | **ଶ୍ରୀ ମୃଣାଳ ହାଲଦାରଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୬୫/୧୨୦୪୦(ନୂତନ), ୩୬୫(ପୁରୁଣା), ଖାତା ନଂ.: ୧୨୮/୧୭୨(ନୂତନ), ୧୦(ପୁରୁଣା), ପୋ.: ପଞ୍ଚବଟି, ମୌଜା: ବାଟପାଲି, ଥାନା/ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ପରିମିତ କ୍ଷେତ୍ର: ଏକର୦.୦୧୯୮ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମୁକା ପଡିଆମି, ପଶ୍ଚିମ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଉତ୍ତର: ବିବେକାନନ୍ଦ ବିଶ୍ୱାସ, ଦକ୍ଷିଣ: ରାସ୍ତା / **୧୬.୧୧.୨୦୨୩** | **୨୯.୦୧.୨୦୨୩ ସୁଦ୍ଧା ଟ.୧୭,୭୦,୨୩୬.୫୫** + ସେବାବଦ ସୁଧ ଓ ଦେୟ | ଟ.୨୩,୦୪,୦୦୦/- / ଟ.୨,୩୦,୪୦୦/- / ଟ.୨୩,୦୪୦/- |
| ୨. | ସେମିଳିଗୁଡ଼ା ଶାଖା / **ଋଣଗ୍ରହୀତା: ଶ୍ରୀ ସୁଧୀର କୁମାର ସାମନ୍ତରାୟ,** ପିତା: ବ୍ରଜ କିଶୋର ସାମନ୍ତରାୟ, ସା: ନେତାଜୀ ନଗର, ଟିଭିଏସ୍ ସୋରୁମ୍ ପଛପାର୍ଶ୍ୱ, ସେମିଳିଗୁଡ଼ା, ଜିଲ୍ଲା: କୋରାପୁଟ, ଓଡ଼ିଶା - ୭୬୪୦୩୬ | **ଶ୍ରୀ ସୁଧୀର କୁମାର ସାମନ୍ତରାୟ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ସମ୍ପତ୍ତି ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୦/୧୧୧୧, ପ୍ଲଟ୍ ନଂ.: ୧୦୩୫/୧୪୭୦/ ୧୫୯୭, ପରିମିତ କ୍ଷେତ୍ର: ଏକର୦.୦୩୫ ସେଣ୍ଟସ, ମୌଜା: କାକି, ସେମିଳିଗୁଡ଼ା, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁଧୀର ସାମନ୍ତରାୟ, ପୂର୍ବ: ପ୍ରଦ୍ୟୁମ୍ନ ରଞ୍ଜନ ଦାସ, ପଶ୍ଚିମ: ପର୍ବତ / **୩୦.୧୦.୨୦୨୩** | **୧୬.୦୮.୨୦୨୩ ସୁଦ୍ଧା ଟ.୧୯,୩୭,୦୭୮.୭୯** + ସେବାବଦ ସୁଧ ଓ ଦେୟ | ଟ.୩୭,୩୨,୦୦୦/- / ଟ.୩,୭୩,୨୦୦/- / ଟ.୩୭,୩୨୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୧୨.୦୪.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: **https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in** ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ରାୟଗଡା, ତାରିଖ: ୩୦.୦୩.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 1823/PSC** **Dt.30.03.24**
**PF-1E-05-2023/24 (DR-III)**

No. D-281: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Biology,** pursuant to Advt. No. 21 of 2021-22, **57 (Fifty Seven)** candidates bearing following Roll Nos. have been qualified for admission to the Viva Voce test. The physical verification of original certificate/documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **18.04.2024, 19.04.2024 & 20.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email Id through blackening**), three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 18.04.2024 | 8.30 A.M. | 10.30 A.M. | 100013, 100014, 100016, 100018, 100033, 100035, 100042, 100050, 100052, 100054 & 100056 = **11 Candidates** |
| | | 12.30 P.M. | 2.30 P.M. | 100090, 100107, 100114, 100136, 100138, 100178, 100186 & 100191 = **08 Candidates** |
| 2 | 19.04.2024 | 8.30 A.M. | 10.30 A.M. | 100196, 100202, 100224, 100227, 100228, 100236, 100237, 100245, 100256, 100265 & 100267 = **11 Candidates** |
| | | 12.30 P.M. | 2.30 P.M. | 100311, 100317, 100336, 100341, 100361, 100362, 100369 & 100381 = **08 Candidates** |
| 3 | 20.04.2024 | 8.30 A.M. | 10.30 A.M. | 100383, 100392, 100398, 100420, 100428, 100429, 100447, 100451, 100469, 100478 & 100490 = **11 Candidates** |
| | | 12.30 P.M. | 2.30 P.M. | 100511, 100522, 100523, 100529, 100538, 100541, 100544 & 100575 = **08 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0196/2324** **Sd./- Secretary**

## ସଂକ୍ଷେପରେ

### ବେତନଟୀ ଓକିଲ ସଂଘ ନିର୍ବାଚନ : ଲମ୍ୱୋଧର ସଭାପତି

ବେତନଟୀ,୩୦।୩(ଧରଣୀଧର ମହାନ୍ତି): ବେତନଟୀ ଓକିଲ ସଂଘର ନିର୍ବାଚନ ଶେଷ ହୋଇଥିବା ବେଳେ ଲମ୍ୱୋଧର ମହାନ୍ତ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୪୦ ଜଣ ସଦସ୍ୟା ଭୋଟ ଦେଇଥିଲେ। ସଭାପତି ପଦରେ ସଚ୍ଚିଦାନନ୍ଦ ମହାନ୍ତି ଓ ଲମ୍ୱୋଧରଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ୨ ଜଣଙ୍କ ସମାନ ସଂଖ୍ୟକ ଭୋଟ ହୋଇଥିବାରୁ ଲଟେରୀରେ ଲମ୍ୱୋଦର ବିଜୟ ହୋଇଥିଲେ। ସମ୍ପାଦକ ପାଇଁ ଦ୍ୱିମୁଖୀ ଲଢେଇ ହୋଇଥିବା ବେଳେ ପ୍ରବୀର ବାରିକ ୩୨ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିଲେ। ଦୀପକ ଖଣ୍ଡେଲୱାଲ ୮ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ଉପସଭାପତି ଭାବେ ରବିନାରାୟଣ ମହାପାତ୍ର, ସହ ସମ୍ପାଦକ ଭାବରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ ଫଳରେ ନିର୍ବାଚନ ହୋଇ ନ ଥିଲା। କୋଷାଧ୍ୟକ୍ଷ ଭାବରେ ମନୋଜ କୁମାର ଦଳେଇ ଏବଂ କାର୍ଯ୍ୟକାରୀ କମିଟିର ୪ ସଦସ୍ୟ ହେଲେ ଧିରୋଜ କୁମାର ଖଣ୍ଡେଲୱାଲ ଓ ହରଦତ୍ତ ମହାନ୍ତ, ସଞ୍ଜୟ ଭୂୟାଁ, ଅଂଶୁମାନ ସରକାର ବିଜୟ ହୋଇଥିଲେ। ଆଇନଜୀବୀ ଲମ୍ୱୋଦର ନାୟକ ପରିଚାଳନା କରିଥିଲେ।

### ବିଭୁପ୍ରସାଦ ଜିଲା ଓକିଲ ସଂଘ ସଭାପତି

ବାରିପଦା,୩୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିଭୁପ୍ରସାଦ ଦାସ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ସୁଜାତା ମିଶ୍ର, ସମ୍ପାଦକ ବିପ୍ଲବ ବାରିକ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ(ପ୍ରଶାସନ) ଭାବେ ପଙ୍କଜ କୁମାର ମହାକୁଡ, ଯୁଗ୍ମ ସମ୍ପାଦକ(ପାଠାଗାର) ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି ୮ କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ଦେବରାଜ ମିଶ୍ର, ଗୌତମ ଶଙ୍କର ରାୟ, ଜ୍ଞାନ ରଞ୍ଜନ ଜେନା, ମାନସ ରଞ୍ଜନ ବେହେରା, ସୁଧାଂଶୁ ଶେଖର ପାଲ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି ଓ ଉତ୍ତମ କୁମାର ଦଳବେହେରା କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିବା ବେଳେ ୪ଟାରୁ ଗଣତି ଆରମ୍ଭ ହୋଇଥିଲା। ଗଣତି ଶେଷ ପରେ ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ଦାସ ଫଳାଫଳ ଘୋଷଣା କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗ



ଉଦଳା,୩୦।୩ (ସନ୍ତୋଷ କୁମାର ବାଛିନୀ): ବରିଷ୍ଠ ନାଗରିକ ଧର୍ମପରାୟଣ ବ୍ୟକ୍ତି ତଥା ସାମାଜିକକର୍ମୀ ରଘୁମଣୀ ତ୍ରିପାଠୀ(୮୮)ଙ୍କ ଉଦଳା ଏନଏସିର ୧ ନଂ. ୱାର୍ଡସ୍ଥିତ ବାସଭବନରେ ଶନିବାର ତାଙ୍କର ବିୟୋଗ ଘଟିଛି। ରଘୁମଣୀ ଉଦଳାରେ ଥିବା ଟାଉନ କ୍ଲବ୍, ବାସନ୍ତୀ ପୂଜା କମିଟି, ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ। ପରଲୋକ ଖବର ପାଇ ଉଦଳା ବିଧାୟକ ଭାସ୍କର ମଡ଼େଇଙ୍କ ସମେତ ଶିକ୍ଷାବିତ୍, ଆଇନଜୀବୀ, ବରିଷ୍ଠ ନାଗରିକ ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ରଘୁମଣୀ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସ୍ୱର୍ଗତ ରଙ୍ଗନାଥ ମିଶ୍ରଙ୍କ ବଡ଼ଭଣଜା ଥିଲେ। ଶେଷ ସମୟରେ ତାଙ୍କର ୨ ପୁଅ, ପୁତ୍ର ବଧୂ, ନାତି ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମର ଶରୀରକୁ ଏକ ସୁସଜ୍ଜିତ ଯାନରେ ଟାଉନ କ୍ଲବ, ବାସନ୍ତୀ ମଣ୍ଡପ ଛକ ଏବଂ ଉଦଳା ମୁଖ୍ୟ ସହର ପରିକ୍ରମା ପରେ ୧୧ ନଂ. ୱାର୍ଡସ୍ଥିତ ଶ୍ମଶାନଘାଟରେ ଅନ୍ତିମ ସଂସ୍କାର କରାଯାଇଛି।

# ପ୍ରିଣ୍ଟିଂ ପ୍ରେସ୍ ପରିଦର୍ଶନକଲା ଫ୍ଲାଇଂ ସ୍କ୍ୱାଡ୍

## ଜିଲାରେ ନିର୍ବାଚନୀ ପ୍ରଚାର ନେଇ ତଦାରଖ

ବାରିପଦା,୩୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ତରରେ ଗଠିତ ଫ୍ଲାଇଂ ସ୍କ୍ୱାଡ୍ ଶନିବାର ଜିଲାର ବିଭିନ୍ନ ସ୍ଥାନରେ ପ୍ରିଣ୍ଟିଂ ପ୍ରେସ୍‌ରେ ନିର୍ବାଚନୀ ପ୍ରଚାର ପାଇଁ ହେଉଥିବା କାର୍ଯ୍ୟ ବିଷୟରେ ତଦାରଖ କରିଛନ୍ତି। ଫ୍ଲାଇଂ ସ୍କ୍ୱାଡ୍‌ରେ ସାମିଲ ଥିବା ଜିଲାସ୍ତରୀୟ ସରକାରୀ ଅଧିକାରୀ ଏବଂ କର୍ମଚାରୀ ବିଭିନ୍ନ ନିର୍ବାଚନ କ୍ଷେତ୍ର ପରିଦର୍ଶନ କରି ବଜାର଼ରେ ଥିବା ମୁଖ୍ୟ ପ୍ରିଣ୍ଟିଂ ପ୍ରେସ୍, ଫ୍ଲେକ୍ସ ବ୍ୟାନର ଡିଜାଇନ ଦୋକାନ, ବିଭିନ୍ନ ଫଟୋ ଷ୍ଟୁଡିଓରେ ପ୍ରଚାର ବାବଦରେ ହେଉଥିବା କାର୍ଯ୍ୟ ଅନୁଧ୍ୟାନ କରିଥିଲେ।



ଜିଲାରେ ଏଯାଏ କୌଣସି ବିଶେଷ ସ୍ଥାନରେ ନିର୍ବାଚନୀ ପ୍ରଚାର ପ୍ରିଣ୍ଟିଂ ଆରମ୍ଭ ହୋଇନାହିଁ। ଏହି କାର୍ଯ୍ୟ ଆରମ୍ଭ ହେଲେ ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ କମିଟି ଓ ଫ୍ଲାଇଂ ସ୍କ୍ୱାଡ୍ ରିପୋର୍ଟ ଆଧାରରେ ଏହାର ପୁଙ୍ଖାନୁପୁଙ୍ଖ ତଦାରଖ କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଥାଉ କି, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ଆଶାୟୀ ସଂସଦୀୟ ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ଥିବା ବେଳେ ଜଣେ ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ବିଗତ ଦିନରେ ଏହି ଫ୍ଲାଇଂ ସ୍କ୍ୱାଡ୍‌ର ସଦସ୍ୟମାନଙ୍କୁ ନେଇ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା ବିଷୟରେ ଅବଗତ କରାଯାଇଥିଲା।

# ଜୟପୁର ଉଚ୍ଚ ବିଦ୍ୟାଳୟରେ ରଜତ ଜୟନ୍ତୀ




ବିଦ୍ୟାଳୟର ରଜତ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଗୋପବନ୍ଧୁ ନଗର,୩୦।୩ (ଶାନ୍ତନୁ କୁମାର ମଡୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଜୟପୁର ଉଚ୍ଚ ବିଦ୍ୟାଳୟରେ ରଜତ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ପ୍ରଥମ ଅଧିବେଶନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦିଲ୍ଲୀପ ଦିକ୍ଷୀତ, ମୁଖ୍ୟ ଆଲୋଚକ ପୂର୍ବତନ ଶିକ୍ଷା ଅନୁ ନିରୀକ୍ଷକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ବିଶିଷ୍ଟ ଆଲୋଚକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାସବାବୁ, ସମ୍ମାନିତ ଆଲୋଚକ କୁଶଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଧର ବାରିକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ପ୍ରସାଦ ବେହେରା, ବରିଷ୍ଠ ସାରସ୍ୱତ ସାଧକ ଭଗବାନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ପଟ୍ଟନାୟକଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତା ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ସନାତନ ଜେନା, ବିଶିଷ୍ଟ ଅତିଥି ନୀଳଗିରି ବାଳିକା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ ପଟ୍ଟନାୟକ, ରଜତ ଜୟନ୍ତୀ ସ୍ମରଣୀକାର ମୁଖ୍ୟ ସମ୍ପାଦକ ଶିକ୍ଷକ ରଜତ ପଣ୍ଡା, ସହକାରୀ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଅରବିନ୍ଦ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୁରାତନ ଛାତ୍ର ସଂଘ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶିଶୁ ମୃତ

ଠାକୁରମୁଣ୍ଡା,୩୦।୩(ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ହାତୀଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଧିରଳ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଜଣଙ୍କ ହେଲେ ଗୋବିନ୍ଦ ମୁର୍ମୁଙ୍କ ୬ ବର୍ଷର ପୁଅ ମାସାଙ୍ଗ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗ୍ରାମରେ ଥିବା ଏକ ସରକାରୀ ପୋଖରୀରୁ ମାଛ ଧରିବାକୁ ପାଣି ସୁଖାଯାଉଥିଲା। ପାଣି ନିଷ୍କାସନ ପାଇଁ ଏକ ମୋଟର ଲଗାଯାଇଥିଲା। ମୋଟରକୁ ବିଦ୍ୟୁତ ସଂଯୋଗ କରିବାକୁ ପୋଖରୀ ନିକଟରେ ଥିବା ଜନୈକ ବ୍ୟକ୍ତିଙ୍କ ଘରୁ ତାର ମାଧ୍ୟମରେ ପମ୍ପରେ ସଂଯୋଗ କରାଯାଇଥିଲା। ସକାଳ ପ୍ରାୟ ୯ ଟା ସମୟରେ ମାସାଙ୍ଗ ସାଙ୍ଗମାନଙ୍କ ସହିତ ପୋଖରୀ କୂଳରେ ଖେଳୁଥିବା ବେଳେ ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ମାସାଙ୍ଗଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ କରୁଛି।

## ଚାଷକୁ ନେଇ ଗଣ୍ଡଗୋଳ, ୨ ଗୁରୁତର

ବୈଶିଙ୍ଗା,୩୦।୩(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ ତରଭୁଜ ଚାଷକୁ ନେଇ ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷରୁ ୨ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଗ୍ରାମର ନିରଞ୍ଜନ ନାଏକ ଓ ବଂଶୀଧର ଜେନା। ସୂଚନା ମୁତାବକ, ଗ୍ରାମରେ ପାରମ୍ପରିକ ଧାନ ଅମଳ ପରେ ଖରାଟିଆ ତରଭୁଜ ଚାଷ କରାଯାଇଥାଏ। ଚଳିତ ବର୍ଷ ନିରଞ୍ଜନ ଓ ବଂଶୀଧର ପାଖାପାଖି ଜମିରେ ମିଳିତଭାବେ ତାରଜାଲ ବାଡ଼ ଦେଇ ତରଭୁଜ ଚାଷ କରିଥିଲେ। ତେବେ ବଂଶୀଧର ଆଗୁଆ ଫସଲ ଅମଳ କରି ସାରି ତାରଜାଲ ଖୋଲି ଦେଇଥିଲେ। ଫଳରେ ଗୋରୁ ପଶି ନିରଞ୍ଜନଙ୍କ ଫସଲ ଖାଇଦେଇଥିଲେ। ଏହାକୁ ନେଇ ଶୁକ୍ରବାର ଉଭୟ ପରିବାର ଲୋକଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରସ୍ପର ଆକ୍ରମଣରେ ଉଭୟ ପକ୍ଷରୁ ପାଞ୍ଚଜଣ ଆହତ ହୋଇଥିଲେ। ବୈଶିଙ୍ଗା ପୋଲିସ ଏଏସ୍ଆଇ ଭାବଗ୍ରାହୀ ମହାନ୍ତ ବୁଝାଶୁଝା କରି ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆହତଙ୍କୁ ପଠାଇଥିଲେ। ୨ ଗୁରୁତରଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

କୁଳିଅଣା,୩୦।୩ (ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ପାଟିହିଞ୍ଜା ପଞ୍ଚାୟତର କାଠରୁମ୍ପା ଉ.ପ୍ରା. ବିଦ୍ୟାଳୟ ପରିସରରେ ଶନିବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟ କମିଟି ଅଧ୍ୟକ୍ଷ ଅନନ୍ତ ହେମ୍ବ୍ରମ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାତୁଆବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତରେଇ ଏବଂ ସମ୍ମାନନୀୟ ଅତିଥି ଭାବେ ସିଆର୍‌ସିସି କୁବେର ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଅଷ୍ଟମ ଶ୍ରେଣୀର ଦୁଲାରି ହେମ୍ବ୍ରମ ବିବେଚିତ ହୋଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପର୍ଶୁରାମ ସାହୁ, ଶାଙ୍ଗ ହେମ୍ବ୍ରମ ଓ ରୁପାଲୀ ବେସ୍ରା ସହଯୋଗ କରିଥିଲେ। ଶିକ୍ଷକ ରୋହିତ ମାଝୀ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଉଦଳା,୩୦।୩ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅଧୀନରେ ଥିବା ଡିହିରାକୁଳ ଗ୍ରାମର ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ ଉତ୍ସବ ଅବସରରେ ଏକ ପୁରସ୍କାର ବିତରଣୀ ସଭା ଆୟୋଜନ କରାଯାଇଥିଲା। ରାଢ଼ୋ ଲୁଇପା +୨ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ପୃଷ୍ଟି, ଭାରତୀୟ ପ୍ରତିରକ୍ଷା ବିଭାଗର କର୍ମଚାରୀ ସତ୍ୟବ୍ରତ ପୃଷ୍ଟି ପ୍ରମୁଖ ପୁରସ୍କାର ବିତରଣୀ ସଭାରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରତ ଚନ୍ଦ୍ର ହାତୀ, ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ ପାତ୍ର, ପ୍ରଧାନଆଚାର୍ଯ୍ୟ ଗଙ୍ଗାଧର ସେନାପତି, ରମେଶ ଚନ୍ଦ୍ର ପୃଷ୍ଟି ସଭା ପରିଚାଳନା କରିଥିଲେ। ଅଭିଭାବକ ଭରତ ଚନ୍ଦ୍ର ବେହେରା, ସଦାନନ୍ଦ ହାତୀଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା, ସେବକ ସେବିକା ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ: ନିଶାନ୍ତଙ୍କ ଅର୍ଦ୍ଧଶତକ

ବାରିପଦା, ୩୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମଧୁବନସ୍ଥିତ ମିନିଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିନର ମ୍ୟାଚରେ ଟିମ୍ ବି ଦଳ ଟିମ୍ ଡିକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ୍ ଡି ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୁଚିକା ମଣ୍ଡଳ ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅନ୍ୱେଷ ଅନିମେଶ ମହାନ୍ତି ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ୍



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳୀ।

ବି ୧୬.୩ ଓଭରରେ ୩ଟି ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ନିଶାନ୍ତ ମିଶ୍ର ୫୦ ରନ କରିଥିବା ବେଳେ ବିପକ୍ଷ ଦଳର ଶୁଭମ ସାନ୍ତରା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବରିଷ୍ଠ କ୍ରୀଡ଼ାବିତ୍ ଓ କୋଚ କୁମାର ରଞ୍ଜନ ପଣ୍ଡା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# କିରାଣିଙ୍କୁ ୫ବର୍ଷ କାରାଦଣ୍ଡ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବାରିପଦା,୩୦।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ଏକ ଆୟ ବହିର୍ଭୂତ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରସନ୍ନ କୁମାର ପଣ୍ଡା ଏହାର ବିଚାର କରି ଅଭିଯୁକ୍ତ ବାରିପଦା ଟାଉନ ପ୍ଲାନିଂ କାର୍ଯ୍ୟାଳୟର ପ୍ରାକ୍ତନ କିରାଣି ପ୍ରତାପ ଚନ୍ଦ୍ର କେଶୀଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୫ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଟାଉନ ପ୍ଲାନିଂ କାର୍ଯ୍ୟାଳୟର କିରାଣୀ ପ୍ରତାପଙ୍କ ନାମରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାକୁ ନେଇ ୨୦୧୩ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଥିଲେ। ଏନେଇ ମାମଲା (ନଂ.୨୫/୧୩) ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ତାଙ୍କର ବାର୍ଷିକ ଆୟର ୮୮ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ମୋଟ ୧୯ ଲକ୍ଷ ୩ ହଜାର ୯୦୯ ଟଙ୍କା ହୋଇଥିଲା। ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଏହି ଶୁଣାଣି କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ମୋରଡ଼ା,୩୦।୩(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ପାରିଆଉଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ସମାଇଡ଼ିହି ଗ୍ରାମର ବଂଶୀଧର ବେହେରା(୭୨)। ସେ ରାସ୍ତା ପାର ହେଉଥିବା ବେଳେ ଦାନ୍ତିଆମୁହାଁରୁ ଚିତ୍ରଡା ପଟକୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ପ୍ରଥମେ ତାଙ୍କୁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ବାରିପଦା ପିଆର୍‌ଏମ ମେଡିକାଲ ଓ ପରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକକୁ ଫାଣ୍ଡିରେ ରଖାଯାଇଥିବା ଫାଣ୍ଡି କର୍ମଚାରୀ ସୁଶାନ୍ତ ବିନ୍ଧାଣୀ ସୂଚନା ଦେଇଛନ୍ତି।

# ଶ୍ୱଶୁରଘର ବୁଲିବାକୁ ଯାଇଥିବା ଯୁବକଙ୍କ ମୃତଦେହ ଜବତ

ଖୁଣ୍ଟା, ୩୦।୩(ଦେବରଞ୍ଜନ ବେହେରା)

ଖୁଣ୍ଟା ଥାନା ଅଧିନ ଶାଳବଣି ଗ୍ରାମର ରଘୁନାଥ ମାର୍ଣ୍ଡିଙ୍କ ପୁଅ ଗୋରା (୨୫) କେନ୍ଦୁଆମୁଣ୍ଡି ଗ୍ରାମସ୍ଥିତ ଶ୍ୱଶୁର ଘରକୁ ବୁଲିବାକୁ ଯାଇଥିବା ବେଳେ ଶନିବାର ତାଙ୍କ ମୃତଦେହ ଏକ ବନ୍ଧ ନିକଟରୁ ଜବତ ହୋଇଛି। ଗୋରା ୫/୬ ଦିନ ପୂର୍ବେ ସ୍ତ୍ରୀଙ୍କ ସହ ଶ୍ୱଶୁର ଅନନ୍ତ ହାଁସଦାଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଉକ୍ତ ଗ୍ରାମ ନିକଟ ଶିଳଘାଟି ବନ୍ଧ ନିକଟରେ ଗୋରାଙ୍କ ମୃତଦେହ ପଡିଥିବା ଖବରପାଇ ଖୁଣ୍ଟା ପୋଲିସ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୪) ରୁଜୁ ହୋଇଛି। କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହେଲା ତାହାର ତଦନ୍ତ ଜାରି ରହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ମୁକ୍ତିଯାତ୍ରାର ବାହକ ସାନଦାଦା

## ୧୮୬ରୁ ଅଧିକ ମୃତଦେହ ଦାହ ସଂସ୍କାର କଲେଣି

ମୋରଡ଼ା,୩୦।୩(ସ୍ମାରକ ମାଜୀ)

ସଂସାରରେ ଜୀବନ ଯାତ୍ରା ସରିବା ପରେ ମୁକ୍ତି ଯାତ୍ରା ଅନିବାର୍ଯ୍ୟ। ତେବେ ଏହି ମୁକ୍ତି ଯାତ୍ରାର ବାହକ ହୁଅନ୍ତି ନିଜ ରକ୍ତ ସମ୍ପର୍କୀୟ ଓ ଆତ୍ମୀୟ ସ୍ୱଜନ। ତେବେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଯେକୌଣସି ମୃତ ବ୍ୟକ୍ତିଙ୍କ ଘରେ ଯୋଗଦେଇ ମୃତ ବ୍ୟକ୍ତିଙ୍କର ଶବ ବାହକ ଏବଂ ଦାହକ ଭାବେ କାର୍ଯ୍ୟ କରନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଚିତ୍ରଡ଼ା ଅଞ୍ଚଳର ପ୍ରବୋଧ କୁମାର ରାୟବାବୁ। ସମସ୍ତେ ତାଙ୍କୁ ସାନ ଦାଦା ବୋଲି ଡାକନ୍ତି। ପେସାରେ ଡ୍ରାଇଭର ହେଲେ ମଧ୍ୟ ନିଶା ତାଙ୍କର ଜନସେବା। ଚିତ୍ରଡା, ହଳଦୀପାଳ ଏବଂ ବ୍ଲକ୍‌ର ଆଖପାଖ



ପ୍ରବୋଧ କୁମାର ରାୟବାବୁ।

ଅଞ୍ଚଳର ଯେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାଙ୍କୁ ଖୋଜାପଡ଼େ। ବେଳେ ବେଳେ ଖବର ଶୁଣି ନିଜେ ମଧ୍ୟ ପହଞ୍ଚି ଯାଆନ୍ତି। ମରଶରୀରକୁ କାନ୍ଧ ଦେବା ସହିତ ୬ ଖଣ୍ଡ କାଠରେ କୋକେଇ ବାନ୍ଧିବା ତାଙ୍କ ପାଇଁ ଏକ କର୍ତ୍ତବ୍ୟ। ଚଉଦ ବର୍ଷ ବୟସ ତଥା ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ପ୍ରଥମେ ମୃତଦେହ ବାହକ ହୋଇ ମଶାଣିକୁ ଯାଇଥିଲେ। ସେ ଦିନଠାରୁ ଏ ପର୍ଯ୍ୟନ୍ତ ୧୮୬ ଜଣଙ୍କୁ କାନ୍ଧ ଦେବା ସହ ଦାହା ସଂସ୍କାର କରିଛନ୍ତି। ସେହିପରି ମୃତ୍ୟୁ ଲୋକଙ୍କ ଅସ୍ଥି ବିସର୍ଜନ ମଧ୍ୟ କରିବାକୁ ଯାଆନ୍ତି। ୩୦ରୁ ଅଧିକ ଲୋକଙ୍କ ଅସ୍ଥି ବିସର୍ଜନ ମଧ୍ୟ କରିସାରିଲେଣି। କୋରନା ମହାମାରୀ ସମୟରେ ମୃତ୍ୟୁ ଶରୀର ପାଖକୁ କେହି ଯାଉ ନ ଥିବା ବେଳେ ସେ ନିଜେ କାନ୍ଧରେ ବୋହି ଅନେକ ମୃତଦେହ ଦାହ କରିଥିଲେ। ଯାହା ପାଇଁ ସମଗ୍ର ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଇଥିଲା। ଏଥିସହ ଅଞ୍ଚଳରେ ବାହାଘର ହେଉକି ବ୍ରତଘର କି ରୋଗୀଙ୍କୁ ନେଇ ଡାକ୍ତରଖାନା ଯିବା ସବୁ ଜାଗାରେ ସହଯୋଗ ପାଇଁ ଆଗେଇ ଆସନ୍ତି। ତାଙ୍କର ପରପୋକାରୀ ଗୁଣ ପାଇଁ ଅଞ୍ଚଳର ଘରେ ଘରେ ସାନ ଦାଦା ଭାବେ ବେଶ ପରିଚିତ ହୋଇପାରିଛନ୍ତି। ବିପଦ ଆପଦ ସମୟରେ ଯଥା ମୃତଦେହ ଦାହ, ବ୍ରତ, ବାହାଘର ସମୟରେ ସାନ ଦାଦାଙ୍କୁ ଖୋଜାପଡ଼େ। ସେ ଖୁସିର ସହ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରନ୍ତି ବୋଲି ଅଞ୍ଚଳର ବିଶ୍ୱ ବନ୍ଧନ ବେହେରା, ବରିଷ୍ଠ ନାଗରିକ ସେକ ମୁସ୍ତଫା, ଦୀପକ କୁମାର ବେହେରା ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

# ଲଉଡ଼ି ଖେଳ, ଓଗାଳ ପ୍ରତିଯୋଗିତା: ସୁରେଶ୍ୱରପୁର ପ୍ରଥମ

ତିହିଡ଼ି,୩୦।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ସାହାପୁର ପଞ୍ଚାୟତସ୍ଥିତ ଆନନ୍ଦବଜାର ଠାକୁର ଶ୍ରୀ ଦୋଳଗୋବିନ୍ଦ ପଡ଼ିଆରେ ଲଉଡ଼ି ଖେଳ ଏବଂ ଓଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମୌଜା ଦୋଳ କମିଟି ଦ୍ୱାରା ଆୟୋଜିତ ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ କୃତ ଏହି ପ୍ରତିଯୋଗିତାରେ ଓଡିଶାର ସୁନାମଧନ୍ୟ ୭ କାଠି ଲଉଡ଼ି ଦଳ ଭାଗ ନେଇଥିଲେ। ଏହି ଅବସରରେ ଅଲ୍ ଓଡ଼ିଶା ଯାଦବ ମହାସଭାର ଜିଲା କାର୍ଯ୍ୟକାରୀ ସଭାପତି ଗଜେନ୍ଦ୍ର ବାରିକଙ୍କ ସଭାପତିତ୍ୱ ଓ ସମ୍ପାଦକ ପ୍ରତାପ ମହାକୁଡ଼ଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି କୁନି ପ୍ରବଚକ କେଶବ ଦାସ(ଦ୍ୱିତୀକୃଷ୍ଣ) ଏବଂ ଅନ୍ୟତମ ଅତିଥି ଭାବେ ପଞ୍ଚମୌଜା କମିଟିର ସଭାପତି ଶ୍ରୀକାନ୍ତ ମଲ୍ଲିକ, ତିହିଡ଼ି ବ୍ଲକ ସମ୍ପାଦକ ଶ୍ରୀଧର ବାରିକ, ଗଙ୍ଗାଧର ପରିହାରୀ, ଶଶୀକାନ୍ତ କବି, ଅନନ୍ତ ବେହେରା, ଜଗନ୍ନାଥ ମହାକୁଡ଼, ଆଲୋକ ବାରିକ, କାଳନ୍ଦୀ ନାୟକ, ବସନ୍ତ ମହାକୁଡ଼, ନାରାୟଣ ବାରିକ, ପ୍ରଦୀପ ବେହେରା, ପ୍ରଭାକର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୭ ଦଳ ମଧ୍ୟରୁ ସୁରେଶ୍ୱରପୁର ବଂଶୀ ଯାଦବ ସଂଘ ପ୍ରଥମ, ଇରମ ଯାଦବ ସଂଘ ଦ୍ୱିତୀୟ, ଜଗନ୍ନାଥପୁର ତୃତୀୟ, ଖେଡୁଆଳପୁର ଯାଦବ ସଂଘ ଚତୁର୍ଥ, ଭୀମପୁର ଯାଦବ ସଂଘ ପଞ୍ଚମ, ସାହାପୁର ଷଷ୍ଠ ଏବଂ ଫକୀରପୁର ଯାଦବ ସଂଘ ସପ୍ତମ ସ୍ଥାନ ଅଧିକାର କରିଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବନ୍ଦ ଘରୁ ମିଳିଲା ମହିଳାଙ୍କ ମୃତଦେହ


ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି।

- ୧୪ ଦିନ ହେଲା ଫୋନ କଲ୍ ରିସିଭ୍ କରି ନ ଥିଲେ
- ହତ୍ୟା ଅଭିଯୋଗ କଲେ ସ୍ୱାମୀ

ଭଦ୍ରକ,୩୦।୩ (ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଅଧୀନ ଅପର୍ତିବିନ୍ଧା ନିଉକଲୋନୀରେ ଏକ ଭଡ଼ାଘରର ବନ୍ଦ କୋଠରୀରୁ ଜଣେ ମହିଳାଙ୍କ ମୃତଦେହ ଶନିବାର ଅପରାହ୍ନରେ ପୋଲିସ ଜବତ କରିଛି। ମୃତ ମହିଳା ହେଲେ ତିହିଡ଼ି ଥାନା ଅଧୀନ ଗୋଳାପୋଖରୀ ଗ୍ରାମର ମହେଶ୍ୱର ନାୟକଙ୍କ ସ୍ତ୍ରୀ ମଧୁମିତା(୪୨)। ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ମହେଶ୍ୱର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୧୭୩/୨୪) ରୁଜୁ କରି ତଦନ୍ତ ଚଳାଇଛି।

ମହେଶ୍ୱର ମୁମ୍ବାଇରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ବେଳେ ତାଙ୍କର ଏକମାତ୍ର ପୁଅ ପୁନେରେ ରହି ପାଠ ପଢୁଛନ୍ତି। ମଧୁମିତା ଅପର୍ତିବିନ୍ଧା ନିଉକଲୋନୀରେ ଗତ ୬ମାସ ଧରି ଭଡ଼ାଘରେ ରହୁଥିଲେ। ସେ ଏକା ରହୁଥିଲେ। ଗତ ୧୪ ଦିନ ଧରି ମହେଶ୍ୱର ମଧୁମିତାଙ୍କୁ ଫୋନ କରିଥିବା ବେଳେ ସେ ଉଠାଇ ନ ଥିଲେ। ଏଥିରେ ସନ୍ଦେହ ହୋଇଥିଲା। ଗତ ୨୩ ତାରିଖରେ ଘର ଭିତରୁ ଦୁର୍ଗନ୍ଧ ଆସୁଥିବା ନେଇ ଗତ ୨୩ ତାରିଖରେ ଭଡ଼ାଘର ମାଲିକ ମହେଶ୍ୱରଙ୍କୁ ଜଣାଇଥିଲେ। ଶନିବାର ମହେଶ୍ୱର ଭଦ୍ରକରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଭଦ୍ରକ ଟାଉନ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗିବା ପରେ ମଧୁମିତାଙ୍କ ମୃତଦେହ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହରୁ ଦୁର୍ଗନ୍ଧ ଆସୁଥିବା ବେଳେ କିଛିଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ପୋଲିସ ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହା ହତ୍ୟା କି ଆତ୍ମହତ୍ୟା ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

## ଓକିଲ ସଂଘ ନିର୍ବାଚନ

# ବସନ୍ତ ସଭାପତି, ସୂର୍ଯ୍ୟକାନ୍ତ ସମ୍ପାଦକ


ସଭାପତି ଓ ସମ୍ପାଦକଙ୍କ ସହ ବିଜୟୀ ପ୍ରାର୍ଥୀ।

ଭଦ୍ରକ,୩୦।୩ (ସନାତନ ରାଉତ)

ଭଦ୍ରକ ଓକିଲ ସଂଘ ପକ୍ଷରୁ ୧୧ଟି ପଦବୀ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବସନ୍ତ ଦାସ ଓ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ କୁଅଁର ନିର୍ବାଚିତ ହୋଇଛନ୍ତି। ପୁରୁଣା କୋର୍ଟ ପରିସରରେ ଅନୁଷ୍ଠିତ ନିର୍ବାଚନ ବୁଥ୍‌ରେ ୯୦୩ ଭୋଟରଙ୍କ ମଧ୍ୟରୁ ୭୮୦ଜଣ ମତଦାନ କରିଥିଲେ। ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ମତଦାନ ପରେ ଅପରାହ୍ନ ୪ଟା ୩୦ରେ ଗଣତି ଆରମ୍ଭ ହୋଇଥିଲା। ସଭାପତି ପଦ ପାଇଁ ଆଇନଜୀବୀ ବସନ୍ତ କୁମାର ଦାସ, ଦେବେନ୍ଦ୍ର ପଣ୍ଡା ଓ ଧନେଶ୍ୱର ମଲ୍ଲିକ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବସନ୍ତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବେନ୍ଦ୍ରଙ୍କୁ ହରାଇ ବିଜୟୀ ହୋଇଛନ୍ତି।

ସେହିପରି ସୂର୍ଯ୍ୟକାନ୍ତ କୁଅଁର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଲ୍ୟାଣ କୁମାର ଦାସଙ୍କୁ ହରାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଦୀପକ କୁମାର ସାହୁ ଉପସଭାପତି ଓ ଗିରିଜା ଶଙ୍କର ଦାସ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ କିଶୋର ବଳ ଓ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବିଶ୍ୱପ୍ରକାଶ ଜେନା, କୌଶିକ ଦାସ ଓ ଶିଳାଦିତ୍ୟ ନାୟକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସନ୍ତୋଷ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଆଇନଜୀବୀ ଅତୀଶ ବେହେରା, ଲଲାଟେନ୍ଦୁ ଦୀକ୍ଷିତ, ନାରାୟଣ ମହାନ୍ତି, ଚିତ୍ତରଞ୍ଜନ ନାଥ, ପବନ ଶର୍ମା, ହରିହର ଧଳ, ସରୋଜ ତପନ ଦାସ, ଜ୍ୟୋତିରଞ୍ଜନ ବେହୁରା, ବନିତା ଦତ୍ତ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ ମହିଳା ମହାବିଦ୍ୟାଳୟ ରାଜନୀତି ବିଭାଗ ପ୍ରାଧ୍ୟାପିକା ଅନୀତା ଦଳାଇଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ,୩୦।୩ (ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଅନୀତା ଦଳାଇଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷା ସୁପ୍ରୀତି କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ବିଦାୟୀ ପ୍ରାଧ୍ୟାପିକାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ପୁଷ୍ପଲତା ଧଳ ଓ ଅଧ୍ୟାପକ ରାଜେଶ କୁମାର ପାହାରୀ ତାଙ୍କ ସହ ବିତାଇଥିବା ମୂହୁର୍ତ୍ତକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଛାତ୍ରୀ ରୁହିନା ଜିୟା, ପୁଷ୍ପାଞ୍ଜଳି ଖଟୁଆ, ପ୍ରିୟପ୍ରିୟା ନାୟକ, କବିତା ଦାସ, ସ୍ମୃତିରେଖା ନାୟକ, ଶୁଭସ୍ମିତା ପୃଷ୍ଟି, ଶୁଭଙ୍କରୀ ଦୀକ୍ଷିତ ପ୍ରମୁଖ ଛାତ୍ରୀମାନଙ୍କୁ ପ୍ରାଧ୍ୟାପିକା ଦଳାଇ ସବୁବେଳେ ଦିଗ୍‌ଦର୍ଶନ ଦେବା ସହ ମା' ଭଳି ସ୍ନେହ କରୁଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ବିଦାୟୀ ପ୍ରାଧ୍ୟାପିକା ଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ କଠୋର ପରିଶ୍ରମ, ନିଷ୍ଠା ଓ ସଂକଳ୍ପର ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ତୃତୀୟ ବର୍ଷ ଛାତ୍ରୀ ସ୍ୱାଗତିକା ମହାନ୍ତି ସଭା ସଞ୍ଚାଳନ କରିଥିଲେ।

# ମେଳଣ ପଡ଼ିଆ ସଫେଇ କଲେ ବିଧାୟକ

ଧାମନଗର, ୩୦।୩ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ବାୟାଙ୍ଗଡିହ ନୂଆହାଟଠାରେ ଅନୁଷ୍ଠିତ ମେଳଣରେ ପଡ଼ିଆଟି ବର୍ଜ୍ୟବସ୍ତୁ ପଡ଼ି ସମ୍ପୂର୍ଣ୍ଣ ଅପରିଷ୍କାର ହୋଇପଡ଼ିଥିଲା। ଏହାକୁ ଦେଖି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଶନିବାର ବୟାଙ୍ଗଡିହ ମେଳଣ ପଡ଼ିଆ ସଫେଇ କରିଛନ୍ତି। ବୟାଙ୍ଗଡ଼ିହ ନୂଆହାଟଠାରେ ତିନିଦିନ ବ୍ୟାପୀ ଦୋଳ ମେଳଣ ହୋଇଥିଲା। ମେଳଣ ସରିବା ପରେ ପଡ଼ିଆରେ ଖାଦ୍ୟ ସାମଗ୍ରୀ ପ୍ୟାକେଟ, ପଲିଥିନ ବ୍ୟାଗ୍, ପ୍ଲାଷ୍ଟିକ ପାଣି ବୋତଲ ଆଦି ପଡ଼ି ପରିବେଶକୁ ଅପରିଷ୍କାର କରିବା ସହ ଦୁର୍ଗନ୍ଧରେ ଅଞ୍ଚଳ ଫାଟି ପଡୁଥିଲା। ବିଧାୟକ ସେଠାରେ ପହଞ୍ଚି ସହଯୋଗୀଙ୍କ ସହ ମିଶି ପଡ଼ିଆରୁ ଆବର୍ଜନା ଉଠାଇ ପରିଷ୍କାର କରିଛନ୍ତି। ଏହି ଅବସରରେ ସ୍ୱଚ୍ଛତା ଏକ ସେବା ଏବଂ ପରିବେଶର ସୁରକ୍ଷା ସୌନ୍ଦର୍ଯ୍ୟ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ବିଧାୟକ କହିଥିଲେ। ସଫେଇ କାର୍ଯ୍ୟରେ ବରିଷ୍ଠ ନେତା ଅଶୋକ ପୁହାଣ, ଶିକ୍ଷାବିତ୍ ବିଷ୍ଣୁ ଚରଣ ମହାନ୍ତି, ସଦାଶିବ ପୋଥାଳ, ରାମଚନ୍ଦ୍ର ମିଶ୍ର, ମନୋଜ ଦାସ, ବୈକୁଣ୍ଠ ସାହୁ, ରାଜେନ୍ଦ୍ର ସାହୁ, ଇଂ. ରୁଦ୍ରନାରାୟଣ ନାୟକ, ଶ୍ରୀକାନ୍ତ ନାୟକ, ସୂରଜ ସାହୁ, ବୁଦ୍ଧଦେବ ଜେନା, ଅନନ୍ତ ବେହେରା, ପ୍ରଶାନ୍ତ ନାୟକ, ଅଶୋକ ଜେନା, ପିଣ୍ଟୁ ମହାଳିକ, ସରପଞ୍ଚ ସରୋଜ ସ୍ୱାଇଁ, ରାମଚନ୍ଦ୍ର ବେହେରା, ଆଶିଷ ନାୟକ ପ୍ରମୁଖ ସାମିଲ ଥିଲେ।


ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ବୟାଙ୍ଗଡିହ ମେଳଣ ପଡ଼ିଆ ସଫା କରୁଛନ୍ତି।

# ଅଶୋକ ହେଲେ ଧାମନଗର ଓକିଲ ସଂଘ ସଭାପତି


ସଭାପତି ଅଶୋକ କୁମାର ଦାସଙ୍କ ସହ ବିଜୟୀ ପ୍ରାର୍ଥୀ।

ଧାମନଗର,୩୦।୩ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ଅଶୋକ କୁମାର ଦାସ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ସମସ୍ତ ପଦବୀ ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିବାରୁ କେବଳ ସଭାପତି ପଦ ପାଇଁ ନିର୍ବାଚନ ହୋଇଥିଲା। ମୋଟ ୬୦ଜଣ ଭୋଟରଙ୍କ ମଧ୍ୟରୁ ୫୪ଜଣ ଭୋଟ୍ ଦେଇଥିଲେ। ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରାର୍ଥୀ ଅଶୋକ କୁମାର ଦାସଙ୍କୁ ୪୦, ଅଜିତ କୁମାର ଦାସଙ୍କୁ ୧୧ ଓ ଅରୁଣ ପ୍ରକାଶ ନାୟକଙ୍କୁ ୩ ଖଣ୍ଡ ଭୋଟ୍ ମିଳିଥିଲା। ଉପସଭାପତି ଭାବେ ବିଜୟ କୁମାର ରାମ, ସାଧାରଣ ସମ୍ପାଦକ ଅମରେନ୍ଦ୍ର କୁମାର ମହାନ୍ତି, ସହସମ୍ପାଦକ ସୁବ୍ରତ କୁମାର ନନ୍ଦ, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର ଏବଂ ଦୁଇଜଣ କାର୍ଯ୍ୟକାରିଣୀ ସଦସ୍ୟ ଦେବକୀ ନନ୍ଦନ ମହାପାତ୍ର ଓ ସୌମ୍ୟରଞ୍ଜନ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଓକିଲ ପ୍ରଜ୍ଞା ପରମିତା ଦାଶ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ।

# ଖୋଲିଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା


ବିଡିଓ ଜ୍ୟୋତିର୍ମୟ କର ଉଦ୍‌ଘାଟନ କରୁଛନ୍ତି।

ତିହିଡ଼ି,୩୦।୩ (ସଞ୍ଜିତ ବଳ)

ତିହିଡ଼ିସ୍ଥିତ ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଶନିବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ବିଡିଓ ଜ୍ୟୋତିର୍ମୟ କର ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ବ୍ୟାଙ୍କର କ୍ଲଷ୍ଟର ମୁଖ୍ୟ ଦେବବ୍ରତ ନାୟକ ଯୋଗଦେଇ ଗ୍ରାହକମାନଙ୍କୁ ବ୍ୟାଙ୍କ ନିରନ୍ତର ସେବା ଯୋଗାଇଦେବ ବୋଲି କହିଥିଲେ। ବ୍ୟାଙ୍କ ପରିଚାଳକ ସୂର୍ଯ୍ୟକାନ୍ତ ନାୟକ, କାର୍ଯ୍ୟକାରୀ ପରିଚାଳକ ଅରବିନ୍ଦ ସାହୁ, କୋଷାଧ୍ୟକ୍ଷ ଗୌରହରି ନନ୍ଦ, ମନ୍ଦାକିନୀ ନାୟକ, ସୁଧାଂଶୁ ନାୟକ, ରାଜକିଶୋର ନାୟକ, କୁଳମଣି ସାବତ, ନାରାୟଣ ପାଢ଼ୀ, ନୀଳମଣି ସାବତ, ମନୋଜ ସେନାପତି, ସ୍ନିଗ୍ଧା ନାୟକ, ପ୍ରତାପ ପାତ୍ର, ଶଶିକାନ୍ତ ନାୟକ, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ସହ ଧକ୍କା ପିଟିହୋଇ ସ୍କୁଟି ଚାଳକ ମୃତ

ତିହିଡ଼ି,୩୦।୩ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ରାଢଙ୍ଗ ଛକରେ ଶନିବାର ମଧ୍ୟାହ୍ନରେ ଏକ ଟ୍ରାକ୍ଟର ସହ ପିଟିହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିହିଡ଼ି ଥାନା ଅଧୀନ ଗୁଆମାଳ ଗ୍ରାମର ଶୁଭାଶିଷ ପାଣିଗ୍ରାହୀ(୪୦)। ଶୁଭାଶିଷ ସ୍କୁଟିରେ ଭଦ୍ରକ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସହଦେବ ସଭାପତି, ମାନସ ସମ୍ପାଦକ

ବାସୁଦେବପୁର,୩୦।୩ (ନାରାୟଣ ପ୍ରସାଦ ବାରିକ)


ସହଦେବ ଦାଶ


ମାନସ କୁମାର ନାୟକ

ବାସୁଦେବପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସହଦେବ ଦାଶ ଓ ସମ୍ପାଦକ ଭାବେ ମାନସ କୁମାର ନାୟକ ନିର୍ବାଚିତ ହୋଇଛନ୍ତି। ଉପସଭାପତି ରମେଶ ଚନ୍ଦ୍ର ଜେନା, ସହସମ୍ପାଦକ ନରେନ୍ଦ୍ର କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଚକ୍ରଧର ମହାଳିକ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ କରୁଣାକର ମଣ୍ଡଳ, ସତ୍ୟନାରାୟଣ ଦାସ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି ଓ ସ୍ମୃତିରଞ୍ଜନ ପଳିତା ନିର୍ବାଚନ ପରିଚାଳନା କରିଥିଲେ।

# ସରିଲା କାଳିଆପଦା ମେଳଣ

ବାସୁଦେବପୁର,୩୦।୩ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ଖରିଦା ବିନାୟକପୁର ପଞ୍ଚାୟତର କାଳିଆପଦାଠାରେ ଚାଲିଥିବା ୧୬୨ତମ ମେଳଣ ଶନିବାର ଶେଷ ହୋଇଛି। ୪ ଦିନ ବ୍ୟାପୀ ମେଳଣ ହୋଇଥିବା ବେଳେ ଚଳିତବର୍ଷ ୨୫ ସୁସଜ୍ଜିତ ବିମାନ ମଣ୍ଡପରେ ପୂଜା ପାଇଛନ୍ତି। ପ୍ରଥମ ଦିବସରେ ମେଳନ ମଣ୍ଡପରେ ବସିଥିବା ବିମାନରୁ ଫଗୁଖେଳ ଆରମ୍ଭ ହୋଇଥିଲା। ମଣ୍ଡପରେ ଡାହାଣରେ ମଦନ ମୋହନ, ବାମରେ ରସିକରାୟ ଦିଅଁ ପୂର୍ବ ପରମ୍ପରା ଅନୁସାରେ ସ୍ଥାନ ଅଳଙ୍କୃତ କରିଥିଲେ। ଠାକୁର ରାହାସବିହାରୀ ସଭା ମୁଖ୍ୟ ଭାବେ ସ୍ଥାନ ଅଳଙ୍କୃତ କରିଥାନ୍ତି। ଫଗୁ ଖେଳରୁ ଆରମ୍ଭ ହୋଇଥିବା ଏହି ମେଳଣ ଗୀତା ଯଜ୍ଞରେ ଶେଷ ହୋଇଛି। ୩ ଦିନ ଧରି ଯଜ୍ଞ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳଣ କମିଟିର ଉପଦେଷ୍ଟା ପୀତାମ୍ବର ମିଶ୍ର, ସଭାପତି ଗଜେନ୍ଦ୍ର ପ୍ରସାଦ ମିଶ୍ର, ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ସମେତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଭାବେ ମେଳନ ଉତ୍ସବ ଶେଷ ହୋଇଛି। ଶନିବାର ସକାଳେ ମଣ୍ଡପରେ ଥିବା ଦିଅଁଙ୍କୁ ଶେଷ ଭୋଗ ଅର୍ପଣ କରାଯିବା ସହ ପୂଜାର୍ଚ୍ଚନା ପରେ ଉତ୍ସବ ଉଦ୍‌ଯାପିତ ହୋଇଥିଲା।


ମେଳଣ ମଣ୍ଡପରେ ସୁସଜ୍ଜିତ ବିମାନ।

## ପୁରସ୍କାର ବିତରଣ ଉତ୍ସବ

ଭଣ୍ଡାରିପୋଖରୀ, ୩୦।୩ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଶିକ୍ଷା ହେଉଛି ଜୀବନର ମୂଳଦୁଆ। ଶିକ୍ଷା ବିନା ମାନବ ଜୀବନକୁ କଳ୍ପନା କରିବା ଅସମ୍ଭବ। ଶିକ୍ଷା ଅନ୍ଧକାରରୁ ଟାଣିନେଇ ଆଲୋକଭିଳାଷୀ କରିଥାଏ। ସମର୍ପଣ ଦ୍ୱାରା ହିଁ ବିଦ୍ୟା ବ୍ୟକ୍ତିକୁ ପରିପୂର୍ଣ୍ଣ କରେ ବୋଲି କହିଥିଲେ। ଶିକ୍ଷକ ଅଭିରାମ ସ୍ୱାଇଁ ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ପୀତାମ୍ବର ରାଉତ, ବସନ୍ତ କୁମାର ଦାସ, ରଘୁନାଥ ଶତପଥୀ, ଅଭୟ କୁମାର ମଲ୍ଲିକ, କୁମରବର ନାୟକ, ନାରାୟଣ ଚନ୍ଦ୍ର ପ୍ରଧାନ, ମୁକୁନ୍ଦ ରାଉତ, ଆର୍ତ୍ତବନ୍ଧୁ ଧଳ, ଶିବପ୍ରସାଦ ସ୍ୱାଇଁ, ରଞ୍ଜନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତାଙ୍କୁ ମହୋତ୍ସବ ପୁରୁଷ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମର ଅର୍ଜୁନ ଚରଣ ମହାନ୍ତି ବିଦ୍ୟାଳୟକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଯାଇଥିଲା।

# ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ନେତାଙ୍କ ସହ ନୂତନ କର୍ମୀମାନେ।

ଧାମନଗର, ୩୦।୩ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଟସାହି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଓ ସମର୍ଥକ ଦଳ ଛାଡ଼ି ଶନିବାର ସନ୍ଧ୍ୟାରେ ଭାଜପାରେ ଯୋଗ ଦେଇଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସମ୍ପାଦକ ସରୋଜ କରଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି କର୍ମୀମାନେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ସିନେତାରକା ଅରିନ୍ଦମ ରାୟ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଧାମନଗର ବ୍ଲକ ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ସଞ୍ଜିତା ମିଶ୍ର, ଯୁବନେତା ତୁଷାର ମିଶ୍ର, ଗଙ୍ଗାଧର ପାଣିଗ୍ରାହୀ, ଶମ୍ଭୁ ପଣ୍ଡା, ଆଲୋକ ମହାନ୍ତି, ମଧୁସୂଦନ ଜେନା, ଶରତ ବାରିକ, ନିକୁଞ୍ଜ ପଣ୍ଡା, ବିଦ୍ୟାଧର ପାଢ଼ୀ, ଚିନ୍ତାମଣି ଜେନା, ସୁରେନ୍ଦ୍ର ଜେନା, ଆନନ୍ଦ ଜେନା, ରବୀନ୍ଦ୍ର ଜେନା, ଭାବଗ୍ରାହୀ ନାୟକ, କାର୍ତ୍ତିକ ପଣ୍ଡା, ସୁବ୍ରତ ମିଶ୍ର ପ୍ରମୁଖ ବହୁସଂଖ୍ୟକ ବିଜେଡି ନେତା ଓ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ଅଜୟ ବଳ, ରାମଚନ୍ଦ୍ର ମିଶ୍ର, ବୈକୁଣ୍ଠ ନାଥ ସାହୁ, ବୁଦ୍ଧଦେବ ଜେନା, ସଦାଶିବ ପୋଥାଳ, ଉଷାକାନ୍ତ ନାୟକ, ଗୟାଧର ନାୟକ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ବିଜେଡିରେ କାର୍ଯ୍ୟ କରିବାରେ ସୁଯୋଗ ଦିଆ ନ ଯିବା, ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଏବଂ ଧାମନଗର ବିଧାୟକ ସୂର୍ଯ୍ୟବଂଶୀଙ୍କ କାର୍ଯ୍ୟଧାରାରେ ଅନୁପ୍ରେରିତ ହୋଇ ଭାଜପାରେ ଯୋଗ ଦେଇଥିବା ସଞ୍ଜିତା କହିଥିଲେ।

## ସଂକ୍ଷେପରେ

### ମା' ତାରିଣୀଙ୍କ ହୁଣ୍ଡି ଗଣତି ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଲା

ଘଟଗାଁ,୩୦।୩(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବାସିନୀ ମା' ତାରିଣୀଙ୍କ ହୁଣ୍ଡି ଶନିବାର ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡିରୁ ୨୭ ଲକ୍ଷ ୯୦ ହଜାର ୭୭୯ ଟଙ୍କା, ୧୪୪ଗ୍ରାମ ୧୭୦ ମିଲିଗ୍ରାମ ସୁନା, ୧ କେଜି ୮୮୫ ଗ୍ରାମ ୫୦୦ ମିଲିଗ୍ରାମ ରୁପା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ଶ୍ରୀନିବାସ ବେହେରା, ନଳିନୀ ମହାନ୍ତ ଓ ମଦନ ମୋହନ ପୂର୍ତ୍ତି ପ୍ରମୁଖଙ୍କ ଉପସ୍ଥିତରେ ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଳେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି ଗଣତି କରିଥିଲେ।

### ବାଦୀପାଲା 'ଦେବଯାନୀ' ପରିବେଷଣ

ହାଟଡିହୀ/ସୋସୋ,୩୦।୩(ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ଗ୍ରାମରେ ଶୁକ୍ରବାରଠାରୁ ବାଦୀପାଲା ଆରମ୍ଭ ହୋଇଛି। ପାଲା ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଗାୟକ ନୃସିଂହ ଚରଣ ହୋତା, ଶିଶିର ପାଢ଼ୀଙ୍କ ଦ୍ୱାରା ପାଲା ପରିବେଷଣ ହେଉଛି। ପ୍ରଥମ ରାତ୍ରରେ 'ଦେବଯାନୀ'ବିଷୟକୁ ନେଇ ପାଲା ପରିବେଷଣ ହୋଇଥିଲା। ପାଲା କମିଟି ସଭାପତି ସଞ୍ଜୟ ସ୍ୱାଇଁଙ୍କ ସହଯୋଗରେ ଗ୍ରାମର ବାଳକୃଷ୍ଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଯେନା, ଖଗେଶ୍ୱର ବାରିକ, ଉଦୟନାଥ ବାରିକ, ଦୁର୍ଯ୍ୟୋଧନ ବିଶ୍ୱାଳ, ବୀରଭଦ୍ର ବିଶ୍ୱାଳ, ଗୋପୀନାଥ କୁଅଁର, ବନମାଳୀ ବେହେରା, ବୁଦ୍ଧଦେବ ଯେନା, ମୋହନ ଚରଣ ପାଢ଼ୀ, ଅନାଦି ରାଉତଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ଆଇଆଇଟି ଜାମ ପରୀକ୍ଷାରେ ରବିନ, ଉତ୍ତମଙ୍କ ସଫଳତା

ଚମ୍ପୁଆ, ୩୦।୩ (ମହେଶ୍ୱର ଦାସ): ଚଳିତ ବର୍ଷ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମାଡ୍ରାସ ଦ୍ୱାରା ପରିଚାଳିତ ଆଇଆଇଟି ଜାମ ୨୦୨୪ ପରୀକ୍ଷା ଫଳ ଚଳିତ ମାସ ୨୦ ତାରିଖ ପ୍ରକାଶ ପାଇଛି। କେରଳା ୱେଲଫେୟାର ଆଣ୍ଡ ଏଜୁକେଶନାଲ ଡେଭଲୋପମେଣ୍ଟ ଟ୍ରଷ୍ଟ ଦ୍ୱାରା ପରିଚାଳିତ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟର ତୃତୀୟ ବର୍ଷର ଗଣିତ ବିଭାଗର ଛାତ୍ର ରବିନ ଗାଗରାଇ (୩୭୩୯) ଓ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ର ଉତ୍ତମ ସାହୁ ସର୍ବଭାରତୀୟ ସ୍ତରରେ ୨୫୫ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ବୃଦ୍ଧି କରିଛନ୍ତି। ପରିଚାଳନା ମଣ୍ଡଳୀର ଅଧ୍ୟକ୍ଷ ଡଃ.ରାଜମୋହନ ପି.ଏସ୍, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ୍ କେ.ଏସ୍, କାର୍ଯ୍ୟାଳୟ ଅଧ୍ୟକ୍ଷ ଦୈତାରୀ ସାହୁ, କଲେଜ ଅଧ୍ୟକ୍ଷ ଡଃ. ବି.ରାମାରାଜୁ, ପ୍ରଧାପକ ଗିରିଜାଶଙ୍କର କୃତୀ ଛାତ୍ର ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ତାତି ବଢ଼ାଉଛି ପଥର ଚଟାଣ, ଫୁଙ୍ଗୁଳା ପାହାଡ଼

କେନ୍ଦୁଝର,୩୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଏକଦା ଶୀତଳ ପରିବେଶ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ କେନ୍ଦୁଝର ଏବେ କିଛି ବର୍ଷ ହେଲା ଉତ୍ତପ୍ତ ଜିଲାରେ ପରିଣତ ହୋଇଛି। ଶନିବାର ଜିଲାରେ ସର୍ବାଧିକ ତାପମାତ୍ରା ୩୭.୭ ଡିଗ୍ରୀ ଥିବା ବେଳେ ଶୁକ୍ରବାର ୩୭.୪ ଡିଗ୍ରୀ ରେକର୍ଡ ହୋଇଥିଲା। ଏଭଳି ଜାରି ରହିଲେ ତାପମାତ୍ରା ୪୦ ଡିଗ୍ରୀ ଟପିଯିବ ବୋଲି ମତପ୍ରକାଶ ପାଉଛି। ବ୍ୟାପକ ଜଙ୍ଗଲ କ୍ଷୟ, ଖଣିଖନନ ପାଇଁ ପରିବେଶ ନଷ୍ଟ ହୋଇଯାଇଥିବାରୁ ପାହାଡ଼, ହୁଡ଼ି ଗୁଡ଼ିକ ବୃକ୍ଷଶୂନ୍ୟ ହୋଇ ଫୁଙ୍ଗୁଳା ହୋଇ ପଡିଛି। ଏଭଳି ବହୁ ପଥର ଚଟାଣ ଓ ଫୁଙ୍ଗୁଳା(ନଣ୍ଡା) ପାହାଡ଼ ଜିଲା ସାରା ପରିବ୍ୟାପ୍ତ ହୋଇଗଲାଣି। ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ଯୋଗୁ ଏହି ପଥର ଚଟାଣ, ଫୁଙ୍ଗୁଳା ପାହାଡ଼ ଉତ୍ତପ୍ତ ହୋଇ ପରିବେଶକୁ ଉତାପ ବିକିରଣ କରି ତତଲା କରିଦେଉଛି।

ଏକ ପକ୍ଷରେ ବୃଦ୍ଧିପାଉଥିବା କଂକ୍ରିଟ ରାସ୍ତାଘାଟ, କୋଠାବାଡ଼ି, ବନ୍ଧକେନାଲ ଅନ୍ୟପକ୍ଷରେ ଖଣିଖନନ, ଶିଳ୍ପାୟନ, ଜଙ୍ଗଲ ନଷ୍ଟ, ବହୁ ପରିମାଣରେ ଭାରୀଯାନ ଚଳାଚଳ ଆଦି ଜିଲାର ତାପମାତ୍ରା ବୃଦ୍ଧିର କାରଣ ହୋଇଛି। ଗତ ୨୦ ବର୍ଷ ମଧ୍ୟରେ ଜିଲାର ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ଓ ତାପାମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ସମସ୍ତଙ୍କୁ ନୟାନ୍ତ କରିଦେଉଛି। ଜିଲାରେ ବଡ଼ ପ୍ରସ୍ତର ଖଣ୍ଡ, ପାହାଡ଼ ଉନ୍ମୁକ୍ତ ପଡ଼ି ରହିଥିଲେ ହେଁ ବନୀକରଣ କରାଯାଇପାରୁନାହିଁ। ଗ୍ରୀଷ୍ମ ଋତୁରେ ଜଙ୍ଗଲ ଓ ସବୁଜ ବଳୟ ଅଭାବରୁ ପ୍ରସ୍ତର ଗୁଡ଼ିକ ଉପରେ ସିଧାସଳଖ ସୂର୍ଯ୍ୟାଲୋକ ପଡୁଛି। ପ୍ରସ୍ତର ଗୁଡ଼ିକ ଉତ୍ତପ୍ତ ହୋଇ ଏହାର ପ୍ରତିଫଳନରେ ସମଗ୍ର ଅଞ୍ଚଳ ଉତ୍ତପ୍ତ ହୋଇପଡୁଛି। ଜିଲାର ସଦର, ଘଟଗାଁ, ପାଟଣା, ସାହାରପଡ଼ା, ଚମ୍ପୁଆ, ଝୁମ୍ପୁରା ଆଦି ଅଞ୍ଚଳରେ ବଡ଼ ପଥର ଖଣ୍ଡ, ପ୍ରସ୍ତର ଚଟାଣ, ଲଣ୍ଡା ପଥର ପାହାଡ଼ ଆଦି ପରିବେଶର ଉତ୍ତାପକୁ ବୃଦ୍ଧି କରୁଛି। ଏପରିକି ଗୋଟିଏ ଗୋଟିଏ ପ୍ରସ୍ତର ଖଣ୍ଡ ବା ଚଟାଣ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି। ଜିଲାର ଧାନବେଣୀ, ଝାଡ଼ବେଲଦା, ଡେଙ୍କିକୋଟ, ସିତାବିଞ୍ଜି, ଟାଙ୍ଗର ବନ୍ତଳା, ପଣ୍ଡାପଡ଼ା ଆଦି ଅଞ୍ଚଳରେ ବୃହଦାକାୟ ପ୍ରସ୍ତର ପାହାଡ଼ ରହିଛି। ଉକ୍ତ ଅଞ୍ଚଳରେ ବନୀକରଣ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ କିଛି ବର୍ଷ ପରେ ଜିଲାର ତାପମାତ୍ରା ବୃଦ୍ଧିପାଇ ସାଂଘାତିକ କରିଦେବ ବୋଲି ପରିବେଶବିତ ଡ. ବିମ୍ବାଧର ବେହେରା ମତବ୍ୟକ୍ତ କରିଛନ୍ତି। ଜିଲାକୁ ଶୀତଳ ବା ଜିଲାର ଜଳବାୟୁକୁ ନିୟନ୍ତ୍ରଣ କରି ଆସୁଥିବା ଘଞ୍ଚ ଜଙ୍ଗଲ ଓ ପାହାଡ଼ ଅଞ୍ଚଳ ଖଣି ଯୋଗୁ ନଷ୍ଟ ହୋଇଗଲାଣି। ଜିଲାର ଗନ୍ଧମାର୍ଦ୍ଦନ, ମହାପର୍ବତ, ଖଣ୍ଡାଧାର, ଠାକୁରାଣୀ, ସିଦ୍ଧମଠ, କାଞ୍ଜିପାଣି, ରେବଣା, ହଦଗଡ଼, ଅଟେଇ ସମେତ ବହୁ ସଂଖ୍ୟାର ବୃହତ ଜଙ୍ଗଲ ନଷ୍ଟ ହେବାକୁ ଲାଗିଛି। ଫଳରେ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

## ବାର ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

### ବଡ଼ବିଲରେ ଗଗନ ସଭାପତି, ଧୀରେନ୍ଦ୍ର ଉପସଭାପତି

ବଡ଼ବିଲ,୩୦।୩ (ଦେବପ୍ରିୟ ରଣା)


ଗଗନ ବିହାରୀ ଭଞ୍ଜମିଶ୍ର।


ପ୍ରଦୀପ ମହାନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ଓକିଲ ସଂଘ ଗୁଡ଼ିକର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଜିଲା ବଡବିଲ ବାର ଆସୋସିଏଶନର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏ ବର୍ଷ ଆସୋସିଏଶନର ୧୦୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଆସୋସିଏଶନର ସଭାପତି ଭାବେ ଗଗନ ବିହାରୀ ଭଞ୍ଜମିଶ୍ର, ଉପ ସଭାପତି ଭାବେ ଧୀରେନ୍ଦ୍ର କୁମାର ଦଳାଇ, ସମ୍ପାଦକ ଭାବେ ପ୍ରଦୀପ ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ହରିଶ ଚନ୍ଦ୍ର ବାରି ଓ କୋଷାଧ୍ୟକ୍ଷ ଭାବେ ମିହିର ନାମତୋଆର ପ୍ରମୁଖ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ତେବେ କେବଳ ସମ୍ପାଦକ ପଦବୀରେ ଦୁଇ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲାବେଳେ ଅନ୍ୟ ସମସ୍ତ ପଦବୀରେ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ହୋଇଥିବା ଜଣାପଡିଛି। ଏଥିରେ ପ୍ରଦୀପ ମହାନ୍ତି ୧୯ ଖଣ୍ଡ ଭୋଟ ରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅକ୍ଷୟ କୁମାର ଧୀରଙ୍କୁ ପରାଜିତ କରିଥିବା ଜଣାପଡ଼ିଛି।

## କେନ୍ଦୁଝରରେ ଆଲୋକ ସଭାପତି

କେନ୍ଦୁଝର,୩୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)


ଆଲୋକ ମହାନ୍ତ।


ସଞ୍ଜିତ୍ ଦାସ।

କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ଶେଷ ହୋଇଛି। ପୂର୍ବରୁ ଯୁଗ୍ମ ସମ୍ପାଦକ ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଶନିବାର ସଭାପତି, ଉପସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ସଭାପତି ଭାବେ ଆଲୋକ କୁମାର ମହାନ୍ତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କୁ ୬୭ ଭୋଟରେ ହରାଇଥିଲେ। ସେହିପରି ଉପସଭାପତି ଭାବେ ବିନିତା ଦାଶ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ କ୍ରମାଗତ ଭାବେ ଦ୍ୱିତୀୟ ଥର ସଞ୍ଜିତ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସମ୍ପାଦକ ଭାବେ କରୁଣାକର ବହ୍ମ, ତାରିଣୀ ପ୍ରସାଦ ପୋଥାଳ ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବାରୁଣି ନାୟକ, ହଳଧର ମହାନ୍ତ, ଯୁଧିଷ୍ଠିର ନାଏକ, ପୂର୍ଣ୍ଣଚନ୍ଦ୍ର ବେଜ, ରାଜେନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ନେଲେ ଜଗନ୍ନାଥ


ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ପାଟଣା,୩୦।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କୁ ପୁନର୍ବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପାଟଣା ବିଧାନସଭା କ୍ଷେତ୍ର ପାଇଁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଏ ନେଇ ଶନିବାର ପାଟଣା ବ୍ଲକ ଟାଙ୍ଗରପଡ଼ା ସନା ଆମ୍ବ ତୋଟାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ନେତା ଓ କର୍ମୀମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ପରେ ବିଧାୟକ ଜଗନ୍ନାଥ ବରିଷ୍ଠ ବିଜେଡି ନେତାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ଭିକ୍ଷା କରିବା ସହ କର୍ମୀମାନଙ୍କ ସହ ହାତ ମିଳାଇବା ସହ ଭାବ ବିନିମୟ କରିଥିଲେ। ନିର୍ବାଚନ ମଣ୍ଡଳୀର ୫୬ ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗଦେଇଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପୋହି, ପୂର୍ବତନ ଭଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ, ଜିଲା ବିଜେଡି ସମ୍ପାଦକ ମହେନ୍ଦ୍ର ସାହୁ, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରିନା ନାଏକ, ଝୁମ୍ପୁରା ବ୍ଲକ୍ ଅଧ୍ୟକ୍ଷା ମାଳତୀ ନାଏକ, ୨୧ ନମ୍ବର ଜୋନ୍ ଜିଲା ପରିଷଦ ପ୍ରଫୁଲ୍ଲ ନାୟକ, ୨୩ର ରୁନୁ ମହନ୍ତ, ୨୨ ସୌଭାଗ୍ୟ ମଞ୍ଜରୀ ନାୟକ, ୨୯ ର ବୁଦ୍ଧଦେବ ମହାକୁଡ, ୩୦ର ଚମ୍ପାବତୀ ଟୁଡୁ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାର ପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ, ଯଦୁମଣି ନାଏକ, ପ୍ରଶାନ୍ତ ଭଞ୍ଜ, ଭାନୁ ମହନ୍ତ, ବିଶ୍ୱନାଥ ନାୟକ, ମହିଳା ନେତ୍ରୀ ଭାମା ମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶାଳନିଆରେ ମା' ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା

ହାଟଡ଼ିହୀ/ସୋସୋ,୩୦।୩(ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ଗ୍ରାମରେ ମା' ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜକ ନାରାୟଣ ଦ୍ୱିବେଦୀ, ପଣ୍ଡିତ ପଦ୍ମନାଭ ପଣ୍ଡା, ଶଶିକାନ୍ତ ମିଶ୍ର, ଧରଣୀଧର ଦ୍ୱିବେଦୀ, କାର୍ତ୍ତିକେଶ୍ୱର ଦ୍ୱିବେଦୀ, ଭାସ୍କର ଦ୍ୱିବେଦୀ, ଗଣେଶ୍ୱର ଦ୍ୱିବେଦୀ, ପିତାମ୍ବର କର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ବିନୋଦ ବେହେରା, ସ୍ୱର୍ଣ୍ଣପ୍ରଭା ବେହେରା ଉପସ୍ଥିତ ଥିଲେ। ଗାୟତ୍ରୀ ବାରିକ, ତୁଳସୀ ବାରିକ, ରେବତୀ ବେହେରା, ସୁଭଦ୍ରା ବେହେରା, ଦେବଶ୍ରୀ ବେହେରା, ପପୁନ ଶଙ୍ଖୁଆ ପ୍ରମୁଖ ନିକଟସ୍ଥ ପୋଖରୀରୁ କଳସ ବୁଡ଼ାଇ ଆଣିବା ପରେ ରୀତିନୀତି ଅନୁସାରେ ମା' ଲକ୍ଷ୍ମୀଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ବୀରେନ୍ଦ୍ର ବିଶ୍ୱାଳ, ରମେଶ ବାରିକ, କାହ୍ନୁ ଚରଣ ବେହେରା, ଦିବାକର ବାରିକ, ପ୍ରଫୁଲ୍ଲ ସିଂ, ଚିତ୍ତରଞ୍ଜନ ବାରିକ, ମାନସ ବାରିକ, କ୍ଷୀରୋଦ ବାରିକ, ଶିବ ପ୍ରସାଦ ଜେନା, ପଦ୍ମନାଭ ନାୟକ, ଦେବବ୍ରତ ସିଂ, ପବିତ୍ର ବିଶ୍ୱାଳ, ମାନସ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ ଏବଂ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଆନନ୍ଦପୁରରେ ଚିତ୍ତରଞ୍ଜନ ସଭାପତି, ଭଗବାନ ସମ୍ପାଦକ

ଆନନ୍ଦପୁର,୩୦।୩( ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଓକିଲ ସଂଘର ଭୋଟ ଗ୍ରହଣ ଶେଷ ହୋଇଛି। ସଭାପତି ଭାବେ ଚିତ୍ତରଞ୍ଜନ ଦାସ ଓ ଦୟାନିଧି ଦାସଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଚିତ୍ତରଞ୍ଜନ ୮୨ ଖଣ୍ଡ ଭୋଟ ପାଇ ଥିବା ବେଳେ ଦୟାନିଧି ଦାସ ୮୧ ଖଣ୍ଡ ଭୋଟ ପାଇଥିଲେ। କୁଳମଣି ସେଠୀ ଖଣ୍ଡେ ଭୋଟ ପାଇଥିଲେ। ସମ୍ପାଦକ ପଦବୀ ପାଇଁ ଭଗବାନ ମଲ୍ଲିକ, ଭୁବନେଶ୍ୱର ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଭଗବାନ ମଲ୍ଲିକ ୧୦୭ ଖଣ୍ଡ ଭୋଟ ପାଇ ବିଜୟୀ ଲାଭ କରିଥିଲେ। କୋଷାଦକ୍ଷ ପାଇଁ ଅମିୟ ଜେନା ଓ ଅଶୋକ ରାଉଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଅମିୟ ଜେନା ୯୩ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ। ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ଘସିପୁରା ନିର୍ବାଚନମଣ୍ଡଳୀ: ସ୍ୱାଧୀନ ଭାବେ ଲଢ଼ିବେ ବ୍ରହ୍ମାନନ୍ଦ

ରାମଚନ୍ଦ୍ରପୁର,୩୦।୩(ଗଣେଶ୍ୱର ସା)

କେନ୍ଦୁଝର ଜିଲାର ଘସିପୁରା ନିର୍ବାଚନ ମଣ୍ଡଳୀ ଜିଲା ତଥା ରାଜ୍ୟର ବୋହୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଭାବେ ଜଣା। ନିର୍ବାଚନ ମଣ୍ଡଳୀରେ ହେବିୱେଟ ନେତାଙ୍କୁ ପଛରେ ପକାଇ ଲଗାତାର ୪ ଥର ବଦ୍ରୀ ନାରାୟଣ ପାତ୍ର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ ସାମାଜିକକର୍ମୀ ବ୍ରହ୍ମାନନ୍ଦ ପଟ୍ଟନାୟକ, ବିଧାୟକ ବଦ୍ରୀ ନାରାୟଣ ପାତ୍ର ଓ ଘସିପୁରା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବିଜେଡି ରାଜ୍ୟ ଯୁବ ଉପ ସଭାପତି ସୌମ୍ୟଶଙ୍କର ଚକ୍ର ଟିକେଟ ଆଶାୟୀ ଥିଲେ। ମାତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ବଦ୍ରୀଙ୍କ ନାମ ଘୋଷଣା କରିଥିଲେ। ଫଳରେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଆଶାୟୀଙ୍କ ମଧ୍ୟରୁ ବ୍ରହ୍ମାନନ୍ଦ ନିଜର ଅସନ୍ତୋଷ ବ୍ୟକ୍ତି କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ତାଙ୍କ ସମର୍ଥକ ଗଣମାଧ୍ୟକୁ ଜଣାଉଥିବା ବେଳେ ସେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।


ବ୍ରହ୍ମାନନ୍ଦ

ବ୍ରହ୍ମାନନ୍ଦଙ୍କ ଘର ସାଇଁକୁଳ ଗ୍ରାମରେ ହୋଇଥିବା ବେଳେ ସେ ୩୦ ବର୍ଷ ଧରି ସାର୍ବଜନୀନ ମା' ଦୁର୍ଗା ପୂଜା କମିଟିର ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ଆଞ୍ଚଳିକ କୃଷକ ସଂଘରେ ୨୦୦୫-୯ ପର୍ଯ୍ୟନ୍ତ ସମ୍ପାଦକ, ସାଇଁକୁଳ, ବାତୋ, ଅତା, ରାସ୍ତା ନବୀକରଣ ପାଇଁ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଞ୍ଚଳିକ ବିକାଶ ମଞ୍ଚର ସଭାପତି ଭାବେ ଚୟନ ହେବା ପରେ ସାଇଁକୁଳଠାରେ ସବ୍‌ରେଜିଷ୍ଟର ଅଫିସ ଖୋଲାଯିବାରେ ମୁଖ୍ୟ ଭୂମିକାରେ ଥିଲେ। ସାଇଁକୁଳ ନେହରୁ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ ଓ ସାଇଁକୁଳ ବଜାର କମିଟିର ପୂର୍ବତନ ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏଥିସହ ବିଜେଡି ସହିତ ସକ୍ରୀୟ ସଦସ୍ୟ ଭାବେ ଜଡ଼ିତ ଥିଲେ। ତେଣୁ ଏବେ ସ୍ୱାଧୀନ ଭାବରେ ଲଢ଼ିଲେ ଘସିପୁରା ବିଜେଡିର ଭୋଟ ୨ ଭାଗ ହେବା ଆଶଙ୍କା କରାଯାଉଛି। ଏହାର ଫାଇଦା ଭାଜପା ଉଠାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଏଲ୍ଆଇସି ଯୋଡ଼ା ବ୍ରାଞ୍ଚ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ

ଯୋଡ଼ା,୩୦।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମହାବୀର ଛକ ନିକଟରେ ଥିବା ଏଲଆଇସି ଶାଖା କାର୍ଯ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଚୋରି ଉଦ୍ୟମ କରିବା ସହିତ ଭଙ୍ଗାରୁଜା କରିଛନ୍ତି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଦୁର୍ବୃତ୍ତ ମୁହଁରେ ରୁମାଲ ବାନ୍ଧି କାର୍ଯ୍ୟାଳୟର ସ୍କାଇ ଲାଇଟ ଭାଙ୍ଗି ଏଜେଣ୍ଟ ରୁମକୁ ପ୍ରବେଶ କରିଥିଲେ। କ୍ୟାସ କାଉଣ୍ଟର ବକ୍ସକୁ ଭାଙ୍ଗିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ କାର୍ଯ୍ୟାଳୟରେ ଲାଗିଥିବା ୩ ସିସି କ୍ୟାମେରାକୁ ଭାଙ୍ଗିବା ସହିତ ଅଫିସର ବହୁ ଜିନିଷ ପତ୍ର, ଟେବୁଲ, କମ୍ପ୍ୟୁଟର ପ୍ରଭୃତି ଭାଙ୍ଗି ଦେଇଥିଲେ। ଶନିବାର ସକାଳେ ଶାଖା କାର୍ଯ୍ୟାଳୟର ମ୍ୟାନେଜର ମନୋରଞ୍ଜନ ପାଲଟା ସିଂ ଦେଖି ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଓଡ଼ିଆରେ ନାମଫଳକ ନିର୍ଦ୍ଦେଶକୁ ବେଖାତିର

କେନ୍ଦୁଝର,୩୦।୩(ଦୀପକ ମିଶ୍ର)

**ଖିଲାପକାରୀଙ୍କ ବିରୋଧରେ ମାମଲା କରିବାକୁ ଦାବି**

ରାଜ୍ୟ ସରକାର ଓଡ଼ିଶା ଭାଷା ଆଇନ କାର୍ଯ୍ୟକାରୀ କରିବା ପରେ ବିଭିନ୍ନ କାର୍ଯ୍ୟାଳୟ ସମେତ ସମସ୍ତ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖାଇବା ବାଧ୍ୟତାମୂଳକ କରିଛନ୍ତି। ଅନ୍ୟାନ୍ୟ ଭାଷାରେ ଲେଖା ଥିବା ବୋର୍ଡରେ ମଧ୍ୟ ଓଡ଼ିଆ ଲେଖିବାକୁ ନିର୍ଦ୍ଦେଶ ରହିଛି। ଆଇନର କୌଣସି ପ୍ରକାର ଉଲ୍ଲଂଘନ କଲେ ପ୍ରଥମ ଥର ପାଇଁ ଅନ୍ୟୁନ ୧ହଜାର ଓ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ଦ୍ୱିତୀୟ ଥର ପାଇଁ ଅନ୍ୟୁନ ୨ ହଜାର ଟଙ୍କା ଓ ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦୁଝର ଜିଲା ପ୍ରଶାସନ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରଶାସନ ଜାରି କରିଥିବା ନିର୍ଦ୍ଦେଶନାମା ଦୀର୍ଘଦିନ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସହରର ଅନେକ ଶହ ବାଣିଜ୍ୟିକ ଅନୁଷ୍ଠାନ, ବେସରକାରୀ ଅଫିସ ଓ ଅନେକ ସରକାରୀ କାର୍ଯ୍ୟାଳୟରେ ନାମଫଳକଗୁଡ଼ିକ ବଦଳି ନାହିଁ। ଜିଲା ପ୍ରଶାସନର ନିର୍ଦ୍ଦେଶକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବେଖାତିର କରୁଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, କେନ୍ଦୁଝର ସହର ସମେତ ଆନନ୍ଦପୁର, ଘଟଗାଁ, ପାଟଣା, ଝୁମ୍ପୁରା, ଚମ୍ପୁଆ, ଯୋଡ଼ା, ବଡ଼ବିଲ ପ୍ରଭୃତି ଅଞ୍ଚଳରେ ଓଡ଼ିଆରେ ନାମଫଳକ ପରିଲକ୍ଷିତ ହେଉନାହିଁ। କେନ୍ଦୁଝରରେ ଫେବୃଆରୀ ଶେଷ ସୁଦ୍ଧା ୮୮୮ଟି ଚୁକ୍ତିଭିତ୍ତିକ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମଧ୍ୟରୁ ୬୨୧ ସଂସ୍ଥାରେ ଓଡ଼ିଆ ଭାଷାରେ ନାମଫଳକ ଲେଖା ସରିଛି। ଆନନ୍ଦପୁରରେ ୧୪୬ ଦୋକାନ ଓ ୮୭ ବାଣିଜ୍ୟ ପ୍ରତିଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ ଲେଖିଛନ୍ତି। ବଡ଼ବିଲରେ ୨୦୦ ଦୋକାନ ଓ ୧୫୪ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖା ସରିଛି। ଯୋଡ଼ାରେ ୧୫୨ ଦୋକାନ ଓ ୭୫ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଲେଖା ହୋଇଛି। ଜିଲା ପ୍ରଶାସନ ଏ ସମ୍ପର୍କରେ ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ ସଂସ୍ଥାକୁ ନିର୍ଦ୍ଦେଶନାମ ପଠାଇ ଓଡ଼ିଆରେ ନାମଫଳକ ବାଧ୍ୟତାମୂଳକ କରିବା ସହ ଏହି ଆଇନ ଉଲ୍ଲଘଂନ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଉତ୍କଳ ସମ୍ମିଳନୀର ଜିଲା ସଭାପତି ଡ. ବିମ୍ବାଧର ବେହେରା ଦାବି କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାର ସୂର୍ଯ୍ୟନାରାୟଣ ମାଳୀ କହିଛନ୍ତି, ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬ ଓ ଅଧିନିୟମ ୧୯୫୮ ଅନୁଯାୟୀ ଶ୍ରମ ବିଭାଗରୁ ରେଜେଷ୍ଟ୍ରିଭୁକ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ସଂସ୍ଥା ଲେଖି ନାହାନ୍ତି ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ।

# ପୁରୁଷ ୱାର୍ଡରେ ତାଲା, ବାରଣ୍ଡାରେ ରୋଗୀ

ଆନନ୍ଦପୁର,୩୦।୩(ଉମେଶ ଚନ୍ଦ୍ର ପାଢ଼ୀ)

**ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା**


ବାରଣ୍ଡାରେ ଚିକିତ୍ସିତ ହେଉଥିବା ରୋଗୀ।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପୁରୁଷ ୱାର୍ଡ ବନ୍ଦ ରହିଛି। ୱାର୍ଡ ଛାତରୁ ପ୍ଲାଷ୍ଟର ଖସି ଜଣେ ରୋଗୀ ଆହତ ହେବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ବନ୍ଦ କରିଥିବା ବେଳେ ରୋଗୀ ବାରଣ୍ଡରେ ଚିକିତ୍ସିତ ହେଉଥିବା ଦେଖାଯାଇଛି। ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଡାକ୍ତରଖାନାର ରୂପାନ୍ତରୀକରଣ କରାଯାଇଥିଲା। ମାତ୍ର କିଛିଦିନ ଭିତରେ ଛାତରୁ ପ୍ଲାଷ୍ଟର ଖସିବା ପରେ ନିର୍ମାଣ କାର୍ଯ୍ୟର ମାନକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ୨୫ ତାରିଖରେ ହାଟଡ଼ିହୀ ବ୍ଲକ୍ ଡେଙ୍ଗା ପଞ୍ଚାୟତ ବାରିଗାଁର ନାରାୟଣ ନାହାକଙ୍କ ପୁଅ ରାଜେଶ ନାହାକ(୨୦) ଉପଖଣ୍ଡ ଡାକ୍ତରଖାନାର ପୁରୁଷ ୱାର୍ଡରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ରକ୍ତ ଦିଆଯାଉଥିବା ବେଳେ ଛାତରୁ ପ୍ଲାଷ୍ଟର ଖଣ୍ଡ ଖସି ତାଙ୍କ ମୁଣ୍ଡରେ ପଡ଼ି ଆହତ ହୋଇଥିଲେ। ତାଙ୍କୁ ଅନ୍ୟ ୱାର୍ଡକୁ ନେଇ ଚିକିତ୍ସା କରାଯାଇଥିଲା। ପରେ ଉକ୍ତ ୱାର୍ଡକୁ ଖାଲି କରାଯାଇ ୱାର୍ଡ ବାହାର ବାରଣ୍ଡାରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଏଠାରେ ଫ୍ୟାନ୍ ନ ଥିବାରୁ ଗରମରେ ରୋଗୀମାନେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଛାତରୁ ପ୍ଲାଷ୍ଟର ଖସିବା ନୂଆ କଥା ନୁହେଁ, ପୂର୍ବରୁ ମଧ୍ୟ ଅନେକ ଥର ପ୍ଲାଷ୍ଟର ଖସି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆହତ ହେବା ନଜିର ରହିଛି। ଗତ ଅଗଷ୍ଟ ୨୮ରେ ଡ୍ରେସିଂ ରୁମ୍‌ରୁ ପ୍ଲାଷ୍ଟର ଓ ସିଲିଂ ଖସିଥିଲା। ଏହି ସମୟରେ କର୍ମଚାରୀ ଅନୁପସ୍ଥିତ ଥିବାରୁ କେହି ଅଳ୍ପକେ ବର୍ତ୍ତିଯାଇଥିଲେ। ଡିଏମ୍ଏଫ୍‌ରୁ ଚଳିତବର୍ଷ 'ଆମ ହସ୍ପିଟାଲ' ଯୋଜନାରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଡାକ୍ତରଖାନାର ରୂପାନ୍ତରୀକରଣ କରାଯାଇଥିଲା। ଉଦ୍‌ଘାଟନକୁ ମାସେ ନ ପୂରୁଣୁ ଛାତରୁ ପ୍ଲାଷ୍ଟର ଖସିଲାଣି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଦେଖାଦେଇଛି। ଏ ନେଇ ପ୍ରେସ୍ ଫୋରମ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟର ସମସ୍ୟାକୁ ନେଇ ଜିଲାପାଳ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଶୂନ। କେନ୍ଦୁଝର ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଉପଖଣ୍ଡ ଡାକ୍ତରଖାନା ଅଧିକାରୀ ଧନେଶ୍ୱର ସେଠୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

## ବାଲି ଗାଡ଼ି ଜବତ

ଔପଦା,(ଧରିତ୍ରୀ ପଣ୍ଡା)-ଔପଦା ପୋଲିସ ପକ୍ଷରୁ ସ୍ଥାନୀୟ କଲେଜ ଛକ ନିକଟରେ ଏକ ବାଲି ବୋଝେଇ ହାଇୱାକୁ ଜବତ କରି ଥାନାରେ ଅଟକ ରଖିଛି। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗାଡି ଚାଳକଙ୍କୁ କୋର୍ଟଚାଲାଣ କରାଯାଇଛି। ଗାଡ଼ି କାଗଜପତ୍ର ଜାଲ୍ ଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି।

## ସଂକ୍ଷେପରେ

### ସରିଲା ବିଷ୍ଣୁପୁର ରାଜମେଳନ

ବାହାନଗା, ୩୦।୩(ଅରୂପ କୁମାର ଦାସ)-ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ମେଳନ ପଡିଆରେ ଶ୍ରୀରାଧା ଗୋପୀନାଥଜୀଉଙ୍କ ୬୫ବର୍ଷର ରାଜମେଳନ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ବିରାଟ ପଟୁଆରରେ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ରାତି ସାରା ଗ୍ରାମ ପରିକ୍ରମା କରି ମେଳନ ପଡିଆକୁ ୨୭ ତାରିଖ ସକାଳେ ଆସିଥିଲା। ହୋଲି ସନ୍ଧ୍ୟାରେ ଗ୍ରାମରେ ଆରମ୍ଭ ହୋଇଥିଲା ଠାକୁରଙ୍କ ମେଳନଯାତ୍ରା। ରାଜମେଳନକୁ ବିଭିନ୍ନ ଅଞ୍ଚଳରୁ ୧୯ଟି ବିମାନରେ ଠାକୁରମାନଙ୍କୁ ଅଣାଯାଇଥିଲା। ଏହି ମେଳନ ୫ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିନିମନ୍ତେ ଗ୍ରାମରେ ମେଳନ ପଡିଆରେ ଯାତ୍ରା ପରିବେଷଣ କରାଯାଇଥାଏ। ଏହି ରାଜମେଳନ ବିଷ୍ଣୁପୁର ଗ୍ରାମର ବଡପର୍ବ। ଗ୍ରାମବାସୀ ଏହାକୁ ମହାଆଡମ୍ବରରେ ପାଳନ କରିଥାନ୍ତି । ଗ୍ରାମର ୧୯୫୯ ମସିହାରେ ରାଜମେଳନ ଅନୁଷ୍ଠିତ ହୋଇଥିଲା। ଏହାପୂର୍ବରୁ ଅଭଣା ଗ୍ରାମରେ ଦୀର୍ଘ ୧ଶହ ବର୍ଷ ହେବ ଏହି ରାଜମେଳନ ପାଳନ ହୋଇଆସୁଛି। ମାତ୍ର ଦୁଇ ଗ୍ରାମର ବିବାଦ ହେବା ଫଳରେ ରାଜମେଳନ ଦୁଇଫାଳ ହୋଇଯାଇଥିଲା। ସେବେଠାରୁ ବିଷ୍ଣୁପୁର ଗ୍ରାମରେ ଏହି ରାଧା ଗୋପୀନାଥ ରାଜମେଳନ ଅନୁଷ୍ଠିତ ହୋଇଆସୁଛି। ଦୋଳ କମିଟି ସଭାପତି ଶ୍ରୀକାନ୍ତ ପଣ୍ଡା ଓ ସମ୍ପାଦକ ସୁରେଶ ପଣ୍ଡାଙ୍କ ସମେତ ଗ୍ରାମର ଉଦୀୟମାନ ଯୁବକଙ୍କ ସହଯୋଗରେ ପାଳନ କରାଯାଇଛି ।

### ଟିକେଟ ମିଳିବା ପରେ ସୁବାସିନୀଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୩୦।୩(ଅମୂଲ୍ୟ କୁମାର ଦାସ)– ସାଧାରଣ ନିର୍ବାଚନ ପାଇଁ ବିଜେଡି ଉଭୟ ବିଧାନସଭା ଓ ଲୋକସଭା ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୁବାସିନୀ ଜେନାଙ୍କ ନାମ ଘୋଷଣା କରିବା ପରେ ଉଭୟ ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଦଳୀୟ କର୍ମୀଙ୍କ ଖୁସିର ଲହରୀ ଖେଳିଯାଇଛି। ବସ୍ତା ବିଜେଡି ଶିବିରରେ ଦେଖାଦେଇଛି ଉତ୍ସାହ। ତେବେ ନାମ ଘୋଷଣା ପରେ ଜେନା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ଶୁକ୍ରବାର ବସ୍ତା ଫେରିଥିବା ବେଳେ ବିଭିନ୍ନ ଛକ ବଜାରରେ ବିଜେଡି କର୍ମୀମାନେ ଦଳ ଦଳ ହୋଇ ବିଧାୟିକା ପ୍ରାର୍ଥିନୀଙ୍କୁ ସ୍ୱାଗତ କରିଥିଲେ। ଦଳୀୟ ନେତୃବୃନ୍ଦଙ୍କ ସହ ସୁବାସିନୀ ଗାନ୍ଧୀ ଛକଠାରେ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମୁକୁଳିସି ଯାଇ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଆଶୀର୍ବାଦ କାମନା କରିଥିଲେ। ଏହାପରେ ଲଙ୍ଗଳେଶ୍ୱରସ୍ଥିତ ହରପାର୍ବତୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ତାଙ୍କର ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ପହଞ୍ଚିଥିଲେ। ସେଠାରେ ଶତାଧିକ କର୍ମୀ ଓ ଜନସାଧାରଣ ଏକାଠି ହୋଇ ସୁବାସିନୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଚାଷଜମି ଦେଇ ବାଲିଚାଲାଣ

ଜଳେଶ୍ୱର, ୩୦।୩(ରବିନାରାୟଣ ପାତ୍ର)



ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବାଲି ସଇରାତଗୁଡିକୁ ଖଣିବିଭାଗ ଅଦ୍ୟାବଧି ନିଲାମ ଦେଇ ନ ଥିବାରୁ ବିଭିନ୍ନ ସ୍ଥାନରୁ ପ୍ରତିଦିନ ରାତିରେ ଶହ ଶହ ଟ୍ରାକ୍ଟର ବାଲି ଚୋରା ଚାଲାଣ ହେଉଛି। ଏଥିରେ ବାଲିମାଫିଆ ଟ୍ରାକ୍ଟର ମାଲିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ଘଟୁଛି। ଅନ୍ୟପକ୍ଷରେ ଟ୍ରାକ୍ଟର ମାଲିକମାନେ ବାଲି ବୋଝେଇ ଟ୍ରାକ୍ଟର ଚାଷ ଜମି ଉପରେ ଜବରଦସ୍ତ ଚଳାଚଳ କରୁଛନ୍ତି। ଏହାକୁ ବିରୋଧ କରିବାରୁ ଜଣେ ଚାଷୀଙ୍କୁ ବାଲି ମାଫିଆମାନେ ଧମକ ଚମକ ଦେବା ସହ ଜୀବନରୁ ମାରିଦେବେ ବୋଲି କହିଛନ୍ତି। ଚାଷୀ ଜଣକ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଖଣି ବିଭାଗର ଉଦାସୀନତା ଯୋଗୁ ବାଲି ଖାଦାନଗୁଡିକ ନିଲାମ ହୋଇପାରୁନାହିଁ। ବାଲିର ଆବଶ୍ୟକତା ଥିବାରୁ ଚୋରାଚାଲାଣକାରୀମାନେ ଆଦୌ ରାଜସ୍ୱ ନ ଦେଇ ଟ୍ରାକ୍ଟର ପିଛା ୩ହଜାର ଟଙ୍କା ଲୁଟୁଛନ୍ତି । ରାୟାଁରାମଚନ୍ଦ୍ରପୁର ଗାଁର ଏକତାଳି ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି । ଚୋରାଚାଲାଣକାରୀମାନେ ଜବରଦସ୍ତ ଚାଷଜମି ଉପରେ ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ କରୁଛନ୍ତି। ମନ୍ମଥ ଦାସଙ୍କ ପୁଅ ଜଗବନ୍ଧୁ ଦାସ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ତାଙ୍କ ଜମି ଉପରେ ଯିବା ଲାଗି ନ ଦେଇ ବାଡ କରିଥିବାରୁ ତାଙ୍କୁ ବିଭିନ୍ନ ଧମକ ଦିଆଯାଇଛି । ଗାଁର ବିଜୟ ପାଳ, ଯୋଗେନ୍ଦ୍ର ପାଳ, ଶିବ ପାଳ, ସପନ ପାଳ, ଟେରା ଜେନା, କୁନା ସାହୁ, ରମାକାନ୍ତ ଦାସ, ଶଙ୍କର ସାହୁ, ପ୍ରଦୀପ ସାହୁ, ଅକ୍ଷୟ ସାହୁ, ଟୁଲୁ ଗିରି, ବାପି ଗିରି, ତପନ ବାରିକ, ଲକ୍ଷ୍ମୀଚରଣ ଜେନା, ନରହରି ପାଳ, ମାନସ ଜେନା, ଧଙ୍କିଆ ଜେନା ଓ ଲେଢା ଜେନା ପ୍ରମୁଖ ଜଗବନ୍ଧୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଜଗବନ୍ଧୁଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଗୋପାଳପୁର, ମାକିଡିଆ, ବେହେରାସାହି, କୁଅାଁରପୁର, ଦକ୍ଷିଣପ୍ରହରାଜପୁର, ଶ୍ରୀରାମପୁର, ଗୋବରଘଟା, ଶିଖରପୁର, ଭାନୁପୁର, ମହମ୍ମଦନଗରପାଟଣା, ସେକସରାଇ, ଜମାଲପୁର, କୋଟସାହି, କଣ୍ଟାପାଳ, ରେଳା ଓ ପଶ୍ଚିମବାର୍ଡ ଗାଁ ନିକଟରୁ ବ୍ୟାପକ ବାଲିଉତ୍ତୋଳନ ହେଉଥିବା ଜଣାଯାଇଛି।

## ଜାକଜମକରେ ସରିଲା ବଟେଶ୍ୱର ହରିହର ମେଳଣ



ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଖଇରା, ୩୦।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ବଟେଶ୍ୱର ବୁଢାମହାଦେବ ପ୍ରାଙ୍ଗଣରେ ୨୩ତମ ହରିହର ମେଳଣ ଜାକଜମକରେ ଶେଷ ହୋଇଛି। ଶଙ୍ଖ ହୁଳହୁଳି ଧ୍ୱନି ସହିତ ଆତସବାଜି ମଧ୍ୟରେ ୩୬ରୁ ଅଧିକ ଦୋଳ ବିମାନ ପଡିଆ ଭିତରକୁ ପ୍ରବେଶ କରିଥିଲା। ପୂଜକ ଉମାକାନ୍ତ ପଣ୍ଡା, କେଶବ ପଣ୍ଡା ଓ ଡମ୍ବରୁ ମହାପାତ୍ର ପୂଜାର୍ଚ୍ଚନା ସହ ଫୁଲ ଅବିର ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବସନ୍ତ କୁମାର ଦାସ ଓ କିଶୋର ରାଉତ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ସଭାରେ ମେଳଣ କମିଟି କୋଷାଧ୍ୟକ୍ଷ ଅତୁଲ୍ୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାରକ ରମଣିରଞ୍ଜନ ନାୟକ ମୁଖ୍ୟଅତିଥି, କମିଟି ଉପଦେଷ୍ଟା ସନ୍ତୋଷ କୁମାର ଶତପଥି, ପ୍ରଫୁଲ୍ଲ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମିଟି ସଦସ୍ୟ ଦେବବ୍ରତ ଦାସ ଧନ୍ୟବାଦ ଓ ଶଶିକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ବସନ୍ତ ମହାପାତ୍ର, ସ୍ୱପ୍ନାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ବେହେରା, ରାମଚନ୍ଦ୍ର ବେହେରା, ସତ୍ୟଜିତ ଦାସ, ଦୀପକ ବେହେରା, ଶମ୍ଭୁନାଥ ବେହେରା, ଜୟନ୍ତ ବେହେରା, କୈଳାସ ଦେହୁରୀ, ପ୍ରଦୀପ ମହାପାତ୍ର, ଅମିତ ଦାସ, ଦେବାଶିଷ ଦାସ ଓ ମାନସ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାହାନଗା, ୩୦।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ପଥରପେଣ୍ଡ ପଞ୍ଚାୟତର ସିପିୟୁପି ବିଦ୍ୟାଳୟ ପରିସରରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପୁହାଣଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୁହିଆ ଟୁଡୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ସିଆରସିସି ରାହସ ବିହାରୀ ନାୟକ ସ୍ୱର୍ଗତ ପୁହାଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିପିୟୁପି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମିଶ୍ର, ସହକାରୀ ଶିକ୍ଷକ ଦିଲୀପ କୁମାର କବି, ବିଦ୍ୟାଳୟ କମିଟି ସଭାପତି ଗଜେନ୍ଦ୍ର କୁମାର ମହାନ୍ତି, ବାହାନଗା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁଲତା ଘଡେଇ, ବିଇଓ କାର୍ଯ୍ୟାଳୟର ମୁଖ୍ୟ କିରାଣି ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିବ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ରୂପସା, ୩୦।୩(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ବାଖରାବାଦ ଗ୍ରାମର ନୂତନ ନୀଳକଣ୍ଠେଶ୍ୱର ଶିବମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ସାମଗ୍ରୀ ଲୁଟ୍ ହୋଇଛି। ଶନିବାର ସକାଳେ ମନ୍ଦିର ପୂଜକ ଆସି ମୁଖ୍ୟ ଫାଟକର ତାଲା ଭଙ୍ଗା ହୋଇଥିବା ଓ କବାଟ ହୁକ ଖୋଲାଥିବା ଦେଖିଥିଲେ। ଏନେଇ ସେ ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ମାଇକ ସେଟ, ସୁନା ପଦକ, ରୁପା କଏନ, ପିତ୍ତଳ ବାସନକୁସନ, ଝାଲି, ତସଲା, ଲକ୍ଷ୍ମୀ ଠାକୁରାଣୀଙ୍କ ମୂର୍ତ୍ତି ସହ ନାଗସାପ ଆଦି ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି। ଗ୍ରାମର ମୁଖିଆ ପଦନ ବର ରୂପସା ଥାନାରେ ଅଭିଯୋଗ କରିଛନ୍ତି।

## ପରିବେଶପ୍ରେମୀ ଚୈତନ୍ୟଙ୍କୁ ସମ୍ବର୍ଦ୍ଧନା

ରୂପସା, ୩୦।୩(ବାଞ୍ଛାନିଧି ଦେ)



ପରିବେଶପ୍ରେମୀ ଚୈତନ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅଧୀନ ଖଣ୍ଡାହାର ଗ୍ରାମର ପରିବେଶପ୍ରେମୀ ଚୈତନ୍ୟ ସାହୁଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାହାବଳପୁର ସାମୁଦ୍ରିକ ଥାନା ଦୁବୁଲାଗଡ଼ି ଅମର ଯବାନ ଯୁବ ସଙ୍ଗଠନ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ପରିବେଶ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୈତନ୍ୟଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଗଠନର ଉପଦେଷ୍ଟା ଗୟାପ୍ରସାଦ ଦାସ, ଶ୍ରୀକୃଷ୍ଣ ଗିରି ଓ ଗୌରହରି ମାନ୍ନାଙ୍କ ସମେତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଚୈତନ୍ୟ ସୁସ୍ଥ ପରିବେଶ ଗଠନ ପାଇଁ ହଳଦୀପଦା ଷ୍ଟେଶନ, ବଜାର ଛକ, ରାଜପଥ ପାର୍ଶ୍ୱ, ସ୍କୁଲ, କଲେଜ ଆଦି ସ୍ଥାନରେ ନିଜସ୍ୱ ପାଣ୍ଠିରେ ବିଭିନ୍ନ କିସମର ଚାରାରୋପଣ କରି ଖ୍ୟାତି ଅର୍ଜନ କରିଛନ୍ତି। ସମାଜସେବା ଓ ବୃକ୍ଷରୋପଣ ପାଇଁ ଗତ ଡିସେମ୍ବର ୨୩ତାରିଖ ରୂପସା ଶକୁନ୍ତଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ତାଙ୍କୁ ସବୁଜସାଥି ସମ୍ମାନ ମିଳିଥିଲା।

## ବାର୍ ଆସୋସିଏଶନ ନିର୍ବାଚନ

### ବାଲେଶ୍ୱର ବାର୍ ଆସୋସିଏଶନରେ ୧୧୫୦ ମତଦାନ



ବାଲେଶ୍ୱର ବାର୍ ଆସୋସିଏଶନରେ ମତଦାନ ଚାଲିଛି।

ବାଲେଶ୍ୱର, ୩୦।୩(ମାନସ ବିଶ୍ୱାଳ)

ଓଡ଼ିଶା ବାର୍ କାଉନସିଲର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବାର ଆସୋସିଏସନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବାଲେଶ୍ୱର ବାର୍ ଆସୋସିଏଶନର ମତଦାନ ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମତଦାନ ଶେଷ ହୋଇଛି। ଏନେଇ ୨ନଂ. ବାର୍‌ରେ ୧୨ଟି ବୁଥ୍ ସ୍ଥାପନ କରାଯାଇଥିଲା। ୧୩୪୪ ଭୋଟରଙ୍କ ମଧ୍ୟରୁ ଏହି ନିର୍ବାଚନରେ ମୋଟ ୧୧୫୦ଜଣ ମତଦାନ କରିଥିବା ଜଣାଯାଇଛି। ଅପରାହ୍ନ ୫ଟାରୁ ଭୋଟଗଣତି ଆରମ୍ଭ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତ୍ରି ହେଲେ ମଧ୍ୟ ଭୋଟ ଗଣତି ଶେଷ ହେବା ସହ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ନିର୍ବାଚନୀ କାର୍ଯ୍ୟ ପରିଚାଳନାରେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ସୁଧାଂଶୁ ନାୟକ, ଶଙ୍କର ଜେନା, ଅଭିମନ୍ୟୁ ପାକଳ, ଲମ୍ବୋଦର ନାୟକ, ରଘୁନାଥ ଲେଙ୍କା ପ୍ରମୁଖଙ୍କ ସମେତ ୧୫ଜଣ ଓକିଲ ସହଯୋଗ କରୁଛନ୍ତି। ଚଳିତ ନିର୍ବାଚନରେ ବାଲେଶ୍ୱର ବାର ଆସୋସିଏସନର ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମନୋଜ କୁମାର ନାୟକ, ରଘୁନାଥ ପ୍ରଧାନ ଓ ଲକ୍ଷ୍ମୀକାନ୍ତ ବେହେରାଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ସେହିଭଳି ଉପସଭାପତି ପଦରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମୂଲ୍ୟ କୁମାର ପରିଡ଼ା, ଜିତେନ୍ଦ୍ର କୁମାର ରାଉତ, ରଞ୍ଜିତ ପଣ୍ଡା ଓ ସ୍ନେହଲତା ଦାସ, ସମ୍ପାଦକ ପଦରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୀପକ କୁମାର ଦାଶ, ସମ୍ବିତ କୁମାର ନନ୍ଦୀ ଓ ପ୍ରତାପ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ପଦରେ ଅନ୍ନପୂର୍ଣ୍ଣା ରାଉତ, ଚନ୍ଦ୍ରକାନ୍ତ ଜେନା, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ନାରାୟଣ ଚନ୍ଦ୍ର ସାହୁ ଓ ପିନାକୀ ଧିର, କୋଷାଧ୍ୟକ୍ଷ ପଦରେ ଶିବ ଶଙ୍କର ପଣ୍ଡା ଓ ପ୍ରତାପ କେଶରୀ ଦାସ, ସହକୋଷାଧ୍ୟକ୍ଷ ପଦରେ ମମତା ବେହେରା, ଏନ୍. ଦିପେଶ କୁମାର ଚୌଧୁରୀ ଓ ସନ୍ତୋଷ କୁମାର ସେଠୀଙ୍କ ସମେତ ୧୨ କାର୍ଯ୍ୟକାରିଣୀ ସଦସ୍ୟ ପଦ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୯ ଜଣ ପ୍ରାର୍ଥୀ ନିଜର ବିଜୟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

### ଜଳେଶ୍ୱର: କୁଞ୍ଜବିହାରୀ ସଭାପତି, ଦେବକାନ୍ତ ସମ୍ପାଦକ

ଜଳେଶ୍ୱର, ୩୦।୩
(ରବିନାରାୟଣ ପାତ୍ର/ନବୀନ ସାହୁ)

ଜଳେଶ୍ୱର ବାର୍ ଆସୋସିଏଶନରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ କୁଞ୍ଜବିହାରୀ ଦାସ, ଉପସଭାପତି ବିଜନ କୁମାର ଦେ, ସମ୍ପାଦକ ଦେବକାନ୍ତ କାସ୍ତ, ଯୁଗ୍ମ ସମ୍ପାଦକ ସୁଶାନ୍ତ ଦାସ, କୋଷାଧ୍ୟକ୍ଷ ବିନୋଦ କୁମାର ଗିରି ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଇସାକ୍ ବେଗ୍ କହିଛନ୍ତି । କାର୍ଯ୍ୟକାରୀ କମିଟିକୁ ବିଷ୍ଣୁପଦ ଦାସମହାପାତ୍ର, ଜଗଦୀଶଚନ୍ଦ୍ର ପାଳ, କମଳଲୋଚନ ସେଠୀ, ଲକ୍ଷ୍ମୀନାରାୟଣ ପ୍ରମାଣିକ, ଫାଲଗୁନୀ ପାଣିଗ୍ରାହୀ, ଶିବାନୀ ଦାସ ଓ ୱାତନ ରାଜ ନିର୍ବାଚିତ ହୋଇଥିବା ବେଗ୍ ସୂଚନା ଦେଇଛନ୍ତି। ପୂର୍ବରୁ ସହସମ୍ପାଦକ ରାମକୃଷ୍ଣ ନନ୍ଦୀ, ଗ୍ରନ୍ଥାଗାର ସମ୍ପାଦକ ଅମରେନ୍ଦ୍ର ଦେ, ସହକାରୀ ଗ୍ରନ୍ଥାଗାର ସମ୍ପାଦକ ଅସୀମ ଦେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସେକ୍ ବେଗ୍ କହିଛନ୍ତି ।

### ନୀଳଗିରି : ଚିତ୍ତରଞ୍ଜନ ସଭାପତି

ନୀଳଗିରି, ୩୦।୩(ପ୍ରଶାନ୍ତ ବିଶ୍ୱାଳ)

ଚଳିତ ୨୦୨୪-୨୫ବର୍ଷ ପାଇଁ ରବିବାର ସମଗ୍ର ଓଡ଼ିଶାରେ ଓକିଲ ସଂଘର ନିର୍ବାଚନ ହୋଇଥିବା ବେଳେ ନୀଳଗିରି ଉପଖଣ୍ଡର ନିର୍ବାଚନ ମଧ୍ୟ ହୋଇଥିଲା। ମୋଟ ୧୨ଟି ପଦ ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ନିର୍ବାଚନ ନାମକୁ ମାତ୍ର ହୋଇଥିଲା। ଦୀର୍ଘ ୨୩ ବର୍ଷ ଧରି ସଭାପତି ଭାବେ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଆସୁଥିବା ବେଳେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଆସୁଛନ୍ତି। ତେଣୁ ତାଙ୍କ ବିରୋଧରେ କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା, ସମ୍ପାଦକ କିଶୋର କୁମାର ଦାସ, ସହସମ୍ପାଦକ ଜୟନ୍ତ କୁମାର ସ ଓ ସୁରେଶ କୁମାର ବାରିକ, କୋଷାଧ୍ୟକ୍ଷ ଦେବାନନ୍ଦ ଦାସ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବିଘ୍ନେଶ୍ୱର ବାରିକ, ସାଗରିକା ଷଡ଼ଙ୍ଗୀ, କାହ୍ନୁ ରଞ୍ଜନ ବାରିକ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ କୁମାର ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାର୍ତ୍ତିକ କୁମାର ରାଉତ ସୂଚନା ଦେଇଛନ୍ତି।

## ବିଜେଡି ଗଡ଼ରେ ଭାଜପାର ପଦଧ୍ୱନି

କାଳିପଦା, ୩୦।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକର ବଙ୍ଗୋପସାଗର କୂଳବର୍ତ୍ତୀ ଅଞ୍ଚଳ ବିଜେଡି ଗଡ଼ ଭାବେ ପରିଚିତ। ଅଶୀ ଦଶକରେ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଗଣଆନ୍ଦୋଳନ ଫଳରେ ଅଣ କଂଗ୍ରେସ ଗଡ଼ ଭାବେ ଏହା ଅଧିକ ପରିଚିତ ହୋଇଥିଲା। କ୍ଷେପଣାସ୍ତ୍ର ଘାଟି ପ୍ରକଳ୍ପ ପ୍ରତ୍ୟାହୃତ ପରଠୁ ଏସବୁ ଅଞ୍ଚଳ ବିଜୁ ଜନତା ଦଳ ଅକ୍ତିଆରକୁ ଆସିଥିଲା। ମାତ୍ର ଯେବେଠୁ ଚୌମୁଖ ମୁହାଣରେ ମେଗା ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ଘୋଷଣା ହୋଇଛି ସେବେଠୁ ସ୍ଥାନୀୟ ଲୋକଙ୍କ ବନ୍ଦର ବିରୋଧୀ ଆନ୍ଦୋଳନ ଚାଲିଛି । ଏବେ ଜାମକୁଣ୍ଡା, ବଡ଼ାଶ, ଡଗରା, ଚୌମୁଖ, ବେତ ଗଡ଼ିଆ, ନୂଆଗାଁ, ଅଳାଡ଼ିହା, ଜଗତୀପୁର, ରତାଇ, ପଞ୍ଚୁପାଲି, ସାଉଡ଼ି, ଜମ୍ବୀରାଇ ପାଖାପାଖି ଅର୍ଦ୍ଧାଧିକ ପଞ୍ଚାୟତ ସରକାର ବିରୋଧୀ ହୋଇଯାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଏସବୁ ପଞ୍ଚାୟତରେ ବିଜେଡି ସେମିତି ଆଖିଦୃଶିଆ ସଫଳତା ପାଇ ନ ଥିଲା। ଏବେ ଭିଟାମାଟିର ସୁରକ୍ଷା ତଥା ବନ୍ଦର ଓ ପେଟ୍ରୋ କେମିକାଲ ପ୍ରକଳ୍ପକୁ ବିରୋଧ କରି ଏସବୁ ପଞ୍ଚାୟତର ସାଧାରଣ ଲୋକଙ୍କଠୁ କର୍ମୀ ପର୍ଯ୍ୟନ୍ତ ବିଜୁ ଜନତା ଦଳ ବିରୋଧୀ ହୋଇଯାଇଛନ୍ତି। ଅପରପକ୍ଷେ ଆନ୍ଦୋଳନକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଦେଇଆସିଥିବା ବେଳେ ଏହି ଦଳର ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ବିଜନ ନାୟକଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଆସ୍ଥା ବଢୁଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷରେ ବିଜୁ ଜନତା ଦଳର ଘୋଷିତ ପ୍ରାର୍ଥିନୀ ସୁବାସିନୀ ଜେନା କହିଛନ୍ତି, ବନ୍ଦର ହେଲେ କେହି ବିସ୍ଥାପିତ ହେବେ ନାହିଁ । ଆଉ ପେଟ୍ରୋ କେମିକାଲ ପ୍ରକଳ୍ପ ହେବାର ନାହିଁ। ଯଦି କେହି ବି କରିବାକୁ ଚେଷ୍ଟା କରେ ମୁଁ ଆଗରେ ଛିଡ଼ା ହୋଇ ପ୍ରକଳ୍ପକୁ ବିରୋଧ କରିବି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ସୁବାସିନୀ। ଏସବୁ ପଞ୍ଚାୟତରେ ବିଜେଡି ଭୋଟ ଯେମିତି ଭାଗ ଭାଗ ନ ହୁଏ ସେଥିପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ବିଜେଡିରୁ ନିଲମ୍ବିତ ନେତା ରବୀନ୍ଦ୍ର ଅଣ୍ଡିଆ ନିକଟରେ ଭାଜପାରେ ଯୋଗଦେଇଥିବାରୁ ଏଠାରେ ଏହି ଦଳର ସ୍ଥିତି ପୂର୍ବାପେକ୍ଷା ଟାଣ ହେଉଥିବା କୁହାଯାଉଛି। ଦେବେନ୍ଦ୍ର ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ଅବଶ୍ୟ ବିଧାୟକ ପ୍ରାର୍ଥୀ ଚୟନକୁ ନେଇ ଏହି ଦଳରେ ଦ୍ୱନ୍ଦ୍ୱ ରହିଛି। ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଶ୍ୟାମା ପ୍ରସାଦ ବେହେରା, ରବୀନ୍ଦ୍ର କୁମାର ଜୈନ, ମହେଶ୍ୱର ଜେନା, ଅରବିନ୍ଦ ବେହେରା, ବିକାଶ ଗିରି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ପ୍ରମୁଖ ରହିଛନ୍ତି। ତେବେ ଦେଖାଯାଉ କିଏ ଟିକେଟ ପାଉଛି ।

## ୯୮ ଡାକ୍ତରୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୩୦।୩(ମାନସ ବିଶ୍ୱାଳ)

ଫକୀରମୋହନ ମେଡିକାଲ କଲେଜରୁ କୃତିତ୍ୱର ସହ ପ୍ରଥମ ବ୍ୟାଚ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୯୮ଜଣ ଡାକ୍ତରୀ ଛାତ୍ରୀଛାତ୍ରୀଙ୍କୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ସହର ଷ୍ଟେଶନ ଛକସ୍ଥିତ ଷ୍ଟେଶନ କ୍ଲବ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜିଲା ପରିଷଦର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଇମାମୀ ପେପର ମିଲ୍‌ର ଅଧିକାରୀ ମନୋଜ କୁମାର ପାଢ଼ୀ, ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୀରା ପତିଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ରୋଟାରିୟାନ୍ ସୁବ୍ରତ କର, କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ ଓ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ମଞ୍ଚାସୀନ ହୋଇ ସେମାନଙ୍କ ବକ୍ତବ୍ୟରେ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦୀର୍ଘବର୍ଷ ସଂଗ୍ରାମର ଇତିହାସ ସମ୍ପର୍କରେ ସୂଚନା ଦେଇ ନୂତନ ଡାକ୍ତରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମସ୍ତ ଅତିଥି ଓ କମକର୍ତ୍ତାମାନେ ପ୍ରତ୍ୟେକ ଡାକ୍ତରଙ୍କୁ ପୁଷ୍ପ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ଆରମ୍ଭରେ ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଡା. କିର୍ତ୍ତୀମାନ ସାହୁ ଓ ଡାକ୍ତର ସନୁଜା ପଣ୍ଡା ମେଡିକାଲ କଲେଜ ପ୍ରତିଷ୍ଠା ଓ ସେମାନଙ୍କ ଡାକ୍ତରୀ ଶିକ୍ଷାଗ୍ରହଣ ସମୟରେ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଜିଲା କ୍ରିୟାନୁଷ୍ଠାନ କମିଟିର ଭୂମିକା ସେମାନଙ୍କ ପାଇଁ ଅବିସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ। ଉପସଭାପତି ନିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।



ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସହ ଅତିଥି ଏବଂ କମିଟି ସଦସ୍ୟଗଣ।

## ସିମୁଳିଆ କଲେଜକୁ ନାକ୍ ଟିମ୍‌ର 'ବି' ଗ୍ରେଡ୍ ମାନ୍ୟତା

ସିମୁଳିଆ, ୩୦।୩(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ କଲେଜକୁ ସରକାରଙ୍କ ନାକ୍ ଟିମ୍ ପକ୍ଷରୁ 'ବି' ଗ୍ରେଡ ପ୍ରଦାନ କରାଯାଇଛି। ଗତ ୨୨ ଓ ୨୩ ତାରିଖରେ ଏହି ନାକ୍ ଟିମ୍ କଲେଜର ଆଭ୍ୟନ୍ତରୀଣ ପରିଚ୍ଛନ୍ନତା ସମେତ ବିଭିନ୍ନ ଶ୍ରେଣୀ ଗୃହ, ଲାଇବ୍ରେରୀ, ବିଜ୍ଞାନ ଲ୍ୟାବ, ସ୍ପୋର୍ଟସ, ଜିମ୍, ସ୍ମାର୍ଟ କ୍ଲାସ ରୁମ୍, ହର୍ବାଲ ଗାର୍ଡେନ୍, ଭର୍ମି କମ୍ପୋଷ୍ଟ ପିଟ୍ ସମେତ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହାପରେ ଟିମ୍ ଅଧ୍ୟକ୍ଷ, ଅଧ୍ୟାପକ, ବିଭିନ୍ନ ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ର ସଂସଦ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହିତ ପୃଥକ ଭାବେ ଆଲୋଚନା କରିଥିଲେ। କଲେଜ ପକ୍ଷରୁ ଅନ୍‌ଲାଇନରେ ପ୍ରଦାନ କରାଯାଇଥିବା ସେଲ୍ଫ ଷ୍ଟଡ଼ି ରିପୋର୍ଟ(ଏସ୍‌ଏସ୍‌ଆର୍)କୁ ପ୍ରି ଟିମ୍ ତର୍ଜମା କରିଥିଲେ। ସେହିପରି କଲେଜର ବିଭିନ୍ନ ୧୩ଟି ସମ୍ମାନ(ଅନର୍ସ) ପ୍ରୋଫାଇଲ ଉପସ୍ଥାପନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସହିତ ଛାତ୍ରୀଛାତ୍ରମାନଙ୍କ ଉନ୍ନତୀକରଣ ପାଇଁ ଏନସିସି, ପିଜି ଡିପାର୍ଟମେଣ୍ଟ ଖୋଲିବା ସହିତ ଲାଇବ୍ରେରୀର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ସଭାପତି ଚନ୍ଦନା ଘଡ଼ାଇ, ପ୍ରାକ୍ତନ ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୁରାତନ ଛାତ୍ର ସଂସଦ ସଭାପତି ଗଦାଧର ଜେନା, ସମ୍ପାଦକ ସନ୍ତୋଷ କୁମାର ନାୟକ, କଲେଜ ଅଧ୍ୟକ୍ଷ ଗୋପବନ୍ଧୁ ମିଶ୍ର, କମଳବରଣ ଲେଙ୍କା, ଡ. ଉମାକାନ୍ତ ନାୟକ, ଡ. ବିଶ୍ୱରଞ୍ଜନ ଦାଶ, ଉମେଶ ଚନ୍ଦ୍ର ସାହୁ, ମାଷ୍ଟର ଆପୋଲୋ ନାକ୍ ଟିମ୍ ସହଯୋଗୀ ରୂପେ ଥିଲେ। ଟିମ୍‌ରେ ରାଜସ୍ଥାନ ଜୟପୁର କେନ୍ଦ୍ରୀୟ ସଂସ୍କୃତ ୟୁନିଭର୍ସିଟିର ପ୍ରଫେସର ଡ. ଈଶ୍ୱର ଭଟ୍ଟ, ଛତିଶଗଡ ରାୟପୁରର ନାଗାର୍ଜୁନ ସରକାରୀ ପିଜି କଲେଜର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ଚୋବେ ଓ ଝାଡଖଣ୍ଡ ଗରହ୍ୱାର ବାବୁ ଦିନେଶ ସିଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମନ୍ମନ କୁମାର ସିଂ ଥିଲେ।

# ହାତ ଛାଡ଼ିଲେ ଚିରଞ୍ଜୀବ, ଆଜି ବିଜେଡିରେ ମିଶିପାରନ୍ତି

ଜଗତ୍‌ସିଂହପୁର, ୩୦।୩
(ପ୍ରମୋଦ କୁମାର ନାୟକ)

## ଅମରେନ୍ଦ୍ର କହିଲେ, କିଛି ଫରକ ପଡ଼ିବନି

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଶନିବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ରବିବାର ବିଜେଡିରେ ଯୋଗଦେବା କାର୍ଯ୍ୟକ୍ରମ ଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ଟିକେଟ ପାଇଁ ଆଶାୟୀ ଥିବା କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ପ୍ରତିକ୍ରିୟାରେ କହିଛନ୍ତି, କିଛି ଫରକ ପଡିବ ନାହିଁ। ସେ ଏଥର ବିଜେଡି ଟିକେଟ ପାଇବେ ବୋଲି ପୂର୍ଣ୍ଣ ଆଶାବାଦୀ ଅଛନ୍ତି। ଦଳ ତରଫରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ଆଭାସ ମିଳିନାହିଁ ବୋଲି ସେ କହିଛନ୍ତି।

ଗତ ସାଧାରଣ ନିର୍ବାଚନ ପରଠାରୁ ଚିରଞ୍ଜୀବ ତାଙ୍କ ନିର୍ବାଚନମଣ୍ଡଳୀରେ କଂଗ୍ରେସ କର୍ମୀଙ୍କଠାରୁ ଏକପ୍ରକାର ଖାପଛଡ଼ା ଦେଇଆସୁଥିଲେ। ସେ କାଁ ଭାଁ ନିର୍ବାଚନମଣ୍ଡଳୀ ଆସୁଥିଲେ ସୁଦ୍ଧା ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଉ ନ ଥିଲେ। ଏନେଇ ୪ ବର୍ଷରୁ ଅଧିକ ସମୟ ହେବ ନିର୍ବାଚନମଣ୍ଡଳୀର ଦଳୀୟ ନେତା ଓ କର୍ମୀମାନେ ଏକପ୍ରକାର ନେତୃତ୍ୱ ସଙ୍କଟ ଦେଇ ଗତି କରୁଛନ୍ତି। ଏପରି କି ବିକଳ୍ପ ନେତୃତ୍ୱ ଅପେକ୍ଷାରେ ଥିବାବେଳେ ଚିରଞ୍ଜୀବ ସେମାନଙ୍କ ମନରେ ପୁଣି ଆଶା ସଞ୍ଚାର ପାଇଁ ଉଦ୍ୟମ କରି କର୍ମୀଙ୍କୁ ଭ୍ରମିତ


ଚିରଞ୍ଜୀବ ବିଶ୍ୱାଳ

କରୁଥିଲେ। ଏହା ଫେବୃଆରୀ ୨୫ରେ ପ୍ରତିଫଳନ ହୋଇଥିଲା। ଦୀର୍ଘ ବର୍ଷ ପରେ ଚିରଞ୍ଜୀବ ନାଉଗାଁ ବ୍ଲକ ଅନ୍ତର୍ଗତ ଚଗଲା ଦାସ ମଠ ପରିସରରେ ବନ୍ଧୁମିଳନ ଆଳରେ ଲୋକଙ୍କ ସହ ଯୋଡ଼ିହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯେଉଁ ଢଙ୍ଗରେ ବନ୍ଧୁମିଳନ କରିଥିଲେ ତାହା ପ୍ରତ୍ୟେକଙ୍କୁ ବିସ୍ମିତ କରିଥିଲା। କାରଣ ଏହା କଂଗ୍ରେସର ବନ୍ଧୁମିଳନ ବୋଲି କୁହାଯାଇଥିବାବେଳେ ବାସ୍ତବରେ ବ୍ୟାନରରେ ହାତ ଚିହ୍ନ ନ ରହିବା ନିଆରା ଇସାରା ଦେଇଥିଲା। ଏନେଇ ସେତେବେଳେ ଜିଲାରେ ଚର୍ଚ୍ଚା ଜୋର ଧରିଥିଲା। ଶନିବାର ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶେଷରେ ଚିରଞ୍ଜୀବ 'ହାତ' ଛାଡ଼ିଛନ୍ତି।

ଚିରଞ୍ଜୀବ ହେଉଛନ୍ତି ପୂର୍ବତନ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ବଡ଼ ପୁଅ। ବସନ୍ତଙ୍କ ଦେହାନ୍ତ ପରେ ୨୦୦୪ରେ ଚିରଞ୍ଜୀବ ରାଜନୀତିରେ ପାଦ ଥାପିଥିଲେ। ସେ କଂଗ୍ରେସ ଟିକେଟରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ଜିତିଥିଲେ। ପରବର୍ତ୍ତୀ ସମୟରେ ଏହି ଆସନଟି ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଯିବାରୁ ସେ ବିକଳ୍ପ ଭାବେ ଜଗତ୍‌ସିଂହପୁର ବିଧାନସଭା ଆସନକୁ ବାଛିଥିଲେ। ଏହି ଆସନରୁ ସେ ୨୦୦୯ରେ କଂଗ୍ରେସ ଟିକେଟରେ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ଠାରୁ ପାଖାପାଖି ୧୦ ହଜାର ଭୋଟ ବ୍ୟବଧାନରେ ହାରିଥିଲେ। କିନ୍ତୁ ୨୦୧୪ରେ ସ୍ୱର୍ଗତ ଦାସଙ୍କୁ ୨,୮୮୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଧାୟକ ହୋଇଥିଲେ। ହେଲେ ୨୦୧୯ରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କଠାରୁ ୮୭୪୨ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯିବା ପରେ ନିର୍ବାଚନମଣ୍ଡଳୀଠାରୁ ଏକପ୍ରକାର ଦୂରେଇ ରହୁଥିଲେ। ୨୦୧୪-୧୯ ମଧ୍ୟରେ ସେ ବିଧାୟକ ଥିବା ବେଳେ ତାଙ୍କ ସାନ ଭାଇ ରଞ୍ଜୀବ ବିଶ୍ୱାଳ ରାଜ୍ୟ ସଭା ସଦସ୍ୟ ଥିଲେ। ଜଗତ୍‌ସିଂହପୁର ପୌର ପରିଷଦ ମଧ୍ୟ କଂଗ୍ରେସ ଦଖଲରେ ଥିଲା। ପ୍ରଶାନ୍ତ ନୂଆକରି ଜଗତ୍‌ସିଂହପୁର ବିଧାନସଭା ଆସନରେ ପ୍ରାର୍ଥୀ ହୋଇଥିବାରୁ ଚିରଞ୍ଜୀବ ନିର୍ଦ୍ୱନ୍ଦ୍ୱରେ ଜିତିବେ ବୋଲି ସେତେବେଳେ ଦମ୍ଭୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ହାରିଯିବା ତାଙ୍କୁ ଅସହ୍ୟ ହୋଇଥିଲା। ଏବେ ସେ ବିଜେଡିରେ ସାମିଲହେବାକୁ ଯାଉଥିବା ଚର୍ଚ୍ଚା ହେଉଛି। କୁହାଯାଉଛି ସେ ବିଜେଡି ଟିକେଟରେ ଏଥର ଜଗତ୍‌ସିଂହପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି। କିମ୍ବା ବିଜେଡି କଟକ ଓ ଭୁବନେଶ୍ୱରର ଯେକୌଣସି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ। ରବିବାର ଚିରଞ୍ଜୀବଙ୍କ ସହ ଜଗତ୍‌ସିଂହପୁର ବିଧାନସଭା ଆସନ ଅନ୍ତର୍ଗତ ଶତାଧିକ କଂଗ୍ରେସ ନେତା ନବୀନ ନିବାସ ଯିବା ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ବିଶେଷକରି କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜଗତ୍‌ସିଂହପୁର ପୌର ପରିଷଦର କଂଗ୍ରେସ କାଉନସିଲର ଓ ଦଳୀୟ ଆଗଧାଡ଼ିଆ କେତେଜଣ ନେତା ଓ କର୍ମୀ ମିଶ୍ରଣ ପର୍ବରେ ସାମିଲ ହେବାକୁ ଚିରଞ୍ଜୀବଙ୍କ ପକ୍ଷରୁ ଡକରା ଆସିଛି। ଏହି ମିଶ୍ରଣ ପର୍ବରେ ଶାସକ ଦଳର ନେତା ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲା ପରିଷଦ ସଭାପତି ମନୋଜ ଭୋଇ ପ୍ରମୁଖ ସାମିଲହେବାର କାର୍ଯ୍ୟକ୍ରମ ଥିବା କୁହାଯାଉଛି। ଏ ସମ୍ପର୍କରେ ବିଧାୟକ ପ୍ରଶାନ୍ତଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

# ପଦ୍ମ ଧରିପାରନ୍ତି ଅନୁଭବ

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

## ପୂର୍ବରୁ ଟିକେଟ ପାଇଁ ଚର୍ଚ୍ଚାରେ ଅଛନ୍ତି ଅରିନ୍ଦମ

ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜ୍ୟ ରାଜନୀତି ରୋଚକ ହେବାରେ ଲାଗିଛି। ଅଧିକାଂଶ ଦିନ ନେତାମାନେ ଦଳ ବଦଳି କରୁଛନ୍ତି। କିଏ ଅସନ୍ତୁଷ୍ଟ ତ ଆଉ କିଏ କୋଣଠେସା, ପୁଣି ଅନ୍ୟ କିଏ ନିଜକୁ ଦଳରେ ଆଡ୍‌ଜଷ୍ଟ କରିପାରୁ ନ ଥିବାରୁ ନେତାମାନେ ଦଳର ହାଇକମାଣ୍ଡଙ୍କୁ ନିଜର ଇସ୍ତଫା ପତ୍ର ପଠାଉଛନ୍ତି। ଏଥିରୁ ବାଦ୍ ପଡିନାହାନ୍ତି କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ଓ ଭାଜପା ନେତା ଅରିନ୍ଦମ ରାୟ। ଅନୁଭବ କିଛି ମାସ ଧରି ପାରିବାରିକ ବିବାଦକୁ ନେଇ ବେଶ୍ ଚର୍ଚ୍ଚାରେ ରହିଥିଲେ। ଏବେ ନିର୍ବାଚନ ସମୟ ପାଖେଇ ଆସିବାରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେହିପରି ଅରିନ୍ଦମ ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ମଧ୍ୟରେ ଭାଜପାରେ ଯୋଗଦେଇ ଚର୍ଚ୍ଚାରେ ଅଛନ୍ତି।

ଅରିନ୍ଦମ କାରଣ ଦର୍ଶାଇ ଇସ୍ତଫା ଦେଇଥିବାବେଳେ ଶନିବାର ଅନୁଭବ କାରଣ ନ ଦର୍ଶାଇ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଦୋଳପୂର୍ଣ୍ଣିମା ଉପଲକ୍ଷେ କିଛିଦିନ ତଳେ କଟକ ବିହାରୀବାଗ୍‌ଠାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ପକ୍ଷରୁ ଆୟୋଜିତ ହୋଲି ବନ୍ଧୁମିଳନରେ ଅନୁଭବ ଯୋଗଦେଇଥିଲେ। ଏପରି କି ଭାଜପା କଟକର ସମସ୍ତ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସେହିଦିନଠାରୁ ଅନୁଭବ ଓ


ଅନୁଭବ ମହାନ୍ତି


ଅରିନ୍ଦମ ରାୟ

ଭର୍ତ୍ତୃହରି ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ହେବାର ଦୁଇଦିନ ମଧ୍ୟରେ ଭର୍ତ୍ତୃହରି ଭାଜପାରେ ଯୋଗଦେଇଥିଲେ। ଏବେ ଅନୁଭବ ବିଜେଡିରୁ ଇସ୍ତଫା ଦେବା ପରେ ଭାଜପାରେ ଯୋଗଦେବା ନେଇ ଲୋକେ ଆଲୋଚନା କରୁଛନ୍ତି। ଯଦିଓ ପୂର୍ବରୁ ଅରିନ୍ଦମ ଭାଜପାରେ ଯୋଗ ଦେଇଛନ୍ତି, ତାଙ୍କୁ ଦଳ ବାରବାଟୀ-କଟକରେ ଭାଗ୍ୟ ପରୀକ୍ଷା କରିବା ପାଇଁ ଟିକେଟ ଦେଇପାରେ। ଶୁକ୍ରବାର ଅରିନ୍ଦମ ନିଜ ଜନ୍ମଦିନକୁ ସମର୍ଥକଙ୍କ ସହିତ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

ଅପରପକ୍ଷେ ଅନୁଭବଙ୍କ ଟିକେଟ ନିଶ୍ଚିତ ହେବା ପରେ ଭାଜପା ଶିବିରକୁ ଲମ୍ଫ ମାରିବେ ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ମତପ୍ରକାଶ ପାଇଛି। ଯଦି ଅନୁଭବ ଭାଜପାରେ ଯୋଗଦିଅନ୍ତି ତା'ହେଲେ ଅରିନ୍ଦମଙ୍କ ବାଟ ଓଗାଳି ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅରିନ୍ଦମ ଭାଜପାରେ ଯୋଗଦେବା ପରେ କହିଥିଲେ, ମୁଁ ଦଳରେ ଯୋଗଦେଇଛି। ଯେମିତି ପୂର୍ବରୁ କାମ କରିଆସିଛି ଠିକ୍ ସେପରି କାମ କରିବି। ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ଅନ୍ୟପଟେ ଭାଜପାର ବାରବାଟୀ-କଟକ ବିଧାନସଭା ଆସନରୁ ଟିକେଟ ପାଇବା ନେଇ ଆଶାୟୀଙ୍କ ଲମ୍ବା ତାଲିକା ପୂର୍ବରୁ ରହିଛି। ଏନେଇ ଅନୁଭବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।


ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିଆ ରାଓଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶନିବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଉଭୟ ନେତା ଦଳକୁ ସ୍ୱାଗତ କରିଛନ୍ତି।

# ନବୀନ ନିବାସରେ ଓସିଏ ସମ୍ପାଦକ

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶନିବାର ନବୀନ ନିବାସ ଯାଇଛନ୍ତି। ବିଜେଡି ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବାବେଳେ କଟକ ଲୋକ ସଭା ଆସନ ପାଇଁ ସନ୍ତୃପ୍ତ ମିଶ୍ରଙ୍କ ନାଁ ଘୋଷଣା କରାଯାଇଛି। ହେଲେ ବିଧାନସଭା ଆସନ ନେଇ ବାରବାଟୀ-କଟକ, ସାଲେପୁର, ମାହାଙ୍ଗା ଛଡ଼ା ଅନ୍ୟ ୬ଟି ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ବାରବାଟୀ-କଟକ ବିଧାନସଭା ଆସନ ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବାବେଳେ ଦଳ ନୂଆ ଚେହେରା ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ଏପରିକି ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନାମ ମଧ୍ୟ ଏଠାରୁ ଉଠିଲାଣି।


ସଞ୍ଜୟ ବେହେରା

ଇତିମଧ୍ୟରେ ନବୀନ ନିବାସରେ ସଞ୍ଜୟ ପହଞ୍ଚିବା କଟକ ରାଜନୀତିକୁ ଏକ ରୋଚକ ମୋଡ଼କୁ ନେଇଛି। ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପୁଅ ହେଉଛନ୍ତି ସଞ୍ଜୟ। ଆଶୀର୍ବାଦ ଓ ସଞ୍ଜୟଙ୍କ ହାତମୁଠାରେ ରହିଛି କ୍ରୀଡ଼ା ସଙ୍ଗଠନ। ଗତ ଫେବୃଆରୀରେ ବାରବାଟୀ ଷ୍ଟାଡିୟମ ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରୁ ହିଁ ସଞ୍ଜୟ ବାରବାଟୀ-କଟକରୁ ଟିକେଟ ପାଇପାରନ୍ତି ବୋଲି ଆଲୋଚନା ହୋଇଥିଲା। ହେଲେ କାର୍ଯ୍ୟକ୍ରମ ସମୟରେ ସଞ୍ଜୟ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ସେ କୌଣସି ଟିକେଟ ଲବିରେ ନାହାନ୍ତି। ଯଦି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କରେ କୌଣସି ସୂଚନା ଆସେ ତା'ହେଲେ ବିଚାର କରିବେ। ହେଲେ ଏଭଳି ଉତ୍ତର ରଖିବା ପରେ ଶନିବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଭେଟିବା ଘଟଣା ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି।

# ସମ୍ବଲପୁର ବିଧାନସଭା ଆସନ
# ବିଜେଡି ପ୍ରାର୍ଥୀ ହୋଇପାରନ୍ତି ସୁରେଶଙ୍କ ଭାଇ ସୁଧୀର

ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)

ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିନାହାନ୍ତି। ସମ୍ବଲପୁର ଲୋକ ସଭା ଆସନ ସକାଶେ ବିଜେଡି ପ୍ରଣବ ପ୍ରକାଶ ଦାସ (ବବିଙ୍କୁ ପ୍ରାର୍ଥୀ କରିଛି। ଶୁକ୍ରବାର ତାଙ୍କ ସମ୍ବଲପୁର ଗସ୍ତ ସମୟରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଟିକେଟ୍ ଦାବି କରି ତାଙ୍କ ସମର୍ଥକମାନେ ସମ୍ବଲପୁର ବିଧାନସଭା କ୍ଷେତ୍ର ଲାଗି ପ୍ରାର୍ଥୀ ଭାବେ ଦାବିଦାର ଥିବା ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀଙ୍କୁ ପରୋକ୍ଷରେ ବିରୋଧର ସଙ୍କେତ ଦେଇଛନ୍ତି। ଅନୁରୂପ ଭାବେ ଶୁକ୍ରବାର ରେଢ଼ାଖୋଲରେ ବବିଙ୍କ ସମ୍ମୁଖରେ ସ୍ଥାନୀୟ ପ୍ରସଙ୍ଗ ଉଠାଇ ଦଳୀୟ ସମର୍ଥକମାନେ ରେଢ଼ାଖୋଲ


ସୁଧୀର ପୂଜାରୀ

ବିଧାନସଭା କ୍ଷେତ୍ର ପାଇଁ ଜଣେ ସ୍ଥାନୀୟ ନେତାଙ୍କୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ।

ବର୍ତ୍ତମାନ ସୁଦ୍ଧା ବିଧାନସଭା କ୍ଷେତ୍ର ବିଶେଷକରି ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇ ନ ଥିବା ବେଳେ ବିଜେଡି ଜଣେ ନୂଆ ମୁହଁ ଖୋଜୁଥିବା ଚର୍ଚ୍ଚା ହେଉଛି। ଯଦିଓ ସମ୍ବଲପୁର ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟିକା ଡା. ପାଣିଗ୍ରାହୀ, ଜିଲା ସଭାପତି ଇଂ ରୋହିତ ପୂଜାରୀ, ପୂର୍ବତନ ବିଜେଡି ଜିଲା ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ଓ କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁଙ୍କ ନାମ ସମ୍ଭାବ୍ୟ ତାଲିକାରେ ରହିଛି। ତଥାପି ଏହି ନିର୍ବାଚନମଣ୍ଡଳୀ ପାଇଁ ଜଣେ ନୂଆ ମୁହଁ ସାମ୍ନାକୁ ଆସିଛନ୍ତି। ସମ୍ବଲପୁର ବିଧାନସଭା ଅସନ ପାଇଁ ବିଜେଡିର ସମ୍ଭାବ୍ୟ ତାଲିକାରେ ତାଙ୍କ ନାମକୁ ନେଇ ବର୍ତ୍ତମାନ ଏଠାରେ ଚର୍ଚ୍ଚା ଜୋର ଧରିଛି। ସେ ହେଉଛନ୍ତି ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ସାନ ଭାଇ ତଥା ସାମାଜିକ ସଂଗଠନ 'ଉତ୍ସର୍ଗ'ର ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ସୁଧୀର ପୂଜାରୀ। ସରକାରୀ କର୍ମଚାରୀ ଥିବା ସମୟରେ ଗତ ୨୦୧୪ ନିର୍ବାଚନ ସମୟରେ ମଧ୍ୟ ତାଙ୍କ ନାମ ବିଜେଡି ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଥିଲା। ଏପରିକି ବିଜେଡିର ତତ୍କାଳୀନ ଶୀର୍ଷ ନେତୃତ୍ୱ ତାଙ୍କ ସହ ଯୋଗାଯୋଗରେ ଥିଲେ। ମାତ୍ର ତାଙ୍କ ବଡ଼ଭାଇ ସୁରେଶ ପୂଜାରୀଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯିବାରୁ ଶେଷ ମୁହୂର୍ତ୍ତରେ ସେ ଏହି ତାଲିକାରୁ ଓହରି ଯାଇଥିଲେ।

ସୁଧୀରଙ୍କୁ ସମ୍ବଲପୁରରେ ବରଗଡ଼ ଏମ୍‌ପି ତଥା ତାଙ୍କ ବଡ଼ଭାଇ ସୁରେଶ ପୂଜାରୀଙ୍କ ସମର୍ଥକଙ୍କ ପୂର୍ଣ୍ଣ ସହଯୋଗ ମିଳିବା ସମ୍ଭାବନା ରହିଛି। ତେଣୁ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ବିଜେଡି ଆଦୌ ହାତଛଡ଼ା କରିବ ନାହିଁ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# ଭାସ୍କର, ଅନସୂୟାଙ୍କୁ ଭୁବନେଶ୍ୱର ଡାକରା

ରାୟଗଡ଼ା,୩୦।୩
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅନସୂୟା ମାଝିଙ୍କ ନାମ ଘୋଷଣା କରାଯାଇଛି। ତେବେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେଡିରେ ଦେଖାଦେଇଛି ବିଦ୍ରୋହ। ଦଳର ରାଜ୍ୟ ଓ ଜିଲାସ୍ତରୀୟ ନେତା, ରାୟଗଡ଼ା ପୌରାଞ୍ଚଳ, ରାୟଗଡ଼ା ଓ କାଶୀପୁର ବ୍ଲକ୍‌ର ସମସ୍ତ ନିର୍ବାଚିତ ପ୍ରତିନିଧି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ମଧ୍ୟ ଦେଇଛନ୍ତି। ଏପରିକି ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ସମସ୍ତେ ଶୁକ୍ରବାର ବିଜେଡି ରାଜ୍ୟ ଉପସଭାପତି ଏନ୍.ଭାସ୍କର ରାଓଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ଅନସୂୟା ମାଝି ଶୁକ୍ରବାର ରାତିରେ ଭାସ୍କର ରାଓଙ୍କୁ ତାଙ୍କ ବାସଭବନରେ ଭେଟିବା ଏବଂ ଦୀର୍ଘ ସମୟ ରୁଦ୍ଧଦ୍ୱାର ବୈଠକ କରିବା କର୍ମୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି। କର୍ମୀଙ୍କ ବିରୋଧ ଯୋଗୁ ଅନସୂୟାଙ୍କୁ ହାରିଯିବା ଭୟ ଘାରିଥିବାରୁ ସେ ଭାସ୍କରଙ୍କୁ ଭେଟିଥିବା କର୍ମୀ ମହଲରେ ଚର୍ଚ୍ଚା ଚାଲିଛି। ତେବେ ଭାସ୍କର-ଅନସୂୟା ଭେଟଘାଟ ନେଇ ଅନସୂୟାଙ୍କୁ ପଚାରିବାରୁ ପ୍ରାର୍ଥିତ୍ୱ ଘୋଷଣା ପରେ ଆଶୀର୍ବାଦ ଗ୍ରହଣ ପାଇଁ ଯାଇଥିବା ସେ କହିଛନ୍ତି। ଏନେଇ ଭାସ୍କର ରାଓଙ୍କୁ ପଚାରିବାରୁ ଅନସୂୟା ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ଭେଟିବାକୁ ଆସିଥିଲେ ଏବଂ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ସେ କହିଛନ୍ତି। ତେବେ ରାଜ୍ୟ ନେତୃବୃନ୍ଦଙ୍କ ଡାକରା ପାଇ ଏନ୍.ଭାସ୍କର ରାଓ ଏବଂ ଅନସୂୟା ମାଝି ଶନିବାର ଭୁବନେଶ୍ୱର ଯାଇଥିବା ଜଣାପଡ଼ିଛି। ରବିବାର ରାଜ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ବିଜେଡିରେ ୧୧ ଆଶାୟୀ

ହାଟଡ଼ିହୀ,୩୦।୩(ପାର୍ଥ ସୌରଭ ସା)

## ଆନନ୍ଦପୁର ବିଧାନସଭା କ୍ଷେତ୍ର

ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ କେଉଁ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ କର୍ମୀମାନେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ବିଶେଷକରି ଶାସକ ବିଜେଡି ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଦଳରେ ୧୧ଜଣ ଆଶାୟୀ ରହିଛନ୍ତି।

ହାଟଡ଼ିହୀ ବ୍ଲକ ଇଞ୍ଜୋଳ ପଞ୍ଚାୟତର ଏହି ୨ ପ୍ରମୁଖ ଦାବିଦାର ହେଲେ ଯୁବ ସାମାଜିକ କର୍ମୀ ଇଂ. ବିଶ୍ୱନାଥ ପ୍ରତାପ ଜେନା ଓ ଅନ୍ୟ ଜଣେ ଯୁବନେତା ଅଭିମନ୍ୟୁ ସେଠୀ। ବିଶ୍ୱନାଥ ୟୁଏଇରେ ଏକ ଘରୋଇ କମ୍ପାନୀରେ ୭ ବର୍ଷ କାର୍ଯ୍ୟ କରି ୨୦୧୭ରେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ବିଜେଡିରୁ ଟିକେଟ ପାଇବା ପାଇଁ ଆବେଦନ କରିଛନ୍ତି। ଅନ୍ୟ ପ୍ରମୁଖ ଦାବିଦାର ଅଭିମନ୍ୟୁ ସକ୍ରିୟ ରାଜନୀତିରେ ରହିଛନ୍ତି। ତାଙ୍କ ସ୍ତ୍ରୀ ଥରେ ଇଞ୍ଜୋଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ୨ଥର ବ୍ଲକ୍ ଅଧ୍ୟକ୍ଷା ଭାବରେ ନିର୍ବାଚିତ ହୋଇଛନ୍ତି। ଏହାର ପଛରେ ଅଭିମନ୍ୟୁଙ୍କ ଲୋକ ସମ୍ପର୍କ କାର୍ଯ୍ୟ କରିଥିବା କୁହାଯାଉଥିବା ବେଳେ ସେ ବ୍ଲକ୍ ବିଜେଡି ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭାଗୀରଥି ସେଠୀ, ପୂର୍ବତନ ବିଧାୟକ ମାୟାଧର ଜେନା, ଏମ୍‌ପି ପ୍ରତିନିଧି ନନ୍ଦଚରଣ ଜେନା, ଇଂ. ବଳରାମ ଜେନା, ସାମାଜିକ କର୍ମୀ ନାରାୟଣ ଜେନା, ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ପୂର୍ବତନ ବିଜେଡି ଜିଲା ସଭାପତି ବିମଳ କିଶୋର ଜେନା ପ୍ରମୁଖ ଟିକେଟ ପାଇଁ ଲବି ଚଳେଇଥିବା ଜଣାପଡ଼ିଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ପୂର୍ବରୁ କେବଳ ମରେଇ ଗାଁ ପଞ୍ଚାୟତରୁ ୩ ବିଧାୟକ ହୋଇପାରିଛନ୍ତି। ମରେଇଗାଁ ପଞ୍ଚାୟତରୁ କଂଗ୍ରେସ ପକ୍ଷରୁ ଭୁବନାନନ୍ଦ ଯେନା ଓ ଜୟଦେବ ଜେନା ଏବଂ ଭାଜପା ଓ ବିଜେଡିରୁ ମାୟାଧର ଜେନା ବିଧାୟକ ହୋଇଥିଲେ।

# ଦିଲୀପଙ୍କୁ ନେଇ ରାଉରକେଲା ରାଜନୀତି ସରଗରମ

ରାଉରକେଲା,୩୦।୩( ଦିନେଶ ମିଶ୍ର)

ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ରାଉରକେଲା ରାଜନୀତି ଉଷ୍ମ ହେବାରେ ଲାଗିଛି। ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ହେବା ପରେ ସେହି ତାଲିକାରେ ରାଉରକେଲା ନ ଥିବାରୁ ଦଳୀୟ ନେତାଙ୍କ ଚିନ୍ତା ବଢ଼ିଯାଇଛି। ରାଉରକେଲାରୁ ବିଧାନସଭା ପ୍ରାର୍ଥୀ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ନିଜର ପ୍ରାର୍ଥୀଙ୍କ ପାଇଁ ଦଳୀୟ ନେତାମାନେ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ରାଉରକେଲା ପାଇଁ ଭାଜପାରୁ ଧୀରେନ ସେନାପତି, ନୀହାର ରାୟ ଓ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନାମ ଆଲୋଚନା ହେଉଛି। ୨୦୧୯ ନିର୍ବାଚନରେ ରାଉରକେଲାରୁ ଭାଜପା ନୀହାର ରାୟଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଥିଲା। ଏହି ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଦିଲୀପ ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ପ୍ରଥମେ ମାଟି ଓ ପରେ ପାର୍ଟି କହି ଭାଜପା ଛାଡ଼ି ଦିଲୀପ ଭିତିରିଆ ବିଜେଡି ପ୍ରାର୍ଥୀ ସାରଦା ନାୟକଙ୍କୁ ସମର୍ଥନ କରିବାରୁ ସାରଦା ୧୦ ହଜାର ଭୋଟ ବ୍ୟବଧାନରେ ନୀହାରଙ୍କୁ ପରାସ୍ତ କରି ରାଉରକେଲା ବିଧାୟକ ଭାବେ ବିଜୟୀ ହୋଇଥିଲେ।


ବନ୍ଧୁମିଳନରେ ଦିଲୀପ ରାୟ ଓ ଅନ୍ୟମାନେ।

ସେହିପରି ଏଥର ନିର୍ବାଚନରେ ମଧ୍ୟ ଦିଲୀପଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି। ଆଜିବି ରାଉରକେଲା ସହରରେ ଦିଲୀପଙ୍କର ୧୦ରୁ ୨୦ ହଜାର ସମର୍ଥକ ରହିଛନ୍ତି। ଗତ ମାର୍ଚ୍ଚ ୨୭ରେ ତାଙ୍କ ବାସଭବନ କଲ୍ୟାଣୀରେ ଆୟୋଜିତ ହୋଲି ମିଳନ ଓ ଫେବୃଆରୀ ୨୮ରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ସ୍ଥିତ ମେ ଫେୟାର ହକି ଭିଲେଜରେ ଦିଲୀପଙ୍କ ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ଏହା ଦେଖିବାକୁ ମିଳିଛି। ଉଭୟ କାର୍ଯ୍ୟକ୍ରମରେ ସହରର ସବୁ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଅନେକ ହଜାର ନେତା, ସାମାଜିକ କର୍ମୀ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ରାଉରକେଲା ସହରରେ ବର୍ତ୍ତମାନ ସୁଦ୍ଧା ଦିଲୀପଙ୍କ ପ୍ରଶଂସକ ଓ ଲୋକପ୍ରିୟତା ବଞ୍ଚି ରହିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ତେଣୁ କଂଗ୍ରେସ, ବିଜେଡି ଓ ଭାଜପା ଯେଉଁ ଦଳରୁ ଯିଏ ବିଧାୟକ ଟିକେଟ ପାଆନ୍ତୁ ନା କାହିଁକି ଦିଲୀପଙ୍କ ସମର୍ଥନ ଯେଉଁ ଦଳ ପ୍ରତି ରହିବ, ସେହି ଦଳ ବିଜୟୀ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ମତପ୍ରକାଶ କରିଛନ୍ତି।

୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲୀପଙ୍କ ବିପକ୍ଷରେ ରାଉରକେଲାରେ ଦୁଇ ଦୁଇ ଥର ରୋଡ୍ ଶୋ କରିଥିଲେ ମଧ୍ୟ ୧୦ ହଜାର ୯୨୯ ଖଣ୍ଡ ଭୋଟରେ ସାରଦା ପରାସ୍ତ ହୋଇଥିଲେ। ଏସବୁ ଦେଖିଥିବା ଦିଲୀପ ରାୟଙ୍କ ପ୍ରତିନିଧି ହରିହର ରାଉତରାୟ କୁହନ୍ତି, ଦିଲୀପ ବାବୁ ପ୍ରତ୍ୟକ୍ଷ ରାଜନୀତିକୁ ଆସିବେ। ତେଣୁ ସହରବାସୀଙ୍କୁ ନିର୍ବାଚନ ପୂର୍ବରୁ ସମସ୍ତ କଥା ଜଣାପଡ଼ିଯିବ। ସେହିପରି ଏ ସମ୍ପର୍କରେ ଦିଲୀପ ରାୟଙ୍କୁ ପଚାରିବାରୁ ସେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ। ରାଉରକେଲାବାସୀ ତାଙ୍କ ପ୍ରତି ଭଲ ପାଇବା ଓ ବିଶ୍ୱାସ ରଖିଥିବା ଦିଲୀପ କହିଛନ୍ତି।

ଅନ୍ୟପକ୍ଷେ ବିଜେଡି ଓ ଭାଜପା ମେଣ୍ଟକୁ ନେଇ କଂଗ୍ରେସ ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବାବେଳେ ତାହା ବିଫଳ ହୋଇଛି। କଂଗ୍ରେସ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ବୋଲି ଦଳ ମଧ୍ୟରେ କଳ୍ପନାଜଳ୍ପନା ଜାରି ରହିଛି। ଏହିସବୁ ସତ୍ତ୍ୱେ ଦିଲୀପ ଆଗକୁ କେଉଁ ଦଳକୁ ସମର୍ଥନ କରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଅଭ୍‌ନୀଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକ୍ସିସ୍ ବ୍ୟାଙ୍କର ନୂତନ ସୁବିଧା

ଭୁବନେଶ୍ୱର,୩୦।୩

ଆକ୍ସିସ୍ ବ୍ୟାଙ୍କର ନୂତନ ସୁବିଧା ନିକଟରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଆକ୍ସିସ୍ ବ୍ୟାଙ୍କ ଆଇଏଫ୍‌ଏସ୍‌ସି-ଗିଫ୍ଟ ସିଟିରେ ପ୍ରବାସୀ ଭାରତୀୟ ଗ୍ରାହକମାନଙ୍କ ଲାଗି ଡିଜିଟାଲ ଆମେରିକୀୟ ଡଲାର ମିଆଦୀ ଜମା ଖାତା ଖୋଲିବା ଆରମ୍ଭ ହୋଇଛି। ଏହା ସହ ପ୍ରଥମ ବ୍ୟାଙ୍କ ଭାବେ ଆକ୍ସିସ୍ ବ୍ୟାଙ୍କ ଗିଫ୍ଟ ସିଟି ଜମା ପାଇଁ ଡିଜିଟାଲ ଯାତ୍ରାର ଶୁଭାରମ୍ଭ ମଧ୍ୟ କରିଛି। ଆକ୍ସିସ୍ ବ୍ୟାଙ୍କର ପ୍ରବାସୀ ଭାରତୀୟ ଗ୍ରାହକମାନେ ବ୍ୟାଙ୍କର ମୋବାଇଲ୍ ଆପ୍ଲିକେଶନ 'ଓପନ୍ ବାଏ ଆକ୍ସିସ୍ ବ୍ୟାଙ୍କ' ଜରିଆରେ ୟୁଏସ୍ ଡଲାର ମିଆଦୀ ଜମା ଖୋଲିପାରିବେ। ଏପରିକି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ କିଛି କାମ ଡିଜିଟାଲ୍ ମାଧ୍ୟମରେ କରିବା ସହ ପ୍ରତ୍ୟକ୍ଷ କାଗଜପତ୍ର ଆବଶ୍ୟକତା ଦୂରକରିବା ପାଇଁ ପ୍ରୟାସ କରାଯାଇଛି। ବିଶେଷକରି ଏହା ପ୍ରବାସୀ ଭାରତୀୟ ଗ୍ରାହକଙ୍କ ପାଇଁ ୟୁଏସ୍ ଡଲାର ମିଆଦୀ ଜମା ବୁକିଂ କରିବା ପ୍ରକ୍ରିୟାର ସରଳୀକରଣ କରିଛି। ଯେକୌଣସି ସ୍ଥାନ ଓ ସମୟରେ ମିଆଦୀ ଖାତା ଖୋଲିବା ସୁବିଧା ଜରିଆରେ ଗ୍ରାହକମାନେ ସେମାନଙ୍କ ଏଫ୍‌ଡିକୁ ଟ୍ରାକ୍ ଓ ପରିଚାଳନା କରିପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା ହୋଲ୍‌ସେଲ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟସ୍ ମୁଖ୍ୟ ବିବେକ ଗୁପ୍ତା କହିଛନ୍ତି, ଗିଫ୍ଟ ସିଟିର ଏକ ଅଗ୍ରଣୀ ବ୍ୟାଙ୍କ ଭାବେ ଆକ୍ସିସ୍ ବ୍ୟାଙ୍କ ଉଭୟ କର୍ପୋରେଟ୍ ଏବଂ ରିଟେଲ ପାଇଁ ଏକ ପସନ୍ଦଯୋଗ୍ୟ ଆର୍ଥିକ ସେବା ଗନ୍ତବ୍ୟସ୍ଥଳ ଭାବେ ଗିଫ୍ଟ ସିଟିକୁ ବିକଶିତ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମର ଗିଫ୍ଟ ସିଟି ଆଇଏଫ୍‌ଏସ୍‌ସି ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଆଇବିୟୁ)ର ଡିଜିଟାଲ ଏଫ୍‌ଡି ଖୁଚୁରା ଏନ୍‌ଆର୍‌ଆଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଦେଇଥିବା ସୁଯୋଗରେ ଆମେ ଉତ୍ସାହିତ ଅଛୁ।

# ୪ର୍ଥ ତ୍ରୈମାସରେ ୮% ବଢ଼ିବ ଜିଡିପି

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)



ନିର୍ମଳା ସୀତାରାମନ

କ୍ରମାଗତ ଭାବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ଘଟୁଥିବା ବେଳେ ଚଳିତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଶେଷ ସୁଦ୍ଧା ଭାରତର ଜିଡିପି ୮%ରୁ ଅଧିକ ହେବ ବୋଲି ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି କିଛି କହିଛନ୍ତି। ସେହିଭଳି ୨୦୨୪ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଥିବା ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ଭାରତର ଜିଡିପି ୮% କିମ୍ବା ତାଠାରୁ ଅଧିକ ବୃଦ୍ଧି ପାଇବାକୁ ଯାଉଛି। ସେହିପରି ଉନ୍ନତ ମୁଦ୍ରାସ୍ଫୀତି ପରିଚାଳନା ଏବଂ ମାକ୍ରୋ-ଅର୍ଥନୈତିକ ସ୍ଥିରତା କାରଣରୁ ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧିହାର ବିସ୍ତାର କରିବ ବୋଲି ସୀତାରାମନ ବିସ୍ତୃତ ଭାବେ କହିଛନ୍ତି।
ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଆୟୋଜିତ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେଇ ସୀତାରାମନ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ (ଅଭିବୃଦ୍ଧି) ୮% କିମ୍ବା ତାଠାରୁ ଅଧିକ ହେବ, ଯାହା ଦ୍ୱାରା ୨୦୨୩/୨୪ ରେ ଜିଡିପି ହାରାହାରି ୮% କିମ୍ବା ୮%ରୁ ଅଧିକ ହେବ। ୨୦୨୪ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକ ପାଇଁ ଭାରତର ଜିଡିପି ତଥ୍ୟ ମେ ୩୧ରେ ପ୍ରକାଶ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତି ବର୍ଷ ତୁଳନାରେ ୮.୪% ବୃଦ୍ଧି ପାଇଛି, ଯାହା ପୂର୍ବ ତ୍ରୈମାସରେ ରେକର୍ଡ ହୋଇଥିବା ୭.୬% ଅଭିବୃଦ୍ଧି ଠାରୁ ଅଧିକ। ସରକାରଙ୍କ ସଦ୍ୟତମ ଆକଳନ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଭାରତର ଅର୍ଥନୀତି ୭.୬% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ହ୍ୟାଣ୍ଡଲୁମ ଆଣ୍ଡ୍ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ ଅବଧି ବୃଦ୍ଧି

## ମେ ୨୦ ପର୍ଯ୍ୟନ୍ତ ଚାଲିବ ମେଳା

ଭୁବନେଶ୍ୱର,୩୦।୩ (ଅଭୟ ଦାଶ)



ଭୁବନେଶ୍ୱରର ପାଣିପାଗ ଭଲ ସାଙ୍ଗକୁ ପିଲାଙ୍କ ପରୀକ୍ଷା ମଧ୍ୟ ନିକଟରେ ଶେଷ ହୋଇଯାଇଛି। ଏପରିକି ଦିନକୁ ଦିନକୁ ସହରର ତାପମାତ୍ରା ବୃଦ୍ଧି ପାଇବାରୁ ସନ୍ଧ୍ୟା ସମୟରେ ପ୍ରଦର୍ଶନୀରେ ଭିଡ଼ ବଢ଼ୁଛି। ଫଳରେ କାରବାର ମଧ୍ୟ ଆଶାଠାରୁ ଅଧିକ ହେଉଥିବାରୁ ପ୍ରଦର୍ଶନୀର ଅବଧି ୨୦୨୪ ମେ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଆୟୋଜକ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଜାରି ରହିଥିବା ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଶେଷ ଦିନ ପୂର୍ବରୁ ଏହି ଅବଧି ବୃଦ୍ଧି କରାଯାଇଛି।
ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ' ୨୦୨୪ ଫେବୃଆରୀ ୨୪ରୁ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀ ଫେବୃଆରୀରେ ପ୍ରାରମ୍ଭିକ ଭାବେ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରତ୍ୟହ ପର୍ବାହ୍ନ ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

# ବବ୍ ଆର୍ଥ ଗ୍ରୀନ୍ ଡିପୋଜିଟ୍ସର ଶୁଭାରମ୍ଭ

ଭୁବନେଶ୍ୱର,୩୦।୩

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ନୂତନ ଯୋଜନା 'ବବ୍ ଆର୍ଥ ଗ୍ରୀନ୍ ଟର୍ମ ଡିପୋଜିଟ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବବ୍ ଆର୍ଥ ଗ୍ରୀନ୍ ଟର୍ମ ଡିପୋଜିଟ୍ ଜମାକାରୀଙ୍କୁ ବିଭିନ୍ନ ସମୟରେ ଆକର୍ଷଣୀୟ ସୁଧ ହାର ପ୍ରଦାନ କରିଥାଏ। ଏପରିକି ବ୍ୟାଙ୍କ ୭.୧୫% ପର୍ଯ୍ୟନ୍ତ ବାର୍ଷିକ ସୁଧ ପ୍ରଦାନ କରୁଛି। ଏ ସମ୍ପର୍କରେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି,ବବ୍ ଆର୍ଥ ଗ୍ରୀନ୍ ଟର୍ମ ଡିପୋଜିଟ୍ ସ୍କିମ୍‌ର ଶୁଭାରମ୍ଭ ଜମାକାରୀଙ୍କୁ ସ୍ଥିର ଏବଂ ସୁରକ୍ଷିତ ଆର୍ଥିକ ରିଟର୍ନର ଦ୍ୱିତୀୟ ଲାଭ ପ୍ରଦାନ କରିବା ସହ ଏକ ସବୁଜ ପୃଥିବୀରେ ଯୋଗଦାନ କରିବାର ସୁଯୋଗ ପ୍ରଦାନ କରିଥାଏ। ଏପରିକି ଏହି ଯୋଜନା ଅଧୀନରେ ବ୍ୟାଙ୍କ କେତେକ ଅଭିନବ ଅବଧି ପ୍ରଚଳନ କରିଛି। ସେହିଭଳି ବବ୍ ଆର୍ଥ ଗ୍ରୀନ୍ ଟର୍ମ ଡିପୋଜିଟ୍ ଜରିଆରେ ସଂଗ୍ରହ ହୋଇଥିବା ପାଣ୍ଠିକୁ ଅକ୍ଷୟ ଶକ୍ତି, ସ୍ୱଚ୍ଛ ପରିବହନ, ସ୍ଥାୟୀ ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ଦକ୍ଷତା, ଜଳବାୟୁ ପରିବର୍ତ୍ତନ ଅନୁକୂଳନ, ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ, ଗ୍ରୀନ୍ ହାଉସ, ଜୈବ ବିବିଧତା ସଂରକ୍ଷଣ ଇତ୍ୟାଦି ଯୋଗ୍ୟ ସବୁଜ ପ୍ରକଳ୍ପ କ୍ଷେତ୍ରକୁ ଆବଣ୍ଟନ କରାଯିବ। ବିଶେଷକରି ବିଓବିର ନୂଆ ଓ ପୁରୁଣା ଗ୍ରାହକମାନେ ବ୍ୟାଙ୍କର ସର୍ବଭାରତୀୟ ଶାଖା ମାଧ୍ୟମରେ ଗ୍ରୀନ୍ ଡିପୋଜିଟ୍ ଆକାଉଣ୍ଟ ଖୋଲିପାରିବେ।


## BIRTHDAY WISH



AVNEESH NANDA
S/o- Gayatri & Sambit
B-2/305, Parkwoods
May Lord Jagannath bless you with bright future and good health on this 7th
HAPPY BIRTHDAY
Jeje Bapa & JejeMaa
Cuttack road, Bhubaneswar
ଧ-୭୬୪୩୪

CLASSIFIED DISPLAY
MORE SPACE * SAME PRICE

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# Classified Everyday
0674-2580101, 2549949



MATRIMONIAL

## BRIDE WANTED

Handsome Brahmin Boy 1994, 5'9", M.Tech Serving Software Engineer Wipro Bangalore. "SUNASANSAR". 9937512659, 8249969649. D-75936

## GROOM WANTED

52 ବୟସ୍କା Widow ବ୍ରାହ୍ମଣ ଜାତିର Govt. ଚାକିରିଆ ଏକାକି ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658059842. D-2864

40 Yrs. Divorce କରଣ ଜାତିର Agriculture Officer ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9776270725. D-2861

29 ବୟସ କୌଣସି ଚାକିରି କରୁନଥିବା ସୁନ୍ଦରୀ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75321

Beautiful Moharana Girl 1992, 5'3", M.Tech Serving Engineer Bangalore, settled BBSR "SUNASANSAR". 9937512659, 8249969649. D-75937

61 ବୟସ୍କା ଭୁବନେଶ୍ୱର ବାସିନ୍ଦା Govt. Retd. ହୋଇଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040735429. D-2850

ବୟସ 30 କୌଣସି ଚାକିରି କରୁନଥିବା ସୁନ୍ଦରି ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 6370559357. D-75322

Alopathy Doctor (Groom), Brahmin caste require for Alopathy Doctor (Bride), Brahmin caste age-27, working in State Government, Odisha. Contact directly to parent No- 8917639271. D-2896

Wanted Engineer Groom for beautiful Khandayat girl 1990, 5'2", MCA Serving Engineer HCL Bangalore "SUNASANSAR". 9937512659, 8249969649. D-75940



REAL ESTATE
SALE

Duplex sale at Bhubaneswar @ 57 lakhs only. Contact- 9777433701. D-75934

Near Lingaraj Temple gharabari plot 1115sqft. with boundarywall sale. Phone No.- 9178924698, 6371519529. D-2648

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.** D-2727

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75724

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

Wanted sharing land with 30/40 feet road for simplex/duplex/ apartment projects within Bhubaneswar, Cuttack, Puri. 7008550473. D-2888



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2728



Duplex house at Patia having three bedroom and toilets for rent contact 9437064482. D-2894

**Open land space for rent near NH-316 Lingipur Traffic Sqr. 13000sqft. Mobile- 8895985885.** D-2905

ଭୁବନେଶ୍ୱର-ପୁରୀ ରୋଡ୍ ଗୁଡ଼ିଆପୋଖରୀ ଛକ ନିକଟରେ 7260 ବର୍ଗଫୁଟର ଦୁଇ ମହଲା ଘର ସହିତ 7ft. Hight boundary with gate ଥାଇ ଖାଲି ଜାଗା ଭଡ଼ା ସୂତ୍ରରେ ଦିଆଯିବ। ଏହା Dairy, Poultry, Mushroom Farm, Stock Yard ପାଇଁ ଉପଯୋଗୀ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9861321255, 8249854169. D-75938

Two Bedroom Independence House with Drawing at Lingaraj Vihar, Pokhariput near DAV School for rent. Contact- 8249595404. D-2889



ଆଣ୍ଠୁଗଣ୍ଠିବାତ ଓ ପାରାଲିସ୍‌ସର ସଫଳ ଉପଚାର ପାଇଁ ଯୋଗାଯୋଗ କରନ୍ତୁ। ଘରୋଇ ସେବା ଉପଲବ୍ଧ। 8249969649, 9237956616. D-75939

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

Relax, refresh your body, mind by expert therapist. Contact: 9938843929. D-76110



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**୰କାଳନ୍ଦୀ ଓଝା**
ଅବସରପ୍ରାପ୍ତ କିରାଣି, ନିମାପଡ଼ା ବ୍ଲକ୍
ମଧୁପାତ୍ର, ଓହଳ, ନିମାପଡ଼ା, ପୁରୀ
ଆବିର୍ଭାବ-୧୪।୦୪।୧୯୩୭
ତିରୋଧାନ- ୨୧।୦୩।୨୦୨୪
ଜନମ ମରଣ ବିଧାତାର ଖେଳ
କେ ତାହା କରିବ ଆନ,
ବିଭୁ ପାଦପଦ୍ମେ ଏତିକି ଗୁହାରି
ଶ୍ରୀଚରଣେ ଦେବେ ସ୍ଥାନ।
ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର: ରବି, ଶିବ, ବିଭୁ ଓ ପୁତ୍ରବଧୂ, ନାତି: ଚିକୁ, ସୋମୁ, ଲିପୁ, ହାପି, ପପୁ, ବବୁଲ୍, ବିଶୁ, ନାତୁଣୀ: ପିଙ୍କି, ମିଙ୍କି, ରିଙ୍କି, ଲିକି, ସୁଇଟ, ପାକୁ, ପୁତୁରା: ଅକ୍ଷୟ, ସଞ୍ଜୟ, ବିଜୟ, ଝିଅ: ମିନତି, ଜ୍ୱାଇଁ: ବିପିନ, ପତ୍ନୀ: ହାରାମଣି, ବୋହୂ: ସ୍ୱର୍ଣ୍ଣଲତା, ସାବିତ୍ରୀ, ସରସ୍ୱତୀ,ଭାଇ: ପ୍ରହ୍ଲାଦ, ଧ୍ରୁବଚରଣ
ଧ-୨୯୦୪

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଜେମା ନାଏକ**
ସରଜଙ୍ଗ ସାହି, ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ
ଆବିର୍ଭାବ- ୨୪।୦୫।୧୯୭୪
ତିରୋଧାନ- ୩୧।୦୩।୨୦୨୨
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ହତଭାଗ୍ୟ ସ୍ୱାମୀ: ଉଦ୍ଧବ ନାଏକ, ପୁଅ: ବରୁଣ, ଲକ୍ଷ୍ମଣ, ଝିଅଜ୍ୱାଇଁ: ଦର୍ଶନୀ, ଦ୍ୱିଜବର,ବୋହୂ: ମୀରା, ସୁଲେଇ, ନାତି/ନାତୁଣୀ: ଲିଟୁ,ଚିଣ୍ଟୁ, ପୁଡୁ, ଶମ୍ଭୁ, ସଖି,ଗୁଗୁଲି, ନେନା, ଦିଅର, ଯାଆ, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୪୩୦

## IN LOVING MEMORY OF



**Late R. Jagan Mohan Patnaik**
Bomikhal, Bhubaneswar
15.09.1937- 13.03.2012
(Krushna Pakhya Shashti Tithi)
The soul has no infinity, there is no beginning and there is no ending.
Fondly Remembered By: Patnaik Family
ଧ-୨୮୮୩

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରବୀନ୍ଦ୍ର କୁମାର ମଙ୍ଗରାଜ**
ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫
ତିରୋଧାନ: ୦୨।୦୪।୨୦୨୧ (ଚୈତ୍ର କୃଷ୍ଣପକ୍ଷ, ଷଷ୍ଠୀ)
ସଂସାରେ ସମସ୍ତେ ବିଲୀନ ହେବେ, ଏହା ମର୍ତ୍ତ୍ୟଲୋକର ଚିରନ୍ତନ ବିଧାନ। ଜୀବନ ସାଥୀ ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିସହ । ସନ୍ତାପିତ ପ୍ରାଣ ଝୁରଇ ନିତି କଥା ଦେଇଥିଲ ଜନ୍ମ ଜନ୍ମାନ୍ତର ସାଥୀ ହେବ ମୋର ଅଗ୍ନିକୁ ଶପଥ କରି, ଜୀବନ ହାଟରେ ବାଟ ମଝିଟାରେ ଛାଡ଼ିଦେଇ ହାତ ଚାଲିଗଲ ପର କରି। ଭାବିଲନି ଟିକେ ଦୁଃଖ ବାଣ୍ଟିବାକୁ କିଏ ହେବ ସାହା ସ୍ୱାର୍ଥପର ଦୁନିଆରେ, ତୁମେ ଗଲାଦିନୁ ନିତି କାନ୍ଦୁଅଛି ସମସ୍ତଙ୍କ ଅଲକ୍ଷରେ । ଜାଣନ୍ତି ସଭିଏ ଚାଲିଯିବେ ଦିନେ ସବୁ କରିଦେଇ ପର, ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର। ତୁମର ଅମର ଆତ୍ମା ଶାନ୍ତିରେ ରହୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ:- ପତ୍ନୀ, ପୁତ୍ର ଓ ପରିବାରବର୍ଗ ।
ଧ-୨୮୭୨

## ୧୯ତମ ଶ୍ରାଦ୍ଧବାର୍ଷିକୀ



**୰ଗୋରାଚାନ୍ଦ ପଟ୍ଟନାୟକ**
ଆବିର୍ଭାବ: ୧୬।୦୭।୨୯
ତିରୋଧାନ: ୧୩।୦୩।୦୪
ଆପଣଙ୍କ ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା। ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
"ତୁମ ସ୍ମୃତିରେ": ବନ୍ଧୁ, ପରିବାରବର୍ଗ ଓ ସହକର୍ମୀବୃନ୍ଦ ।
ଧ-୬୭୧୩୦



ଧରିତ୍ରୀ DHARITRI
## Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୂଆ ନୂଆ ଦିନା କେତେ**
**ନୂଆ ଦେଖି ପୁରୁଣା ପାସୋରି ଦେଲ**
**ଦୂର କରିଦେଲ ମତେ।**

ନୂଆ ପ୍ରତି ସବୁବେଳେ ସମସ୍ତଙ୍କର ଅଧିକ ଆଦର ତଥା ଆସକ୍ତି ଭାବ ରହିଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ପରୋକ୍ଷରେ ନୂଆକୁ ଆଦର କରି ପୁରୁଣାକୁ ହତାଦର କରାଯିବା ଭଳି ନୂତନ ପ୍ରେମୀକୁ ପାଇ ପୁରୁଣା ବାନ୍ଧବୀକୁ ଦୂରେଇଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଅ ଗାଁ ଗଲେ ସେରେ**
**ଛଅ ଗାଁ ଗଲେ ସେରେ।**

ପରିଶ୍ରମ ଅଳ୍ପ ହେଉ ଅବା ବହୁତ, ଆୟ ଯେତିକି ସେତିକି। ପରିଶ୍ରମ ଅନୁସାରେ ଆୟରେ ସେଭଳି ଆଖିଦୃଶିଆ ଉନ୍ନତି ଘଟୁ ନ ଥିବା ବା ସେତେ ଅଧିକ ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୋସିଆଲ ମିଡିଆ ଆୟର ତଦନ୍ତ କରିବ ଇଡି

## ବନ୍ୟପ୍ରାଣୀଙ୍କ ସହ ଭିଡିଓ ପୋଷ୍ଟ

■ ଗିରଫ ଅଭିଯୁକ୍ତଙ୍କ ବେଆଇନ ସମ୍ପତ୍ତି ବାଜ୍ୟାପ୍ତ ହେବ

ଭୁବନେଶ୍ୱର,୩୦।୩(ଅସମାପିକା ସାହୁ)

ସଂରକ୍ଷିତ ବନ୍ୟପ୍ରାଣୀଙ୍କୁ ଧରି ବେଆଇନ ଭିଡିଓ ପୋଷ୍ଟ କରି ସୋସିଆଲ ମିଡିଆ କମ୍ପାନୀଙ୍କଠାରୁ ମୋଟା ଅଙ୍କର ଟଙ୍କା ରୋଜଗାର କରିଥିବା ବ୍ୟକ୍ତିଙ୍କ ସମ୍ପତ୍ତିର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏଥିପାଇଁ ଖୁବ୍‌ଶୀଘ୍ର ଇଡିକୁ ରାଜ୍ୟ ବନ୍ୟପ୍ରାଣୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖାଯିବ। ଏ ସମ୍ପର୍କରେ ସୂଚନା ଦେଇ ଶନିବାର ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଯେଉଁମାନଙ୍କୁ ଆମେ ଗିରଫ କରିଛୁ, ସେମାନଙ୍କର ୟୁଟ୍ୟୁବ୍, ଫେସ୍‌ବୁକ୍ ଆଦି ସୋସିଆଲ ମିଡିଆରେ ଲକ୍ଷାଧିକ ସବ୍‌ସ୍କ୍ରାଇବର ଓ ଫଲୋୟର ଥିବାରୁ ମୋଟା ଅଙ୍କର ଟଙ୍କା ଦେଣନେଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେଥିପାଇଁ ଉପଯୁକ୍ତ ତଦନ୍ତକାରୀ ସଂସ୍ଥା ଦ୍ୱାରା ସମସ୍ତ ଆର୍ଥିକ କାରବାରର ତଦନ୍ତ ହେବା ଜରୁରୀ। ତେଣୁ ଆମେ ସେସବୁ ମାମଲା ତଦନ୍ତ କରିବା ପାଇଁ ଇଡିକୁ ଦାୟିତ୍ୱ ଦେବୁ ବୋଲି ନନ୍ଦ କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶାରେ ଅନେକ ଲୋକ ପ୍ରସିଦ୍ଧ ହେବା ଆଶାରେ ହେଉ ବା ଟଙ୍କା ରୋଜଗାର କରିବା ନିଶାରେ ବନ୍ୟପ୍ରାଣୀଙ୍କୁ ଧରି ଫଟୋ ଉଠାଇ ଭିଡିଓ କରି ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରି ଆସୁଥିଲେ। ଗତ ୧୫ ତାରିଖରେ ଏହାକୁ ବେଆଇନ ଘୋଷଣା କରି ରାଜ୍ୟ ବନ୍ୟପ୍ରାଣୀ କାର୍ଯ୍ୟାଳୟ ଏହା ଉପରେ ନିଷେଧାଜ୍ଞା ଜାରି କରିଥିଲା। ଜୀବନ୍ତ ବନ୍ୟପ୍ରାଣୀଙ୍କୁ ଧରି ଫଟୋ/ଭିଡିଓ କଲେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ର ଦଫା ୯ ଲଗାଇ ମାମଲା କୋର୍ଟକୁ ପଠେଇବା ପାଇଁ ଆଦେଶ ଦେଇଥିଲେ। ତେବେ ମାଙ୍କଡ଼, ସାପ ଆଦି ବନ୍ୟପ୍ରାଣୀଙ୍କୁ ଧରି ଭିଡିଓରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଆସୁଥିବା କେତେଜଣ ଲୋକ ଉକ୍ତ ଆଦେଶକୁ ଅମାନ୍ୟ କରି ସେଭଳି ବେଆଇନ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଜାରି ରଖିଥିଲେ। ଏହାପରେ ବନ ବିଭାଗ ଆକ୍ସନ ମୋଡକୁ ଆସିଥିଲା। ପ୍ରଥମେ ଭଦ୍ରକରେ ସାପ ଧରାଳି ମିର୍ଜା ଅରିଫ ଏବଂ ତା'ପରେ ଯାଜପୁରର ମୋନାଲିସା ଭଦ୍ର ଓ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ଭଦ୍ରଙ୍କୁ ଗିରଫ କରିଥିଲା। ଏଥିସହ ରାଜ୍ୟ ବନ ବିଭାଗର ଚିଠି ପରେ ୟୁଟ୍ୟୁବ୍ କମ୍ପାନୀ ମିର୍ଜାର ଆକାଉଣ୍ଟକୁ ଡିଲିଟ୍ କରିଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଯେଉଁମାନେ ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ କରି ବେଆଇନ ଟଙ୍କା ରୋଜଗାର କରିଛନ୍ତି, ସେମାନଙ୍କ ବିରୋଧରେ ପିଏମଏଲଏ(PMLA, ୨୦୦୨) ଆଇନ ଅନୁଯାୟୀ ମାମଲା ରୁଜୁ କରିବା ପାଇଁ ୱାଇଲ୍ଡଲାଇଫ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍ଓ) ସମ୍ପାଦକ ବିଶ୍ୱଜିତ ମହାନ୍ତି ପିସିସିଏଫ୍‌ଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ବନ୍ୟପ୍ରାଣୀ (ସାପ/ମାଙ୍କଡ଼ ଆଦି)ଙ୍କ ଭିଡିଓରୁ ଆକାଉଣ୍ଟଧାରୀଙ୍କ ପାଖକୁ ବିପୁଳ ଟଙ୍କା ଆସିଥାଏ। ଏହିକ୍ରମରେ ଗିରଫ ହୋଇଥିବା ୩ଜଣଙ୍କ ସୋସିଆଲ ମିଡିଆ ଆୟର ତଦନ୍ତ କରିବା ସହ ବେଆଇନ ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁମାନେ, ସାପ/ମାଙ୍କଡ଼ ଆଦି ଭିଡିଓକୁ ଡିଲିଟ କରି ଦେଇଛନ୍ତି, ସେ ଆକାଉଣ୍ଟ ମଧ ଇଡି ତଦନ୍ତ କରିବା ଜରୁରୀ। କାରଣ ସେମାନେ ଅପରାଧ କରିଛନ୍ତି। ଭିଡିଓ ଡିଲିଟ୍ କଲେ କ'ଣ ଅପରାଧ ଲୁଚିଯିବ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି।

# ଗ୍ରୀଷ୍ମରେ ଗୁଣାତ୍ମକ ବିଦ୍ୟୁତ୍‌ସେବା ଦେବାକୁ ଟିପିସିଓଡିଏଲ୍‌ର ଯୋଜନା

ଭୁବନେଶ୍ୱର,୩୦।୩ (ଅନୁରାଧା ମହାରଣା)

ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ୍ ଭିତ୍ତିଭୂମି ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଓପିଟିସିଏଲ୍‌ର ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନରୁ ଉତ୍ତରା ପ୍ରାଇମେରୀ ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ଦ୍ୱିତୀୟ ୩୩ କେଭିର ବିଦ୍ୟୁତ୍ ଲାଇନକୁ କାର୍ଯ୍ୟକ୍ଷମ କରାଯାଇଛି। ୨୨୦/୧୩୨/୩୩ କେଭିର ଉଭୟ ଉତ୍ତରା ୧ ଏବଂ ୨ ଫିଡର୍ ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନ ବଡ଼ଗଡ଼, ଲିଙ୍ଗିପୁର, ଉତ୍ତରା ଏବଂ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନକୁ ନିରବଚ୍ଛିନ୍ନ ୩୩ କେଭି ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫ହଜାର ଉପଭୋକ୍ତା ଉପକୃତ ହେବା ସହିତ ରଣସିଂହପୁର ଗ୍ରୀଡ୍ ସବ୍‌ଷ୍ଟେଶନର ଲୋଡ୍ ହ୍ରାସ କରିବ। ଏହାସହିତ ଉତ୍ତରା ଓ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନର ସମସ୍ତ ଆର୍‌ଏମ୍‌ୟୁ ସ୍ୱୟଂ ଚାଳିତ କରାଯାଇଛି। ଅନ୍ୟପଟେ ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ପାଇଁ ଟିପିସିଓଡିଏଲ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ୮ ଏମ୍‌ଭିଏ ଟ୍ରାନ୍ସଫର୍ମରକୁ ଏକ ଅତ୍ୟାଧୁନିକ ନୂତନ ଜ୍ଞାନ କୌଶଳର ୧୬ ଏମଭିଏ ଟ୍ରାନ୍ସଫର୍ମର ଜରିଆରେ ସୁଦୃଢ଼ କରାଯାଇଥିବା ସୂଚନା ଦିଆଯାଇଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ୩ ମାଓବାଦୀ।

ମାଲକାନଗିର,୩୦।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ,ଦାନ୍ତେୱାଡା ଜିଲା ପିଟେପାଲ ପଞ୍ଚାୟତ ଡିଏକେଏମ୍ଏସ୍ ଅଧ୍ୟକ୍ଷ ତଥା ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ମୁନ୍ନା ଭୋଗାମ ଓରଫ ବୁଜବା, ଫୁଲଗଟା ପଞ୍ଚାୟତ ସିଏନ୍‌ଏମ୍ ସଦସ୍ୟ ରମେଶ ଭୋଗାମ ଓ ଅବିନାଶ କୋରାମ ଆତ୍ମସମର୍ପଣ କରିଛନ୍ତି। ଏହି ୩ ମାଓବାଦୀ ଭେରମଗଡ଼ ଏରିଆ କମିଟି ପିଟେପାଲ ପଞ୍ଚାୟତ ଏବଂ ମଲାଙ୍ଗେର ଏରିଆ କମିଟି ରେବାଲୀ ପଞ୍ଚାୟତରେ ସକ୍ରିୟ ଥିଲେ। ଆତ୍ମସମର୍ପଣ ସମୟରେ ଆର୍‌ଏଫ୍‌ଟି, ସିଆର୍‌ପିଏଫ୍, ଦାନ୍ତେୱାଡା ଓ ୨୩୧ ବାଟାଲିୟନ ସିଆର୍‌ପିଏଫ୍ ବାହିନୀ ଉପସ୍ଥିତ ଥିଲେ। ଏହି ୩ ଜଣଙ୍କୁ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ସହ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ସ୍ୱାଧୀନ ଲଢ଼ିପାରନ୍ତି ପୂର୍ବତନ ବିଧାୟକ ବିଭୀଷଣ ମାଝି

## ରାୟଗଡ଼ା ବିଧାନସଭା ଆସନ

ରାୟଗଡ଼ା,୩୦।୩(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ବିଧାନସଭା ଆସନ ପାଇଁ ବିଜେଡିରୁ ଅନସୂୟା ମାଝିଙ୍କ ନାମ ଘୋଷଣା ପରେ ଦଳରେ ବିଦ୍ରୋହର ସ୍ୱର ତୀବ୍ର ହେବାରେ ଲାଗିଛି। ଏଭଳିକି ରାୟଗଡ଼ା ଓ କାଶୀପୁର ବ୍ଲକ ସମେତ ରାୟଗଡ଼ା ପୌର ପରିଷଦର ନିର୍ବାଚିତ ପ୍ରତିନିଧିମାନେ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ତେବେ ଅନସୂୟାଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେଡି କର୍ମୀ ମହଲରେ ଅସନ୍ତୋଷ ବଢୁଛି। ଏହିଭଳି ସ୍ଥିତିରେ ପୂର୍ବତନ ବିଧାୟକ ବିଭୀଷଣ ମାଝି ସ୍ୱାଧୀନ ପ୍ରାର୍ଥୀ ହେବା ସମ୍ଭାବନା ରହିଛି। କାଶୀପୁର ବ୍ଲକ ଭୋଟ ନିର୍ଣ୍ଣାୟକ ହେଉଥିବା କାରଣରୁ ବିଭୀଷଣ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଖୋଦ୍ ବିଭୀଷଣଙ୍କ ସମର୍ଥକ ମଧ ସ୍ୱାଧୀନ ଭାବେ ଲଢ଼ିବା ପାଇଁ ତାଙ୍କ ନିକଟରେ ଦାବି କରୁଥିବା ଶୁଣିବାକୁ ମିଳୁଛି। ବିଭୀଷଣ ୧୯୯୯ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ବିରୋଧରେ ଉପନିର୍ବାଚନ ଲଢ଼ି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଗିରିଧରଙ୍କ ସହ ଲକ୍ଷ୍ମୀପୁର ଉପନିର୍ବାଚନରେ ପରାଜିତ ହୋଇଥିଲେ ମଧ ସେ ନବୀନ ପଟ୍ଟନାୟକଙ୍କ ଗୁଡ୍ ବୁକ୍‌ରେ ଆସିଥିଲେ। କାରଣ ସେତେବେଳେ ଶାସକ କଂଗ୍ରେସ ଦଳକୁ ସେ କଡ଼ା ଟକ୍କର ଦେଇଥିଲେ। ଏହାପରେ ୨୦୦୦ରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇ ବିଭୀଷଣ ସେଠାରୁ ଜିତିଥିଲେ। ତେବେ କାଶୀପୁର ବ୍ଲକ ରାୟଗଡ଼ା ନିର୍ବାଚନମଣ୍ଡଳୀକୁ ଆସିବା ପରେ ବିଭୀଷଣ ଆଉ ସୁଯୋଗ ପାଇ ନ ଥିଲେ। କିନ୍ତୁ କୌଣସି ପ୍ରକାର ବିଦ୍ରୋହ ନ କରି ଦଳରେ ନୀରବ ରହିଥିଲେ। ହେଲେ ବର୍ତ୍ତମାନ ସ୍ୱାଧୀନ ଭାବେ ଲଢ଼ିବା ପାଇଁ ଆଗଭର ଥିବା ଜଣାପଡିଛି। ତାଙ୍କୁ ବରିଷ୍ଠ ନେତା କୃଷ୍ଣ ମହାପାତ୍ର ସମର୍ଥନ ଦେଉଛନ୍ତି।

# ଭାଜପାରେ ଡମ୍ବରୁଧର ସିସା, ରଶ୍ମି ମହାପାତ୍ର, ସନ୍ତୋଷ ଜେନା

ଭୁବନେଶ୍ୱର,୩୦।୩(ଅନିଲ ଦାସ)

ଚିତ୍ରକୋଣ୍ଡାର ପୂର୍ବତନ ବିଧାୟକ ଡମ୍ବରୁଧର ସିସା ବିଜେଡି ପରିତ୍ୟାଗ କରି ଭାଜପାରେ ଯୋଗ ଦେଇଛନ୍ତି। ତାଙ୍କ ସହ ରାହୁଲ ଖେମ୍‌ଜି, ପ୍ରକାଶ ପ୍ରଧାନ, ସାଣ୍ଟୋ ହାଲଦାର, ଦେବ ପୋଡିଆମି, ଅର୍ଜୁନ କିର୍ସାନୀ, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର, ଜିଲା କିଷାନ କଂଗ୍ରେସ ସଭାପତି କ୍ଷୀରୋଦ ବେହେରା, ମହିଳା ନେତ୍ରୀ ସ୍ୱର୍ଣ୍ଣଲତା ସାହୁ, ରୀନା ସାହୁ, ପୂର୍ବତନ ସଭାପତି ଚନ୍ଦ୍ରଧର ସାହୁ, ରମାକାନ୍ତ ସାହୁ, ନିରଞ୍ଜନ ମିଶ୍ର, ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ନେତା ସନ୍ତୋଷ ଜେନା, ଭୁବନେଶ୍ୱର ବ୍ଲକ ପୂର୍ବତନ ବିଜେଡି ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଅଜୟ ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ରାୟ, ପୂର୍ବତନ ସମିତି ସଭ୍ୟ ବିଜୟ କେତନ ମଙ୍ଗରାଜ, ସମିତି ସଭ୍ୟ ପ୍ରତାପ ବିଶ୍ୱାଳ, ବୁଦ୍ଧାଦିତ୍ୟ ମାଝି, ବସନ୍ତ ନାୟକ, ଦୁର୍ଗାଶଙ୍କର ଭଞ୍ଜଦେଓ, ସୋନାଲିସା ସାମଲ, ସଞ୍ଜୟ ସାହୁ, ସୁରଥ ରାୟ, ମିନତୀ ମହାପାତ୍ର, ଅଶୋକ ସୁବୁଦ୍ଧି, ସମାଜସେବୀ ଫତିମା ବେଗମ, ରହିମା ବିବି, ନୈମୁଲ ହକ୍ ଖାନ, ସେଖ ଆଜିଜୁଲ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

ଭଦ୍ରକ ଜିଲା ଧାମନଗରର ବିଜେଡି ନେତା ଓ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ସସ୍ମିତା ସାମନ୍ତ, ସମାଜସେବୀ ସଂଯୁକ୍ତା ମହଲା ଭାଜପାରେ ସାମିଲ ହୋଇଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରି ଭାଜପା ନେତା ନିରଞ୍ଜନ ମିଶ୍ର, ଅରିନ୍ଦମ ରାୟ, ଜିଲା ସଭାପତି ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଞ୍ଚ, ଧରପଗଡ଼ ପାଇଁ ହେବ ସ୍ୱତନ୍ତ୍ର ଯୋଜନା

## ପୋଲିସର ନିର୍ବାଚନୀ ପ୍ରସ୍ତୁତି

■ ଛତିଶଗଡ଼ ପୋଲିସ ସହ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ
■ ନିର୍ବାଚନ ନିୟମାବଳୀ କଡ଼ାକଡ଼ି ପାଳନ ହେବ: ଡିଜିପି

କଟକ,୩୦।୩ (କାର୍ତ୍ତିକ ସାହୁ)

ଆସନ୍ତା ମେ' ଓ ଜୁନ୍ ମାସରେ ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ହେବାକୁ ଥିବା ନିର୍ବାଚନ ପାଇଁ ଓଡ଼ିଶା ପୋଲିସର ପ୍ରସ୍ତୁତି ଚାଲିଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଛି। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ନିୟମାବଳୀକୁ କଡ଼ାକଡ଼ି ପାଳନ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଛି। ଉଭୟ ରାଜ୍ୟର ସୀମାନ୍ତ ଜିଲାଗୁଡ଼ିକରେ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା କରାଯିବା ଉପରେ ବରିଷ୍ଠ ପୋଲିସ ଅଧିକାରୀମାନେ ମତ ଉପସ୍ଥାପନ କରିଥିଲେ। ବିଶେଷକରି ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ସୀମା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ସହିତ ଲାଗି ରହିଛି। ଉପରୋକ୍ତ ସୀମାନ୍ତ ଜିଲାଗୁଡ଼ିକର ସୀମା ତନଖି ଫାଟକରେ କଡ଼ାକଡ଼ି ଯାଞ୍ଚ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ଼, ବେଆଇନ ମାରଣାସ୍ତ୍ର, ବେଆଇନ ନିଶା ଓ ଟଙ୍କା କାରବାର ଉପରେ ରୋକ୍ ଲଗାଯିବା ଉପରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ବିଶଦ୍ ଭାବେ ଆଲୋଚନା ହୋଇଥିଲା।

ଧାର୍ଯ୍ୟ ହୋଇଥିବା ନିର୍ବାଚନ ତାରିଖର ୪୮ ଘଣ୍ଟା ପୂର୍ବରୁ ଉଭୟ ରାଜ୍ୟର ସୀମାକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରି କଡ଼ାକଡ଼ି ଯାଞ୍ଚ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଛି। ଉଭୟ ରାଜ୍ୟର ମାଓବାଦୀପ୍ରବଣ ଜିଲାଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ନିର୍ବାଚନବେଳେ ହିଂସାକାଣ୍ଡ ଘଟିଲେ ତାହାକୁ ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଉଭୟ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ, ସାପ୍ତାହିକ ବୈଠକ, ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ଯୋଜନା, ସମ୍ବେଦନଶୀଳ ସ୍ଥାନ ଓ ପୋଲିଂ ବୁଥ୍ ଚିହ୍ନଟ, ୱାରେଣ୍ଟ ଥିବା ଅଭିଯୁକ୍ତ ଏବଂ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଡିଜିପି ଅରୁଣ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍.କେ. ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ୍. ଦେବଦତ୍ତ ସିଂ, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ଗୋଇନ୍ଦା) ଅନୁପ ସାହୁ, ଡିଆଇଜିପି (ଏସ୍ଆଇଡବ୍ଲ୍ୟୁ) ଉମାଶଙ୍କର ଦାଶ, ଏଆଇଜି (ମୁଖ୍ୟାଳୟ) ବିବେକାନନ୍ଦ ଶର୍ମାଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଓ ସୀମାବର୍ତ୍ତୀ ଜିଲାଗୁଡିକର ଏସ୍‌ପି ଉପସ୍ଥିତ ଥିଲେ। ସେହିପରି ଛତିଶଗଡ଼ର ଡିଜିପି ଅଶୋକ ଜୁନେଜାଙ୍କ ସମେତ ସୀମାନ୍ତ ଜିଲାଗୁଡିକର ଏସ୍‌ପି ବୈଠକରେ ଉପସ୍ଥିତ ଥିଲେ।




ବୈଠକରେ ଡିଜିପି ଅରୁଣ ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ।

# ମା' ବେକ କାଟି ପୁଅଙ୍କ ଆତ୍ମହତ୍ୟା

■ ବାହାଘର ପାଇଁ ବାଧ କରିବାରୁ ଭିଆଇଲେ କାଣ୍ଡ
■ ୨୪ ଘଣ୍ଟା ପରେ ୨ ମୃତଦେହ ଜବତ
■ ନାଲ୍‌କୋ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ

ଅନୁଗୋଳ,୩୦।୩(ଅମିତ କୁମାର ସାମଲ)

ସଂସାର ଛାଡ଼ି ବାପା ବାବାଜୀ ହୋଇଯାଇଛନ୍ତି। ପୁଅ ମଧ ବାପାଙ୍କ ପଥରେ ଯିବାକୁ ଆଗ୍ରହୀ ଥିଲେ। ହେଲେ ପୁଅର ଏହି ଇଚ୍ଛାକୁ ସମ୍ମାନ ଦେଉ ନ ଥିଲେ ମା'। ୪ ଝିଅରେ ଗୋଟିଏ ବୋଲି ପୁଅ ଏପରି କରୁ ବୋଲି ମା' ଚାହୁଁ ନ ଥିଲେ। ତେଣୁ ପୁଅ ବାହାଘର ପାଇଁ ସେ ବ୍ୟସ୍ତ ହେବା ସହ ଅନେକ ସମୟରେ ଏ ନେଇ ପୁଅକୁ ବାଧ କରୁଥିଲେ। ହେଲେ ଏଥିରେ ଚିଡ଼ି ଉଠୁଥିବା ପୁଅ ଶେଷରେ ମା'ଙ୍କ ତଣ୍ଟି କାଟି ନିଜେ ରଶି ଲଗାଇ ଆତ୍ମହତ୍ୟା କରିଦେଲେ। ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ଗ୍ରାମ ଭାଲୁଧରିସାହିରେ ଗତ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏପରି ଏକ ଅଘଟଣ। ଶୁକ୍ରବାର ରାତିରେ ଘଟଣା ପଦାକୁ ଆସିବା ପରେ ଶନିବାର ଏହା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ହେଲେ ମା' ଦ୍ରୌପଦୀ ସାହୁ (୬୩) ଓ ପୁଅ ରଞ୍ଜିତ ସାହୁ (୩୧)।

ପୋଲିସ କହିଛି, ଭାଲୁଧରିସାହିର ରାମଚନ୍ଦ୍ର ସାହୁ ବାବାଜୀ ହୋଇ ଯିବା ପରେ ୪ ଝିଅ ଓ ସାନପୁଅ ରଞ୍ଜିତଙ୍କୁ ନେଇ ଦ୍ରୌପଦୀ ଘରେ ରହି ଆସୁଥିଲେ। ୪ ଝିଅଙ୍କୁ ବିବାହ ଦେଇ ସାରିଥିବାରୁ ପୁଅ ବାହାଘର କରିବାକୁ ଦ୍ରୌପଦୀ ଇଚ୍ଛା ପ୍ରକାଶ କରିଥିଲେ। ଏକ ପ୍ଲାଣ୍ଟରେ ଫିଟର ଭାବେ କାର୍ଯ୍ୟ କରିବା ସହ ଶେୟାର ମାର୍କେଟିଂ ଓ ଘରେ ଛତୁ ଚାଷ କରି ପୁଅ ରୋଜଗାରକ୍ଷମ ହୋଇସାରିଥିବାରୁ ମା' ଦ୍ରୌପଦୀ ଆଉ ଅଧିକ ବିଳମ୍ବ ନ କରି ପୁଅ ବାହାଘର ସାରିଦେବାକୁ ପ୍ରସ୍ତୁତି କରୁଥିଲେ। କିନ୍ତୁ ରଞ୍ଜିତ ବିବାହ କରିବା ପାଇଁ ଇଚ୍ଛୁକ ନ ଥିଲେ। ଏହାକୁ ନେଇ ଅନେକ ସମୟରେ ମା' ଓ ପୁଅଙ୍କ ମଧ୍ୟରେ ବଚସା ହେଉଥିଲା। ଗତ ଗୁରୁବାର ରାତିରେ ଏହି ବଚସା ଉଗ୍ରରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଞ୍ଜିତ ଏକ ମେଟାଲ ବ୍ଲେଡରେ ମା'ଙ୍କ ବେକ କାଟି ହତ୍ୟା କରିବା ପରେ ଅନ୍ୟ ଏକ କୋଠରିରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଦେଇଥିଲେ।

ବିଳମ୍ବିତ ରାତିରେ ଘଟିଥିବା ଏହି ଅଘଟଣ ସମ୍ପର୍କରେ ପାଖ ପଡ଼ୋଶୀମାନେ ଜାଣିପାରି ନ ଥିଲେ। ଶୁକ୍ରବାର ଦ୍ରୌପଦୀଙ୍କ ସହ କଥା ହେବାକୁ ସାନ ଜ୍ୱାଇଁ ମନୋଜ ଫୋନ କରିବାରୁ ସେ ଲ୍ୟାଣ୍ଡ ଫୋନ ଉଠାଇ ନ ଥିଲେ। ଏପରି କି ଶାଳକ ରଞ୍ଜିତ ମଧ କଲ୍ ରିସିଭ କରି ନ ଥିଲେ। ବାରମ୍ବାର ଯୋଗାଯୋଗ କରି ମନୋଜ ବିଫଳ ହେବା ପରେ ଏ ନେଇ ଶ୍ୱଶୁର ଘର ପାଖ ଦୋକାନୀଙ୍କୁ ଜଣାଇଥିଲେ। ଏହାପରେ ରାତିରେ ସମ୍ପର୍କୀୟ ଭାଇ ଘଟଣାସ୍ଥଳରେ ପହଞ୍ଚି ରଞ୍ଜିତଙ୍କୁ ଡାକିଥିଲେ। ହେଲେ ଘର ଭିତରୁ ଉତ୍ତର ନ ମିଳିବାରୁ କବାଟ ଠେଲି ଭିତରକୁ ଟର୍ଚ୍ଚ ମାରିବାରୁ ରଞ୍ଜିତ ଦଉଡ଼ିରେ ଝୁଲୁଥିବା ଦେଖି ପଡ଼ୋଶୀଙ୍କୁ ଡାକି ତାଙ୍କୁ ତଳକୁ ଓହ୍ଲାଇଥିଲେ। ହେଲେ ସେତେବେଳକୁ ରଞ୍ଜିତଙ୍କ ମୃତ୍ୟୁ ହୋଇସାରିଥିଲା। ଏହାପରେ ପଡ଼ୋଶୀମାନେ ଦ୍ରୌପଦୀଙ୍କୁ ଖୋଜାଖୋଜି କରିବାରୁ ତାଙ୍କ ରକ୍ତାକ୍ତ ମୃତଦେହ ଅନ୍ୟ ଏକ କୋଠରିରେ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ନାଲ୍‌କୋ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶନିବାର ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ କରାଯାଇଥିଲା। ମୃତ ଦ୍ରୌପଦୀଙ୍କ ଜ୍ୱାଇଁଙ୍କ ଅଭିଯୋଗକ୍ରମେ ନଂ. ୭/୨୪ ଓ ମୃତ ରଞ୍ଜିତଙ୍କ ସମ୍ପର୍କୀୟ ଭାଇଙ୍କ ଲିଖିତ ଅଭିଯୋଗ କ୍ରମେ ନଂ. ୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ନାଲ୍‌କୋ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଘଟଣାସ୍ଥଳରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ଥାନା ଅଧିକାରୀ ପ୍ରଦୀପ ମହନ୍ତ, ତଦନ୍ତକାରୀ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନସାଥୀଙ୍କୁ 'ଭୂତ' କହିବା ନିଷ୍ଠୁରତା ନୁହେଁ

## ପାଟନା ହାଇକୋର୍ଟଙ୍କ ଟିପ୍ପଣୀ

ପାଟନା,୩୦।୩(ପି.ଟି.)

ଅଲଗା ରହୁଥିବା ଦମ୍ପତି ପରସ୍ପରକୁ 'ଭୂତ' ଏବଂ 'ପିଶାଚ' ଡାକିବା ନିଷ୍ଠୁରତା ସହ ସମାନ ନୁହେଁ ବୋଲି ପାଟନା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ବୋକାରୋ ବାସିନ୍ଦା ସହଦେଓ ଗୁପ୍ତା ଓ ପୁଅ ନରେଶ କୁମାର ଗୁପ୍ତାଙ୍କ ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ବିବେକ ଚୌଧୁରୀଙ୍କ ଜଣିକିଆ ଖଣ୍ଡପୀଠ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ନରେଶଙ୍କଠାରୁ ଛାଡ଼ପତ୍ର ନେଇଥିବା ସ୍ତ୍ରୀଙ୍କ ଅଭିଯୋଗ ଉପରେ ନାଳନ୍ଦା ଜିଲାର ଅଦାଲତଗୁଡ଼ିକ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ବାପ-ପୁଅ ପାଟନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଖବର ଅନୁଯାୟୀ ନରେଶଙ୍କ ସ୍ତ୍ରୀ ୧୯୯୪ରେ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଯୌତୁକରେ କାର୍ ଆଣିବା ପାଇଁ ସେମାନେ ଚାପ ପକାଉଥିଲେ ବୋଲି ମହିଳା ଜଣକ କହିଥିଲେ। ବାପ-ପୁଅଙ୍କ ଅନୁରୋଧକ୍ରମେ ଉକ୍ତ ପିଟିଶନକୁ ନାୱାଦାରୁ ନାଳନ୍ଦା ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ମାମଲାର ବିଚାର କରି ବାପପୁଅଙ୍କୁ ବର୍ଷେ ସଶ୍ରମ ଜେଲ ଦଣ୍ଡାଦେଶ ଦେଇଥିଲେ। ଉକ୍ତ ରାୟ ବିରୋଧରେ ସେମାନେ ଅତିରିକ୍ତ ଦୌରା ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୧୦ ବର୍ଷ ପରେ ଉକ୍ତ ଅଦାଲତ ସେମାନଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଇତିମଧ୍ୟରେ ଝାଡ଼ଖଣ୍ଡ ହାଇକୋର୍ଟ ଉକ୍ତ ଦମ୍ପତିଙ୍କ ଛାଡ଼ପତ୍ର ଆବେଦନକୁ ମଞ୍ଜୁରୀ ଦେଇଥିଲେ। ପାଟନା ହାଇକୋର୍ଟରେ ବାପ-ପୁଅଙ୍କ ପିଟିଶନକୁ ବିରୋଧ କରି ମହିଳାଙ୍କ ଓକିଲ କହିଥିଲେ, ଏକବିଂଶ ଶତାବ୍ଦୀରେ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଭୂତ ଓ ପିଶାଚ ଡାକିବା ଅତ୍ୟନ୍ତ ନିଷ୍ଠୁରତା। ତେବେ ଏଭଳି ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ଅଦାଲତ କହିଥିଲେ। ବୈବାହିକ ସମ୍ପର୍କ ତୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀ ପରସ୍ପର ପ୍ରତି ଖରାପ ଭାଷା ପ୍ରୟୋଗ କରିବାର ବହୁ ନଜିର ରହିଛି। ସେଗୁଡ଼ିକ ନିଷ୍ଠୁରତାର ପରିସରରେ ଆସୁନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।



## ଏ ସପ୍ତାହର ପ୍ରଶ୍ନ

୧– ଆମ ଜାତୀୟ ପତାକାର ଡିଜାଇନ୍ ........... କରିଥିଲେ ?
୨– ଭାରତର ବୃହତ୍ତମ ହ୍ରଦ ............ ?
୩– ଆମ ଦେଶର ସର୍ବାଧିକ ଶିକ୍ଷିତ ରାଜ୍ୟ ............. ?
୪– ପୃଥିବୀର ସବୁଠୁ ଗରିବ ଦେଶ ........... ?
୫– ୱାନ୍ ଇଣ୍ଡିଆନ୍ ଗର୍ଲ ପୁସ୍ତକର ଲେଖକ ........... ?

## ଗତ ଥରର ଉତ୍ତର

୧ ଭାଇରସ୍
୨ ଝାରଖଣ୍ଡ
୩ ବେଙ୍ଗ
୪ ମହାକାଶଚାରୀ
୫ ବାଲ୍ ଗଙ୍ଗାଧର ତିଲକ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଦେବଦତ୍ତ ତ୍ରିପାଠୀ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ଫୁଲ



୧ ..... ରାଫ୍ଲେସିଆ ଆର୍ନୋଲ୍ଡି
୨ ..... ଟାଇଟନ୍ ଅରମ୍
୩ ..... ତାଲିପଟ୍ ପାମ୍
୪ ..... ନେପ୍ଚ୍ୟୁନ୍ ଗ୍ରାସ୍
୫ ..... ପୁୟା ରେମୋଣ୍ଡି
୬ ..... ସନ୍ଫ୍ଲାୱାର୍
୭ ..... ଟ୍ରି ପିଓନ
୮ ..... ହିବିସ୍କସ୍
୯ ..... ମଙ୍ଗୋଲିଆ
୧୦ ..... ଲୋଟସ୍

**ଜାଣନ୍ତୁ ଦୁନିଆ**

# ସନ୍ଗ୍ଲାସ୍ ଇତିହାସ

**ଖରା ପ୍ରଭାବରୁ ଚକ୍ଷୁକୁ ସୁରକ୍ଷା ଦେବା ଲାଗି ବର୍ତ୍ତମାନ ପ୍ରାୟ ସମସ୍ତେ ସନ୍ଗ୍ଲାସ୍ ବ୍ୟବହାର କରୁଛନ୍ତି। ହେଲେ ଏହା କିଏ ଏବଂ କେବେ ପ୍ରଥମଥର ତିଆରି କରିଥିଲେ ସେ ସମ୍ପର୍କରେ ହୁଏତ ଖୁବ୍ କମ୍ ଲୋକ ଜାଣିଥିବେ। ଜାଣିବା ସନ୍ଗ୍ଲାସ୍‌ର ଇତିହାସ ସମ୍ପର୍କରେ...**

- ଯଦିଓ ଚଷମାର ବ୍ୟବହାର ବହୁ ପୁରୁଣା କାଳରୁ ଚଳିଆସୁଛି, ହେଲେ ସନ୍ଗ୍ଲାସ୍ ବ୍ୟବହାର ପ୍ରଥମଥର ପାଇଁ ଦ୍ୱାଦଶ ଶତାବ୍ଦୀରେ ଚାଇନାରେ କରାଯାଇଥିଲା। ଧୂଆଁର କଳାରେ ଏହାକୁ ତିଆରି କରାଯାଇଥିଲା।
- ସେଠାକାର ନ୍ୟାୟାଧୀଶମାନେ ପ୍ରଥମେ ଏହାକୁ ବ୍ୟବହାର କରିଥିଲେ। କୁହାଯାଏ, କୋର୍ଟରେ ସାକ୍ଷୀମାନଙ୍କୁ ପ୍ରଶ୍ନ ପଚାରିବା ସମୟରେ ଅବା ନିଷ୍ପତ୍ତି ଶୁଣାଇବା ବେଳେ ନିଜର ଭାବନା ଲୁଚାଇବା ପାଇଁ ସେମାନେ ଏହାକୁ ବ୍ୟବହାର କରୁଥିଲେ। ପ୍ରଥମେ ପ୍ରଥମେ ଧନୀ ଲୋକମାନେ ହିଁ ଏହାକୁ ବ୍ୟବହାର କରୁଥିଲେ। ଧୀରେ ଧୀରେ ସେଠାରେ ଏହାର ପ୍ରଚଳନ ବଢ଼ିବାକୁ ଲାଗିଲା।
- ୧୪୩୦ ବେଳକୁ ଚାଇନା ସନ୍ଗ୍ଲାସ୍‌କୁ ଇଟାଲୀରେ ପହଞ୍ଚାଇଥିଲା। ୧୮ଶ ଶତାବ୍ଦୀରେ ଜେମ୍ସ ଏସ୍କାଫ୍ ସନ୍ଗ୍ଲାସ୍‌ରେ ସବୁଜ କିମ୍ବା ନୀଳ ରଙ୍ଗର ଲେନ୍ସ ବ୍ୟବହାର କରିବା ଦ୍ୱାରା ଦୃଷ୍ଟିଦୋଷ ଦୂର ହୋଇପାରିବ ବୋଲି ମତ ରଖିଥିଲେ।
- ୧୯୨୯ରେ ଆଟ୍ଲାଣ୍ଟିକ୍ ସିଟିରେ ଫୋଷ୍ଟର୍ ଗ୍ରାଣ୍ଟର ସଂସ୍ଥାପକ ସୈମ୍ ଫୋଷ୍ଟର ଆମେରିକାରେ ଅଧିକ ମାତ୍ରାରେ ସନ୍ଗ୍ଲାସ୍ ଉତ୍ପାଦନ ଆରମ୍ଭ କରିଥିଲେ। ୧୯୩୦ ବେଳକୁ ସେଠାରେ ଏହା ବେଶ୍ ଲୋକପ୍ରିୟତା ହାସଲ ପରିପାରିଥିଲା।
- ୧୯୩୬ରେ ପୋଲରାଡ୍ କର୍ପୋରେଶନ୍‌ର ସଂସ୍ଥାପକ ଏଡୱିନ୍ ଲେଣ୍ଡ୍ ପ୍ରଥମଥର ପାଇଁ ପୋଲେରାଇଡ୍ ଫିଲ୍ଟରର ଆବିଷ୍କାର କରିଥିଲେ, ଯାହାକି ସୂର୍ଯ୍ୟ କିରଣରୁ ଆସୁଥିବା ଅଲ୍ଟ୍ରା ଭାଓଲେଟ୍ ରଶ୍ମିରୁ ଚକ୍ଷୁକୁ ସୁରକ୍ଷା ଦେବା ପାଇଁ ଚଷମାରେ ବ୍ୟବହାର କରାଯାଇଥିଲା।
- ୨୦୦୦ରେ ଫିଲ୍ମ ଷ୍ଟାର୍‌ମାନେ ଷ୍ଟୁଡିଓର ଲାଇଟ୍‌ରୁ ଆଖିକୁ ସୁରକ୍ଷା ଦେବାପାଇଁ ଏହାକୁ ବ୍ୟବହାର କରୁଥିଲେ।
- ବର୍ତ୍ତମାନ ଏହାକୁ ଆଖିକୁ ସୁରକ୍ଷିତ ରଖିବା ସହ ଫ୍ୟାଶନ୍ ପାଇଁ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରୁଛନ୍ତି।



# ଭ୍ୟାକେଶନ୍ ଟ୍ରିପ୍



**କାହାର ସରିଛି ପରୀକ୍ଷା ତ କାହାର କିଛି ଦିନ ପରେ ସରିବାକୁ ଯାଉଛି। ଆରମ୍ଭ ହେବାକୁ ଯାଉଛି ଭ୍ୟାକେଶନ୍। ଆଉ ଏହି ଟେନ୍‌ସନ୍ ଫ୍ରି ସମୟକୁ ଏଞ୍ଜାୟ କରିବା ଲାଗି ବିଭିନ୍ନ ସ୍ଥାନ ବୁଲିଯିବାକୁ ଭଲ ପାଆନ୍ତି ଅନେକେ । ହେଲେ ଦିନକୁଦିନ ଖରାର ପ୍ରଭାବ ବଢୁଥିବାରୁ ବୁଲିବାକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ...**

ବୁଲିବାକୁ କିଏ ବା ଭଲ ନ ପାଏ ! ଆଉ ଯଦି ଏହି ମଉକା ମିଳେ, ପରୀକ୍ଷା ସରିବା ପରେ ଟେନ୍‌ସନ୍ ଫ୍ରି ହୋଇ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଏ। ବର୍ତ୍ତମାନ ଗରମ ଓ ଗୁଳୁଗୁଳି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏମିତିରେ ନିଜ ଟ୍ରିପ୍‌କୁ ସୁରକ୍ଷିତ ତଥା ଏଞ୍ଜଏବଲ୍ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ...

**ଖାଦ୍ୟପେୟ ପ୍ରତି ଗୁରୁତ୍ୱ ଦିଅନ୍ତୁ:** ବୁଲିବାକୁ ଯାଇ ବାହାରେ ରାନ୍ଧି ଖାଇବାରେ ଯୁବପିଢ଼ିଙ୍କୁ ମିଳିଥାଏ ଖୁବ୍ ଆନନ୍ଦ। ଖରାଦିନେ ବୁଲିବାକୁ ଯାଇଥିଲେ ବେଳେବେଳେ ହଠାତ୍ କାଳବୈଶାଖୀ ବା ପ୍ରବଳ ବର୍ଷା ପବନ ଆସିଯାଏ। ଫଳରେ ବାହାରେ ରାନ୍ଧି ଖାଇବା କଷ୍ଟକର ହୋଇପଡ଼େ। ଆଉ ଏଭଳି ପରିସ୍ଥିତିରେ ଯଦି ଆଖ ପାଖରେ ହୋଟେଲ୍ ନ ଥାଏ କିମ୍ବା ହୋଟେଲ୍ ବନ୍ଦ ଥାଏ, ତେବେ ଭୋକରେ ରହିବାକୁ ପଡ଼ିଥାଏ। ଏ ପରିସ୍ଥିତି ଯେପରି ନ ଉପୁଜେ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଅର୍ଥାତ୍ କିଛି ଶୁଖିଲା ଖାଦ୍ୟ, ଫଳ ଆଦି ପାଖରେ ନିଶ୍ଚୟ ରଖନ୍ତୁ। ଖରାରେ ଅଧିକ ବୁଲାବୁଲି କରିବା ପରେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ। କାରଣ ଏଥିପାଇଁ ହଠାତ୍ ଗ୍ୟାସ୍, ଏସିଡିଟି, ଝାଡ଼ା, ବାନ୍ତି ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଖରାଦିନେ ଝାଳ ଅଧିକ ହେଉଥିବାରୁ ଶରୀର ଶୀଘ୍ର ଡିହାଇଡ୍ରେଟ୍ ହେବାର ଆଶଙ୍କା ରହିଥାଏ। ତେଣୁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ବୁଲିବା ସମୟରେ ପାଖରେ ପାଣି ବୋତଲ ରଖନ୍ତୁ। ମଝିରେ ମଝିରେ ପଇଡ଼ପାଣି, ଆଖୁରସ, ଜୁସ୍ ଆଦି ପିଅନ୍ତୁ।

**ପିନ୍ଧନ୍ତୁ କଟନ୍ ଡ୍ରେସ୍:** ଟ୍ରିପ୍‌ରେ ଯାଉଥିଲେ ସାଙ୍ଗରେ ଅଧିକ ଦୁଇ ତିନି ହଳ ଡ୍ରେସ୍, ଟାୱେଲ ଆଦି ନିଶ୍ଚୟ ରଖନ୍ତୁ। କାରଣ ଏଦିନେ ଅନେକେ ୱାଟରପାର୍କ, ସମୁଦ୍ର ଆଦିରେ ପହଁରିବାର ମଜା ନେବାକୁ ଖୁବ୍ ଭଲପାଆନ୍ତି ଏବଂ ଖରାରେ ଡ୍ରେସ୍ ଶୁଖିଯିବ ଭାବି ଅବହେଳା କରି ବସନ୍ତି। ହେଲେ ଏଥିପାଇଁ ଥଣ୍ଡା, ଜ୍ୱର ଭଳି ସମସ୍ୟା ଦେଖାଦେବାର ଆଶଙ୍କା ବଢ଼ିଯାଏ। ତେଣୁ ଓଦା ହେଉଥିଲେ ତୁରନ୍ତ ବଦଳାଇ ଶୁଖିଲା ପୋଷାକ ପିନ୍ଧିଦିଅନ୍ତୁ। ଅଧିକ ଝାଳ ଲାଗି କୁଣ୍ଡାଇ ହେବା ବା ସ୍କିନ୍ ଆଲର୍ଜି ଭଳି ସମସ୍ୟା ନ ଦେଖାଦେବା ଲାଗି ସିନ୍ଥେଟିକ୍ ପୋଷାକ ବଦଳରେ କେବଳ କଟନ ପୋଷାକ ବ୍ୟବହାର କରନ୍ତୁ।

**ରଖନ୍ତୁ ଏମର୍ଜେନ୍ସି କିଟ୍:** ଏହି ଖରା ସମୟରେ ବାହାରେ ଖାଇବା ଦ୍ୱାରା ଅନେକଙ୍କ ଠାରେ ଗ୍ୟାସ୍, ଏସିଡିଟି, ଝାଡ଼ା, ବାନ୍ତି ଭଳି ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏମିତିରେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟକର ହୋଇଥିବାରୁ ପାଖରେ କିଛି ମେଡିସିନ୍ ସହିତ ଫାଷ୍ଟଏଡ୍ କିଟ୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ବର୍ତ୍ତମାନ ଅନେକ ସ୍ଥାନରେ କାଶ, ଜ୍ୱର ଭଳି ଭାଇରାଲ୍ ଡିଜିଜ୍ ଦେଖିବାକୁ ମିଳୁଛି। ତେଣୁ ବୁଲିବାକୁ ଗଲେ ଗହଳି ସ୍ଥାନରେ କୌଣସି ସଂକ୍ରମଣଠୁ ଦୂରେଇ ରହିବା ଲାଗି ମାସ୍କ ବ୍ୟବହାର କରନ୍ତୁ।





**ତ୍ୱଚାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:** ଖରାରୁ ସୁରକ୍ଷା ପାଇଁ ପାଖରେ ଛତା, ଟୋପି ରଖନ୍ତୁ। ଅଧିକ ସମୟ ଖୋଲାଜାଗାରେ ବୁଲାବୁଲି କରିବାର ପ୍ଲାନିଂ ଥିଲେ ତ୍ୱଚାର ସୁରକ୍ଷା ପାଇଁ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ। ସେହିପରି ଆଖିକୁ ସୂର୍ଯ୍ୟକିରଣ ହାନିକାରକ ପ୍ରଭାବରୁ ରକ୍ଷା କରିବା ଲାଗି ସନ୍ଗ୍ଲାସ୍ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ।

**କରନ୍ତୁନି ଦୁଃସାହସିକ କାର୍ଯ୍ୟ:** ଯୁବପିଢ଼ି ସର୍ବଦା ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରି ଏହାର ମଜା ନେବାକୁ ଆଗଭର। ହେଲେ ପାହାଡ଼ଚଢ଼ା ବା ହିଲ୍ ଟ୍ରାକିଂରେ ଯଦି ରୁଚିଥାଏ, ତେବେ ଏଦିନେ ଏପରି କରିବା ବେଳେ ସତର୍କ ରୁହନ୍ତୁ। କାରଣ ଏହିଦିନେ ଝାଳରେ ପାହାଡ଼ିଆ ପଥର ଚଟାଣଗୁଡିକରେ ଗୋଡ଼ ଖସିଯିବାର ଆଶଙ୍କା ଅଧିକ।

**ଯତ୍ନରେ ରଖନ୍ତୁ ମୋବାଇଲ୍:** ଭ୍ୟାକେଶନ୍‌ରେ ଯାଉଥିଲେ ଯଦି ହୋଟେଲ୍‌ରେ ରହୁଛନ୍ତି, ତେବେ ମୋବାଇଲ୍ ଚାର୍ଜ କରି ରଖନ୍ତୁ। କାରଣ ବେଳେବେଳେ ଦୂର ସ୍ଥାନକୁ ବୁଲି ଯାଉଥିଲେ ବ୍ୟାଟେରି ଚାର୍ଜ କରିବା ଅସମ୍ଭବ ହୋଇପଡ଼େ। ତେଣୁ ପରିବାର ସହିତ ଯୋଗାଯୋଗ ରଖିବା ଲାଗି ମୋବାଇଲ୍‌ର ଚାର୍ଜ ଯେପରି କମି ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**ଫଟୋ ଉଠାଇବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶଙ୍କୁ ରିଲ୍ସ ନିଶା ଘାରିଛି। ଆଉ ଏଥିପାଇଁ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲ୍ଫି ନେବା, ଫଟୋ ଉଠାଇବା ଓ ଭିଡିଓ କରିବାକୁ ସେମାନେ ପଛାଉ ନାହାନ୍ତି। ଏଥିପାଇଁ ଅନେକଙ୍କ ପ୍ରାଣହାନି ଘଟୁଥିବାର ବି ଦେଖିବାକୁ ମିଳୁଥିଲେ ହେଁ ଏଥିପ୍ରତି ସମସ୍ତେ ସଚେତନ ହେଉନାହାନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ନଈରେ ଡଙ୍ଗା ଉପରେ, ବଡ଼ ବଡ଼ ପଥର ଉପରେ, ପାହାଡ଼, ସମୁଦ୍ର, ଟ୍ରେନ୍ ଲାଇନ୍ ପ୍ରଭୃତି ସ୍ଥାନରେ ଠିଆ ହୋଇ ଫଟୋ, ଭିଡିଓ ଆଦି ନ ନେବା ଭଲ।





# ସଫଳତା ମନ୍ତ୍ର...

**ଜୀବନରେ ସଫଳତାର ସ୍ୱାଦ ଚାଖିବାର ଆଶା ସଭିଙ୍କର ଥାଏ। ହେଲେ ଏହି ମାର୍ଗ ଏତେ ସହଜ ନୁହେଁ। କାରଣ ଏଥିପାଇଁ ଦରକାର ନିଷ୍ଠା, ଦୃଢ଼ ମାନସିକତା ଏବଂ ଆତ୍ମବିଶ୍ୱାସ...**

- ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ କରିବା କଷ୍ଟସାଧ ହୋଇପଡ଼େ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ, ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେବଳେ କୌଶଳେ ସଫଳତା ଦିଗରେ ଆଗେଇଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର।
- ମାନସିକ ସ୍ତରରେ ଦୁର୍ବଳ କରୁଥିବା କୌଣସି ଭାବନା ମନ ଭିତରକୁ ଆଣନ୍ତୁ ନାହିଁ। ଯଦି ଏଭଳି ଚିନ୍ତା ଆସେ, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ସଫଳ ବ୍ୟକ୍ତିତ୍ୱଙ୍କ ଜୀବନୀ ପଢ଼ନ୍ତୁ। ସେମାନେ କିପରି ନିଜ ଉଦ୍ୟମ ଏବଂ ଆତ୍ମବିଶ୍ୱାସ ବଳରେ ବିଫଳତାରୁ ସଫଳତାର ସ୍ୱାଦ ଚାଖିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଜାଣିଲେ ଆପଣଙ୍କ ମନୋବଳ ବଢ଼ିବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର ହେବ।
- ନିରୋଳା ଓ ଶାନ୍ତ ପରିବେଶରେ ରହିବା ଏବଂ ସମସ୍ତ ଆବଶ୍ୟକତା ପୂରଣ ହେବା ଦ୍ୱାରା ମାନସିକ ସ୍ତରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ହେଲେ ସବୁବେଳେ ଏଭଳି ପରିସ୍ଥିତି କିମ୍ବା ପରିବେଶ ମିଳିବା ସହଜ ନୁହେଁ। କିନ୍ତୁ ଯଦି ସକାରାତ୍ମକ ଭାବନା ମନରେ ଥାଏ, ତେବେ ଏହାର ଶକ୍ତି ଏତେ ଅଧିକ, ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ।
- ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ, ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲ୍‌ମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥା'ନ୍ତି।





# ଓଡ଼ିଶା ଖେଳାଳିଙ୍କୁ ୫୩ ପୁରସ୍କାର

**ଭୁବନେଶ୍ୱର, ୩୦।୩**
**(ସରୋଜ ଜେନା)**

ବିହାରର ପାଟଣାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ ଜୋନ୍-୪ (ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଓଡ଼ିଶା) ଶନିବାର ଉଦ୍‌ଯାପିତ ହୋଇଛି। ସମୁଦାୟ ୧୦୦ଟି ବର୍ଗରେ ପ୍ରତିଯୋଗିତା ହୋଇଥିବା ବେଳେ ଓଡ଼ିଆ ଖେଳାଳିମାନେ ୫୩ ବର୍ଗରେ ପୁରସ୍କାର ହାସଲ କରିଛନ୍ତି। ପ୍ରଥମ ଦିବସରେ ୫୦ଟି ପୁରସ୍କାର ମଧ୍ୟରୁ ଓଡ଼ିଶା ୨୬ଟି ପୁରସ୍କାର ଲାଭ କରିଥିବା ବେଳେ ଦ୍ୱିତୀୟ ଦିନରେ ଆଉ ୨୭ ପୁରସ୍କାର ହାତେଇଛି।

ଶନିବାର ଆକାଙ୍କ୍ଷା ନାୟକ, ଭଦ୍ରା ଶତପଥୀ, ଆୟୁଶ୍ରୀ ଦତ୍ତ, ରାନୀ ନାୟକ, ପ୍ରିୟଦର୍ଶିନୀ ରାଉତ, ଅର୍ପିତା ସେଠ, ଅନୁଭା ଜେନା, ମାନ୍ୟତା ମିଶ୍ର, ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମାହିକା ମହାକୁଡ, ଆଞ୍ଚଲ ବାଗ, ଅନୁପ୍ରିୟା ପଣ୍ଡା, ଅଂଶିକା ଆରାଧନା ସାହୁ, ଚିନ୍ମୟୀ ବେହେରା,



ପୋଡିୟମ୍‌ରେ ପୁରସ୍କୃତ ହୋଇଥିବା ଖେଳାଳି।

## ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ ଉଦ୍‌ଯାପିତ

ରେଶମା ମାଝୀ, ପ୍ରତୀକ୍ଷା ନନ୍ଦୀ, ଅର୍ପିତା ସାମଲ ଓ ସ୍ରିଷ୍ଟି କଳଶ ସାଇନି ପୁରସ୍କାର ହାସଲ କରିବାରେ ସମର୍ଥ ହୋଇଥିଲେ। ଭାରତୀୟ ସନ୍ତରଣ ଫେଡେରେଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଖେଳାଳିଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ ସନ୍ତରଣ ଆସୋସିଏଶନ ସଭାପତି ପ୍ରଦୀପ ପାଢୀ, କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର, ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ପ୍ରମୁଖ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନଜରରେ ନାକାଜିମା

**ଶିବ କାପୁର**

ଗୁରୁଗ୍ରାମରେ ହେଉଛି ହିରୋ ଇଣ୍ଡିଆନ ଓପନ ଗଲ୍ଫ ଟୁର୍ନାମେଣ୍ଟ। ଶନିବାର ସକାଳେ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ଖେଳ ସରିଛି। ଗଲ୍ଫ କୋର୍ସରେ ପରିପକ୍ୱ ନ ହୋଇଥିଲେ ମଧ୍ୟ ଜାପାନର ୨୩ ବର୍ଷୀୟ ଖେଳାଳି କିତା ନାକାଜିମାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ମନେ ହେଉଛନ୍ତି। ବର୍ତ୍ତମାନ ସେ ୪ ଶଟ୍ ସହ ତାଙ୍କ ଅଗ୍ରଣୀକୁ ଦ୍ୱିଗୁଣିତ କରିଛନ୍ତି। ହିରୋଇ ଇଣ୍ଡିଆନ ଓପନ ଭଳି ଅଗ୍ରଣୀ ଇଭେଣ୍ଟରେ ସେ ପ୍ରଥମ ଥର ପାଦ ଦେଇଛନ୍ତି। ଡିଏଲ୍ଏଫ୍ ଗଲ୍ଫ କୋର୍ସ ଓ କଣ୍ଟ୍ରି କ୍ଲବ ବାସ୍ତବିକ ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପୂର୍ଣ୍ଣ ଥିଲା। ଅନ୍ୟ ଯୁବ ଖେଳାଳିଙ୍କ ଭଳି ନାକାଜିମା ହେଉଛନ୍ତି ଟାଇଗର ଉଡ୍ସଙ୍କର ଜଣେ ପ୍ରଶଂସକ। ହେଲେ ସେ କିଛି ନ ହେଲେ ନିଜ ଦେଶର ବିଶିଷ୍ଟ ଗଲ୍ଫ ଖେଳାଳି ହିଦେକି ମାତସୁୟାମାଙ୍କ ସମକକ୍ଷ ହେବାକୁ ଚାହୁଁଛନ୍ତି। ହିଦେକି ପ୍ରଥମ ଜାପାନୀ ଖେଳାଳି ଭାବେ ଗ୍ରୀନ୍ ଜ୍ୟାକେଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଭାରତର ଟପ୍ ଖେଳାଳି ବୀର ଅହ୍ଲାୱତଙ୍କ ପ୍ରଦର୍ଶନ ମଧ୍ୟ ମୋତେ ପ୍ରଭାବିତ କରିଛି। ତାଙ୍କ ୬୯-୬୬-୬୯ ସ୍କୋର ୧୨ ଅଣ୍ଡରେ ଆଉଟସାଇଡ ସୁଯୋଗ ସୃଷ୍ଟି କରିବ। ସେ ୬ ପଛରେ ରହିଛନ୍ତି। ମାତ୍ର ଯେହେତୁ ସେ ଏହି ଗଲ୍ଫ କୋର୍ସ ସହିତ ପୂର୍ବରୁ ପରିଚିତ ଆଗକୁ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଆଶ୍ଚର୍ଯ୍ୟର କଥା ଗାଭିନ ଗ୍ରୀନ୍ ଯଦିଓ ଏପର୍ଯ୍ୟନ୍ତ ଡିପି ୱାର୍ଲ୍ଡ ଟୁର୍ ଜିତି ନାହାନ୍ତି ନାକାଜିମାଠାରୁ ୪ ପଛରେ ରହିଛନ୍ତି। ସେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ଫ୍ରାନ୍ସର ରୋମେନ ଲାଙ୍ଗାସ୍କ (୭୦) ୧୪ ଅଣ୍ଡର ପାର୍‌ରେ ଗାଭିନଙ୍କ ସହ ମିଳିତ ଦ୍ୱିତୀୟ ଅଛନ୍ତି। ଫ୍ରାନ୍ସର ଅନ୍ୟ ଜଣେ ଷ୍ଟାର ଜେଅଙ୍ଗ ୱିଅନ୍ କୋ (୬୯) ଏବଂ ମୋ ସାଙ୍ଗ ମାଟେଓ ମନସେରୋ (୭୦) ୧୩-ଅଣ୍ଡରରେ ଅଛନ୍ତି। ଏହି କୋର୍ସରେ ୪ ଶଟ୍‌ରେ ଅଗ୍ରଣୀ ରହିଥିବା ଜଣେ ଖେଳାଳିଙ୍କୁ ଅତିକ୍ରମ କରିବା ସହଜ ନୁହେଁ। ପ୍ରତିଯୋଗିତାରେ କେବଳ ୮ ଭାରତ୍ର ଫାଇନାଲ ଦୁଇ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମୋ ହିସାବରେ ଏହି ସଂଖ୍ୟା ଯଥେଷ୍ଟ କମ୍ ରହିଛି। କିନ୍ତୁ ଗଲ୍ଫରେ ସବୁକିଛି ଘଟିପାରେ। ରବିବାର ହେଉଛି ବଡ଼ ଦିନ। କିତା ନାକାଜିମାଙ୍କ ଖେଳ ଦେଖିବାର କଥା। ୪ ଶଟ୍ ସହ ଅଗ୍ରଣୀ ରହିଥିବା ଏହି ଖେଳାଳି ଚତୁରତାର ସହ ଖେଳିବେ। କିନ୍ତୁ ଏଭଳି ଗଲ୍ଫ କୋର୍ସରେ ଭବିଷ୍ୟବାଣୀ କରିବା କଷ୍ଟକର।

(ଟିଭାକ ସ୍ପୋର୍ଟ୍ସ)

## ସିକ୍କି-ସୁମିତ୍ ଯୋଡ଼ି ପରାସ୍ତ

**ମାଡ୍ରିଡ୍, ୩୦।୩ (ପି.ଟି.)**

ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଏନ୍. ସିକ୍କି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀ ସେମାନଙ୍କ ସେମିଫାଇନାଲ ମ୍ୟାଚ ହାରିଯିବା ଫଳରେ ମାଡ୍ରିଡ ସ୍ପେନ ମାଷ୍ଟର୍ସ ସୁପର ୩୦୦ ଟୁର୍ନାମେଣ୍ଟରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ମାତ୍ର ୨୯ ମିନିଟ ଧରି ଚାଲିଥିବା ଏହି ମ୍ୟାଚରେ ଇଣ୍ଡୋନେସିଆର ରିନୋଭ ରିଭାଲ୍‌ଡି ଓ ପିଥା ହାନିଙ୍ଗଟ୍ୟାସ ୨୧-୧୭, ୨୧-୧୨ରେ ଭାରତୀୟ ଯୋଡ଼ିଙ୍କୁ ହରାଇ ଦେଇଥିଲେ। ଦୁଇ ମିକ୍ସଡ ଡବଲ୍ସ ଯୋଡ଼ି କୌଣସି ପ୍ରତିଯୋଗିତାରେ ପରସ୍ପରକୁ ପ୍ରଥମ ଥର ଭେଟିଥିଲେ।

# ପୂର୍ବାଞ୍ଚଳ ସେମିଫାଇନାଲକୁ ଉନ୍ନୀତ

**ପୁଣେ, ୩୦।୩ (ପି.ଟି.)**

### ସିନିୟର ଓମେନ୍ସ ଇଣ୍ଟର ଜୋନାଲ ଟ୍ରଫି

ପୂର୍ବାଞ୍ଚଳ ଅଲରାଉଣ୍ଡ ପ୍ରଦର୍ଶନ ସହ ଏଠାରେ ଅନୁଷ୍ଠିତ ସିନିୟର ଓମେନ୍ସ ଇଣ୍ଟର ଜୋନାଲ ମଲ୍‌ଟି-ଡେ' ଟ୍ରଫି ଟୁର୍ନାମେଣ୍ଟର ଏକ ମ୍ୟାଚରେ ଉତ୍ତର ପୂର୍ବାଞ୍ଚଳକୁ ଏକ ଇନିଂସ ଓ ୧୨୦ରନରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବାଞ୍ଚଳ ଦଳ ଏହି ମ୍ୟାଚରେ ଧାରା ଗୁଜ୍ଜରଙ୍କ ୧୪୦ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରି ୩୮୫/୮ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ପରେ ଉତ୍ତର ପୂର୍ବାଞ୍ଚଳ ଏହାର ଦୁଇ ଇନିଂସରେ ଯଥାକ୍ରମେ ୧୦୮ ଓ ୧୫୭ ରନ କରିଥିଲା। ଉତ୍ତରପୂର୍ବାଞ୍ଚଳର ଟପ୍ ସ୍କୋରର ମୋନିକା ୮୪ ବଲ୍‌ରୁ ୩୯ ରନ କରିଥିବା ବେଳେ ସେଣ୍ଟିଲିମା ୧୪୩ ବଲ୍‌ରୁ ମାତ୍ର ୩୩ ରନ କରିଥିଲେ।

ଅନ୍ୟପକ୍ଷରେ ପୁଣେ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ଡ୍ର' ଭାବେ ଶେଷ ହୋଇଛି। ପ୍ରଥମ ଇନିଂସରେ ୧୧୧ ରନ ଅଗ୍ରଣୀ ଭିତ୍ତିରେ ପଶ୍ଚିମାଞ୍ଚଳ ସେମିଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୨୪୫ ରନ କରିଥିଲା। ଜବାବରେ ପଶ୍ଚିମାଞ୍ଚଳ ୩୫୬ ରନ କରିଥିଲା। କେନ୍ଦ୍ରାଞ୍ଚଳ କିନ୍ତୁ ଦ୍ୱିତୀୟ ଇନିଂସରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ପୁନମ ରାଉତଙ୍କ ୧୭୪ ଏବଂ ଆରୁଷୀ ଗୋଏଲଙ୍କ ଅପରାଜିତ ୫୮ରନ ବଳରେ ଖେଳ ସ୍ଥଗିତ ହେବା ବେଳକୁ ୪ ଉଇକେଟ ବିନିମୟରେ ୩୦୭ ରନ କରିଥିଲା।

## ବାବରଙ୍କୁ ଅଧିନାୟକ କରିବାକୁ ଚାହୁଁଛି ପିସିବି



**ଲାହୋର, ୩୦।୩ (ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମହସିନ ନକ୍‌ଭି ବାବର ଆଜାମଙ୍କୁ ହ୍ୱାଇଟ୍ ବଲ୍ ଫର୍ମାଟ ଅଧିନାୟକ ପଦବୀ ଯାଚିଛନ୍ତି। କିନ୍ତୁ ଷ୍ଟାର ଖେଳାଳି ଜଣକ ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। କିନ୍ତୁ ଖବର ଅନୁସାରେ ପାକିସ୍ତାନ କ୍ରିକେଟ ଦଳର ସମସ୍ତ ଫର୍ମାଟର ଅଧିନାୟକ ହେବା ଲାଗି ସର୍ତ୍ତ ରଖିଛନ୍ତି। ଏହାଛଡ଼ା କୋଚ୍ ମନୋନୟନ ବେଳେ ତାଙ୍କ ମତାମତକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମଧ୍ୟ କହିଛନ୍ତି। ଏହି ପ୍ରସଙ୍ଗରେ ଜାତୀୟ ସିଲେକ୍ସନ କମିଟିରେ ମତଭେଦ ଦେଖାଦେଇଛି। କ୍ରିକେଟ ପୃଷ୍ଠଭୂମି ନ ଥିବା ପଞ୍ଜାବର ଜଣେ ପୂର୍ବତନ କାମଚଳା ମନ୍ତ୍ରୀ ବାବରଙ୍କୁ ସମ୍ପୂର୍ଣ୍ଣ ୩ଟି ଫର୍ମାଟର ଅଧିନାୟକ ଭାବେ ଫେରାଇ ଆଣିବା ସପକ୍ଷରେ ନାହାନ୍ତି। ସିଲେକ୍ସନ କମିଟିର କେତେଜଣ ସଦସ୍ୟଙ୍କ ମତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏପ୍ରିଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ଘରୋଇ ଟି୨୦ ସିରିଜ ଲାଗି ଶାହିନ ଶାହା ଆଫ୍ରିଦି ଅଧିନାୟକ ପଦ ବଜାୟ ରଖନ୍ତୁ। ଦକ୍ଷତା ପ୍ରମାଣ ପାଇଁ ତାଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଉ। କୌତୂହଳର କଥା ମହମ୍ମଦ ୟୁସୁଫ, ଅସାଦ ସଫିକ୍, ଅବ୍ଦୁଲ ରଜାକ୍, ୱାହାବ ରିଆଜ୍ ଏବଂ ପୂର୍ବତନ ମନ୍ତ୍ରୀ ବିଲାଲ ଅଫ୍‌ଜଲଙ୍କ ସମେତ ଚୟନକର୍ତ୍ତାଗଣ ମହସିନ ନକ୍‌ଭିଙ୍କ ସହ ବୈଠକ ପରେ ଚୂଡ଼ାନ୍ତ ନିଷ୍ପତ୍ତି ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି।

# କିଟ୍-କିସ୍ ଦଳ ବିଜୟୀ


ବଲ୍ ପାଇଁ ଦୁଇ ଖେଳାଳିଙ୍କ ସଂଘର୍ଷ।

**ଭୁବନେଶ୍ୱର, ୩୦।୩ (ବିଜୟ ରଣା)**

### ଖେଲୋ ଇଣ୍ଡିଆ ୧୭ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଲିଗ୍

କଟକସ୍ଥିତ ବିଭିନ୍ନ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଖେଲୋ ଇଣ୍ଡିଆ ୧୭ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଲିଗ୍ ୨୦୨୩-୨୪ର ପ୍ରଥମ ମ୍ୟାଚରେ କିଟ୍-କିସ୍ ଦଳ ୪-୦ ଗୋଲ୍‌ରେ କିଶୋର କ୍ଲବକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅନିମା ପ୍ରଧାନ (୩୨ତମ ଓ ୪୮ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ହେମାବତୀ ହୋ (୨୨ତମ) ଓ ସୋନାଲି ସବର (୩୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶନିବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚଟିରେ ନୀତା ଏକାଡେମୀ ସରକାରୀ ବାଳିକା ବିଦ୍ୟାଳୟ କାଜି ବଜାରକୁ ପରାସ୍ତ କରିଛି।



ସର୍ବିୟାର ବେଲ୍‌ଗ୍ରେଡ୍‌ଠାରେ ଶନିବାର ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ର ସିନିୟର ମହିଳା ରେସ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ କେନିଆର ବିଟ୍ରିସ ଚିବେଟ୍।

# ମେଣ୍ଡିସ୍, କରୁଣାରତ୍ନେ, ନିଶାନ୍‌ଙ୍କ ଅର୍ଦ୍ଧଶତକ

**ଚଟ୍ଟୋଗ୍ରାମ (ବାଂଲାଦେଶ), ୩୦।୩ (ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟର ପ୍ରଥମ ଦିବସରେ ଶ୍ରୀଲଙ୍କା ଦଳ ପ୍ରାଧାନ୍ୟ ବିସ୍ତାର କରିଛି। ନମ୍ବର ୩ ବ୍ୟାଟର କୁସାଲ ମେଣ୍ଡିସ ୯୩, ଦିମୁଥ କରୁଣାରତ୍ନେ ୮୬ ଏବଂ ଓପନର ନିଶାନ ମଦୁସ୍କା ୫୭ ରନ କରିଛନ୍ତି। ଭ୍ରମଣକାରୀ ଦଳ ଶନିବାର ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ଉଇକେଟ ବିନିମୟରେ ୩୧୪ ରନ ସଂଗ୍ରହ କରିଛି। ୨୦୨୩ ବିଶ୍ୱକପ୍‌ରେ ତାଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଷ୍ଟାର ଅଲରାଉଣ୍ଡର ଶକିବ ଅଲ୍ ହସନ ତାଙ୍କ ପ୍ରତ୍ୟାବର୍ତ୍ତନରେ ୧୮ ଓଭର ବୋଲିଂ କରି ୬୦ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଦୀନେଶ ଚାଣ୍ଡିମଲ ଏବଂ ଅଧିନାୟକ ଧନଞ୍ଜୟ ଡି' ସିଲ୍‌ଭା ଯଥାକ୍ରମେ ୩୪ ଓ ୧୫ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଟେଷ୍ଟରେ ଡି' ସିଲ୍‌ଭା ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଶ୍ରୀଲଙ୍କା ଏହି ମ୍ୟାଚରେ ୩୨୮ରନରେ ବିଜୟ ଲାଭ କରିଥିଲା। ଫାଷ୍ଟ ବୋଲର ହସନ ମହମୁଦ ୬୪ ରନ ଦେଇ ୨ ଉଇକେଟ ନେଇଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲା, କିନ୍ତୁ ବାଂଲାଦେଶ ସୁଯୋଗ ହାତଛଡ଼ା କରିଥିଲା। ମଦୁସ୍କା ୯ରନ କରି ଖେଳୁଥିବା ବେଳେ ମହମୁଦୁଲ ହସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ମହମୁଦଙ୍କ ଦ୍ୱାରା କ୍ୟାଚ ହାତଛଡ଼ା ହୋଇଥିଲା। କରୁଣାରତ୍ନେ ମଧ୍ୟ ଭାଗ୍ୟଶାଳୀ ରହିଥିଲେ। ମହମୁଦଙ୍କ ଡେଲିଭରିରେ ତାଙ୍କର ଟପ୍ ଏଜ୍ ହୋଇଥିଲା। ବାଉଣ୍ଡାରୀ ଲାଇନ୍‌ରେ ଶକିବ ତାଙ୍କ କ୍ୟାଚ ଧରିବା ଲାଗି ହଡବଡେଇ ଯିବାରୁ ଏହା ଏକ ଛକାରେ ପରିଣତ ହୋଇଯାଇଥିଲା। ମଦୁସ୍କା ଅଫ୍ ସ୍ପିନର ମେହେଦି ହସନଙ୍କ ବୋଲିଂରେ ମିଡ୍ ଅଫ୍‌ରେ ଏକ ସିଙ୍ଗଲ ସହ ୮୦ବଲ୍‌ରେ ତାଙ୍କର ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ସେ ତାଙ୍କ ଅର୍ଦ୍ଧଶତକ ପରେ ରନ ଆଉଟ ହୋଇଯାଇଥିଲେ। ଏହା ପୂର୍ବରୁ ଓପନିଂ ରାଉଣ୍ଡରେ କୁରୁଣାରତ୍ନେଙ୍କ ସହ ୯୬ ରନର ପାର୍ଟନରଶିପ୍ ହୋଇସାରିଥିଲା।


ଏକ ଶଟ୍ ଖେଳିବା ଅବସରରେ କୁସାଲ ମେଣ୍ଡିସ୍।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୩୧୪/୪ (କୁସାଲ ମେଣ୍ଡିସ-୯୩, ଦିମୁଥ କରୁଣାରତ୍ନେ-୮୬, ନିଶାନ ମଦୁସ୍କା-୫୭ ; ହସନ ମହମୁଦ-୨/୬୪)।

## ଏପ୍ରିଲ ଶେଷରେ ଦଳ ଚୟନ

**ନୂଆଦିଲ୍ଲୀ, ୩୦।୩ (ପି.ଟି.)**

**ଟି୨୦ ବିଶ୍ୱକପ୍**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁଥିବା ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍ ଲାଗି ଭାରତର ୧୫ ଜଣିଆ ଦଳ ମନୋନୟନ ଏପ୍ରିଲ ଶେଷ ସପ୍ତାହରେ ହେବା ସମ୍ଭାବନା ରହିଛି। କାରଣ ସେତେବେଳକୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମାର୍ଦ୍ଧ ଖେଳ ଶେଷ ହୋଇଯାଇଥିବ। ଚୟନକର୍ତ୍ତାମାନେ ଦାବିଦାର ଖେଳାଳିମାନଙ୍କ ଫର୍ମ ଏବଂ ଫିଟ୍‌ନେସ୍‌ର ଆକଳନ କରିପାରିବେ। ଖେଳାଳି ଚୟନ କ୍ଷେତ୍ରରେ ଏହା ସେମାନଙ୍କୁ ବିଶେଷ ସହାୟକ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଏହା ଜଣାପଡ଼ିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଖେଳାଳି ତାଲିକା ପଠାଇବା ଲାଗି ଶେଷ ତାରିଖ ମେ' ୧ ତାରିଖ ରଖିଛି। ତେବେ ଅଂଶଗ୍ରହଣକାରୀ ପ୍ରତ୍ୟେକ ଦଳ ମେ' ୨୫ ସୁଦ୍ଧା ସେମାନଙ୍କ ପ୍ରାରମ୍ଭିକ ଦଳରେ ଖେଳାଳି ବଦଳ କରିପାରିବେ। ମେ' ୧୯ରେ ଆଇପିଏଲ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହେବାମାତ୍ରେ ଶ୍ରେଷ୍ଠ ୪ରେ ପହଞ୍ଚିପାରି ନ ଥିବା ଦଳଗୁଡ଼ିକର ଖେଳାଳିମାନେ ପ୍ରଥମ ପର୍ଯ୍ୟାୟରେ ତୁରନ୍ତ ନ୍ୟୁୟର୍କ ଅଭିମୁଖେ ଗସ୍ତ କରିବେ।

# ଫାଇନାଲ୍ ରାଉଣ୍ଡରେ ନିତା ଫୁଟବଲ୍ ଏକାଡେମୀ

**ଭୁବନେଶ୍ୱର, ୩୦।୩ (ପି.ଟି.)**

### ଆଇଡବ୍ଲ୍ୟୁଏଲ୍-୨

କୋଲକାତାର ଅମଲ ଦ କ୍ରିଡାଙ୍ଗନରେ ଖେଳା ଯାଇଥିବା ଏକ ନିର୍ଣ୍ଣାୟକ ମ୍ୟାଚରେ ନିତା ଫୁଟବଲ୍ ଏକାଡେମୀ, ଓଡ଼ିଶା ୨-୦ ଗୋଲରେ ଛତିଶଗଡ଼ର ଏମଜିଏମ୍ ଆମ୍ଯୁସ କ୍ଲବକୁ ପରାସ୍ତ କରିଛି। ଏହି ବିଜୟ ଦଳକୁ ଲିଗରେ ଦେଶର ଶ୍ରେଷ୍ଠ ୬ ଦଳ ମଧ୍ୟରେ ସ୍ଥାନ ପାଇ ଆଇଡବ୍ଲ୍ୟୁଏଲ୍-୨ର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ତାରକା ଖେଳାଳି ଦେବଲିନା ସରକାର ଓ ବବିତା କୁମାରୀ ଗୋଟିଏ ଲେଖାଏଁ ଗୋଲ୍ ଦେଇ ନିଜର ଦକ୍ଷତା ପ୍ରଦର୍ଶନ କରି ଦଳର ସ୍ଥିତିକୁ ସୁଦୃଢ଼ କରିଥିଲେ। ଅଧ୍ୟକ୍ଷ ଇ.ଆର. ସୁବ୍ରତ ଦାସ, ସମ୍ପାଦକ ଏଆର ଅରୁଣ ପରିଜା, ମୁଖ୍ୟ ପ୍ରଶିକ୍ଷକ ସୁରଜିତ ଘୋଷ, ପ୍ରଶିକ୍ଷକ ପ୍ରତିମା ବିଶ୍ୱାସ, ଧନେଶ୍ୱର ତିର୍କୀ ଏବଂ ଏକାଡେମିର ଅନ୍ୟ ଅଧିକାରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।


ସପୋର୍ଟ ଷ୍ଟାଫ୍‌ଙ୍କ ସହ ନିତା ଫୁଟବଲ୍ ଏକାଡେମୀର ଖେଳାଳି।

# ସୁପର ଜାଏଣ୍ଟ୍ସର ବିଶାଳ ସ୍କୋର

ଲକ୍ଷ୍ନୌ,୩୦।୩(ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଟି୨୦ ଟୁର୍ନାମେଣ୍ଟରେ ଶନିବାର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ବିଶାଳ ସ୍କୋର କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଟସ୍ ହାରି ବ୍ୟାଟିଂ କରିଥିବା ସୁପର ଜାଏଣ୍ଟ୍ସ ୮ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଆହତ ଥିବା କାରଣରୁ ଲୋକେଶ ରାହୁଲଙ୍କ ସ୍ଥାନରେ ନିକୋଲାସ ପୁରନ ଅଧିନାୟକ ଦାୟିତ୍ୱ ନେଇଥିଲେ। ରାହୁଲ ବ୍ୟାଟିଂ କରି ସାରିବା ପରେ ତାଙ୍କ ସ୍ଥାନରେ ନବୀନ ଉଲ ହକ୍ ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିଲେ। ଦଳ ପକ୍ଷରୁ ଓପନର କ୍ୱିଣ୍ଟନ ଡି କକ୍ ସର୍ବାଧିକ ୫୪ ରନ୍ କରିଥିଲେ। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ପଞ୍ଜାବ ୯ ଓଭରରେ କୌଣସି ଉଇକେଟ ନ ହରାଇ ୯୦ ରନ୍ କରିଛି।

ଲକ୍ଷ୍ନୌ ପକ୍ଷରୁ ଡି କକ୍(୫୪) ଓ ରାହୁଲ (୧୫) ଇନିଂସ ଓପନ କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୩.୫ ଓଭରରେ ୩୫ ରନ୍ ଯୋଡିଥିଲେ। ୯ ବଲ୍ ଖେଳି ଗୋଟିଏ ଲେଖାଏ ଛକା ଓ ଚୌକା ମାରିଥିବା ରାହୁଲ ୧୫ ରନ୍ କରି ପ୍ରଥମ ଖେଳାଳି ଭାବରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଦେବଦତ୍ତ ପଡିକଲ ୨ ଚୌକା ସହ ଇନିଂସ ଆରମ୍ଭ କରିଥିଲେ ମଧ୍ୟ ମାତ୍ର ୯ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଗୋଟିଏ ପଟରୁ ଡି କକ୍ ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟ ପଟରୁ ଉଇକେଟ ପତନ ଘଟିଥିଲା। ମାର୍କସ୍ ଷ୍ଟୋଇନିସ୍ ୨ ଛକା ସହ ୧୯ ରନ୍ କରିଥିବା ବେଳେ ଦଳୀୟ ସ୍କୋର ୭୮ରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଅଧିନାୟକ ରହିଥିବା ନିକୋଲାସ୍ ପୁରନ୍(୪୨) ଚମତ୍କାର ବ୍ୟାଟିଂ କରିବା ସହ ଚତୁର୍ଥ ଉଇକେଟରେ ୪୭ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୧୨୫ ଥିବା ବେଳେ ଟପ୍ ସ୍କୋରର କ୍ୱିଣ୍ଟନ୍ ଡି କକ୍‌ଙ୍କୁ ଆଉଟ କରିଥିଲେ ଅର୍ଶଦୀପ ସିଂ। ଆଉଟ ହେବା ପୂର୍ବରୁ ସେ ୩୮ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ତେବେ ନିକୋଲାସ୍ ପୁରନ ବିସ୍ଫୋରକ ବ୍ୟାଟିଂ କରିବା ସହ ୨୧ ବଲ୍ ଖେଳି ୪୨ ରନ୍ କରିଥିଲେ। ପୁରନଙ୍କ ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଆୟୁଷ ବଦୋନୀ (୮) ଓ ରବି ବିଷ୍ଣୋଇ(୦) ବିଫଳ ହୋଇଥିବା ବେଳେ ଶେଷ ଆଡକୁ କୃଣାଲ ପାଣ୍ଡ୍ୟା ଦ୍ରୁତ ୪୩* ରନ୍ କରିଥିଲେ। ୨୨ ବଲ୍ ଖେଳିଥିବା କୃଣାଲ ୪ ଚୌକା ଓ ୨ ଛକା ମାରିଥିଲେ। ପଞ୍ଜାବ କିଙ୍ଗ୍ସ ପକ୍ଷରୁ ସାମ୍ କୁରାନ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅର୍ଶଦୀପ ସିଂ ୨, କାଗିସୋ ରାବାଡା ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୯୯/୮(କ୍ୱିଣ୍ଟନ ଡି କକ୍–୫୪, କୃଣାଲ ପାଣ୍ଡ୍ୟା–୪୩*, ନିକୋଲାସ୍ ପୁରନ୍–୪୨, ସାମ୍ କୁରାନ–୩/୨୮, ଅର୍ଶଦୀପ ସିଂ–୨/୩୦, କାଗିସୋ ରାବାଡା–୧/୩୮)।



ଏକ ପ୍ୟାଡେଲ୍ ସୁଇପ୍ ଖେଳୁଛନ୍ତି କ୍ୱିଣ୍ଟନ ଡି କକ୍।

## ଡେଭିଡ୍ ୱିଲିଙ୍କ ସ୍ଥାନରେ ମ୍ୟାଟ୍ ହେନରୀ

ନୂଆଦିଲ୍ଲୀ,୩୦।୩(ପି.ଟି.)

ବ୍ୟକ୍ତିଗତ କାରଣ ଦର୍ଶାଇ ଇଂଲଣ୍ଡ ସିମର୍ ଡେଭିଡ୍ ୱିଲି ଓହରି ଯାଇଥିବାବେଳେ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀଙ୍କୁ ଦଳରେ ସାମିଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ନିଲାମିରେ ହେନ୍‌ରୀଙ୍କୁ କୌଣସି ଦଳ କିଣି ନ ଥିବା ବେଳେ ବେସ୍ ପ୍ରାଇସ୍‌ରେ ସେ ଲକ୍ଷ୍ନୌ ଫ୍ରାଞ୍ଚାଇଜରେ ସାମିଲ ହୋଇଛନ୍ତି। ଡେଭିଡ୍ ୱିଲି ଆବୁଧାବିର ଆଇଏଲ୍ ଟି୨୦ ଓ ପାକିସ୍ତାନ ସୁପର୍ ଲିଗ୍‌ରେ ଖେଳି ଥକି ଯାଇଥିବାରୁ ଆଇପିଏଲ୍‌ରୁ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ମ୍ୟାଟ୍ ହେନରୀଙ୍କ ପାଇଁ ଏହା ତୃତୀୟ ଆଇପିଏଲ୍ ଫ୍ରାଞ୍ଚାଇଜ ରହିବ। ପୂର୍ବରୁ ସେ ଚେନ୍ନାଇ ସୁପର କିଙ୍ଗ୍ସ ଓ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳି ସାରିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୨ | ୦ | ୪ | +୧.୯୭୯ |
| କୋଲକାତା ନାଇଟ ରାଇଡର୍ସ | ୨ | ୨ | ୦ | ୪ | +୧.୦୪୭ |
| ରାଜସ୍ଥାନ ରୟାଲ୍ସ | ୨ | ୨ | ୦ | ୪ | +୦.୮୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୧ | ୧ | ୨ | +୦.୬୭୫ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୨୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୧ | ୨ | ୨ | –୦.୭୧୧ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | –୧.୪୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | –୦.୫୨୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | –୦.୯୨୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧ | ୦ | ୧ | ୦ | –୧.୦୦୦ |

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଗୁଜରାଟ, ଦିଲ୍ଲୀ

ଅହମଦାବାଦ/ବିଶାଖାପାଟଣା, ୩୦।୩(ପି.ଟି.)

ରବିବାର ଆଇପିଏଲ୍‌ର ଡବଲ୍‌ହେଡରରେ ପରସ୍ପର ସମ୍ମୁଖୀନ ହେବେ ସନରାଇଜର୍ସ ହାଇଦ୍ରାବାଦ(ଏସଆରଏଚ୍)– ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ–ଚେନ୍ନାଇ ସୁପର କିଙ୍ଗ୍ସ। ଗୁଜରାଟ ଓ ଦିଲ୍ଲୀ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବେ। ଅହମଦାଦରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଏସଆରଏଚ୍ ଓ ଗୁଜରାଟ ସାମ୍ନାସାମ୍ନି ହେବେ। ଆଇପିଏଲ୍ ଇତିହାସର ସର୍ବାଧିକ ସ୍କୋର ସହ ବିଜୟୀ ହୋଇଥିବା ଏସ୍‌ଆରଏଚ୍ ଆତ୍ମବିଶ୍ୱାସରେ ନଜର ଆସିବ। ଅନ୍ୟପକ୍ଷରେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ପରାଜୟ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ ଟାଇଟନ୍ସ। ୬୩ ରନ୍‌ର ପରାଜୟ ପରେ ଦଳର ନେଟ୍ ରନ୍ ରେଟ୍ –୧.୪୨୫ରେ ପହଞ୍ଚିଛି। ଯାହା ଟୁର୍ନାମେଣ୍ଟରେ ଆଗକୁ ଦଳ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଦଳ ସମ୍ପୂର୍ଣ୍ଣ ଭାବରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ଶାମିଙ୍କ ଅଭାବ ଅନୁଭବ କରୁଛି। ଉଭୟ ବ୍ୟାଟ ଓ ବଲ ଜରିଆରେ ଅବଦାନ ଦେଉଥିବା ହାର୍ଦ୍ଦିକ ମୁମ୍ବାଇରେ ଯୋଗ ଦେଇଥିବା ବେଳେ ଷ୍ଟ୍ରାଇକ୍ ବୋଲର ରହିଥିବା ମହମ୍ମଦ ଶାମି ଆହତ ହୋଇ ବାଦ୍ ପଡିଛନ୍ତି। ଶାମିଙ୍କ ସ୍ଥାନରେ ଖେଳୁଥିବା ଉମେଶ ଯାଦବଙ୍କ ନିକଟରେ ଅଭିଜ୍ଞତା ରହିଥିଲେ ମଧ୍ୟ ସେ ଫଳପ୍ରଦ ସାବ୍ୟସ୍ତ ହୋଇନାହାନ୍ତି। ସେହିପରି ଗୁଜରାଟର ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ସମର୍ଥ ହୋଇ ନାହିଁ। ସାଇ ସୁଦର୍ଶନଙ୍କୁ ବାଦ୍ ଦେଲେ ଦଳର ଅନ୍ୟ ଖେଳାଳି ପୂର୍ବ ସିଜନ ଭଳି ପ୍ରଦର୍ଶନ ଦେଇପାରି ନାହାନ୍ତି। ମଧ୍ୟକ୍ରମରେ ଡେଭିଡ୍ ମିଲର, ବିଜୟ ଶଙ୍କର, ରାହୁଲ ଟେୱାଟିଆ ଓ ରଶିଦ୍ ଖାନଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ଅନ୍ୟପକ୍ଷରେ ଚମତ୍କାର ଆତ୍ମବିଶ୍ୱାସରେ ରହିଛି ସନରାଇଜର୍ସ। ହେନରିଚ୍ କ୍ଲାସେନ୍, ଅଭିଷେକ ଶର୍ମା ଓ ଟ୍ରାଭିସ୍ ହେଡ ଚମତ୍କାର ଫର୍ମରେ ରହିଛନ୍ତି। ତେବେ ଦଳର ପେସ୍ ବୋଲିଂ ସାମାନ୍ୟ ଦୁର୍ବଳ ମନେହେଉଛି। ଭୁବନେଶ୍ୱର କୁମାର ଓ ଜୟଦେବ ଉନାଡକଟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଅନ୍ୟପକ୍ଷରେ ଗୁଜରାଟ ରଶିଦ ଖାନ୍ ଓ ଆର୍. ସାଇ କିଶୋରଙ୍କ ନିକଟରୁ ଭଲ ପ୍ରଦର୍ଶନ ଆଶା କରିବ।

ଅନ୍ୟପକ୍ଷରେ ପ୍ରଥମ ପଏଣ୍ଟ ସନ୍ଧାନରେ ରହିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଟେବୁଲ ଟପ୍ପର ଚେନ୍ନାଇ ସୁପର କିଙ୍ଗ୍ସକୁ ଭେଟିବ। କ୍ରମାଗତ ଦୁଇ ମ୍ୟାଚ୍‌ରେ ପରାଜୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ପ୍ରଥମ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି। ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ରିକି ଭୁଇ ଉଭୟ ମ୍ୟାଚରେ ବିଫଳ ହୋଇଥିବା ବେଳେ ପୃଥ୍ୱୀ ଶ ଚଳିତ ମ୍ୟାଚ୍‌ରେ ଖେଳି ପାରନ୍ତି। ଫଳରେ ମିଚେଲ୍ ମାର୍ଶ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ତେବେ ଚେନ୍ନାଇ ବିପକ୍ଷରେ ଏହାର ଅନ୍ତିମ ୩ ମ୍ୟାଚ୍‌ରେ ପରାଜିତ ହୋଇଛି କ୍ୟାପିଟାଲ୍ସ। ଦଳର ବ୍ୟାଟିଂ ଲାଇନ୍ ଅପ୍‌ରେ ଅଭିଜ୍ଞତାର ଅଭାବ ରହିଥିବା ବେଳେ ଏହାକୁ ନେଇ ମୁଖ୍ୟ କୋଚ୍ ରିକି ପଣ୍ଟିଂ ଓ ଡିରେକ୍ଟର ଅଫ୍ କ୍ରିକେଟ ସୌରଭ ଗାଙ୍ଗୁଲି ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ ବେଶ୍ ସନ୍ତୁଳିତ ମନେହେଉଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳର ପ୍ରଦର୍ଶନ ଚମତ୍କାର ରହିଛି। ଦିଲ୍ଲୀ କ୍ୟାପିଟାଲ୍ସର ଦୁଇ ସ୍ପିନର ଅକ୍ଷର ପଟେଲ ଓ କୁଲଦୀପ ଯାଦବ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ମିତବ୍ୟୟୀ ବୋଲିଂ କରୁଥିବା ବେଳେ ପେସରଙ୍କଠାରୁ ସମାନ ପ୍ରଦର୍ଶନ ଆଶା କରିବ ମ୍ୟାନେଜମେଣ୍ଟ।



ଅହମଦାବାଦରେ ଟ୍ରାଭିସ୍ ହେଡ୍ ଓ ମାଥ୍ୟୁ ୱେଡ୍।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଗୁଜରାଟ ବନାମ ହାଇଦ୍ରାବାଦ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ ଚେନ୍ନାଇ**
ସ୍ଥାନ: ବିଶାଖାପାଟଣା
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପଏଣ୍ଟ ବାଣ୍ଟିଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର,୩୦।୩(ସରୋଜ ଜେନା)

ଇଣ୍ଡିଆନ ସୁପର ଲିଗ୍‌ର ଅନ୍ତିମ ଚରଣରେ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଏକ ଗୋଲ ଶୂନ୍ୟ ଡ୍ର ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହା ସହିତ ୧୯ ମ୍ୟାଚ୍‌ରୁ ୩୬ ପଏଣ୍ଟ ସହ ଓଏଫ୍‌ସି ତୃତୀୟ ସ୍ଥାନରେ ରହିଛି। ମ୍ୟାଚ୍‌ର ଅଧିକାଂଶ ସମୟ ବଲ୍ ଓଏଫ୍‌ସି ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଗୋଲ୍ କରିବାରେ ଦଳ ସମର୍ଥ ହୋଇ ନ ଥିଲା। ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଏଫ୍‌ସି ନିକଟରେ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ଦଳ ଏହାର ଫାଇଦା ଉଠାଇ ପାରି ନ ଥିଲା। ୧୨ ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ଜାଭି ଓଏଫ୍‌ସି ପୋଷ୍ଟର ନିକଟତର ହୋଇଥିଲେ ହେଁ ମୋର୍ତାଦା ଫଲ୍ ଏହାକୁ ରୋକି ଦେଇଥିଲେ। ୧୬ ତମ ମିନିଟରେ ଓଏଫ୍‌ସିକୁ ଏକ ଫ୍ରି କିକ୍ ମିଳିଥିଲା। ଅହମଦ ଜାହୋହଙ୍କ ଫ୍ରି କିକ୍‌କୁ କାର୍ଲୋସ ଡେଲଗାଡୋ ଚମତ୍କାର ଢଙ୍ଗରେ ହେଡ୍ କରିଥିଲେ ହେଁ ଗୁରପ୍ରୀତ ସିଂ ଏହାକୁ ରୋକିବାରେ ସଫଳ ହୋଇଥିଲେ।

୨୩ ତମ ମିନିଟରେ ଅନିକେତ ଯାଦବଙ୍କ ୩୦ ୟାର୍ଡ ଦୂରରୁ ଏକ ଶଟ୍ ଗୋଲ ହୋଇ ନ ଥିଲା। ୩୧ ତମ ମିନିଟରେ ମଧ୍ୟ ରୟ କ୍ରିଷ୍ଣାଙ୍କ ଏକ ପାସ୍‌କୁ ଜେରୀ ଚମତ୍କାର ଢଙ୍ଗରେ ଶଟ୍ ମାରିଥିଲେ ମଧ୍ୟ ଗୁରପ୍ରୀତ ଏହାକୁ ରୋକିଦେଇଥିଲେ। ୪୫ ତମ ମିନିଟରେ ବେଙ୍ଗାଲୁରୁର ଖାଲି ଗୋଲ ପୋଷ୍ଟ ମଧ୍ୟକୁ ବଲ୍ ପଠାଇବାରେ ବିଫଳ ହେବା ସହ ସ୍କୋର କରିବାର ସୁଯୋଗ ହାତଛଡା କରିଥିଲେ ରୟ କ୍ରିଷ୍ଣା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଉଭୟ ଦଳ ପ୍ରବଳ ସଂଘର୍ଷ କରିଥିଲେ ହେଁ ଗୋଲ ହୋଇ ନ ଥିଲା। ୮୫ ତମ ମିନିଟରେ ପ୍ରଞ୍ଜଲ ଭୂମିଜଙ୍କ ଏକ ଶଟ୍ ବାର୍‌ରେ ବାଜିଥିଲା। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ୍ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳିବ।



ଓଏଫ୍‌ସି ଓ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ମାୟାମି ଓପନ ଟେନିସ
## ସିନ୍ନର–ଦିମିତ୍ରୋଭ ଫାଇନାଲ

ମାୟାମି ଗାର୍ଡେନ୍ସ (ୟୁଏସ୍), ୩୦।୩(ଏପି)

ମାୟାମି ଓପନ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲ ରବିବାର ଇଟାଲୀର ୨୨ ବର୍ଷୀୟ ଜାନିକ ସିନ୍ନର ଓ ବୁଲ୍‌ଗେରିଆର ଗ୍ରିଗୋର ଦିମିତ୍ରୋଭଙ୍କ ମଧ୍ୟରେ ହେବ। ଦ୍ୱିତୀୟ ସିଡ୍ ସିନ୍ନର ସେମିଫାଇନାଲରେ ତୃତୀୟ ସିଡ୍ ଡାନିଲ ମେଡଭେଡେଭଙ୍କୁ ୬–୧, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୯ରେ ଜନ ଇଜନରଙ୍କ ପରେ ପଛକୁ ପଛ ମାୟାମି ଓପନ ଫାଇନାଲରେ ପ୍ରବେଶ କରିବାରେ ସିନ୍ନର ହେଉଛନ୍ତି ପ୍ରଥମ ଖେଳାଳି। ଗତ ବର୍ଷ ମାୟାମି ଫାଇନାଲରେ ସିନ୍ନରଙ୍କୁ ପରାସ୍ତ କରି ମେଡଭେଡେଭ ଚାମ୍ପିୟନ ହୋଇଥିଲେ। ଏଥର କିନ୍ତୁ ମେଡଭେଡେଭଙ୍କୁ ଏକ ମ୍ୟାଚ ଜିତିବା ଲାଗି ୩ଟି ଗେମ୍ ଟାଇ ରଖିବାକୁ ହୋଇଛି, ଯାହାକି ତାଙ୍କ କ୍ୟାରିୟରର ନିମ୍ନ ସ୍ତରର ଅଟେ। ୧୧ଶ ସିଡ୍ ଦିମିତ୍ରୋଭ ଅନ୍ୟ ସେମିଫାଇନାଲରେ ୪ର୍ଥ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ହରାଇ ଦେଇଛନ୍ତି।

# ଗ୍ରୀନ୍ସ କ୍ରିକେଟ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୩୦।୩ (ସରୋଜ ଜେନା)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଦିଲ୍ଲୀପ କୁମାର ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ କ୍ରିକେଟ ଲିଗ –୨୦୨୪ ର ଦ୍ୱିତୀୟ ମ୍ୟାଚରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୬ ଉଇକେଟରେ ବିଜୟୀ ହୋଇଛି। ରେଡ୍ ଷ୍ଟାର୍ସ କ୍ରିକେଟ ଏକାଡେମୀ ଟସ୍ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୨୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ କରିଥିଲା। ଓମ ପ୍ରକାଶ ସାହୁ ୪ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଗ୍ରୀନ୍ସ କ୍ରିକେଟ ଏକାଡେମୀ ୧୫.୪ ଓଭରରେ ୪ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ଶୁଭଙ୍କର ମଲ୍ଲିକ ୨୩ ରନ କରିଥିଲେ। ଆଜିର ଖେଳ ପରିଚାଳକ ତଥା ଅତିଥି ଭାବେ ସୁଶିଲ କୁମାର ପରିଡ଼ା ଏବଂ ପ୍ରଥମ ଓଡିଆ ମହିଳା ଆମ୍ପାୟାର ଶାସ୍ୱତୀ ଶତପଥୀ ଗ୍ରୀନ୍ସ କ୍ରିକେଟ ଏକାଡେମୀର ଓମ ପ୍ରକାଶ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ଓମ୍ ପ୍ରକାଶ।

## ରାମେଶ୍ୱର କପ୍ ୧୪ ବର୍ଷରୁ କମ୍ କ୍ରିକେଟ
# ପାରାମାଉଣ୍ଟ ଚାମ୍ପିୟନ

ଭୁବନେଶ୍ୱର, ୩୦।୩ (ସରୋଜ ଜେନା)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା କମଳା ପରିଡ଼ା ସ୍ମାରକୀ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ୧୪ ବର୍ଷରୁ କମ୍ ବର୍ଗରେ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ୨୨.୫ ଓଭରରେ ୭୯ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ପାରାମାଉଣ୍ଟ ୧୯.୨ ଓଭରରେ ୪ ଉଇକେଟ ହରାଇ ୮୧ ରନ୍ କରି ବିଜୟୀ ହୋଇଥିଲା।

ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଲିଓନେଲ ମେହେର ଓ ହରିବଂଶ ଭୂୟାଁ ୧୭ ରନ୍ ଲେଖାଏ ସ୍କୋର କରିଥିଲେ। ପାରାମାଉଣ୍ଟ ପକ୍ଷରୁ ବିଜୟ ସିଂ ୫ ଓ ଶୁଭମ ପରିଡା ୨ ଉଇକେଟ ନେଇଥିଲେ। ଜବାବରେ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ୩୭ ଓ ସମରଜିତ୍ ସାହୁଙ୍କ ୧୩ ରନ୍ ବଳରେ ପାରାମାଉଣ୍ଟ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭୁବନେଶ୍ୱର ବିଜେପି ସଭାପତି ବାବୁ ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓସିଏ ଜୁନିୟର ଚୟନ କମିଟି ଚେୟାରମ୍ୟାନ ପ୍ରଭଞ୍ଜନ ମଲିକ୍, ବିସିସିଆଇ ମ୍ୟାଚ୍ ରେଫରୀ ପିନାଟି ଜୟଚନ୍ଦ୍ର, ସମାଜସେବୀ ଅକ୍ଷୟ ଜେନା ଓ ସୂର୍ଯ୍ୟକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂର ବିଜୟ ସିଂଙ୍କୁ ପ୍ଲେୟର ଅଫ୍ ଦ ଫାଇନାଲ ଓ ପ୍ଲେୟର ଅଫ୍ ଦ ସିରିଜ୍, ପ୍ରାନ୍ତିକ ନାୟକଙ୍କୁ ଶ୍ରେଷ୍ଠ ବ୍ୟାଟର ଘୋଷଣା କରାଯାଇଥିଲା। ଅନ୍ୟ ପକ୍ଷରେ ରାମେଶ୍ୱର ସ୍ପୋର୍ଟିଂର ଅହଭାନ ମିଶ୍ରଙ୍କୁ ଶ୍ରେଷ୍ଠ ବୋଲର ଓ ଆର୍ଯ୍ୟାନ୍ ସ୍ୱାଇଁଙ୍କୁ ଶ୍ରେଷ୍ଠ ଫିଲ୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ୧୭ ବର୍ଷରୁ କମ୍ ବୟସ ବର୍ଗର ଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ଆଲ୍ଫା ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଦଳର ଅଧିନାୟକ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ